

ଆଇପିଏଲ୍ ଆଜିଠାରୁ
▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-269 ◆SATURDAY ◆28 MARCH 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୬୯ ◆ଶନିବାର ◆୨୮ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ବାଲେନ ଶାହା ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ

■ କାଠମାଣ୍ଡୁ, ୨୭ ।୩ (ଏଜେନ୍ସି): ରାପରରୁ ନେତା ପାଲଟିଥିବା ବାଲେନ୍ଦ୍ର ଶାହା (ବାଲେନ) ଶୁକ୍ରବାର ରାମନବମୀ ଦିନ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଏଥିସହିତ ସେ ନେପାଳର ସର୍ବକନିଷ୍ଠ ପ୍ରଧାନମନ୍ତ୍ରୀ ହୋଇଛନ୍ତି । ମାତ୍ର ୩୫ ବର୍ଷ ବୟସରେ ଦେଶର ଏହି ସର୍ବୋଚ୍ଚ ପଦବୀ ଅଳଙ୍କୃତ କରି ବାଲେନ ନୂଆ ଇତିହାସ ସୃଷ୍ଟି କରିଛନ୍ତି । ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏଥିସହ ନେପାଳ ରାଜନୀତି ଏବେ ଏକ ନୂଆ ସୋପାନରେ ପାଦ ଦେଇଛି ।



ବାଲେନ ଜଣେ ଷ୍ଟ୍ରକଚରାଲ ଇଞ୍ଜିନିୟର ଓ ଜଣାଶୁଣା ରାପର ଭାବେ ପରିଚିତ ଥିଲେ । ୨୦୨୨ରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜଧାନୀ କାଠମାଣ୍ଡୁର ମେୟର ଭାବେ ନିର୍ବାଚିତ ହୋଇ

### ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶୁଭେଚ୍ଛା

ସମସ୍ତଙ୍କୁ ଚକିତ କରିଥିଲେ । ଶପଥ ନେବାର କିଛି ଘଣ୍ଟା ପରେ ସେ ର୍ୟାପ ଗାଇ ଦେଶକୁ ପ୍ରଥମ ବାର୍ତ୍ତା ଦେଇଛନ୍ତି । ଏଥିରେ ଦୁର୍ନୀତି, ବ୍ୟବସ୍ଥାରେ ପରିବର୍ତ୍ତନ ଏବଂ ▶ପୃଷ୍ଠା-୭

## ଅପରାଧ ନୁହେଁ ବିବାହିତ ପୁରୁଷଙ୍କ ଲିଭ୍-ଇନ୍ ସମ୍ପର୍କ

■ ପ୍ରୟାଗରାଜ, ୨୭ ।୩ (ଏଜେନ୍ସି): ଉତ୍ତରପ୍ରଦେଶର ଶହାଜାହାନପୁରର ଏକ ମାମଲା ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟ ବଡ଼ ରାୟ ଦେଇଛନ୍ତି । ଯଦି ଜଣେ ବିବାହିତ ପୁରୁଷ ଜଣେ ବୟସ୍କା ମହିଳାଙ୍କ ସହ ସହମତି ଭିତ୍ତିରେ 'ଲିଭ ଇନ୍ ସମ୍ପର୍କ'ରେ ରୁହନ୍ତି, ତେବେ ତାହା ଅପରାଧ ନୁହେଁ ବୋଲି କୋର୍ଟ କହିଛନ୍ତି । ନୈତିକତା ଓ ଆଇନ୍ ମଧ୍ୟରେ ଥିବା ପାର୍ଥକ୍ୟକୁ ଦର୍ଶାଇ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି । ଅନାମିକା (୧୮ ବର୍ଷ) ଓ ନେତ୍ରପାଳ ନାମକ ଜଣେ ବ୍ୟକ୍ତି ହାଇକୋର୍ଟରେ ସୁରକ୍ଷା ପାଇଁ ଆବେଦନ



### ଆହ୍ଲାବାଦ ହାଇକୋର୍ଟଙ୍କ ରାୟ

### ନୈତିକତା ଆଧାରରେ କୋର୍ଟ ନିଷ୍ପତ୍ତି ନେଇପାରିବେ ନାହିଁ

କରିଥିଲେ । ଅନାମିକାଙ୍କ ମା ଅଭିଯୋଗ କରିଥିଲେ ଯେ ନେତ୍ରପାଳ ତାଙ୍କ ଝିଅକୁ ଫୁସୁଲାଇ ନେଇଯାଇଛନ୍ତି । ନେତ୍ରପାଳ ପୂର୍ବରୁ ବିବାହିତ ଥିବାରୁ ଏହା ଏକ ଅପରାଧ ବୋଲି ଯୁକ୍ତି ଦର୍ଶା ଯାଇଥିଲା ।

ଜଷ୍ଟିସ ଜେଜେ ମୁନୀର ଓ ଜଷ୍ଟିସ ତରୁଣ ସାକସେନାଙ୍କ ଖଣ୍ଡପୀଠ କହିଛନ୍ତି ଯେ ସମାଜର ମତାମତ କିମ୍ବା ନୈତିକତା ଆଧାରରେ କୋର୍ଟ କୌଣସି ନିଷ୍ପତ୍ତି ନେଇପାରିବ ନାହିଁ । ଆଇନ୍ ଅନୁସାରେ ଦୁଇଜଣ ବୟସ୍କ ବ୍ୟକ୍ତି ସହମତିରେ ଏକାଠି ରହିଲେ ▶ପୃଷ୍ଠା-୭

### ଖରାପ ହେଉଛି ଯୁଦ୍ଧ ସ୍ଥିତି

# ଲକ୍‌ଡାଉନ୍‌ର ପଦଧ୍ୱନି !

## ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ରାବାସ ବନ୍ଦ ପ୍ରକ୍ରିୟା ଆରମ୍ଭ

■ ଭୁବନେଶ୍ୱର, ୨୭।୩ (ସମିସ): ପଶ୍ଚିମ ଏସିଆ ମହାଯୁଦ୍ଧରେ ପ୍ରଭାବିତ ହୋଇଛି ଭାରତ । ତୈଳ ଓ ଏଲ୍‌ପିଜି ଆମଦାନୀ ହ୍ରାସର ପ୍ରଭାବ ଦେଶରେ ଅନୁଭୂତ ହୋଇଛି । ଦେଶ ଓ ରାଜ୍ୟରେ ଇନ୍ଧନର ଅଭାବ ନାହିଁ ବୋଲି ସରକାରଙ୍କ ଆଶ୍ୱାସନା ଲୋକଙ୍କୁ ଆଶ୍ୱସ୍ତ କରି ପାରୁନାହିଁ । ବର୍ତ୍ତମାନ ସ୍ଥିତିକୁ ନେଇ ଅଧା ବିଶ୍ୱ ଏନର୍ଜି ଲକ୍‌ଡାଉନ୍‌ର ଶିକାର ହୋଇପାରେ ବୋଲି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅନେକ ଆକଳନ କରୁଛନ୍ତି ।

ରାଜ୍ୟକୁ ଏବେ ଆବଶ୍ୟକ ପରିମାଣର ଗ୍ୟାସ ସିଲିଣ୍ଡର ମିଳୁନାହିଁ । ଦୈନିକ ୪୦ ହଜାର ସିଲିଣ୍ଡର କମ୍ ଆସୁଥିବା ଯୋଗୁଁ ସାଧାରଣ ଲୋକଙ୍କ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି । ଏହି ସ୍ଥିତିରେ ରାଜଧାନୀ ଉପକଣ୍ଠ

- ମଧ୍ୟପ୍ରାଚ୍ୟରେ ପେଟ୍ରୋଲିୟମ ସାମଗ୍ରୀ ଉତ୍ପାଦନ ୫୦% ହ୍ରାସ
- ଆସି ପାରୁନାହିଁ ଆବଶ୍ୟକ ପରିମାଣର ଗ୍ୟାସ୍-ଅଶୋଧିତ ତୈଳ
- ଆଶ୍ୱସ୍ତ କରିପାରୁନାହାନ୍ତି ସରକାର; ରାଜ୍ୟରେ ପଡ଼ିଲାଣି ପ୍ରଭାବ
- ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି, ହ୍ରାସ ହେଲାଣି ସାମଗ୍ରୀ ଉତ୍ପାଦନ

ଗୋଠପାଟଣାରେ ଥିବା ଏକ ସମ୍ଭ୍ରାନ୍ତ ଘରୋଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପାନୀୟ ଜଳ ସଂଯୋଗ ବ୍ୟବସ୍ଥାର ମରାମତି, ନବୀକରଣ ଓ ଅନ୍ୟାନ୍ୟ କାର୍ଯ୍ୟ କରାଯିବା ଦର୍ଶାଇ ଏପ୍ରିଲ ୨ରୁ ୩୦ ତାରିଖ ପର୍ଯ୍ୟନ୍ତ ହଷ୍ଟେଲ୍ ଖାଲି କରିବାକୁ ଛାତ୍ରଛାତ୍ରୀଙ୍କୁ ନୋଟିସ ଦିଆଯିବା ଘଟଣା ଅଭିଭାବକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି । ଏପ୍ରିଲରେ ଏହି ବିଶ୍ୱବିଦ୍ୟାଳୟର ସେମିଷ୍ଟାର ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଏବେ ତାହାକୁ ମଇ ମାସକୁ ଘୁଞ୍ଚାଇ ଦିଆଯିବା ସହ ୨ ତାରିଖ ପୂର୍ବରୁ ହଷ୍ଟେଲ ଖାଲି କରିବାକୁ ଉପ-କୁଳସଚିବ ନିର୍ଦ୍ଦେଶ ଦେଇଛନ୍ତି । ▶ପୃଷ୍ଠା-୭

### ସରକାରୀ ଶିକ୍ଷାନୁଷ୍ଠାନରେ ଅନ୍-ଲାଇନ୍ କ୍ଲାସ ଆରମ୍ଭ

■ ନୂଆଦିଲ୍ଲୀ, ୨୭।୩: ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଥିବା ଶକ୍ତି ସଙ୍କଟର ପ୍ରଭାବ ଭାରତ ଉପରେ ପଡ଼ିବା ଆରମ୍ଭ ହୋଇଗଲାଣି । ଦେଶରେ ଆବଶ୍ୟକ ପରିମାଣର ପେଟ୍ରୋଲିୟମ ସାମଗ୍ରୀ ମହଜୁଦ ଅଛି ଏବଂ ଲକ୍ ଡାଉନ୍ ହେବନାହିଁ ବୋଲି ଗୋଟିଏ ପଟେ କେନ୍ଦ୍ର ସରକାର ଆଶ୍ୱାସନା ଦେଉଥିବା ବେଳେ ଅନ୍ୟପଟେ ସରକାରୀ ଶିକ୍ଷାନୁଷ୍ଠାନରେ ଏହି କାରଣରୁ ଅନ୍-ଲାଇନ୍ କ୍ଲାସ ଆରମ୍ଭ ହୋଇଗଲାଣି । ଇନ୍ଧନ ସଙ୍କଟ ▶ପୃଷ୍ଠା-୭

### ମଧ୍ୟପ୍ରାଚ୍ୟ ଯୁଦ୍ଧ ଚିନ୍ତା: ମୁଖ୍ୟମନ୍ତ୍ରୀମାନଙ୍କ ସହ ମୋଦୀଙ୍କ ବୈଠକ

## 'ଟିମ୍ ଇଣ୍ଡିଆ' ସଫଳ ହେବ



■ ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ମହାଯୁଦ୍ଧ ପାଇଁ ଭାରତରେ ସଙ୍କଟ ସ୍ଥିତି ସୃଷ୍ଟି ହୋଇଛି । ଏଲ୍‌ପିଜିର ଅଭାବ ସହିତ ଅନ୍ୟ ସାମଗ୍ରୀ ପରିବହନ ମନ୍ଥର ହୋଇଯାଇଛି । ଏଭଳି ସ୍ଥିତିରେ ପଶ୍ଚିମ ଏସିଆ ସଙ୍କଟ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଏବଂ ଏହାର ମୁକାବିଲା ପାଇଁ ପ୍ରସ୍ତୁତିର ସମୀକ୍ଷା କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ

### ଏକାଠି କାମ କରନ୍ତୁ; ପ୍ରସ୍ତୁତ ହୋଇ ରୁହନ୍ତୁ

### ଅପପ୍ରଚାରରୁ ଦୂରେଇ ରହି ଲୋକଙ୍କୁ ସଠିକ ସୂଚନା ଦିଅନ୍ତୁ

### ମହଜୁଦକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅ

ବୈଠକ କରିଛନ୍ତି । ସବୁ ରାଜ୍ୟଙ୍କୁ ଟିମ୍ ଇଣ୍ଡିଆ ପରି ମିଳିମିଶି କାର୍ଯ୍ୟ କରିବାକୁ ଏବଂ ପ୍ରସ୍ତୁତି ମଜବୁତ କରିବାକୁ ଆହ୍ୱାନ ଦେଇଛନ୍ତି । ମିଳିମିଶି କାର୍ଯ୍ୟ କଲେ ଟିମ ଇଣ୍ଡିଆ ସଫଳତାର ସହ ଏହି ସଙ୍କଟର ମୁକାବିଲା କରିପାରିବ ବୋଲି ମୋଦୀ କହିଛନ୍ତି । ସେ ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ଯୋଜନାର ସମୀକ୍ଷା କରିଛନ୍ତି । ଆର୍ଥିକ-ବାଣିଜ୍ୟିକ ସ୍ଥିରତା ବଜାୟ, ଶକ୍ତି ସୁରକ୍ଷା ସୁନିଶ୍ଚିତ, ▶ପୃଷ୍ଠା-୭

### ଇରାନର ପ୍ରଚଣ୍ଡ କ୍ଷେପଣାସ୍ତ୍ର ଆକ୍ରମଣ

## ଆମେରିକାର ୧୩ ସାମରିକ ଘାଟି ଧ୍ୱସ୍ତ



■ ତେହରାନ, ୨୭ ।୩(ଏଜେନ୍ସି): ଅସ୍ତ୍ରବିରତି ପାଇଁ ଉଦ୍ୟମ ଚାଲିଥିଲେ ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧ ଭୟଙ୍କର ହେବାରେ ଲାଗିଛି । ଟ୍ରମ୍ପଙ୍କ କଥାକୁ ଇରାନ ଶୁଣନାହିଁ କିମ୍ବା ଖାତିର କରୁନାହିଁ । କ୍ଷେପଣାସ୍ତ୍ର ଏବଂ ଡ୍ରୋନ ମାଡ଼ କରି ଆମେରିକାର ସାମରିକ ଘାଟୀକୁ ଛାରଖାର କରିଦେଲାଣି । ଆଜି ସାଉଦି ଆରବ ଉପରେ ଇରାନ ୮ଟି ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି । କୁଏତରେ ବଡ଼ଧରଣର ଆକ୍ରମଣ କରି ଅଲ-କବିର ପୋର୍ଟ ଏବଂ ବିମାନବନ୍ଦରକୁ ଡ୍ରୋନ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଛି । ଏହି ବନ୍ଦର ବୁବିୟାନ ଦ୍ୱୀପରେ ରହିଛି । ବନ୍ଦର ଭୀଷଣ ଭାବେ

### ଯୁଦ୍ଧ ପରିଚାଳନା ପାଇଁ ଅନୁପଯୁକ୍ତ ପାଲଟିଛି ସାମରିକ ଘାଟି

### ହୋଟେଲରୁ ହେଉଛି ଯୁଦ୍ଧ ପରିଚାଳନା

### ଇରାନର ପରମାଣୁ କେନ୍ଦ୍ର ଉପରେ ଇସ୍ରାଏଲ୍‌ର ଆକ୍ରମଣ


କ୍ଷତିଗ୍ରସ୍ତ ହୋଇଥିବା ବେଳେ କାତାରକୁ ମଧ୍ୟ ନିଶାଣ କରିଛି । ଏଥିପାଇଁ ଦେଶରେ ହାଇଆଲର୍ଟ ଜାରି କରାଯାଇଛି । ଇସ୍ରାଏଲର ବୋମା ଆଶ୍ରୟସ୍ଥଳକୁ ନିଶାଣ କରି ଇରାନ କ୍ଷେପଣାସ୍ତ୍ର ମାଡ଼ କରିବାରୁ ଅନେକ ଆହତ ହୋଇଛନ୍ତି । ଇସ୍ରାଏଲରେ ସାଇରନ ଗୁଞ୍ଜି ଉଠିଛି । ଇରାନର ଏଭଳି ଆକ୍ରମଣ ଦେଖି ଆମେରିକା ନୟାନ୍ତ ହୋଇଗଲାଣି । ଟ୍ରମ୍ପଙ୍କୁ ନିଜ ଦେଶରେ ଦୋଷ ଦିଆଯାଉଛି । ହର୍ମୁଜ ସ୍ଥିତି ପାଇଁ ଆମେରିକୀୟ ସିନେଟର ଟ୍ରମ୍ପଙ୍କୁ ଦୋଷ ଦେଉଥିବା ବେଳେ ଭୟଙ୍କର ରିପୋର୍ଟ ଆସିଛି । ଇରାନର କ୍ଷେପଣାସ୍ତ୍ର ମାଡ଼ରେ ▶ପୃଷ୍ଠା-୭

## କମିଲା ଉତ୍ପାଦ ଶୁଳ୍କ

### କମିବନି ପେଟ୍ରୋଲ, ଡିଜେଲ ଦର

### ତୈଳ କମ୍ପାନୀଙ୍କୁ ଆଶ୍ୱସ୍ତି; ଖାଉଟି ହତାଶ

■ ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ଏବଂ ହରମୁଜ୍ ପ୍ରଣାଳୀ ଦେଇ ଯୋଗାଣ ବାଧାପ୍ରାପ୍ତ ହେବା ନେଇଦେଖାଦେଇଥିବା ଚିନ୍ତା ମଧ୍ୟରେ କେନ୍ଦ୍ର ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ ହ୍ରାସ ଘଟାଇଛନ୍ତି ।



### ଉଭୟରେ ଶୁଳ୍କ ୧୦ ଟଙ୍କା ହ୍ରାସ

### ଶୁଳ୍କଶୂନ୍ୟ ହେଲା ଡିଜେଲ

ସରକାରଙ୍କ ଏହି ନିଷ୍ପତ୍ତି ତୈଳ କମ୍ପାନୀଗୁଡ଼ିକୁ ବଡ଼ ଆଶ୍ୱସ୍ତି ଦେଇଛି । ଏହି ଅନୁଯାୟୀ, ଉଭୟ ପେଟ୍ରୋଲ ଏବଂ ଡିଜେଲ ଉପରେ ଉତ୍ପାଦ ଶୁଳ୍କରେ ୧୦ ଟଙ୍କା ହ୍ରାସ ହୋଇଛି । ନିଷ୍ପତ୍ତି ଅନୁଯାୟୀ, ପେଟ୍ରୋଲ ଉପରୁ ଉତ୍ପାଦ ଶୁଳ୍କ ୧୩ ଟଙ୍କାରୁ ୩ ଟଙ୍କାକୁ ହ୍ରାସ ଘଟିଛି । ଯେତେବେଳେ କି ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ୧୦ ଟଙ୍କା ହ୍ରାସ କରି ତାହାକୁ ଶୂନ୍ କରାଯାଇଛି । ହେଲେ ସରକାରଙ୍କ ଏହି ନିଷ୍ପତ୍ତିରେ ରାଷ୍ଟ୍ରାୟତ୍ତ ତୈଳ ମାର୍କେଟିଂ କମ୍ପାନୀଗୁଡିକ ମାଲେମାଲ ହେବାକୁ ଥିବାବେଳେ ଦୀର୍ଘ ଦିନ ହେବ ଉଚ୍ଚ ▶ପୃଷ୍ଠା-୭






### ବ୍ଲକ୍ ଅଧ୍ୟକ୍ଷଙ୍କ ପରେ ପୌରାଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ

## 'ସ୍ୱାୟତ୍ତ ଶାସନ'କୁ ସରକାରଙ୍କ କରାୟତ୍ତ

■ ଭୁବନେଶ୍ୱର, ୨୭।୩ (ସମିସ): ପଞ୍ଚାୟତ ସମିତି ଅଧ୍ୟକ୍ଷମାନଙ୍କ କ୍ଷମତା ହଡ଼ପ କରିବା ପରେ ଏବେ ସରକାର ପୌରାଧ୍ୟକ୍ଷମାନଙ୍କ କ୍ଷମତା ସଙ୍କୋଚନ ପାଇଁ କରିଛନ୍ତି ବ୍ୟବସ୍ଥା । ପୌରସଂସ୍ଥାଗୁଡ଼ିକର ନିର୍ବାଚିତ ଲୋକପ୍ରତିନିଧିମାନଙ୍କ ଆର୍ଥିକ କ୍ଷମତା ସଂକୁଚିତ କରି ସେମାନଙ୍କୁ ରାଜନୈତିକ ପଙ୍ଗୁ କରି ଦେଇଛନ୍ତି । ବ୍ଲକ୍ ଅଧ୍ୟକ୍ଷଙ୍କ ପରି ପୌରସଂସ୍ଥାଗୁଡ଼ିକରେ ମଧ୍ୟ ଲୋକପ୍ରତିନିଧିଙ୍କ ହାତରୁ ଆର୍ଥିକ କ୍ଷମତା ଛଡ଼ାଇ ନେଇଛନ୍ତି । ପୌର ପରିଷଦର ଅଧ୍ୟକ୍ଷଙ୍କ ବଦଳରେ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ଏବେ ଆର୍ଥିକ କାରବାରରେ କ୍ଷମତାଶାଳୀ ହୋଇଛନ୍ତି । ସରକାରଙ୍କ ଏହି ନିଷ୍ପତ୍ତି ପରେ ଏବେ ସ୍ୱାୟତ୍ତ ଶାସନ ବ୍ୟବସ୍ଥାକୁ ସରକାର ସମ୍ପୂର୍ଣ୍ଣ କରାୟତ୍ତ କରିବାକୁ ଚାହୁଁଥିବା ସନ୍ଦେହ କରାଯାଉଛି ।

ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ବିପୁଳ ଆସନରେ ବିଜୟୀ ହୋଇଥିଲା । ଏନ୍‌ଏସି ଓ ମ୍ୟୁନିସିପାଲଟିରେ ବିଜେଡିର ପ୍ରାର୍ଥୀମାନେ ଅଧ୍ୟକ୍ଷ ରୂପେ ନିର୍ବାଚିତ ହୋଇଥିଲେ । ବ୍ଲକଗୁଡ଼ିକରେ ମଧ୍ୟ

### ଆର୍ଥିକ କ୍ଷମତା ସଙ୍କୋଚନ ପଛରେ ଅସୂୟା ରାଜନୀତି

### ନିର୍ବାଚିତ ଅଧ୍ୟକ୍ଷଙ୍କୁ ନିୟନ୍ତ୍ରଣ କରିବାକୁ ଅଧିକାରୀ ଅସ୍ତ୍ର

ବିଜେଡି ସମର୍ଥିତ ପ୍ରାର୍ଥୀମାନେ ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ରାଜ୍ୟର ୯୦% ପୌରାଞ୍ଚଳ ଓ ୮୦%ରୁ ଊର୍ଦ୍ଧ୍ୱ ପଞ୍ଚାୟତ ସମିତିରେ ବିଜେଡି କ୍ଷମତା ଦଖଲ କରିଥିଲା । ମାତ୍ର ୨୦୨୪ରେ ବିଜେପି କ୍ଷମତାକୁ ଆସିବା ପରେ ୨୦୨୫ ମସିହାରେ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ କରିଥିଲେ ଓ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ କାରବାରରେ ଆଉ ଅଧ୍ୟକ୍ଷଙ୍କ ଦସ୍ତଖତ ଆବଶ୍ୟକ ହେବ ନାହିଁ ବୋଲି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଅଧ୍ୟକ୍ଷଙ୍କ ବିନା ଦସ୍ତଖତରେ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଡିଓମାନେ ନିଷ୍ପତ୍ତି ନେଇପାରିବେ ବୋଲି ନିଷ୍ପତ୍ତି ହେଲା । ଏହି ନିଷ୍ପତ୍ତିକୁ ଉଭୟ ବିଜେଡି ଓ କଂଗ୍ରେସ ପ୍ରବଳ ବିରୋଧ କରିବା ସହ ପଞ୍ଚାୟତ ସମିତିର ସଭ୍ୟ ସଂଘ ମଧ୍ୟ ଆପତ୍ତି ଉଠାଇଥିଲା । ମାତ୍ର ସରକାର ଏହାକୁ କର୍ଣ୍ଣପାତ କଲେ ନାହିଁ । ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କ୍ଷମତା ହ୍ରାସ ପରି ଏବେ ପୌରାଞ୍ଚଳରେ ଅନୁରୂପ ପନ୍ଥା ଆପଣେଇଛନ୍ତି । ଓଡ଼ିଶା ପୌର ନିୟମାବଳୀ-୧୯୫୩ରେ ସଂଶୋଧନ କରି ରାଜ୍ୟ ▶ପୃଷ୍ଠା-୭





ସକାଳ THE SAKALA
www.sakalaepaper.com



ରାମ ନବମୀରେ ରାମଲାଲାଙ୍କ ସୂର୍ଯ୍ୟତିଳକ

● ଇସ୍ରାଏଲ ସେନାମୁଖ୍ୟଙ୍କ ଚେତାବନୀ

## ଆପେ ଆପେ ଭୁଶୁଡ଼ିଯିବ ସେନା

ତେହରାନ, ୨୭।୩ (ଏଜେନ୍ସି): ଇସ୍ରାଏଲ୍ ସେନାରେ ଘୋର ସୈନ୍ୟ ଅଭାବ ଦେଖା ଦେଇଛି। ଏହି ସ୍ଥିତି ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। କ୍ରମାଗତ ଭାବେ ଯୁଦ୍ଧ ଚାଲିଥିବାରୁ ସୈନିକମାନେ ମଧ୍ୟ ଥକି ଗଲେଣି। ଏପରି ହେଲେ ଆଗାମୀ ଦିନରେ ସେନା ଭିତରୁ ଭୁଶୁଡ଼ିଯିବାରୁ ସ୍ଥିତି ସୃଷ୍ଟି ହୋଇଛି। ଇସ୍ରାଏଲର ଚିଫ୍ ଅଫ୍ ଦି ଜେନେରାଲ୍ ଷ୍ଟାଫ୍ ଏୟାଲ୍ ଜାମିର ସରକାରଙ୍କ କିଛି ସଦସ୍ୟଙ୍କ ସହ ବୈଠକ ସମୟରେ ଏହି ଚେତାବନୀ ଦେଇଛନ୍ତି। ସେ ଏକ ବୈଠକରେ ମନ୍ତ୍ରୀମାନଙ୍କୁ ସତର୍କ କରାଇ କହିଛନ୍ତି ଯେ ମୁଁ ୧୦ଟି ବିପଦର ସଙ୍କେତ ଦେଖାଉଛି। ସୈନ୍ୟମାନଙ୍କ ଉପରେ ଅତ୍ୟଧିକ ଚାପ ପଡୁଛି । ଦିନେ ଯୁଦ୍ଧ ସେନାକୁ 'ଭିତରୁ ଆପେ ଆପେ ଭୁଶୁଡ଼ିଯିବା' ଅବସ୍ଥାକୁ ନେଇଯାଇପାରେ। ସଂରକ୍ଷିତ ସୈନ୍ୟ ଏହି ଚାପକୁ ସହିପାରିବେ ନାହିଁ। ନିୟମିତ ଏହି ସୈନିକମାନଙ୍କ ମଧ୍ୟରୁ ଅନେକ ମାସ ମାସ ଧରି ବାରମ୍ବାର ସାମରିକ କାର୍ଯ୍ୟାନୁଷ୍ଠାନରେ ନିୟୋଜିତ ରହିଛନ୍ତି। ଏଥିଯୋଗୁଁ ସେମାନଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ବାଧାପ୍ରାପ୍ତ ହୋଇଛି। ଇରାନ ଏବଂ ଲେବାନନରେ ଚାଲିଥିବା ଯୁଦ୍ଧ ଯୋଗୁଁ ଏହି ସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। ଯଦି ଯୁଦ୍ଧ ଅଧିକ ସମୟ ଧରି ଚାଲେ ତେବେ ଏହି ସଂଖ୍ୟା ଶୀଘ୍ର ବୃଦ୍ଧି ପାଇବାର ସମ୍ଭାବନା ଅଛି। ତେଣୁ ସେ ଏହି ସମୟରେ ଆଇଡିଏଫ୍ ପାଇଁ ଏକ ବାଧ୍ୟତାମୂଳକ ସୈନ୍ୟ ନିଯୁକ୍ତି ଆଇନ ଆବଶ୍ୟକତା ରହିଛି ବୋଲି କହିଛନ୍ତି। ଯଦି ସ୍ଥିତି ନ ସୁଧୁରେ ତେବେ ବହୁତ ଶୀଘ୍ର ଆଇଡିଏଫ୍ ନିଜର ଦୈନନ୍ଦିନ ମିଶନ ପାଇଁ ପ୍ରସ୍ତୁତ ରହିବ ନାହିଁ ବୋଲି ସେ ସତର୍କ କରାଇ ଦେଇଛନ୍ତି। ବିରୋଧୀ ଦଳ ନେତା ୟାଏର୍ ଲାପିଡ୍ କହିଛନ୍ତି ଯେ କୌଣସି ରଣନୀତି, ପର୍ଯ୍ୟାପ୍ତ ସମ୍ବଳ ଏବଂ ଯଥେଷ୍ଟ ସୈନ୍ୟବଳ ବିନା ସରକାର ସେନାକୁ ଏକ ବହୁମୁଖୀ ଯୁଦ୍ଧ ଭିତରକୁ ଠେଲି ଦେଇଛନ୍ତି। ଏଥର ସରକାର କହିପାରିବେ ନାହିଁ ଯେ 'ମୁଁ ଜାଣି ନଥିଲି'। ଏହି ଚିଫ୍ ଅଫ୍ ଷ୍ଟାଫ୍ ସେମାନଙ୍କ ଦ୍ୱାରା ନିଯୁକ୍ତ ହୋଇଛନ୍ତି ଏବଂ ସେମାନେ ଏହାକୁ ନେଇ ରାଜନୀତି କରିପାରିବେ ନାହିଁ କିମ୍ବା ତାଙ୍କ ଉପରେ ଦୋଷ ଲଦି ପାରିବେ ନାହିଁ। ମୁଁ ଏଥିପାଇଁ ଦାୟୀ ନୁହେଁ କହି ପ୍ରଧାନମନ୍ତ୍ରୀ ଖସିଯାଇପାରିବେ ନାହିଁ ।

୨.୩୮ ଲକ୍ଷ କୋଟିର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ

## ବାୟୁସେନା ପାଇଁ କିଣାଯିବ ଏସ୍-୪୦୦

ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି): ବିଶ୍ୱକୁ ଯୁଦ୍ଧର ଘନଘଟା ଘୋଟି ରହିଥିବାବେଳେ ଭାରତ ୨.୩୮ ଲକ୍ଷ କୋଟି ଟଙ୍କାର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ ଦେଇଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ତଥା ଡିଏସି ବୈଠକରେ ଏହାକୁ ଅନୁମୋଦନ ମିଳିଛି। ଏହି ପ୍ରସ୍ତାବରେ ସ୍ଥଳସେନା, ବାୟୁସେନା ଏବଂ ତଟରକ୍ଷୀ ବାହିନୀ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ସିଷ୍ଟମ ଓ ପ୍ଲାଟଫର୍ମ କ୍ରୟ କରାଯିବ। ସ୍ଥଳସେନା ପାଇଁ ଏୟାର ଡିଫେନ୍ସ ଟ୍ରାକଡ ସିଷ୍ଟମ, ଆର୍ମର ପିୟର୍ସିଂ ଟ୍ୟାଙ୍କ ଗୋଳାବାରୁଦ, ହାଇ କାପାସିଟି ରେଡିଓ ରିଲେ, ଧନୁଷ ଗନ୍ ସିଷ୍ଟମ ଏବଂ ରନୱେ ଇଣ୍ଡିପେଣ୍ଡେଣ୍ଟ ଏରିଏଲ ସର୍ଭେଲାନ୍ସ ସିଷ୍ଟମକୁ ମଞ୍ଜୁରୀ ଦିଆଯାଇଛି। ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଡିଏସି ଏପର୍ଯ୍ୟନ୍ତ ୫୫ଟି ପ୍ରସ୍ତାବକୁ ମଞ୍ଜୁରୀ ଦେଇସାରିଛି। ଏହାର ମୋଟ ମୂଲ୍ୟ ୬.୭୩ ଲକ୍ଷ କୋଟି ଟଙ୍କା। ଏହି ସମୟ ମଧ୍ୟରେ ୨.୨୮ ଲକ୍ଷ କୋଟି ଟଙ୍କାର ୫୦୩ଟି ପ୍ରତିରକ୍ଷା ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହୋଇଛି। ବାୟୁସେନା ପାଇଁ ପରିବହନ ବିମାନ ପି-୮୧, ଏଶ-୪୦୦ କ୍ଷେପଣାସ୍ତ୍ର ବ୍ୟବସ୍ଥା, ରିମୋଟଲି ପାଇଲଟେଡ୍ ଷ୍ଟ୍ରାଇକ ଏୟାରକ୍ରାଫ୍ଟ ଏବଂ ଏସୟୁ-୩୦ ଇଞ୍ଜିନର ଆଧୁନିକୀକରଣକୁ ମଧ୍ୟ ମଞ୍ଜୁରୀ ମିଳିଛି।

## ଜୋଜିଲା ପାସରେ ହିମସ୍ଖଳନ; ୭ ମୃତ

ଶ୍ରୀନଗର, ୨୭।୩ (ଏଜେନ୍ସି): ଜମ୍ମୁ-କଶ୍ମୀରର ଶ୍ରୀନଗର-ଲେହ ହାଇୱେରେ ଶୁକ୍ରବାର ଅପରାହ୍ନରେ ହିମସ୍ଖଳନ ହୋଇଛି। ଜୋଜିଲା ପାସ୍‌ର ଝିରୋ ପଏଣ୍ଟରେ ହୋଇଥିବା ଏହି ଦୁର୍ଘଟଣାରେ ୧୨ରୁ ଅଧିକ ଗାଡ଼ି ୬ ଫୁଟରୁ ଊର୍ଦ୍ଧ୍ୱ ବରଫ ତଳେ ପୋତି ହୋଇଯାଇଛି। ଏଥିରେ ୭ ଜଣଙ୍କ ମୃତ୍ୟୁ ହୋଇଛି। ୫ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଦୁର୍ଘଟଣାର ସୂଚନା ମିଳିବା ପରେ ତୁରନ୍ତ ଉଦ୍ଧାରକାର୍ଯ୍ୟ ଆରମ୍ଭ କରାଯାଇଥିଲା। ୫ ଜଣଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଏବେ ରାସ୍ତାରୁ ବରଫ ଏବଂ ଅବଶେଷ ହଟାଇବା କାର୍ଯ୍ୟ ଜାରି ରହିଛି। ବର୍ଡର ରୋଡ ଅର୍ଗାନାଇଜେସନ (ବିଆରଓ), ପୁଲିସ, ଦମକଳ ବାହିନୀ ଏବଂ ଅନ୍ୟ ଉଦ୍ଧାରକାରୀ ଦଳ ଉଦ୍ଧାରକାର୍ଯ୍ୟରେ ଲାଗିଛନ୍ତି। ଏହି ସ୍ଥିତି ଉପରେ ଲଦାଖ ଉପରାଜ୍ୟପାଳ ନଜର ରଖିଛନ୍ତି। ସେ କାରଗିଲ ଏସଏସପିଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଟ୍ରକ୍-କାର ମୁହାଁମୁହିଁ ଧକ୍କା

## ମା', ପୁଅ ଜୀବନ୍ତ ଦଗ୍ଧ

ମୁମ୍ବାଇ, ୨୭ ।୩(ଏଜେନ୍ସି): ମହାରାଷ୍ଟ୍ରର ବୀଡ଼- ଅହଲ୍ୟାନଗର ହାଇୱେରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଏକ କାର୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ କାର୍‌ରେ ନିଆଁ ଲାଗିଯାଇଥିଲା। ଫଳରେ କାର୍‌ରେ ଥିବା ଜଣେ ମହିଳା ଓ ତାଙ୍କ ପୁଅ ଜୀବନ୍ତ ଦଗ୍ଧ ହୋଇ ପ୍ରାଣ ହରାଇଛନ୍ତି। କାଇଜ ତାଉକାର ବାସିନ୍ଦା ମା ଓ ପୁଅ ବୀଡ ଅଭିମୁଖେ ଯାଉଥିବା ବେଳେ ପାପସି ଗ୍ରାମ୍ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗୋଡ଼ି ବୋଝେଇ ଦ୍ରୁତଗାମୀ ଟ୍ରକ୍ ସହ ଧକ୍କା ହୋଇଥିଲା। ଧକ୍କା ଏତେଜୋରରେ ହୋଇଥିଲା ଯେ, କାରର ସମ୍ମୁଖ ଭାଗ ଚୂରମାର୍ ହୋଇଯାଇଥିଲା ଓ ଇଞ୍ଜିନ୍‌ରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣା କାରଣରୁ କାର୍‌ର ଡୋର ଜାମ୍ ହୋଇଯାଇଥିଲା। ଫଳରେ ମା ଓ ପୁଅ ବାହାରକୁ ବାହାରି ପାରି ନଥିଲେ।

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

# ୧୦ ଦିନର ମହଲତ ସତ୍ତ୍ୱେ ଯୁଦ୍ଧ ପ୍ରସ୍ତୁତି



ୱାଶିଂଟନ, ୨୭ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ଶକ୍ତିକେନ୍ଦ୍ରଗୁଡ଼ିକ ଉପରେ ଆକ୍ରମଣକୁ ୧୦ ଦିନ ଅର୍ଥାତ ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି। ଟ୍ରମ୍ପ ଆକ୍ରମଣର ସମୟସୀମାକୁ ପୁଣି ଘୁଞ୍ଚାଇଛନ୍ତି। ଟ୍ରମ୍ପ ଏହାକୁ ଏକ ଉଦାର ପଦକ୍ଷେପ ବୋଲି କହୁଥିବା ବେଳେ, ଇରାନ ଏହାକୁ ଏକ ଚାଲ ବୋଲି ସନ୍ଦେହ କରୁଛି। ବିଶେଷଜ୍ଞଙ୍କ ମତରେ, ଆମେରିକା ଏହି ସମୟ ମଧ୍ୟରେ ନିଜର ସୈନ୍ୟବଳ ବୃଦ୍ଧି କରି ଶନିବାର ଅର୍ଥାତ ମାର୍ଚ୍ଚ ୨୮ ତାରିଖରେ ଏକ ବଡ଼ ସ୍ଥଳଭାଗ ଆକ୍ରମଣ କରିପାରେ। ଅର୍ଥାତ ଶନିବାର ଏକ ଡି-ଡେ ହୋଇପାରେ। ଡି-ଡେ ଶବ୍ଦ ଏକ ସମ୍ଭାବ୍ୟ ସାମରିକ ଅଭିଯାନ ତଥା ଆକ୍ରମଣର

### ■ ଶନିବାର ହୋଇ ପାରେ 'ଡି-ଡେ'

ଦିନକୁ ସୂଚାଇଥାଏ। ଶନିବାରକୁ ଡି-ଡେ ଭାବେ ପୂର୍ବାନୁମାନ କରାଯିବାର କାରଣ ହେଉଛି, ଯେ ଟ୍ରମ୍ପ ପ୍ରାୟତଃ ଶନିବାର ଦିନ ହିଁ ଗୁରୁତ୍ୱପୂର୍ଣ୍ଣ ସାମରିକ ନିଷ୍ପତ୍ତି ନେଇଥାନ୍ତି ବୋଲି ସାଧାରଣରେ ଏକ ଧାରଣା ରହିଛି। ଶନିବାର ହିଁ ଆମେରିକା ଇରାନ ମାଟିରେ ନିଜର ସୈନ୍ୟ ଓହ୍ଲାଇପାରେ। ଆମେରିକାରେ ଏବେ ମୁଖ୍ୟ ଲକ୍ଷ୍ୟ ହେଉଛି ଇରାନର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ଖାର୍ଗ ଦ୍ୱୀପକୁ ଦଖଲ କରିବା। ଏହି ଦ୍ୱୀପରୁ ଇରାନର ୯୦ ପ୍ରତିଶତ ତୈଳ ରପ୍ତାନୀ ହୋଇଥାଏ। ଇତିମଧ୍ୟରେ ୭, ୦୦୦ ଅତିରିକ୍ତ ଆମେରିକୀୟ ସୈନ୍ୟ ମଧ୍ୟପ୍ରାଚ୍ୟ ଅଭିମୁଖେ ଯାତ୍ରା କରୁଛନ୍ତି। ୟୁଏସ୍‌ଏସ୍ ତ୍ରିପୋଲି ଓ ୟୁଏସ୍‌ଏସ୍ ବକ୍ସର ଭଳି ଯୁଦ୍ଧ ଜାହାଜରେ ମେରାଇନ୍ ସୈନ୍ୟମାନେ ପହଞ୍ଚୁଛନ୍ତି। ପୁଣି ଆମେରିକାର ୮୨ତମ ଏୟାରବର୍ଣ୍ଣ ଡିଭିଜନ (ପାରାଟ୍ରୁପର୍ସ) ମଧ୍ୟ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିଛନ୍ତି। ଇରାନ ମଧ୍ୟ ଆମେରିକାର ଏହି ସମ୍ଭାବ୍ୟ ଆକ୍ରମଣ ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବା ସହ ସମରସଜ୍ଜା କରିଛି। ଆହୁରି ୫୦ ହଜାର ସୈନ୍ୟ ପଠାଇବାକୁ ପେଣ୍ଟାଗନ ଯୋଜନା କରୁଛି।

ଇରାନ ସଂସଦର ବାଚସ୍ପତି ଚେତାବନୀ ଦେଇଛନ୍ତି ଯେ ଯଦି ଆମେରିକା କୌଣସି ଦ୍ୱୀପ ଦଖଲ କରିବାକୁ ଚେଷ୍ଟା କରେ, ତେବେ ପରିଣାମ ଭୟଙ୍କର ହେବ। ଟ୍ରମ୍ପ ଚାହୁଁଛନ୍ତି ଯେ ଇରାନ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ରୂପେ ଖୋଲି ଦେଉ, ଯାହାଦ୍ୱାରା ବିଶ୍ୱ ବଜାରରେ ଆକାଶଛୁଆଁ ହୋଇଥିବା ତୈଳ ଦର କମିବ। ପାକିସ୍ତାନ ମଧ୍ୟସ୍ଥତାରେ ଦୁଇ ଦେଶ ମଧ୍ୟରେ ଆଲୋଚନା ପାଇଁ ଚେଷ୍ଟା ଚାଲିଛି, କିନ୍ତୁ ଦୁଇ ଦେଶର ସାମରିକ ପ୍ରସ୍ତୁତିକୁ ଦେଖିଲେ ଯୁଦ୍ଧର ଆଶଙ୍କା ବୃଦ୍ଧି ପାଇଛି। ହର୍ମୁଜ ପ୍ରଣାଳୀକୁ ମୁକ୍ତି କରିବା ପାଇଁ ଆମେରିକା ଏହାର ଆଖପାଖ ଦ୍ୱୀପଗୁଡ଼ିକୁ ଆମେରିକା ଦଖଲ କରିବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ଟ୍ରମ୍ପ ଇରାନ ଆଗରେ ୧୫-ସୂତ୍ରୀ ପ୍ରସ୍ତାବ ବିଶିଷ୍ଟ ଦାବି ରଖିଛି। ଟ୍ରମ୍ପ ଚେତାବନୀ ଦେଇ କହିଛନ୍ତି ଯେ ସେମାନେ ଶୀଘ୍ର ଗମ୍ଭୀର ହେବା ଉଚିତ, ନଚେତ ଥରେ ଆକ୍ରମଣ ହେଲେ ପଛକୁ ଫେରିବା ସମ୍ଭବ ନୁହେଁ।

## ହର୍ମୁଜ ପ୍ରଣାଳୀ ବନ୍ଦ କଲା ଇରାନ

ତେହରାନ, ୨୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଇରାନ ଏକ ବଡ଼ ନିଷ୍ପତ୍ତି ନେଇଛି। ଇରାନର ଶକ୍ତିଶାଳୀ ସେନା ଆଇଆରଜିସି ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଥିବା ଘୋଷଣା କରିଛି। ଇରାନ କହିଛି ଯେ, ଏହି ଜଳପଥ ଦେଇ ଯାତ୍ରା କରୁଥିବା ଆମେରିକା ଓ ଇସ୍ରାଏଲ ସହିତ ଜଡ଼ିତ କୌଣସି ବି ଜାହଜକୁ କଠୋର ଜବାବ ଦିଆଯିବ। ଇରାନ କୌଣସି ପ୍ରକାର ପରିସ୍ଥିତିରେ ଏହି ଦେଶମାନଙ୍କ ଜାହାଜକୁ ହର୍ମୁଜ ଦେଇ ଯିବାକୁ ଅନୁମତି ଦେବ ନାହିଁ। ଇରାନ କେବଳ ଆମେରକା ଓ ଇସ୍ରାଏଲ ନୁହେଁ, ବରଂ ସେମାନଙ୍କୁ ସମର୍ଥନ କରୁଥିବା ଯେକୌଣସି ଦେଶର ବାଣିଜ୍ୟିକ ଜାହାଜ ଉପରେ କଟକଣା ଲଗାଇବାକୁ ଧମକ ଦେଇଛି। ଯଦି ଇରାନ ଏହି ବନ୍ଦ ପ୍ରକ୍ରିୟାକୁ କଡ଼ାକଡ଼ି ଭାବେ ଲାଗୁ କରେ, ତେବେ ଏହା କେବଳ ଏକ ଆଞ୍ଚଳିକ ଯୁଦ୍ଧ ନୁହେଁ, ବରଂ ବିଶ୍ୱସ୍ତରରେ ଆର୍ଥିକ ସଙ୍କଟର କାରଣ ହୋଇପାରେ। ଏବେ ଇସ୍ରାଏଲ ଇରାନ ସମେତ ଲେବାନନ୍‌ରେ କ୍ରମାଗତ ଆକ୍ରମଣ ଜାରି ରହିଛି। ଇସ୍ରାଏଲ ପକ୍ଷରୁ ଇରାନର ଅନେକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉପରେ ବିମାନ ଆକ୍ରମଣ କରାଯାଇଛି। ଅନ୍ୟପଟେ ଇରାନର କ୍ଷେପଣାସ୍ତ୍ର କେବଳ ଇସ୍ରାଏଲ ନୁହେଁ, ବରଂ ୟୁଏଇକୁ ମଧ୍ୟ ଟାର୍ଗେଟ କରିଛି। ଏହି ମିସାଇଲ ମାଡ଼ରେ ୟୁଏଇରେ ଦୁଇଜଣଙ୍କର ମୃତ୍ୟୁ ହୋଇଛି। ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଆମେରିକା ଓ ଇସ୍ରାଏଲ ସହିତ ଜଡ଼ିତ ଜାହାଜଗୁଡ଼ିକ ବିରୋଧରେ କଠୋର ପଦକ୍ଷେପ ନେବାକୁ ଇରାନ ଧମକ ଦେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନର ନେତାମାନେ ବୁଝାମଣା ପାଇଁ ତାଙ୍କୁ ଅନୁରୋଧ କରୁଛନ୍ତି।




## ଇସ୍ରାଏଲକୁ 'ଥ୍ୟାଙ୍କ ୟୁ ଇଣ୍ଡିଆ' କ୍ଷେପଣାସ୍ତ୍ର ମାଡ଼

ନୂଆଦିଲ୍ଲୀ, ୨୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ସଂଘର୍ଷ ମଧ୍ୟରେ ଇରାନ ଏକ ଚକିତ କଲା ଭଳି ପଦକ୍ଷେପ ନେଇଛି। ଇସ୍ରାଏଲ ଅଭିମୁଖେ ନିକ୍ଷେପ କରାଯାଇଥିବା ନିଜର ବାଲିଷ୍ଟିକ ମିସାଇଲ୍ ଉପରେ ଇରାନ ସେନା 'ଭାରତର ଜନସାଧାରଣଙ୍କୁ ଧନ୍ୟବାଦ୍' ଲେଖି ଏକ ନୂଆ ବାର୍ତ୍ତା ଦେବାକୁ ପ୍ରୟାସ କରିଛି। ମୁମ୍ବଇରେ ଥିବା ଇରାନ ଦୂତାବାସ ଓ ଇରାନ ଗଣମାଧ୍ୟମ କିଛି ଭିଡିଓ ଓ ଫଟୋ ଜାରି କରିଛନ୍ତି। ଏଥିରେ ଇରାନର ଏରୋସ୍ପେସ୍ ଫୋର୍ସର କର୍ମଚାରୀମାନେ ମିସାଇଲ ଲଞ୍ଚ୍ କରିବା ପୂର୍ବରୁ ସେଥିରେ ନୀଳ ମାର୍କରରେ ଭାରତୀୟଙ୍କୁ ଧନ୍ୟବାଦ୍ ଜଣାଇ ସନ୍ଦେଶ ଲେଖୁଥିବା ଦେଖାଯାଇଛି। ଭାରତ ବ୍ୟତୀତ ପାକିସ୍ତାନ, ଜର୍ମାନୀ ଏବଂ ସ୍ପେନ୍‌ର ନାମ ମଧ୍ୟ କିଛି ମିସାଇଲରେ ଲେଖା ଯାଇଛି। ଇରାନ ଭାରତକୁ ଏକ ବନ୍ଧୁତ୍ୱପୂର୍ଣ୍ଣ ଦେଶ ଭାବେ ଗ୍ରହଣ କରିଛି। ଯୁଦ୍ଧ ସମୟରେ ଇରାନ ନିଜର ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ଦେଇ ଭାରତୀୟ ଜାହାଜଗୁଡ଼ିକୁ ଯାତ୍ରା କରିବା ପାଇଁ ସ୍ୱତନ୍ତ୍ର ଅନୁମତି ଦେଇଛି। ଖାସ୍ ଏଥିପାଇଁ ମିସାଇଲ୍‌ରେ ଏପରି ଲେଖାଯାଇଛି ବୋଲି କୁହାଯାଇଛି। ପୁଣି ଜମ୍ମୁ-କଶ୍ମୀରର ସାଧାରଣ ଜନତା ଇରାନ ଯୁଦ୍ଧ ପ୍ରଭାବିତ ଲୋକଙ୍କ ପାଇଁ ନିଜର ଗହଣା ଓ ନଗଦ ଟଙ୍କା ଦାନ କରିଛନ୍ତି। କଶ୍ମୀରର ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସ୍ମୃତିରେ ୩୦ ବର୍ଷ ଧରି ରଖିଥିବା ସୁନା ଦାନ କରିବା ଘଟଣାକୁ ଇରାନ ପ୍ରଶଂସା କରିଛି। ଭାରତ ଏହି ସଙ୍କଟ ସମୟରେ ଏକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିଛି। ଭାରତ ଉଭୟ ଆମେରିକା-ଇସ୍ରାଏଲ ସହ ଭଲ ସମ୍ପର୍କ ରଖିବା ସହିତ ଇରାନ ସହ ଥିବା ଐତିହାସିକ ବନ୍ଧୁତ୍ୱକୁ ମଧ୍ୟ ଗୁରୁତ୍ୱ ଦେଉଛି।

# କେନ୍ଦ୍ରର ଆଶ୍ୱାସନା: ଲକ୍‌ଡାଉନ୍ ହେବନି

ନୂଆଦିଲ୍ଲୀ, ୨୭ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁଁ ଦେଶରେ ପୁଣି ଥରେ 'ଲକ୍‌ଡାଉନ' ହୋଇପାରେ । ସାରା ଦେଶରେ ଏହାକୁ ନେଇ ଚାଲିଥିବା ଚର୍ଚ୍ଚା ଏବଂ ପେଟ୍ରୋଲ ପମ୍ପରେ ଭିଡ଼ ପରିପ୍ରେକ୍ଷୀରେ ସରକାର ଆଜି ପୁଣିଥରେ ଆଶ୍ୱାସନା ଦେଇଛନ୍ତି ଯେ ଲକ୍‌ଡାଉନ୍ ହେବନାହିଁ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି କହିଛନ୍ତି ଯେ କୋଭିଡ୍ ଭଳି ଲକ୍‌ଡାଉନ୍ ଲଗାଇବାର କୌଣସି ଯୋଜନା ସରକାରଙ୍କ ପାଖରେ ନାହିଁ। ସାମାଜିକ ଗଣମାଧ୍ୟମରେ ଲକ୍‌ଡାଉନ୍ ନେଇ ଚାଲିଥିବା ଖବର ସମ୍ପୂର୍ଣ୍ଣ ମିଥ୍ୟା ଏବଂ ବିଶ୍ୱାସ ନକରିବାକୁ ସେ ପରାମର୍ଶ ଦେଇଛନ୍ତି । ଭାରତ ପାଖରେ ଯଥେଷ୍ଟ ତୈଳ ମହଜୁଦ୍ ଅଛି ଏବଂ ଯୋଗାଣ ବାଧାପ୍ରାପ୍ତ ହେବ ନାହିଁ। ଭାରତ ପାଖରେ ପୂର୍ବରୁ ୫୩ ଲକ୍ଷ ମେଟ୍ରିକ ଟନ୍ ତୈଳ ସଂରକ୍ଷିତ ଅଛି ଏବଂ ଆଗକୁ ଆହୁରି ୬୫ ଲକ୍ଷ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଭଣ୍ଡାର ନିର୍ମାଣ କରାଯିବ । ଜନସାଧାରଣ ଭୟଭୀତ ନ ହୋଇ ଶାନ୍ତ ରହିବାକୁ ଓ ଗୁଜବରେ ବିଶ୍ୱାସ ନ କରିବାକୁ ।ସେ ଅନୁରୋଧ କରିଛନ୍ତି। ଭାରତର ଶକ୍ତି ସୁରକ୍ଷା ସମ୍ପୂର୍ଣ୍ଣ ଅକ୍ଷୁର୍ଣ୍ଣ ଅଛି ଓ ଆମେ ଯେକୌଣସି ଆହ୍ୱାନର ସାମ୍ନା କରିବାକୁ ପ୍ରସ୍ତୁତ ଅଛୁ ବୋଲି ପୁରୀ କହିଛନ୍ତି ।

### ତୈଳ ସଙ୍କଟ ଉପରେ ନଜର ରଖିବ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ

ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ ଯୋଗୁଁ ଭାରତୀୟ ଅର୍ଥନୀତି ଉପରେ ପଡୁଥିବା ପ୍ରଭାବକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଏକ ଆନ୍ତ ମନ୍ତ୍ରଣାଳୟ ଗୋଷ୍ଠୀ ଗଠନ କାରାଯାଇଛି। ଏହି ଗୋଷ୍ଠୀରେ ଗୃହମନ୍ତ୍ରୀ ଅମିତ ଶାହା, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସମେତ ଅନ୍ୟ କେତେଜଣ ବରିଷ୍ଠ ମନ୍ତ୍ରୀ ସାମିଲ ରହିଛନ୍ତି। ପେଟ୍ରୋଲ, ଡିଜେଲ, ଏଲ୍‌ପିଜିର ଯୋଗାଣ ବଜାୟ ରଖିବା ଓ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବା ଏହି ଗୋଷ୍ଠୀର ମୁଖ୍ୟ କାର୍ଯ୍ୟ ହେବେ ।




### ୧୬୫ ବର୍ଷର ପରମ୍ପରା ଭାଙ୍ଗିବ

## ଆମେରିକୀୟ ମୁଦ୍ରାରେ ଟ୍ରମ୍ପଙ୍କ ଦସ୍ତଖତ

ୱାସିଂଟନ, ୨୭ ।୩(ଏଜେନ୍ସି): ଆମେରିକା ସରକାର ନିଜର କାଗଜ ମୁଦ୍ରା (ଡଲାର) ଉପରେ ଏକ ବଡ଼ ତଥା ଐତିହାସିକ ପରିବର୍ତ୍ତନ କରିବାକୁ ଯାଉଛନ୍ତି। ଏଣିକି ନୂତନ ଆମେରିକୀୟ ଡଲାର ନୋଟ୍‌ରେ ରାଷ୍ଟ୍ରପତି ଡୋନଲ୍ଡ ଟ୍ରମ୍ପଙ୍କ ଦସ୍ତଖତ ରହିବ। ଆମେରିକା ସ୍ୱାଧୀନତାର ୧୫୦ତମ ବାର୍ଷିକୀ ଅବସରରେ ଏବେ ସମସ୍ତ ନୂଆ କାଗଜ ନୋଟ୍‌ରେ ଟ୍ରମ୍ପଙ୍କ ଦସ୍ତଖତ ଦେଖିବାକୁ ମିଳିବ। ଇତିହାସରେ ଏପରି ପ୍ରଥମଥର ଘଟିବାକୁ ଯାଉଛି। ଆମେରିକା ଇତିହାସରେ ପ୍ରଥମଥର ପାଇଁ ଜଣେ କାର୍ଯ୍ୟରତ ରାଷ୍ଟ୍ରପତିଙ୍କ ଦସ୍ତଖତ ନୋଟ ଉପରେ ରହିବ। ଏହି କ୍ରମରେ ୧୬୫ ବର୍ଷର ପରମ୍ପରା ଭାଙ୍ଗିବାକୁ ଯାଉଛି। ୧୮୬୧ ମସିହାରୁ ଚାଲିଆସୁଥିବା ପରମ୍ପରାର ଅନ୍ତ ଘଟାଇ, ସରକାର ୟୁଏସ୍ ଟ୍ରେଜରରଙ୍କ ଦସ୍ତଖତ ନୋଟ୍‌ରୁ ହଟାଇଛନ୍ତି। ଆସନ୍ତା ଜୁନ୍ ମାସରୁ ଟ୍ରମ୍ପଙ୍କ ଦସ୍ତଖତ ଥିବା ପ୍ରଥମ ୧୦୦ ଡଲାର ବିଲ୍ (ନୋଟ) ଛପାଯିବ। ଏହାପରେ ପର୍ଯ୍ୟାୟକ୍ରମେ ଅନ୍ୟ ସମସ୍ତ ନୋଟ୍‌ରେ ମଧ୍ୟ ଏହି ପରିବର୍ତ୍ତନ କରାଯିବ। କେବଳ କାଗଜ ନୁହେଁ, ଜୁଲାଇ ୪ ତାରିଖ ସ୍ୱାଧୀନତା ଦିବସ ଅବସରରେ ଏକ ୨୪ କ୍ୟାରେଟ ସୁନା ମୁଦ୍ରା ମଧ୍ୟ ଜାରି କରାଯିବ, ଯେଉଁଥିରେ ଟ୍ରମ୍ପଙ୍କ ପ୍ରତିକୃତି ରହିବ।

## ଟ୍ରମ୍ପଙ୍କ ପାଇଁ ଖାର୍ଗ ଦ୍ୱୀପ ପାଲଟିବ 'ଗାଲିପୋଲି': ଇରାନ

ୱାଶିଂଟନ, ୨୭ ।୩(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ତୈଳ ରପ୍ତାନୀର ମୁଖ୍ୟ କେନ୍ଦ୍ର ଖାର୍ଗ ଦ୍ୱୀପ ଉପରେ ସ୍ଥଳଭାଗରେ ଆକ୍ରମଣ କରିବାକୁ ଯୋଜନା କରୁଛନ୍ତି। କିନ୍ତୁ ବିଶେଷଜ୍ଞମାନେ ଏହାକୁ ୧୦୦ ବର୍ଷ ତଳେ ବ୍ରିଟେନ କରିଥିବା ଏକ ବଡ଼ ଭୁଲ ସହିତ ତୁଳନା କରି ସତର୍କ କରାଇ ଦେଇଛନ୍ତି। ବ୍ରିଟେନର ଭୁଲକୁ ଦୋହରାଇବା ଟ୍ରମ୍ପଙ୍କ ପାଇଁ ବିପଜ୍ଜନକ ହୋଇପାରେ ବୋଲି କୁହାଯାଇଛି। ପ୍ରଥମ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ ତୁର୍କୀର 'ଡାର୍ଡାନେଲ୍ସ ଷ୍ଟ୍ରେଟ୍' ଦଖଲ କରିବାକୁ ଚେଷ୍ଟା କରିଥିଲା। ଏହାକୁ ଗାଲିପୋଲି ଅଭିଯାନ କୁହାଯାଏ। ବ୍ରିଟେନ ଭାବିଥିଲା ତୁର୍କୀର ସେନା ଦୁର୍ବଳ, କିନ୍ତୁ ସେଠାକାର ପାହାଡ଼ିଆ ଭୂଗୋଳ ଏବଂ ତୁର୍କୀ ସେନାର ପରାକ୍ରମ ଯୋଗୁଁ ପ୍ରାୟ ୨, ୫୦, ୦୦୦ ବ୍ରିଟିଶ ଓ ମିଳିତ ସେନା ମୃତାହତ ହୋଇଥିଲେ। ଶେଷରେ ବ୍ରିଟେନକୁ ଅପମାନିତ ହୋଇ ସେଠାରୁ ଫେରିବାକୁ ପଡ଼ିଥିଲା। ଶତ୍ରୁକୁ ଦୁର୍ବଳ ମନେ କରିବା ଏବଂ ଭୌଗଳିକ ସ୍ଥିତିକୁ ଅଣଦେଖା କରିବା ବ୍ରିଟେନ ପାଇଁ ମହଙ୍ଗା ପଡ଼ିଥିଲା।



ଖାର୍ଗ ଦ୍ୱୀପକୁ ଇରାନ ଏକ ଦୁର୍ଗରେ ପରିଣତ କରିଛି।

ସେଠାରେ ସ୍ଥଳଭାଗରେ ଲ୍ୟାଣ୍ଡମାଇନ୍ସ, ସମୁଦ୍ରରେ ମାଇନ୍ସ ଏବଂ ଅତ୍ୟାଧୁନିକ ମିସାଇଲ ସିଷ୍ଟମ ମୁତୟନ କରାଯାଇଛି। ଗାଲିପୋଲି ଭଳି ଇରାନର ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟ ପାହାଡ଼ିଆ। ଏଠାରେ ଆମେରକୀୟ ସୈନ୍ୟମାନେ ସହଜରେ ଶତ୍ରୁର ଟାର୍ଗେଟ ହୋଇପାରନ୍ତି। ହର୍ମୁଜ ପ୍ରଣାଳୀରେ ମାତ୍ର ୨୨ କିମି ଚଉଡ଼ା ଜଳପଥରେ ଇରାନର ଶତାଧିକ ଡ୍ରୋନ, ମିସାଇଲ ବୋଟ ଏବଂ ଆଣ୍ଟିସିପ୍ ମିସାଇଲ ମୁତୟନ ଅଛି, ଯାହା ଆମେରିକାର ବଡ଼ ଯୁଦ୍ଧ ଜାହାଜ ପାଇଁ ମରଣଯନ୍ତା ସଦୃଶ ହେବ। ଟ୍ରମ୍ପ ଏହି ଅଭିଯାନକୁ ଏକ 'ଛୋଟ ପଦକ୍ଷେପ' ବୋଲି କହୁଥିବା ବେଳେ, ଇତିହାସ କୁହେ ଯେ ଶତ୍ରୁକୁ ଦୁର୍ବଳ ମନେ କରିବା ବିପଜ୍ଜନକ ହୋଇପାରେ। ଯଦି ଏହି ଯନ୍ତାରେ ଆମେରିକା ଫସିଯାଏ, ତେବେ ଏହା ଆଉ ଏକ 'ପର୍ସିଆନ ଗାଲିପୋଲି' ଭଳବେ ଇତିହାସରେ ଲିପିବଦ୍ଧ ହେବ।

### ପ୍ରେମ, ମନୋବିଜ୍ଞାନ ଓ ସାମାଜିକ ବାସ୍ତବତା

# ବୟସ୍କଙ୍କ ପ୍ରେମରେ କମ୍ ବୟସ୍କ ମହିଳା

ନୂଆଦିଲ୍ଲୀ, ୨୭ ।୩(ଏଜେନ୍ସି): ବେଙ୍ଗାଲୁରୁର ଏକ ମେଡିକାଲ କଲେଜର ପ୍ରଫେସର ନିଜ ଛାତ୍ରୀଙ୍କୁ କ୍ଲାସରୁମ୍ ଭିତରେ ପ୍ରପୋଜ କରି ଚପଲ ମାଡ଼ ଖାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାର ଭିଡ଼ିଓ ମଧ୍ୟ ଭାଇରାଲ ହୋଇଛି। ଏହି ଘଟଣା ପୁରୁଷଙ୍କ ମନସ୍ତତ୍ତ୍ୱ ଏବଂ ବୟସ ବ୍ୟବଧାନ ଥିବା ସମ୍ପର୍କକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ମନୋବିଜ୍ଞାନୀ ଡେଭିଡ୍ ବସ୍‌ଙ୍କ ଅନୁସାରେ, ପୁରୁଷମାନେ ପ୍ରାୟତଃ କମ୍ ବୟସ୍କା ମହିଳାଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି, ଯାହାକୁ ସେମାନେ ପ୍ରଜନନ କ୍ଷମତା ଓ ଯୌବନର ସଙ୍କେତ ଭାବେ ଦେଖନ୍ତି। ଅନ୍ୟପଟେ, ମହିଳାମାନେ ଅଧିକ ବୟସ୍କ ଓ ଆର୍ଥିକ ସ୍ୱଚ୍ଛଳ ପୁରୁଷକୁ ପସନ୍ଦ କରିଥାନ୍ତି। ଆଧୁନିକ ସମାଜରେ ଏଭଳି ଏକାଧିକ ଉଦାହାରଣ ଦେଖିବାକୁ ମିଳିଛି। ବଡ଼ ସେଲିବ୍ରିଟିମାନେ କମ୍ ବୟସ୍କ ମହିଳାଙ୍କୁ ପସନ୍ଦ ଓ ପ୍ରେମ କରିଛନ୍ତି। ସେମାନଙ୍କ ମଧ୍ୟରେ ହଲିଉଡ ଅଭିନେତା ଲିଓନାର୍ଡ ଡିକାପ୍ରିଓ ସବୁଠାରୁ ଆଗରେ ଅଛନ୍ତି। ୫୦ ବର୍ଷୀୟ ଡିକାପ୍ରିଓ କେବେବି ୨୫ ବର୍ଷରୁ ଅଧିକ ମହିଳାଙ୍କୁ ଡେଟ୍ କରିନାହାନ୍ତି। ଡିକାପ୍ରିୟଙ୍କ ଏବେକାର ପ୍ରେମିକାଙ୍କ ବୟସ ୨୭ ବର୍ଷ। ସେହିପରି ଭାରତୀୟ ଅଭିନେତା ମିଳିନ୍ଦ ସୋମେନ ତାଙ୍କଠାରୁ ୨୬ ବର୍ଷ ସାନ ଅଙ୍କିତା କୋନୱାରଙ୍କୁ ବିବାହ କରିଛନ୍ତି। ଏମାନେ ୨୦୧୮ ରୁ ବିବାହ କରିଛନ୍ତି।

ଗ୍ରୀକ୍ ପୁରାଣରେ ଦେବତା ଜିୟସ୍ ସର୍ବଦା ଯୌବନର ଦେବୀଙ୍କ ପଛରେ ପଡୁଥିଲେ। ରୋମାନ କବି ଓଭିଡ୍‌ଙ୍କ 'ପିଗମାଲିଅନ' କାହାଣୀ ଅନୁସାରେ, ଜଣେ ଶିଳ୍ପୀ ନିଜେ ଗଢ଼ିଥିବା ସୁନ୍ଦରୀ ପ୍ରତିମା ପ୍ରେମରେ ପଡ଼ିଯାଆନ୍ତି।



ମନସ୍ତତ୍ତ୍ୱବିତ୍‌ଙ୍କ ଅନୁସାରେ, ବୟସ୍କ ପୁରୁଷମାନେ ଯୁବତୀମାନଙ୍କ ମଧ୍ୟରେ ନିଜର ହଜି ଯାଇଥିବା ଯୌବନକୁ ଖୋଜିଥାନ୍ତି। ମନସ୍ତତ୍ତ୍ୱବିତ ଡେଭିଡ୍ ବସଙ୍କ ଗବେଷଣା ଅନୁଯାୟୀ, ପୁରୁଷମାନେ ଜୈବିକ ଭାବେ ଅଧିକ ପ୍ରଜନନ କ୍ଷମତା ପାଇଁ ଯୁବତୀଙ୍କ ପ୍ରତି ଆକର୍ଷିତ ହୋଇଥାନ୍ତି। ଅନ୍ୟପଟେ, ମହିଳାମାନେ ସ୍ଥିରତା ଏବଂ ସମ୍ବଳ ପାଇଁ ବୟସ୍କ ପୁରୁଷଙ୍କୁ ହିଁ ପସନ୍ଦ କରିଥାନ୍ତି। 'ଦି ଇକୋନୋମିଷ୍ଟ'ର ତଥ୍ୟ ଅନୁଯାୟୀ, ଯେତେବେଳେ ମହିଳାମାନେ ଅର୍ଥନୈତିକ ଭାବେ ସ୍ୱାଧୀନ ହେଉଛନ୍ତି, ସେମାନେ ନିଜ ବୟସର ସାଥୀଙ୍କୁ ବାଛୁଛନ୍ତି। ବୟସର ବଡ଼ ବ୍ୟବଧାନ କେବଳ ଧନୀ ଲୋକଙ୍କ ମଧ୍ୟରେ ସୀମିତ ନାହିଁ, ବରଂ ଏହା ଏକ ପୁରୁଣା ପରମ୍ପରା ଭାବେ ରହିଆସିଛି। ଗବେଷଣା କହୁଛି ଯେ ବୟସର ବଡ଼ ବ୍ୟବଧାନ ଥିବା ସମ୍ପର୍କରେ ପୁରୁଷମାନେ ଅଧିକ ଖୁସି ରହୁଥିବା ବେଳେ ମହିଳାଙ୍କ ସନ୍ତୋଷ ସମୟ ସହିତ କମିଯାଇଥାଏ।

## ଆହୁରି ୭ ଦିନ କୁଆପଥର ବର୍ଷା

ଭୁବନେଶ୍ୱର, ୨୭।୩ (ସମିସ): ଓଡ଼ିଶା ଉପରେ ଏବେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟରେ ଆସନ୍ତା ୭ ଦିନ ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା, ବଜ୍ରପାତ ଓ କୁଆପଥର ଆଶଙ୍କା କରାଯାଇଛି। ଦିନ ବେଳା ବର୍ତ୍ତମାନ ରାଜ୍ୟରେ ଖରାର ପ୍ରଭାବ ଅଧିକ ରହୁଛି। ଏହି କ୍ରମରେ ଶୁକ୍ରବାର ଟିଟିଲାଗଡ଼ରେ ତାପମାତ୍ରା ୩୯.୫ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ସମ୍ବଲପୁରରେ ୩୯.୩ ଓ ଭାବନୀପାଟଣା, ସୋନପୁର ଏବଂ ଝାରସୁଗୁଡ଼ାରେ ତାପମାତ୍ରା ୩୯ ଡିଗ୍ରୀ ରେକର୍ଡ ହୋଇଛି। ଅପରାହ୍ଣ ପରେ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ସ୍ଥିତି ପାଇଁ ପାଗ ଅନୁକୂଳ ହେଉଛି। ଶୁକ୍ରବାର ମଧ୍ୟ ଭୁବନେଶ୍ୱର ସମେତ ରାଜ୍ୟର କେତେକ ସ୍ଥାନରେ ଏହି ସ୍ଥିତି ସୃଷ୍ଟି ହୋଇଛି। ଶନିବାର କିଛି ଜିଲ୍ଲାରେ ହାଲୁକା ବର୍ଷା ସହ ମୟୂରଭଞ୍ଜକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଓ ୫୦ରୁ ୬୦ କିଲୋମିଟର ବେଗରେ ଝଟକା ପବନ ବହିବା ନେଇ ପାଣିପାଗ କେନ୍ଦ୍ର ଆଶଙ୍କା କରି ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାରେ ବଜ୍ରପାତ ସହ ୪୦ରୁ ୫୦ କିଲୋମିଟର ଝଟକା ପବନ ବହିବାର ସମ୍ଭାବନା ରହିଛି। ବଜ୍ରପାତ ସହ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ଥିବା ବେଳେ ଏହି ୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଏପ୍ରିଲ ୨ ତାରିଖ ଯାଏଁ କିଛି ଜିଲ୍ଲାକୁ ବିଜୁଳି-ଘଡ଼ଘଡ଼ି ସହ ବର୍ଷା ଓ ବଜ୍ରପାତର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଗତ ୩୬ ଘଣ୍ଟାରେ ଅନେକ ସ୍ଥାନରେ ବର୍ଷା ସହ କଟକ ଓ ଖୋର୍ଦ୍ଧାରେ କୁଆପଥର ବର୍ଷା ହୋଇଥିବା ବେଳେ ୧୩ଟି ସ୍ଥାନରେ ବର୍ଷା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବାଧିକ ୧୯.୭ ମିମି ବର୍ଷା ରେକର୍ଡ ହୋଇଛି।

### ଅର୍ଥ ବିଲ୍ ଆଲୋଚନା ବେଳେ ରାଜ୍ୟସଭାରେ ଗର୍ଜିଲେ ମାନସ

# ଓଡ଼ିଶା ହକ୍ ମାଗୁଛି; ଦାନ ମାଗୁନାହିଁ

ଭୁବନେଶ୍ୱର,୨୭।୩(ସମିସ): କେନ୍ଦ୍ର ସରକାର ସର୍ବଦା 'ପୂର୍ବୋଦୟ' ବିକାଶ କଥା କହୁଛନ୍ତି; ମାତ୍ର ଏହି କଥିତ ବିକାଶ ଦର୍ଶନରେ ଓଡ଼ିଶାର ସ୍ଥାନ ନାହିଁ। ଓଡ଼ିଶା ନିରନ୍ତର ଭାବରେ କେନ୍ଦ୍ର ଅବହେଳାର ଶିକାର ହୋଇ ଚାଲିଛି। ଖଣିଜ ସମୃଦ୍ଧ ରାଜ୍ୟର ଭିତ୍ତିଭୂମିକୁ ଅର୍ଥବିଲ୍‌ରେ ଗୁରୁତ୍ୱ ଦିଆଯାଇ ନାହିଁ। ଏହା ଶୋଷଣକାରୀ ସଂଘୀୟ ବ୍ୟବସ୍ଥାକୁ ପ୍ରତିଫଳିତ କରୁଛି । ଓଡ଼ିଶା କେନ୍ଦ୍ର ସରକାରଙ୍କଠାରୁ ଦାନ ଚାହୁଁ ନାହିଁ, ନିଜର ଅଧିକାର ଚାହୁଁଛି। ମାତ୍ର କେନ୍ଦ୍ର ସରକାର ଏହପ୍ରତି କର୍ଣ୍ଣପାତ କରୁନାହାନ୍ତି। ଆମର ଧୈର୍ଯ୍ୟକୁ କେନ୍ଦ୍ର ସରକାର ଆମର ଦୁର୍ବଳତା ମନେ ନ କରନ୍ତୁ ବୋଲି ରାଜ୍ୟସଭାରେ ଗର୍ଜିଛନ୍ତି ବିଜେଡି ସାଂସଦ ମାନସ ମଙ୍ଗରାଜ ।

ଅର୍ଥ ବିଲ୍ ଉପରେ ଆଲୋଚନାରେ ଭାଗ ନେଇ ଶ୍ରୀ ମଙ୍ଗରାଜ କହିଛନ୍ତି ଏହି ଅର୍ଥବିଲ୍ ସଂଘୀୟ ବ୍ୟବସ୍ଥାରେ ପରିପନ୍ଥୀ। ପୁଣିଥରେ ଏଥିରେ ଓଡ଼ିଶା ପ୍ରତି ଅବହେଳାର ଧାରା ପ୍ରତିଫଳିତ ହୋଇଛି। ଏହି ଅର୍ଥ ବିଲ୍‌ରେ ଓଡ଼ିଶା ପ୍ରତି କୌଣସି ଅର୍ଥପୂର୍ଣ୍ଣ ଆର୍ଥିକ ପ୍ରୋତ୍ସାହନ, ଲକ୍ଷ୍ୟଯୁକ୍ତ ନୀତି ସହ ଆଞ୍ଚଳିକ ଅସନ୍ତୁଳନର ଦୂର ପାଇଁ କୌଣସି ପ୍ରୟାସ କରାଯାଇ ନାହିଁ। ଦେଶରେ ଖଣିଜ ସମ୍ପଦ ପ୍ରଦାନକାରୀ ରାଜ୍ୟ ଭାବେ ଓଡ଼ିଶାର ଅବଦାନ ସବୁଠୁ ଉପରେ। ଓଡ଼ିଶାର କୋଇଲା, ଲୁହାପଥର ଏବଂ ବାକ୍ସାଇଟ୍ ଦେଶର ଶିଳ୍ପକୁ ଇନ୍ଧନ ଯୋଗାଇବା ସହ କେନ୍ଦ୍ରୀୟ ରାଜସ୍ୱ ବୃଦ୍ଧିରେ ଯଥେଷ୍ଟ ଅବଦାନ ଦେଉଛି। ପ୍ରତିବଦଳରେ ଓଡ଼ିଶା ସୀମିତ ପୁନଃନିବେଶ, ଅପର୍ଯ୍ୟାପ୍ତ ଆର୍ଥିକ ଅନୁଦାନ ଏବଂ ଆଞ୍ଚଳିକ ଅସମାନତାର ଶିକାର ହୋଇଛି।

ଓଡ଼ିଶା ଖଣି ରାଜଭାଗ ସଂଶୋଧନ ସହ ରାଜ୍ୟ ସମ୍ପଦରୁ ଉତ୍ପନ୍ନ ରାଜସ୍ୱରୁ ଅଧିକ ଅଂଶ ଦାବି କରି ଆସିଛି । ରାଜ୍ୟର ଶିଳ୍ପ ବିକାଶ ସାଙ୍ଗକୁ ଓଡ଼ିଶାର ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆର୍ଥିକ ପ୍ରୋତ୍ସାହନ ମଧ୍ୟ ଦାବି କରାଯାଉଛି। ଅର୍ଥ ବିଲ୍‌ରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଯଥା ରେଳବାଇ ସମ୍ପ୍ରସାରଣ, ମାଲ ପରିବହନ କରିଡର, ଜାତୀୟ ଜଳପଥ-୫ ଭଳି ଅନ୍ତଃନଦୀୟ ଜଳପଥ ପାଇଁ ଆବଶ୍ୟକୀୟ ଟିକସ ବ୍ୟବସ୍ଥା କିମ୍ବା ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା ହୋଇ ନାହିଁ। ଯଦି ଆର୍ଥିକ ନୀତି ଏକ ସମ୍ପଦ-ସମୃଦ୍ଧ ରାଜ୍ୟର ଭିତ୍ତିଭୂମିକୁ ଗୁରୁତ୍ୱ ଦେଉ ନାହିଁ, ତେବେ ଏହାର ଉଦ୍ଦେଶ୍ୟ କ'ଣ ବୋଲି ଶ୍ରୀ ମଙ୍ଗରାଜ ପ୍ରଶ୍ନ କରିଛନ୍ତି। ରାଜ୍ୟର ଚାଷୀମାନେ ସାର ଅଭାବ, ଦୁର୍ବଳ କ୍ରୟ ବ୍ୟବସ୍ଥା ସାଙ୍ଗକୁ ବଜାର ସମସ୍ୟା ଆଦିରେ ଏପର୍ଯ୍ୟନ୍ତ ସଂଘର୍ଷ କରୁଛନ୍ତି। ଏହି ଅର୍ଥ ବିଲ୍ କୃଷି କ୍ଷେତ୍ରକୁ ଶକ୍ତିଶାଳୀ କରିବା ପାଇଁ ରିଲିଫ୍ କିମ୍ବା ପ୍ରୋତ୍ସାହନ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।

ଓଡ଼ିଶା ପାଇଁ ମହାନଦୀ ଜଳ ବିବାଦ ଏବଂ ପୋଲାଭରମ୍ ପ୍ରକଳ୍ପ ଭଳି ଗୁରୁତ୍ୱପୂର୍ଣ୍ଣ ଆନ୍ତରାଜ୍ୟ ପ୍ରସଙ୍ଗ ଶିରପୀଡ଼ା ହୋଇଛି। ହେଲେ କେନ୍ଦ୍ର ସରକାର ନୀତିଗତ ଭାବେ ଓ ଆର୍ଥିକ ଦୃଷ୍ଟିକୋଣରୁ ନୀରବତା ଅବଲମ୍ବନ କରୁଥିବାରୁ ଏହା ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ପ୍ରଚୁର ଅବ୍ୟବହୃତ ସମ୍ଭାବନା ରହିଛି; କିନ୍ତୁ ଆର୍ଥିକ ଅନୁଦାନ ଏବଂ ପ୍ରୋତ୍ସାହନ ବିନା ଏହି ସମ୍ଭାବନା ଏବେ ଅବହେଳିତ ହୋଇ ରହିଛି। ଏଥିପାଇଁ ନ୍ୟାୟସଙ୍ଗତ ରାଜସ୍ୱ ବଣ୍ଟନ ଏବଂ ଖଣି ରୟାଲ୍ଟି ସଂଶୋଧନ ସୁନିଶ୍ଚିତ କରିବା ସହ ଶିଳ୍ପାୟନ ଓ ଭିତ୍ତିଭୂମି ବିକାଶ ପାଇଁ ଆର୍ଥିକ ପ୍ରୋତ୍ସାହନ, ସିଧାସଳଖ ଆର୍ଥିକ ସମର୍ଥନ ଏବଂ ନୀତିଗତ ପଦକ୍ଷେପ ମାଧ୍ୟମରେ କୃଷି କ୍ଷେତ୍ରକୁ ମଜଭୁତ, ପର୍ଯ୍ୟଟନ ଏବଂ ଐତିହ୍ୟ ବିକାଶ ପାଇଁ ଅନୁଦାନ, ଆନ୍ତରାଜ୍ୟ ପ୍ରସଙ୍ଗଗୁଡ଼ିକ ପାଇଁ ଜରୁରିକାଳୀନ ଭିତ୍ତିରେ ଆର୍ଥିକ ସମର୍ଥନ ସହିତ ଏହାର ସମାଧାନ କରିବାକୁ ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି।



## ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ହତ୍ୟା

ବୀରମହାରାଜପୁର, ୨୭।୩ (ସମିସ): ଗାଁ ଦାଣ୍ଡରେ ଯୁବକଙ୍କୁ ପିଟିପିଟି ହତ୍ୟା। ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସୁବଳୟା ଥାନା ପିତମହୁଲ ଗାଁରେ ଏପରି ଏକ ଛାତିଥରା କାଣ୍ଡ ଘଟିଛି। ମୃତକ ହେଲେ, ଗ୍ରାମର ସୁମନ୍ତ ରଣା (୩୯)। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ସୁମନ୍ତଙ୍କ ବଡ଼ଭାଇ ତରଣୀକାନ୍ତ ଜେନାଙ୍କ ଅଭିଯୋଗ ଆଧାରରେ ନମ୍ବର ୫୪/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ହତ୍ୟାକାଣ୍ଡ ଘଟାଇବା ପରେ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗୁରୁବାର ସନ୍ଧ୍ୟା ପ୍ରାୟ ୭ଟାରେ ସୁମନ୍ତ ଗାଁର କିଛି ଯୁବକଙ୍କ ସହ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ଗାଁର ପ୍ରାଣବନ୍ଧୁ ସାହୁ ଓ ପିଙ୍କୁ ଜେନା ମିଳିତ ଭାବେ ସୁମନ୍ତଙ୍କୁ ପଛପଟୁ ଅତର୍କିତ ଆକ୍ରମଣ କରିଥିଲେ। ପରେ ତାଙ୍କୁ ନିସ୍ତୁକ ପିଟିଥିଲେ। ଏଥିରେ ସୁମନ୍ତଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଗ୍ରାମବାସୀଙ୍କ କହିବାନୁଯାୟୀ, ସୁମନ୍ତଙ୍କ ସହ ପ୍ରାଣବନ୍ଧୁ ଓ ପିଙ୍କୁଙ୍କ ପୂର୍ବରୁ ଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ର କରି ଦୁହେଁ ତାଙ୍କୁ ହତ୍ୟା କରିଛନ୍ତି। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ସୁବଳୟା ଆଇଆଇସି ସୁଶାନ୍ତ ପଧାନ ଓ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓଙ୍କୁ ପଚାରିବାରୁ ଫେରାର ଅଭିଯୁକ୍ତମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଛନ୍ତି।

## ଦୁର୍ଘଟଣାରେ ଦମ୍ପତି ମୃତ

ବଡ଼ଚଣା/ଧର୍ମଶାଳା, ୨୭।୩ (ସମିସ): ଯାଜପୁର ଜିଲ୍ଲା ଚଣ୍ଡିଖୋଲ ନିକଟ ଶଙ୍ଖାରିଡିହରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ଏକ ମର୍ମନ୍ତୁଦ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କର ୪ବର୍ଷର ଶିଶୁକନ୍ୟା ଗୁରୁତର ଆହତ ହୋଇଛି। ମୃତ ଦମ୍ପତି ହେଲେ, ବଡ଼ଚଣା ଥାନା ଅନ୍ତର୍ଗତ ସିହା ଗ୍ରାମର ବୈରାଗୀ ସାହୁଙ୍କ ସାନପୁଅ ସୁବ୍ରତ ସାହୁ (୩୬), ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ପାଳ(୩୦)। ଅନ୍ନପୂର୍ଣ୍ଣା ୬ ମାସର ଗର୍ଭବତୀ ଥିଲେ। ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଆଜି ସେ ସ୍ୱାମୀ ସୁବ୍ରତ ଓ ୪ବର୍ଷର ଶିଶୁକନ୍ୟା ସହ ଜାରକା ଯାଇଥିଲେ। ସେଠାରୁ କାମ ସାରି ୩ଜଣ ଯାକ ଏକ ସ୍କୁଟିରେ ଚଣ୍ଡିଖୋଲ ଆଡ଼କୁ ଫେରୁଥିବା ବେଳେ ଶଙ୍ଖାରିଡିହି ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ସ୍ଥାନୀୟ ଲୋକ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଉଭୟ ପତି-ପତ୍ନୀ ଓ ଗର୍ଭସ୍ଥ ଶିଶୁକୁ ମୃତ ଘୋଷଣା କରିଛନ୍ତି। ୪ବର୍ଷର ଶିଶୁକନ୍ୟାଟି ଚିକିତ୍ସିତ ହେଉଛି।

■ ଗର୍ଭସ୍ଥ ଶିଶୁ ବି ମୃତ
■ ୪ବର୍ଷର ଶିଶୁକନ୍ୟା ଗୁରୁତର

## ଏପ୍ରିଲରେ ମଦ ଦୋକାନ ଲଟେରୀ

ଭୁବନେଶ୍ୱର,୨୭।୩(ସମିସ): ମଦ ଦୋକାନ ପାଇଁ ଏପ୍ରିଲରେ ଲଟେରୀ ହେବ। ଏନେଇ ସୂଚନା ଦେଇଛନ୍ତି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏହି ଲଟେରୀ ଉଠାଣ ଜିଲ୍ଲାପାଳଙ୍କ ଉପସ୍ଥିତିରେ ହେବ। ଆବଶ୍ୟକ ପଡ଼ିଲେ, ଇଲେକ୍ଟ୍ରୋନିକ୍ସ ଲଟେରୀ କରାଯିବ। ଏଥର ଲଟେରୀ ଉଠାଣରେ ସ୍ୱଚ୍ଛ ପ୍ରକ୍ରିୟା ହେବ। ଗତଥର ଲଟେରୀ ପାଇଥିବା ଦୋକାନ ଗୁଡ଼ିକର ସମୟସୀମା ମାର୍ଚ୍ଚ ୩୧ରେ ସରୁଛି। ତେଣୁ ଆସନ୍ତାବର୍ଷ ପାଇଁ ପୁଣିଥରେ ଲଟେରୀ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

ଦୁଇ ଦିନ ତଳେ ରାଜ୍ୟ ଅବକାରୀ ବିଭାଗ ନୂଆ ଅବକାରୀ ନୀତି ଘୋଷଣା କରିଛି। ଏଥିରେ ଆଉ ନୂଆ ମଦ ଦୋକାନ ଖୋଲିବ ନାହିଁ ବୋଲି ଦର୍ଶାଯାଇଛି। ତେଣୁ, ଯେତିକି ଅଫ୍-ସପ୍ ଥିଲା, ସେସବୁର ଏମ୍‌ଜିଆର ସ୍ଥିର ହେବ ବୋଲି ଅବକାରୀ ମନ୍ତ୍ରୀ କହିଛନ୍ତି। ମାର୍ଚ୍ଚ ୩୧ ତାରିଖରେ ଲଟେରୀ ଅବଧି ଶେଷ ପରେ ସେମାନଙ୍କୁ ଆଉ ଦୁଇ ମାସ ଅଧିକ ମିଳିବ ବୋଲି ନିଷ୍ପତ୍ତି ହୋଇଛି। ଅବକାରୀ ଲାଇସେନ୍ସ ପାଇଁ ଆବେଦନ ଶୁଳ୍କ ୧୦ ପ୍ରତିଶତ ବଢ଼ାଯାଇଛି। ଲାଇସେନ୍ସ ଶୁଳ୍କ ପ୍ରତିବର୍ଷ ୧୦-୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ହୋଇଛି।

ନୂତନ ଅବକାରୀ ନୀତିରେ ତିନି ଷ୍ଟାର୍ ହୋଟେଲରେ ବାର୍‌ର ପ୍ରାବଧାନ ଥିବାରୁ ଅନ୍-ସପ୍ ଅନୁମତି ମିଳିବ। ଏହାସହ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଅବକାରୀ ଶୁଳ୍କ ଉପରେ ୦.୫ ପ୍ରତିଶତ ଡି-ଆଡିକ୍ସନ ସେସ୍ ପ୍ରଚଳନ ହେବ। ଏହା ମାଧ୍ୟମରେ ମଦକୁ କ୍ଷତିକାରକ ପଦାର୍ଥ ଭାବେ ସ୍ୱୀକାର କରାଯାଇଛି। ଏହି ସେସ୍‌ରୁ ଆସୁଥିବା ଅର୍ଥ ଡି-ଆଡିକ୍ସନ କେନ୍ଦ୍ର ସ୍ଥାପନ ଓ ସୁଦୃଢ଼ କରିବାରେ ବ୍ୟୟ ହେବ ବୋଲି ନିଷ୍ପତ୍ତି ହୋଇଛି।

## ନିର୍ବାଚନ ବିବାଦ

## ହାଇକୋର୍ଟ ବାର୍‌ର ୫ ଆଇନଜୀବୀଙ୍କୁ ରାଜ୍ୟ ଆଇନଜୀବୀ ପରିଷଦର 'କାରଣ ଦର୍ଶାଅ' ନୋଟିସ୍

କଟକ, ୨୭।୩ (ସମିସ): ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଏବଂ ହାଇକୋର୍ଟ ବାର୍ ଆସୋସିଏସନ୍‌ର କିଛି ସଦସ୍ୟଙ୍କ ମଧ୍ୟରେ ଚାଲିଥିବା ବିବାଦ ଏବେ ଉଗ୍ରରୂପ ଧାରଣ କରିଛି। ବାର୍ ଆସୋସିଏସନ ନିର୍ବାଚନ ସଂକ୍ରାନ୍ତୀୟ ନିର୍ଦ୍ଦେଶକୁ ବିରୋଧ କରି ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗରେ ହାଇକୋର୍ଟ ବାର୍‌ର ୫ଜଣ ବରିଷ୍ଠ ସଦସ୍ୟଙ୍କ ବିରୋଧରେ ପରିଷଦ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ 'କାରଣ ଦର୍ଶାଅ' ନୋଟିସ ଜାରି କରିଛି। ସଂପୃକ୍ତ ଆଇନଜୀବୀମାନେ ହେଲେ, ଅକ୍ଷାଂଶୁ ଶେଖର ନନ୍ଦୀ, ଅମୀୟ ମହାନ୍ତି, ରମେଶ ଚନ୍ଦ୍ର ବେହେରା, ହୃଦାନନ୍ଦ ମଲ୍ଲ ଏବଂ ଅମୂଲ୍ୟ ରତ୍ନ ଦାଶ।

ସୂଚନା ଅନୁଯାୟୀ, ଉକ୍ତ ୫ଜଣ ଆଇନଜୀବୀ ହାଇକୋର୍ଟ ବାର୍ ଆସୋସିଏସନର ନିର୍ବାଚନ ଅଧିକାରୀଙ୍କୁ ଏକ ପତ୍ର ଲେଖିଥିଲେ। ଏହି ପତ୍ରରେ ସେମାନେ ରାଜ୍ୟ ଆଇନଜୀବୀ ପରିଷଦ ଦ୍ୱାରା ଗଠିତ କେନ୍ଦ୍ରୀୟ ନିର୍ବାଚନ କମିଟିର ନିର୍ଦ୍ଦେଶକୁ ଆଇନ ବିରୋଧୀ, ପକ୍ଷପାତମୂଳକ ଏବଂ ନିହିତ ସ୍ୱାର୍ଥ ସମ୍ବଳିତ ବୋଲି ଦର୍ଶାଇଥିଲେ। ଏଥିସହ ପରିଷଦର ଜଣେ ସଦସ୍ୟଙ୍କ ନାମ ଉଲ୍ଲେଖ କରି ସେମାନେ ଅଭିଯୋଗ କରିଥିଲେ ଯେ ଉକ୍ତ ସଦସ୍ୟ ନିଜ ପଦବୀର ସୁଯୋଗ ନେଇ ବ୍ୟକ୍ତିଗତ ଆକ୍ରୋଶ ରଖି ନିର୍ବାଚନ ନିୟମର ଭୁଲ୍ ତର୍ଜମା କରୁଛନ୍ତି। ଆଇନଜୀବୀଙ୍କ ଏଭଳି ଆଚରଣ ପରିଷଦର ସ୍ୱାୟତ୍ତତା ଏବଂ ଆନୁଷ୍ଠାନିକ ମର୍ଯ୍ୟାଦା ପ୍ରତି ଘୋର ଅସମ୍ମାନ ବୋଲି ପରିଷଦ ବିବେଚନା କରିଛି।

ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ବାର୍ ଆସୋସିଏସନ୍ ଇଲେକ୍ସନ ରୁଲ୍‌ର ଧାରା ୫୧ ଓ ୫୨ ଅନୁଯାୟୀ କେନ୍ଦ୍ରୀୟ ନିର୍ବାଚନ କମିଟିକୁ ସର୍ବସମ୍ମତକ୍ରମେ ବୈଧାନିକ କ୍ଷମତା ପ୍ରଦାନ କରାଯାଇଛି। ଆଡଭୋକେଟ୍ ଆକ୍ଟର ଧାରା ୪୯(୧) ଅନୁଯାୟୀ, କୌଣସି ଆଇନଜୀବୀ ସାମାଜିକ ଗଣମାଧ୍ୟମ କିମ୍ବା ଲିଖିତ ଭାବେ ପରିଷଦ, ବିଚାରପତି କିମ୍ବା ନ୍ୟାୟାଳୟ ବିରୋଧରେ ସମ୍ମାନହାନିଜନକ କିମ୍ବା ନିନ୍ଦନୀୟ ମନ୍ତବ୍ୟ ଦେଇପାରିବେ ନାହିଁ। ଏହି ୫ଜଣ ଆଇନଜୀବୀଙ୍କ ମନ୍ତବ୍ୟ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଆଇନ ପେସା ପାଇଁ ନିର୍ଦ୍ଧାରିତ ଆଚାର ସଂହିତାର ଖୋଲା ଉଲ୍ଲଂଘନ ବୋଲି ପରିଷଦ କହିଛି। ଆଇନଜୀବୀମାନଙ୍କ ଦ୍ୱାରା କରାଯାଇଥିବା ଅଭିଯୋଗକୁ ମିଥ୍ୟା ଓ ନିରାଧାର ଦର୍ଶାଇ ପରିଷଦ ସେମାନଙ୍କ ବିରୋଧରେ ଆଡଭୋକେଟ୍ ଆକ୍ଟ ଧାରା ୩୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନେଇଛି। ସେମାନଙ୍କ ବିରୋଧରେ କାହିଁକି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ, ସେନେଇ କାରଣ ଦର୍ଶାଇବାକୁ ପରିଷଦ ନୋଟିସ ଜାରି କରିଛି। ଏହି ଘଟଣା ଏବେ ହାଇକୋର୍ଟ ବାର୍ ପରିସରରେ ଚର୍ଚ୍ଚାର ବିଷୟ ପାଲଟିଛି।

■ ଆଚାର ସଂହିତା ଉଲ୍ଲଂଘନ ଓ ପରିଷଦର ମର୍ଯ୍ୟାଦା ହାନି ଅଭିଯୋଗ
■ ଧାରା ୩୫ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଚେତାବନୀ

## ନୂଆ ଅବକାରୀ ନୀତି

## ପୁରୀକୁ ଦିନରେ ଲଣ୍ଡନ ଦେଖାଇଲେ ମନ୍ତ୍ରୀ

ପୁରୀ, ୨୭।୩ (ସମିସ): ନୂଆ ଅବକାରୀ ନୀତିକୁ ନେଇ ଏବେ ପୁରୀରେ ସବୁଠୁ ଅଧିକ ଚର୍ଚ୍ଚା। ଆଉ ଏହି ଚର୍ଚ୍ଚାକୁ ଖୋରାକ୍ ଯୋଗାଇ ଦେଇଛନ୍ତି ଖୋଦ୍ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ନୂଆ ଅବକାରୀ ନୀତିକୁ ନେଇ ମନ୍ତ୍ରୀ ଶ୍ରୀକ୍ଷେତ୍ର ପୁରୀ ପ୍ରସଙ୍ଗରେ ଯାହା କହିଛନ୍ତି, ତାହା କେବଳ ଧର୍ମକୁ ଆଖିଠାର ବୋଲି ଲୋକେ କଥା ହେଉଛନ୍ତି। ଶ୍ରୀମନ୍ଦିର ଏବଂ ବଡ଼ଦାଣ୍ଡ ପାଖରେ ଆଦୌ ମଦ ଦୋକାନ ନଥିବା ବେଳେ ମନ୍ତ୍ରୀ ମଦମୁକ୍ତ କଥା କହି ଶ୍ରୀକ୍ଷେତ୍ର ପୁରୀକୁ ନିଶାମୁକ୍ତ କରିବା ପାଇଁ ଦୀର୍ଘବର୍ଷ ହେବ ଲଢ଼େଇ କରିଆସୁଥିବା ବ୍ୟକ୍ତି ଏବଂ ଅନୁଷ୍ଠାନ ପ୍ରତି ଏକପ୍ରକାର ଉପହାସ କରିଛନ୍ତି।

ସବୁଠୁ ବଡ଼ କଥା ହେଉଛି, ଏହି ନୂଆ ଅବକାରୀ ନୀତିରେ ମନ୍ତ୍ରୀ ଶ୍ରୀମନ୍ଦିର ଆଉ ବଡ଼ଦାଣ୍ଡର ନିର୍ଦ୍ଦିଷ୍ଟ କେତେ ପରିସୀମା ମଧ୍ୟରେ ମଦ ଦୋକାନ ରହିବ ନାହିଁ, ତାହା ସ୍ପଷ୍ଟ କରିନାହାନ୍ତି। ମନ୍ତ୍ରୀଙ୍କ ନଜରରେ 'ପାଖ'ର ସଂଜ୍ଞା କ'ଣ ଆଉ ଏହାର ଦୂରତା କେତେ ବୋଲି ବୁଦ୍ଧିଜୀବୀ ପରସ୍ପରକୁ ପ୍ରଶ୍ନ କରୁଛନ୍ତି। ତେଣୁ, ମନ୍ତ୍ରୀ ନୂଆ ଅବକାରୀ ନୀତିରେ ପୁରୀକୁ ଦିନରେ ଲଣ୍ଡନ ଦେଖାଇ ଦେଇଛନ୍ତି ବୋଲି ଆଲୋଚନା ହେଉଛି।

ରାଜ୍ୟ ସରକାର ଆଣିଛନ୍ତି ନୂଆ ଅବକାରୀ ନୀତି। ବର୍ଷିକିଆ ବଦଳରେ ଆଣିଛନ୍ତି ତିନିବର୍ଷିଆ ଅବକାରୀ ନୀତି। ଏହି ନୀତି ଅନୁଯାୟୀ, ରାଜ୍ୟରେ ଆଉ ଖୋଲିବନି ନୂଆ ଠିପିବନ୍ଦ କିମ୍ବା ଦେଶୀମଦ ଦୋକାନ। ଗାଁ ଅଞ୍ଚଳରେ ନୂତନ ଠିପି ଖୋଲା ଦୋକାନ ଖୋଲିବା ନେଇ ଅନୁମୋଦନ ଦିଆଯିବ ନାହିଁ। ଧାର୍ମିକ ଓ ସାଂସ୍କୃତିକ ଭାବନାକୁ ସମ୍ମାନ ଦେଇ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଓ ବଡ଼ଦାଣ୍ଡ ପାଖରେ କୌଣସି ଅବକାରୀ ଦୋକାନ ଚାଲୁ ହେବ ନାହିଁ। ନୂଆ ଅବକାରୀ ନୀତି ସମ୍ପର୍କରେ ବିଧାନସଭାରେ ବିବୃତ୍ତି ଦେବା ବେଳେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ, ବଡ଼ଦାଣ୍ଡ ଓ ଶ୍ରୀଜଗନ୍ନାଥ ମନ୍ଦିରର ଚାରିପାର୍ଶ୍ୱରେ ମଦ ଦୋକାନ ଖୋଲିବ ନାହିଁ ବୋଲି ଘୋଷଣା କରିଥିଲୁ। କିନ୍ତୁ ଏଥର ନୀତିରେ ବି ତାହା ଆସିଛି।

ମନ୍ତ୍ରୀଙ୍କ ଏହି ବିବୃତ୍ତି ପରେ ଏହାକୁ ନେଇ ପୁରୀରେ ବେଶ୍ ଚର୍ଚ୍ଚା ଚାଲିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱ କିମ୍ବା ବଡ଼ଦାଣ୍ଡର ଉଭୟପାର୍ଶ୍ୱରେ କୌଣସି ମଦ ଦୋକାନ ନାହିଁ। କିନ୍ତୁ, ନୂଆ ଅବକାରୀ ନୀତିରେ ଏହା ସ୍ଥାନ ପାଇବା ଏବଂ ବିଭାଗୀୟ ମନ୍ତ୍ର ଏ ବାବଦରେ ବିବୃତ୍ତି ରଖିବାକୁ ନେଇ ବୁଦ୍ଧିଜୀବୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି।

ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି ମନ୍ତ୍ରୀ କେବଳ ବାହାସ୍ଫୋଟ ମାରିଛନ୍ତି। ପୁରୀରେ ମଦ ଦୋକାନ କେତେ ରହିଛି ଏବଂ କେଉଁଠି ରହିଛି, ସେ ସମ୍ପର୍କରେ ମନ୍ତ୍ରୀ ପାଖରେ ସଠିକ୍ ଖବର ଅଛି ତ? ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୂଆ ଅବକାରୀ ନୀତିରେ ଉଲ୍ଲେଖ ଅଛି ଏବଂ ମନ୍ତ୍ରୀ ମଧ୍ୟ କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱ ଏବଂ ବଡ଼ଦାଣ୍ଡ ପାଖରେ କୌଣସି ମଦ ଦୋକାନ ଖୋଲାଯିବ ନାହିଁ। ତେବେ ଏହି ପାଖଟା ଯେ କେତେ, ତାହା ସ୍ପଷ୍ଟ କରାଯାଇପାରିନାହିଁ। ନିର୍ଦ୍ଦିଷ୍ଟ ଭାବେ କେତେ କିମି ବା ପରିଧି ସମ୍ପର୍କରେ ସ୍ପଷ୍ଟ କରା ନ ଯିବା ପଛର ରହସ୍ୟ କ'ଣ? ଯଦି ମନ୍ତ୍ରୀ କେତେ କିମି ପରିଧି ଘୋଷଣା କରିଥାନ୍ତେ, ଜଣାପଡ଼ିଥା'ନ୍ତା ସରକାର ପୁରୀର ଧାର୍ମିକ ଏବଂ ସାଂସ୍କୃତିକ ଭାବନା ପ୍ରତି ସମ୍ମାନ ଦେଉଛନ୍ତି। କିନ୍ତୁ, ତାହା ନ କରି ଧର୍ମକୁ ଆଖିଠାର ଭଳି ମନ୍ତ୍ରୀ ବିବୃତ୍ତି ଦେଇ ବାହାବା ନେବାକୁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି ସଞ୍ଜୀବ।

ଅନ୍ୟପକ୍ଷରେ, ସରକାର ଘୋଷଣା କରିଥିବା ତିନିବର୍ଷିଆ ଅବକାରୀ ନୀତିକୁ ଓଡ଼ିଶା ଯୁବ ଚେତନା ସଙ୍ଗଠନ, ନିର୍ମାଲ୍ୟ ଓ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ଏହି ସଙ୍ଗଠନ ସହ ପୁରୀର ଅନେକ ସଙ୍ଗଠନ, ମଦମୁକ୍ତ ଓ ଆମିଷମୁକ୍ତ ବଡ଼ଦାଣ୍ଡ ପାଇଁ ଦୀର୍ଘ ୨୫ ବର୍ଷ ହେବ ଦାବି କରିଆସୁଛନ୍ତି। ଏବେ ସରକାର ପୁରୀ ବଡ଼ଦାଣ୍ଡ ସମେତ ମନ୍ଦିର ଚତୁଃପାର୍ଶ୍ୱରେ ମଦ ଦୋକାନ ରହିବ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ହେଲେ ଏସବୁ ଅଞ୍ଚଳରେ ମଦ ଦୋକାନ ନାହିଁ। ଏଣୁ, ମନ୍ଦିରଠାରୁ କେତେ କିଲୋମିଟର ପରିଧି (ବଳୟ ମଧ୍ୟରେ) ମଦ ଦୋକାନ ରହିବ ନାହିଁ, ତାହାର ସୀମା ନିର୍ଦ୍ଧାରଣ ଏକ ବଡ଼ ଆବଶ୍ୟକତା ବୋଲି ସଙ୍ଗଠନର ରାଜ୍ୟ ସଭାପତି ବଦ୍ରି ମିଶ୍ର ପ୍ରକାଶ କରିଛନ୍ତି। ଏଥିସହ କିଛି ମାସ ତଳେ ଆଇନ ମନ୍ତ୍ରୀ, ବଡ଼ଦାଣ୍ଡକୁ ଆମିଷମୁକ୍ତ କରିବାକୁ ଘୋଷଣା କରିଥିଲେ ହେଁ ଏବେ ମଧ୍ୟ ବଡ଼ଦାଣ୍ଡରେ ୬୪ଟି ଦୋକାନରେ ଆମିଷ ବିକ୍ରି ହେଉଛି। ଏ ଦିଗରେ ସରକାର ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ଶ୍ରୀ ମିଶ୍ର ଅନୁରୋଧ କରିଛନ୍ତି।

■ ଶ୍ରୀମନ୍ଦିର, ବଡ଼ଦାଣ୍ଡ ପାର୍ଶ୍ୱରେ ମଦ ଦୋକାନ ନାହିଁ
■ ଅବକାରୀ ମନ୍ତ୍ରୀ ମଦମୁକ୍ତ କରିବେ କାହାକୁ?
■ ପରିଧି ଘୋଷଣା ନ ହେବା ପଛର କାରଣ କ'ଣ?

## ଓପିଏସ୍‌ସିରେ ବ୍ୟାପକ ଅନିୟମିତତା

## ସରକାରଙ୍କୁ ଆଶାୟୀଙ୍କ ନିଶାଣ

ଭୁବନେଶ୍ୱର,୨୭ ।୩(ସମିସ): ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଏବଂ ଉଚ୍ଚ ନ୍ୟାୟାଳୟକୁ ମିଥ୍ୟା ପ୍ରମାଣପତ୍ର ଦେଇ ଓଡ଼ିଶା ବନସେବା (ଓଏଫ୍‌ଓଏସ୍) ଚାକିରି ପାଇବା ଏବଂ ଧରାପଡ଼ିବା ପରେ ମଧ୍ୟ ସମ୍ପୃକ୍ତ ପ୍ରାର୍ଥୀଙ୍କ ବିରୋଧରେ କୌଣସି କାର୍ଯ୍ୟନୁଷ୍ଠାନ ନେଉନଥିବାରୁ ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଓପିଏସ୍‌ସିରେ ଚାଲିଥିବା ବ୍ୟାପକ ହେରଫେର୍ ଉଜାଗର କରିବା ସହ ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ରହୁନଥିବା ଅଭିଯୋଗ କରିଛନ୍ତି। ସେହିପରି, ବହୁଚର୍ଚ୍ଚିତ ପୁଲିସ୍ ଏସ୍‌ଆଇ ପରୀକ୍ଷା ନେଇ ଆଶଙ୍କା ଲାଗି ରହିଥିବା ବେଳେ ପରୀକ୍ଷା କେବେ ହେବ ଏବଂ କିଏ କରିବ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସେ ପ୍ରଶ୍ନ କରିଛନ୍ତି।

ରାଜ୍ୟର ସର୍ବୋଚ୍ଚ ନିଯୁକ୍ତି ପ୍ରଦାନକାରୀ ସଂସ୍ଥା ଓପିଏସ୍‌ସିରେ ଜାଲିଆତି କରି ଓଏଫ୍‌ଓଏସ୍ ଚାକିରି ପାଇଥିବା ପ୍ରଦୀପ କୁମାର ସ୍ୱାଇଁ ନାମକ ପ୍ରାର୍ଥୀଙ୍କ ବିରୋଧରେ ମାଳମାଳ ଅଭିଯୋଗ ସତ୍ତ୍ୱେ ଓପିଏସ୍‌ସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ତାଙ୍କ ସହ ପ୍ରିୟାଂଶୁ ବାରିକ ନାମକ ଆଉ ଜଣେ ପ୍ରାର୍ଥୀ ମିଳିତ ଭାବେ ଫେକ୍ ପ୍ରମାଣପତ୍ର ଦେଇ ଚାକିରି ପାଇଛନ୍ତି। କ୍ୟାପିଟାଲ୍ ହସ୍ପିଟାଲ୍‌ର ପ୍ରେସକ୍ରିପସନ୍‌କୁ ଏଡିଟିଂ କରି ହାଇକୋର୍ଟଙ୍କୁ ମଧ୍ୟ ବିଭ୍ରାନ୍ତି କରିଛନ୍ତି। ଏ ସମ୍ପର୍କରେ ଗତ ୨୨ତାରଖରେ ଦୈନିକ 'ସକାଳ'ରେ ଜାଲ୍ ପ୍ରମାଣପତ୍ରରେ ଚାକିରି, ଓପିଏସ୍‌ସି ନିଦାବିଷ୍ଟୁ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ମଧ୍ୟ ଓପିଏସ୍‌ସି ବା ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏହା ଅନ୍ୟ ଆଶାୟୀଙ୍କୁ ବ୍ୟଥିତ କରିବା ସହ ପରୀକ୍ଷାରେ ସ୍ୱଚ୍ଛତା ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତ୍ୱରିତ କାର୍ଯ୍ୟାନୁଷ୍ଠାନ ନ ନେଇ କାହିଁକି ବିଳମ୍ବ କରାଯାଉଛି ବୋଲି ପ୍ରଶ୍ନ କରିବା ସହ ଏହି ଘଟଣାକୁ ଚାପିଦେବାକୁ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି।

ସେହିପରି ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଧରାପଡ଼ିବା ପରେ ପୁନଃପରୀକ୍ଷା କରିବାକୁ କୌଣସି ତତ୍ପରତା ପ୍ରକାଶ ପାଉ ନଥିବାରୁ ଆଶାୟୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟରେ ମାଓ ଦମନ ଅଭିଯାନ ଚାଲିଥିବା ବେଳେ ମେଧାବୀ ପ୍ରାର୍ଥୀଙ୍କୁ ପୁଲିସ ବିଭାଗରେ ଚାକିରି ମିଳୁନାହିଁ। ଏଣୁ ଦୀର୍ଘ ଦିନରୁ ପରୀକ୍ଷା ପ୍ରସ୍ତୁତି କରୁଥିବା ଛାତ୍ରଛାତ୍ରୀମାନେ ମାଓବାଦୀ ହେବାକୁ ବାଧ୍ୟ ହେବେ ବୋଲି ସରକାରଙ୍କୁ ଚେତାଇ ଦେଇଛନ୍ତି।

ଅପରପକ୍ଷେ, ସମସ୍ତ ପ୍ରକାର ବର୍ଦ୍ଧିଧାରୀଙ୍କ ପାଇଁ ସରକାର ଓୟୁଏସ୍‌ଏସ୍‌ଏସ୍‌ସି ଗଠନ କରିଥିଲେ ମଧ୍ୟ ପୁଲିସ ଏସ୍‌ଆଇ ପରୀକ୍ଷା କିଏ କରିବ, ସେନେଇ ସରକାର କୌଣସି ସ୍ପଷ୍ଟତା ଆଣୁ ନାହାନ୍ତି। ଏଣୁ ପରୀକ୍ଷା କେବେ ହେବ ଓ କିଏ ପରିଚାଳନା କରିବ, ସେନେଇ ସରକାର ସ୍ପଷ୍ଟୀକରଣ ରଖନ୍ତୁ। ଅନ୍ୟଥା ପୁଣି ଆଶାୟୀମାନେ ବିଧାନସଭା ଘେରାଉ କରିବାକୁ ବାଧ୍ୟ ହେବେ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଛନ୍ତି।

### ପୁଲିସ ଏସ୍‌ଆଇ ପରୀକ୍ଷା ନେଇ ସ୍ୱଚ୍ଛତା ଦାବି




# ନାଲକୋ ନଗରରେ ବାସନ୍ତିକ ଦୁର୍ଗାପୂଜା

ନାଲକୋନଗର,୨୭ ।୩(ସମିସ): ନାଲକୋନଗର ସୌରୀ କ୍ଷେତ୍ର ପ୍ରାଙ୍ଗଣ ଅସ୍ଥାୟୀ ମାର୍କେଟ କମ୍ପେ୍ଲକ୍ସରେ ୩୨ତମ ବାସନ୍ତିକ ଦୁର୍ଗାପୂଜା ଅନୁଷ୍ଠିତ ହୋଇଛି। ଗୁରୁବାର ମହାଷ୍ଟମୀ ପୂଜା, ଚଣ୍ଡୀପୂଜା ହୋଇଥିଲା। ମୁଖ୍ୟ ପୂଜକ ରବୀନ୍ଦ୍ର କୁମାର ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ବାଉରୀ ମିଶ୍ର ଓ ଚିନ୍ମୟୀ ମିଶ୍ର ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁକ୍ରବାର ଶ୍ରୀ ରାମ ନବମୀ ଉତ୍ସବ ଅନୁଷ୍ଠିତ ହୋଇଛି। ଶନିବାର ଦଶମୀ ପୂଜା, ଅପରାଜିତା ପୂଜା, ମିଷ୍ଟାନ୍ନ ନୈବେଦ୍ୟ, ବନ୍ଦାପନା, ଭିକ୍ଷା ମୁଠି, ଘଟ ବିସର୍ଜନ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ପୂଜା କମିଟି ସଭାପତି କାଳନ୍ଦୀ କୁମାର ଜେନା, ସମ୍ପାଦକ ସୁଧୀର କୁମାର ମିଶ୍ର, ସନାତନ କରଣ, ମହେନ୍ଦ୍ର ସାହୁ, ଅଭିମନ୍ୟୁ ପାତ୍ର, ରାଜକିଶୋର ନାୟକ, ସନ୍ତୋଷ କୁମାର ବିଶ୍ୱାଳ, ନଳିନୀକାନ୍ତ ପଣ୍ଡା ସହଯୋଗ କରୁଛନ୍ତି।



# ଜୈବବିବିଧତା ବୋର୍ଡ ପକ୍ଷରୁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ



ଅନୁଗୋଳ,୨୭ ।୩(ସମିସ): ଓଡ଼ିଶା ଜୈବବିବିଧତା ବୋର୍ଡ ପକ୍ଷରୁ ଜୈବବିବିଧତା ପରିଚାଳନା ସମିତି କର୍ମକର୍ତ୍ତାଙ୍କ ଦକ୍ଷତାବୃଦ୍ଧି କାର୍ଯ୍ୟକ୍ରମ ଅନୁଗୋଳ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଅନୁଗୋଳ ବନଖଣ୍ଡ ଏବଂ ସାତକୋଶିଆ ବନ୍ୟପ୍ରାଣୀ ଅନ୍ତର୍ଗତ ୧୨ଟି ଜୈବବିବିଧତା ପରିଚାଳନା ସମିତିର ୧୧୭ ଜଣ ବିଏମସି ସଭ୍ୟସଭ୍ୟା ଏଥିରେ ଅଂଶଗ୍ରହଣ କରିଥିଲେ। ଅନୁଗୋଳ ସର୍କଲ ଆଞ୍ଚଳିକ ମୁଖ୍ୟ ବନସଂରକ୍ଷକ ଡ. ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ସମ୍ପ୍ରତି ଶାଗୁଣା, ଘରଚଟିଆ, ବାଇଚଢ଼େଇ, ଘଡ଼ିଆଳ କୁମ୍ଭୀର, କଇଁଛ ପ୍ରଭୃତି ଜୀବଙ୍କ ସଂଖ୍ୟା ହ୍ରାସ ପାଉଥିବାରୁ ଜୈବବିବିଧତା ସଂରକ୍ଷଣ ପ୍ରତି ବିପଦ ସୃଷ୍ଟି ହୋଇଛି। ଜଙ୍ଗଲ, ଜୀବଜନ୍ତୁ, ବିଭିନ୍ନ ଭୂମିରୂପ, ଜଳାଶୟ, କୃଷି ଜମି, ପ୍ରଭୃତି ଜୈବବବିଧତାର ସଂରକ୍ଷଣ ଓ ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ବିଏମସି ଆନ୍ତରିକତାର ସହ କାର୍ଯ୍ୟକରି ଉଦାହରଣ ସୃଷ୍ଟି କରିବାକୁ ଡ. ସ୍ୱାଇଁ ପରାମର୍ଶ ଦେଇଥିଲେ। ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁର ପ୍ରତିରୋଧ କ୍ଷେତ୍ରରେ ଗ୍ରାମବାସୀଙ୍କର ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଜୟଶଙ୍କର ପ୍ରଧାନ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ସତ୍ୟନାରାୟଣ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଦେବାଶିଷ୍ ମିଶ୍ର, ସହକାରୀ ଉଦ୍ୟାନ ଅଧିକାରୀ ଐଶ୍ୱର୍ଯ୍ୟା ସାହୁ, ଅନୁଗୋଳ ବ୍ଲକ ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରାଏ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଜୟଶ୍ରୀ ଛତ୍ରିଆ ପ୍ରମୁଖ ଯୋଗଦେଇ ନିଜ ବିଭାଗରେ ରହିଥିବା ଜୈବବିବିଧତା ସମ୍ପର୍କିତ ସୁରକ୍ଷା ଦିଗରେ ଆଲୋକପାତ କରିଥିଲେ। ଜଙ୍ଗଲ ନିଆଁର ପ୍ରତିରୋଧ ଓ ନିୟନ୍ତ୍ରଣ ଏବଂ ଜଙ୍ଗଲ ଓ ବନ୍ୟଜନ୍ତୁ ଜୈବବିବିଧତାର ସଂରକ୍ଷଣ ନେଇ ପରିବେଶବିତ୍ ପ୍ରସନ୍ନ କୁମାର ବେହେରା ସମସ୍ତଙ୍କୁ ଶପଥପାଠ କରାଇଥିଲେ। ସାଧନବ୍ୟକ୍ତି ଭାବେ ଓଡ଼ିଶା ଜୈବବିବିଧତା ବୋର୍ଡର ଉପବନସଂରକ୍ଷକ ଶିଶିର କୁମାର ମିଶ୍ର ଜୈବବବିଧତାର ସୁରକ୍ଷା ଓ ପରିଚାଳନା କ୍ଷେତ୍ରରେ ବିଏମସିର ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଓଡ଼ିଶା ଜୈବବିବିଧତା ବୋର୍ଡର ସଂଯୋଜକ ଡ. ଶୁଭ୍ରାଂଶୁ କୁମାର ନାୟକ କୃଷି ଜୈବବିବିଧତା, ଅଣୁଜୀବ ସଂରକ୍ଷଣ, ଦେଶୀୟ ବିହନର ସୁରକ୍ଷା, ଜଙ୍ଗଲୀ କିସମ କୃଷି, ମିଲେଟ୍ କୃଷି ଉପରେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଦ୍ଭିଦ ବିଜ୍ଞାନୀ ଡ. ପ୍ରଭାତ କୁମାର ଦାସ, ବନ୍ୟଜୀବ ବିଶେଷଜ୍ଞ ଡ. ଶିବପ୍ରସାଦ ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜୈବବିବିଧତା ପରିଚାଳନା ସମିତି ଅଧକ୍ଷ ବୀରେନ୍ ପ୍ରଧାନ, ସୁଶୀଲ୍ କୁମାର ପ୍ରଧାନ, ପ୍ରଦୀପ କୁମାର ସାହୁ, ମୁରଲୀଧର ବେହେରା ପ୍ରମୁଖ ନିଜ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରକୃତି, ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଏକ ଫଟୋ ପ୍ରଦର୍ଶନୀ କରାଯାଇଥିଲା। ସମିତିର କୋଷାଧକ୍ଷ ଶ୍ୟାମସୁନ୍ଦର ଦାସ, ସଂଯୋଜକ ପ୍ରିୟବ୍ରତ ବେହେରା, ଲିକୁନ ପ୍ରଧାନ, ରବୀନ୍ଦ୍ର ସାହୁ, ବିନୟ ସାହୁ ପ୍ରମୁଖ ସହଯୋଗ କରିଥିଲେ।

● ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# କମ୍ପ୍ୟୁଟର ବିଭାଗରେ ଆଲୋଚନା ଓ କର୍ମଶାଳା

ଅନୁଗୋଳ,୨୭ ।୩(ସମିସ): ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର କମ୍ପ୍ୟୁଟର ବିଜ୍ଞାନ ବିଭାଗ ଆନୁକୂଲ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଅଗ୍ରଣୀ କାର୍ଯ୍ୟ: ଆଧୁନିକ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଉତ୍ପାଦନ ବୃଦ୍ଧି ସମ୍ପର୍କିତ କର୍ମଶାଳା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଡ. ବସନ୍ତ କୁମାର ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ସଭାପତିତ୍ୱ କରିଥିଲେ। କମ୍ପ୍ୟୁଟର ବିଭାଗ ମୁଖ୍ୟ ସହକାରୀ ପ୍ରାଧ୍ୟାପକ ସମିତ କୁମାର ପ୍ରଧାନ ସ୍ୱାଗତ ସମ୍ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧକ୍ଷ ଡ. ସାହୁ ଛାତ୍ରଛାତ୍ରୀଙ୍କୁ କମ୍ପ୍ୟୁଟର ବିଜ୍ଞାନ ଦିଗରେ ନୂତନ ଦିଗନ୍ତ ସମ୍ପର୍କରେ ଉତପ୍ରେରିତ କରିଥିଲେ। ନିମନ୍ତ୍ରିତ ବକ୍ତା ଭାବେ ସରଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର କମ୍ପ୍ୟୁଟର ବିଭାଗ ମୁଖ୍ୟ ପ୍ରଫେସର ଡ. ଶ୍ରୀନିବାସ ସେଠୀ ଯୋଗଦେଇ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗାତ୍ମକ ଦିଗ ଉପରେ ଦିଗଦର୍ଶନ ଦେଇଥିଲେ। ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ସହକାରୀ ପ୍ରାଧ୍ୟାପକ ଡ. ରମେଶ କୁମାର ସାହୁ, ଆଭାସୀ ମାଧ୍ୟମରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଭାଗର ଅଧ୍ୟାପକ ଜ୍ୟୋତି ପ୍ରକାଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଧ୍ୟାପିକା ସୁଚିସ୍ମିତା ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀ ସହଯୋଗ କରିଥିଲେ।




# ଜରାଜୀର୍ଣ୍ଣ ଅବସ୍ଥାରେ ତାଳଚେର ବ୍ଲକ କାର୍ଯ୍ୟାଳୟ

ତାଳଚେର,୨୭ ।୩(ସମିସ): ତାଳଚେର ବ୍ଲକ କାର୍ଯ୍ୟାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବହୁ ପୁରାତନ ଏହି କାର୍ଯ୍ୟାଳୟ ଗୃହର ସମ୍ମୁଖ ଭାଗ ବେଶ୍ ଚିକ୍କଣ କରି ଦିଆଯାଇଥିବା ବେଳେ ପଛ ପାଖରେ ଥିବା ଆଜବେଷ୍ଟସ ଗୃହଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଦଣ୍ଡାୟମାନ। ଏହି କାର୍ଯ୍ୟାଳୟ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା। ମାତ୍ର ସରକାର ପରେ ସରକାର ବଦଳୁଥିଲେ ମଧ୍ୟ ଏହାର ଅବସ୍ଥା ସୁଧୁରୁନାହିଁ। ଏଠିକାର ରାଜନେତାଙ୍କର ମଧ୍ୟ ଏଥିପ୍ରତି ନିଘା ନାହିଁ। ତୁରନ୍ତ ଏହି କାର୍ଯ୍ୟାଳୟକୁ ନୂତନ ଭାବେ ନିର୍ମାଣ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ସର୍ଭାଇଭର ନେଟୱର୍କ ସଚେତନତା ବୈଠକ



କିଶୋରନଗର,୨୭ ।୩(ସମିସ): ବିଶ୍ୱ ଯୁବକେନ୍ଦ୍ର ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ମାଧ୍ୟମରେ ବାଲ୍ୟ ବିବାହ ରୋକାଯାଇଥିବା ଝିଅ ଓ ସେମାନଙ୍କ ଅଭିଭାବକଙ୍କୁ ନେଇ ସର୍ଭାଇଭର ନେଟୱର୍କ ସଚେତନତା ବୈଠକ ଅନୁଷ୍ଠିତ ହେଇଛି। ବିଶ୍ୱ ଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ କୋଷାଧକ୍ଷା ଭାରତୀ ନାୟକ ପିଲାମାନଙ୍କୁ ଶିଶୁ ଅଧିକାର, ଶିଶୁ ଚାଲାଣ, ଶିଶୁ ନିର୍ଯାତନା ସମ୍ବନ୍ଧୀୟ ଆଇନଗତ ବ୍ୟବସ୍ଥା, ବାଲ୍ୟ ବିବାହ ନିଷେଧ ଆଇନ, ଶିଶୁ ସୁରକ୍ଷା କମିଟିର ଭୂମିକା, କିଶୋରୀ ଓ ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ଅବଗତ କରାଇଥିଲେ। କିଶୋରାବସ୍ଥାରେ ଶାରୀରିକ ପରିବର୍ତ୍ତନ, ହର୍ମୋନର ପରିବର୍ତ୍ତନ, ମାସିକ ଋତୁସ୍ରାବ ସମ୍ପର୍କିତ ସଚେତନତା, ବାଲ୍ୟ ବିବାହର କୁପ୍ରଭାବ, ଯୌନ ସଂକ୍ରାମକ ରୋଗ, ଏଡ୍ସ ଉପରେ ଆଲୋଚନା କରିଥିଲେ। ଶେଷରେ ସମସ୍ତ ପୀଡ଼ିତାଙ୍କୁ ବିଶ୍ୱ ଯୁବକେନ୍ଦ୍ର ତରଫରୁ ଉପହାର କୀଟ୍ ପ୍ରଦାନ କରାଯଇଥିଲା। ବିଶ୍ୱ ଯୁବକେନ୍ଦ୍ରର ଅଭିଷେକ ମହାପାତ୍ର, ପ୍ରକଳ୍ପ ସଂଯୋଜିକା ପୂଜା ସ୍ୱାଇଁ, ଦୀପି ଦେହୁରୀ, ପପି ଦେହୁରୀ କାର୍ଯ୍ୟରେ ସହଯୋଗ କରିଥିଲେ।

# କିଶୋରନଗର ଏସ୍‌ଭିଏମ୍‌ର ୫ ଛାତ୍ରଛାତ୍ରୀ ଓଏଭିକୁ ମନୋନୀତ







କିଶୋରନଗର,୨୭ ।୩(ସମିସ): କିଶୋରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ଏସ୍‌ଭିଏମ୍)ର ପଞ୍ଚମ ଶ୍ରେଣୀର ୫ ଛାତ୍ରଛାତ୍ରୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ରଣିଆକଟାରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ କୃତକାର୍ଯ୍ୟ ହୋଇଛନ୍ତି। ଏହି ଛାତ୍ରଛାତ୍ରୀମାନେ ହେଲେ ଅଂଶୁମାନ ପ୍ରଧାନ, ଗିତେନ ରାଉଳ, ଅନ୍ୱେଷା ବିଶ୍ୱାଳ, ହିତେଶ କୁମାର ସେଠୀ ଓ ନୀହାରିକା ମିର୍ଦ୍ଧା। ଏହି ସଫଳତା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ବିଦ୍ୟାଳୟରେ ଖୁସିର ଲହରି ଖେଳିଯାଇଛି।

# 'ଆମେ ଜାଣିବା ଆମ ବଜେଟ' ସମ୍ପର୍କିତ ପ୍ରସ୍ତୁତି ବୈଠକ

ଅନୁଗୋଳ,୨୭ ।୩(ସମିସ): ଶୁକ୍ରବାର ଅପରାହ୍ନରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ 'ଆମେ ଜାଣିବା ଆମ ବଜେଟ୍' ବିଷୟରେ ହେବାକୁ ଥିବା ପଲ୍ଲୀସଭା ଓ ଗ୍ରାମସଭା ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ ସ୍ୱାଗତ ଭାଷଣ ଦେବା ସହ ବୈଠକର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଆସନ୍ତା ୧ ଏପ୍ରିଲରୁ ୧୫ ପର୍ଯ୍ୟନ୍ତ ଓଡ଼ିଆ ପକ୍ଷ ପାଳନ କରାଯିବ। ଏହି ଅବସରରେ ଏକ ବଜେଟ୍ ସଚେତନତା କାର୍ଯ୍ୟକ୍ରମ କରାଯାଇ ପଲ୍ଲୀସଭା ଓ ଗ୍ରାମସଭା ଅନୁଷ୍ଠିତ ହେବ। ଓଡ଼ିଶା ସମ୍ପର୍କିତ କେନ୍ଦ୍ରୀୟ ବଜେଟ ଓ ରାଜ୍ୟ ବଜେଟରେ ଥିବା ଜନହିତକର ପଦକ୍ଷେପଗୁଡ଼ିକ ବିଷୟରେ ତୃଣମୂଳ ସ୍ତରରେ ଲୋକଙ୍କୁ ଅବଗତ କରାଇବା ଏହାର ଲକ୍ଷ୍ୟ। ଗ୍ରାମସଭା ଓ ପଲ୍ଲୀସଭା ଦ୍ୱାରା ବଜେଟର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ସରଳ ଭାଷାରେ ଲୋକଙ୍କ ନିକଟରେ ଉପସ୍ଥାପନ କରାଯିବ। ସରକାରଙ୍କ ଏହି ପ୍ରୟାସକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସମସ୍ତ କର୍ମଚାରୀଙ୍କ ସହଯୋଗ କାମନା କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟଜିଲ୍ଲା କୃଷି ଅଧିକାରୀ ଉମାଶଙ୍କର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରବମୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




# ଠିକା ଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ଅନଶନ

କଣିହାଁ,୨୭ ।୩(ସମିସ): ଠିକା ଶ୍ରମିକଙ୍କୁ ଛଟେଇ ପ୍ରତିବାଦରେ ଶ୍ରମିକ ସଂଗଠନ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅନଶନ ଆରମ୍ଭ ହୋଇଛି। କଣିହାଁ ବ୍ଲକ ରେଙ୍ଗାଲିସ୍ଥିତ ପାୱାରଗ୍ରୀଡ କର୍ପୋରେସନ ଅଫ ଇଣ୍ଡିଆ ଲିମିଟେଡ୍ (ପିଜିସିଆଇଏଲ୍)ରେ ପ୍ରାୟ ୩୦ ବର୍ଷ ଧରି କାମ କରୁଥିବା ୬ ଜଣ ଠିକା ଶ୍ରମିକଙ୍କୁ ହଟାଯାଇଥିବାରୁ ଏହି ଆନ୍ଦୋଳନ ଜୋରଦାର ହୋଇଛି।

ରେଙ୍ଗାଲି ପିଜିସିଆଇଏଲ୍ ୱାର୍କର୍ସ ୟୁନିୟନ ପକ୍ଷରୁ ୩ଦଫା ଦାବି ଉଠାଯାଇଛି। ଏହାମଧ୍ୟରେ ଛଟେଇ ଶ୍ରମିକଙ୍କୁ ପୁନଃନିଯୁକ୍ତି, ଇଲେକ୍ଟ୍ରିକାଲ ବିଭାଗରେ ସମସ୍ତ କାର୍ଯ୍ୟଦିନରେ କାମ ପ୍ରଦାନ ଓ ସମସ୍ତ ଶ୍ରମିକଙ୍କୁ ଇଏସଆଇ କାର୍ଡ ଯୋଗାଇବା ଦାବି ମୁଖ୍ୟ ରହିଛି। ଏଆଇୟୁଟିୟୁସି ଓ ଏଆଇପିଏଫ୍ ଶ୍ରମିକ ସଂଗଠନ ଆହ୍ୱାନରେ କାର୍ଯ୍ୟବନ୍ଦ ଆନ୍ଦୋଳନ ସହ ଏହି ଅନଶନ ଚାଲିଛି। ଏଥିରେ ୟୁନିୟନ ସଭାପତି ଜୟସେନ ମେହେର, ସାଧାରଣ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ସାହୁଙ୍କ ସହ ବିଦ୍ୟାଧର ସାମଲ, ବଂଶୀଧର ସାହୁ, କୈଳାସ ମାଝି, ଗୌତମ ସେଠୀ, ବିନୋଦ ନାଏକ ଓ ଅନ୍ୟ ଠିକା ଶ୍ରମିକ ଯୋଗଦେଇଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛନ୍ତି।




# ବ୍ଲକସ୍ତରୀୟ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକ ପ୍ରଶିକ୍ଷଣ

ବଅଁରପାଳ,୨୭ ।୩(ସମିସ): ବଅଁରପାଳ ବ୍ଲକର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟରେ ପଢୁଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ପାଇଁ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ମାର୍ଚ୍ଚ ୨୪ରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଭିନ୍ନକ୍ଷମ ଛାତ୍ରଛାତ୍ରୀ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ, ସେ ସମ୍ପର୍କରେ ତାଲିମ ଦିଆଯାଇଛି। ଏହାସହ ଶିକ୍ଷା ସମାପ୍ତ ପରେ ସେମାନେ ଦୈନନ୍ଦିନ ଜୀବନରେ ନିଜ କୌଶଳ ଓ ଶିକ୍ଷାର ଉପଯୋଗ କିପରି କରିପାରିବେ, ସେ ନେଇ ମଧ୍ୟ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ଅବଧିରେ ଦୃଷ୍ଟିବାଧିତ ଓ ଶାରୀରିକ ଅସମର୍ଥ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ଏହି ପ୍ରଶିକ୍ଷଣ ଦିଆଯିବ। କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାସହ ବଅଁରପାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଓ ଅନୁଗୋଳ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ପ୍ରୟାସରେ ପାଞ୍ଚଗଡ଼ ବିଜୟ କୁମାର ଉଚ୍ଚ ବିଦ୍ୟାଳୟରେ ଥିବା ଗୋଷ୍ଠୀ ସାଧନ କେନ୍ଦ୍ରରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଚିକିତ୍ସା, ବ୍ୟାୟାମ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ପୃଷ୍ଟି ଓ ବିଆରସିସି ସୁଶୀଲ କୁମାର ନାଏକ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏଥିରେ ଶ୍ରବଣବାଧିତ ଓ ମାନସିକ ଅନଗ୍ରସ ଛାତ୍ରଛାତ୍ରୀଙ୍କ ପାଇଁ ବାଣୀ ପ୍ରଶିକ୍ଷଣ ସହ ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରାଯାଉଛି। ଶ୍ରବଣବାଧିତ ଛାତ୍ରଛାତ୍ରୀମାନଙ୍କୁ ଶ୍ରବଣ ଯନ୍ତ୍ର ଯୋଗାଇ ଦିଆଯାଇ ବାଣୀ ପ୍ରଶିକ୍ଷଣ ଦିଆଯାଉଛି। ଏଥିରେ ୩୨ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ ଅଂଶଗ୍ରହଣ କରିଥିଲେ। ସାଧନ କର୍ମୀ ଭାବେ ସୁଧୀର କୁମାର ପାଣିଗ୍ରାହୀ, ଅଶୋକ କୁମାର ପ୍ରଧାନ ଓ ସରୋଜକାନ୍ତ ସାହୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ମଧୁସୂଦନ ପ୍ରଧାନ ଓ କଳ୍ପତରୁ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଆଜିଠୁ ତିନିଦିନ ଧରି ପାଲଲହଡ଼ା ମହୋତ୍ସବ

ପାଲଲହଡ଼ା,୨୭ ।୩(ସମିସ): ଶନିବାରଠାରୁ ତିନିଦିନ ଧରି ଆୟୋଜିତ ହେବ ପାଲଲହଡ଼ା ମହୋତ୍ସବ। ମହୋତ୍ସବ ଉପଲକ୍ଷେ ଶୁକ୍ରବାର ପାଲଲହଡ଼ା ଓ କଣିହାଁ ଅଞ୍ଚଳର ୭ଟି ଶୈବପୀଠରୁ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଖୁଲୁଡ଼ିର ବାବା ଗିରୀଶ୍ୱର ପୀଠ, ଇଞ୍ଜିଡ଼ି ପଞ୍ଚାୟତ ମଗରମୁହାଣ ଶିବ ମନ୍ଦିର, ଈଶ୍ୱରନଗର ପଞ୍ଚାୟତ ମାଲ୍ୟଗିରି ପାଦଦେଶ ସମଲ ଶିବମନ୍ଦିର, ରଜଡଙ୍ଗ ଶିବମନ୍ଦିର, ପବିତ୍ରପୁର ଶିବମନ୍ଦିର, ରେଙ୍ଗାଲି ଦେବାହାଳି ରାମେଶ୍ୱର ଶିବମନ୍ଦିର, ବୁରୁକୁନା ପଞ୍ଚାୟତ ମା' କନକେଶ୍ୱରୀ ଶକ୍ତି ପୀଠ ସରଧାପୁରରୁ ସକାଳ ୬ଟାରୁ ମଶାଲ ଶୋଭାଯାତ୍ରା ବାହାରି ପାଲଲହଡ଼ା ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଶନିବାର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମଶାଲକୁ ପାଲଲହଡ଼ା ଷ୍ଟାଡିୟମ ପରିସର ମହୋତ୍ସବସ୍ଥଳକୁ ନିଆଯିବ। ତିନିଦିନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଜିଲ୍ଲା ଏବଂ ରାଜ୍ୟର ବିଶିଷ୍ଟ ଅଧିକାରୀଙ୍କ ସମେତ ଓଲିଉଡ୍ ଏବଂ ବଲିଉଡ୍‌ର ବହୁ ନାମୀଦାମୀ କଳାକାର ଓ ସ୍ଥାନୀୟ କଳାକାର ନୃତ୍ୟ, ସଙ୍ଗୀତ ପରିବେଷଣ କରିବେ। ମହୋତ୍ସବ କମିଟି ଅଧକ୍ଷ ତଥା ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କମିଟି ଆବାହକ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ସହଯୋଗରେ ସମସ୍ତ ସରକାରୀ ଅଧିକାରୀଙ୍କୁ ମହୋତ୍ସବ ଆୟୋଜନ ଦାୟିତ୍ୱ ପ୍ରଦାନ କରାଯାଇଛି।



# କିଶୋରନଗର ଥାନାରେ ନୂତନ ଆଇଆଇସି



କିଶୋରନଗର,୨୭ ।୩(ସମିସ): କିଶୋରନଗର ଥାନାରେ ନୂତନ ଆଇଆଇସି ଭାବେ ହରେକୃଷ୍ଣ ପ୍ରଧାନ ଗୁରୁବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ପୂର୍ବରୁ ପ୍ରଧାନ ତାଳଚେର କୋଲିୟାରି ଥାନାରେ ଥିଲେ। ଏହି ଥାନାରେ ପୂର୍ବରୁ ଥିବା ଆଇଆଇସି ବିଭୂତି ପ୍ରଧାନଙ୍କ ବନ୍ତଲା ଥାନାକୁ ବଦଳି ହୋଇଥିବା ବେଳେ ତାଙ୍କ ସ୍ଥାନରେ ହରେକୃଷ୍ଣ ପ୍ରଧାନ ଯୋଗଦାନ କରିଛନ୍ତି। ଅଞ୍ଚଳରେ ଅପରାଧ ଦମନ ପ୍ରତି ଦୃଷ୍ଟି ଦେବା ସହ ଆଇନଶୃଙ୍ଖଳା ପରିସ୍ଥିତି ପ୍ରତି ବିଶେଷ ଧ୍ୟାନ ଦେବେ ବୋଲି ନୂତନ ଆଇଆଇସି ପ୍ରଧାନ ପ୍ରକାଶ କରିଛନ୍ତି।

## ୧୯ ବର୍ଷ ପରେ ବି ମିଳିଲାନି ଅନୁମତି


# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ଶ୍ରୀରାମଙ୍କୁ ଆରାଧନା କଲେ ଆମ୍ବପାଳ ଗ୍ରାମବାସୀ

ଅନୁଗୋଳ,୨୭ ।୩(ସମିସ): ରାମନବମୀ ଅବସରରେ ଶୁକ୍ରବାର ଅନୁଗୋଳ ସହରରେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଗାଁରେ ଯାତ୍ରା ପାଳନ ପାଇଁ ଅନୁମତି ମିଳୁ ନ ଥିବାରୁ ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରଭୁ ଶ୍ରୀରାମଙ୍କ ଫଟୋ ରଖି ପୂଜାର୍ଚ୍ଚନା କରିଛନ୍ତି ଆମ୍ବପାଳ ଗ୍ରାମବାସୀ। ଶତାଧିକ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଘଣ୍ଟ, ଶଙ୍ଖ, ଧୂପଦୀପ ଦେଇ ପ୍ରଭୁଙ୍କ ଆରାଧନା କରିବା ସହ ଜୟ ଶ୍ରୀରାମ ଧ୍ୱନିରେ କାର୍ଯ୍ୟାଳୟ ପରିସର ପ୍ରକମ୍ପିତ ହୋଇଥିଲା। ପ୍ରାଶାସନିକ କଟକଣା ବିରୋଧରେ ଏହା ଗ୍ରାମବାସୀଙ୍କ ଅଭିନବ ପ୍ରତିବାଦ ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

ସୂଚନା ଅନୁସାରେ ୨୦୦୭ରେ ଆମ୍ବପାଳ ଗ୍ରାମରେ କୋଇଲା ପରିବହନ ବିବାଦ ଯୋଗୁଁ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାମ ନବମୀ ଯାତ୍ରା ବନ୍ଦ ରହିଥିଲା। ଦୀର୍ଘ ୧୯ ବର୍ଷ ବ୍ୟବଧାନ ପରେ ଚଳିତ ବର୍ଷ ଗ୍ରାମବାସୀ ପୁଣି ଯାତ୍ରା ପାଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ମାତ୍ର ଏହାକୁ ନେଇ ଗାଁର ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଉପୁଜିବାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବସିଥିବା ଶାନ୍ତି କମିଟି ବୈଠକ ବିଫଳ ହୋଇଥିଲା। ଶେଷରେ ପ୍ରଶାସନ ପକ୍ଷରୁ ଯାତ୍ରା ପାଳନ ଉପରେ ରୋକ ଲଗାଯାଇଥିଲା। ଏହାର ପ୍ରତିବାଦରେ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହରିବୋଲ ଓ ହୁଳହୁଳି ପକାଇ ରାମନବମୀ ପାଳନ କରି ନିଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



# ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ



ଅନୁଗୋଳ,୨୭ ।୩(ସମିସ): ସାମାଜିକ ସଂଗଠନ "ସ୍ୱପ୍ନ' ତରଫରୁ ଜିଲ୍ଲା ବୈଧ ମାପ ଓଜନ ବିଭାଗ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ବଅଁରପାଳ ବ୍ଲକ ବଅଁରପାଳ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମକୁ ସରପଞ୍ଚ ଅନସୂୟା ଗଡ଼ନାୟକ ଉଦଘାଟନ କରି କହିଲେ, ଖାଉଟିମାନେ ସବୁ ସମୟରେ ଶୋଷଣର ଶିକାର ହେବା ସହ ନ୍ୟାର୍ଯ୍ୟ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ ପ୍ରତି ସଚେତନ ଖାଉଟି ଏଥିପାଇଁ ସ୍ୱର ଉତ୍ତୋଳନ କରିବା ଉପରେ ଗରୁତ୍ୱାରୋପ କରିଥିଲେ। ଅତିରିକ୍ତ ଯୋଗାଣ ବିଭାଗ ଅଧିକାରୀ ସନ୍ତୋଷିନୀ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଭାଗରେ ଖାଉଟିମାନଙ୍କ କଲ୍ୟାଣ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇଥିଲେ। ସାଧନ କର୍ମୀ ଭାବେ ଜିଲ୍ଲା ଖାଉଟି ବିବାଦ ବିଚାର କମିଶନର ପୂର୍ବତନ ଅଧକ୍ଷ କଲ୍ୟାଣ କିଶୋର ମହାନ୍ତି ଯୋଗଦେଇ ଖାଉଟିଙ୍କ ବିଭିନ୍ନ ସମସ୍ୟା, ସମସ୍ୟାର ଆରମ୍ଭ, ଅଧିକାର, ଆମ ଦେଶରେ ଏହି ଆଇନର ଆରମ୍ଭ, ଅନୁମୋଦନ, ସଂଶୋଧନ, ଲଘୁକରଣ, ଇତ୍ୟାଦି ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଗ୍ରାମୀଣ ବ୍ୟାଙ୍କ ପ୍ରବନ୍ଧକ ଋଷିରାଜ ସ୍ୱାଇଁ କହିଲେ, ଖାଉଟିମାନେ ସବୁ ସ୍ତରରେ ଠକାମିର ଶିକାର ହେଉଛନ୍ତି। ତେଣୁ ଏହି ଡିଜିଟାଲ ଯୁଗରେ ସମସ୍ତେ ସତର୍କତାର ସହ ଜିନିଷ କିଣିବା ସହିତ ଜାଗ୍ରତ ରହିବାକୁ ସେ ପରାମର୍ଶ ଦେଇଥିଲେ। ବଅଁରପାଳ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ପଟ୍ଟନାୟକ, ହିସାବ ରକ୍ଷକ ସୌଭାଗ୍ୟ ନାଥ ପ୍ରମଖ ପ୍ରସଙ୍ଗ ଭିତ୍ତିକ ଆଲୋଚନା କରିଥିଲେ। ସ୍ୱପ୍ନର ସଦସ୍ୟ ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ ସହ ସଭା ପରିଚାଳନା କରିଥିଲେ। ଦିଲୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏମ୍‌ବିକେ ପ୍ରଭାସିନୀ ମିଶ୍ର, ସିଆରପି ସବିତା ସାହୁ, ସୋନିଆ ମିଶ୍ର, ଅମ୍ବିକା ନାଏକ, କାମିନୀ ବେହେରା, ବିନୋତି ଭୋଇ, ସ୍ନେହଲତା ମହାପାତ୍ର, ପ୍ରମୁଖ ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ବାଇକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

# ଚାଳକକୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତାରୋକ

କେନ୍ଦ୍ରାପଡ଼ା,୨୭।୩(ସମିସ)



କେନ୍ଦ୍ରାପଡ଼ା-ବସପୁର ରାସ୍ତାର କନ୍ତିଆ ଛକରେ ଶୁକ୍ରବାର ପ୍ରାତଃ ପ୍ରାୟ ୫ଟା ବେଳେ ଏକ ଦ୍ରୁତଗାମୀ ବାଇକ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଯାଇଛି। କୁଦାନଗରୀ ଥାନା ଅନ୍ତର୍ଗତ ମାହାରାକୂଳ ଗ୍ରାମର ଭାଗବତ ଦାସ ଓ ତାଙ୍କ ପତ୍ନୀ ସୁକାନ୍ତୀ ଦାସ (୫୭) ଦିଆନପାଟଣା (ଆଇତିପୁର)ରୁ ଯାତ୍ରା ଦେଖି ଚାଲି ଚାଲି ଫେରୁଥିବାବେଳେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସୁକାନ୍ତୀଙ୍କୁ ଜୋରରେ ଧକ୍କା ଦେଇଥିଲା। ଫଳରେ ସୁକାନ୍ତୀ ରାସ୍ତା ଉପରେ ପଡିଯାଇଥିଲେ। ସୁକାନ୍ତିଙ୍କ ମୁଣ୍ଡ ରାସ୍ତାରେ ପିଟି ହୋଇ ମୁଣ୍ଡ ଓ ନାକରୁ ରକ୍ତସ୍ରାବ ହୋଇଥିଲା। ବାଇକଟି ଧକ୍କାଦେଇ ଫେରାର ହୋଇଯାଇଥିଲା। ସୁକାନ୍ତୀଙ୍କ ସ୍ୱାମୀ ଭାଗବତ ଚିତ୍କାର କରିବାରୁ ସ୍ଥାନୀୟ ଲୋକ ପହଞ୍ଚି ସୁକାନ୍ତୀଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୁକାନ୍ତୀଙ୍କ ପୁଅ ଜଗନ ଦାସ ସଦର ଥାନାରେ ଅଭିଯୋଗ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ଲୋକେ ଦୁର୍ଘଟଣାସ୍ଥଳରେ ରାସ୍ତା ଉପରେ ସୁକାନ୍ତୀଙ୍କ ମୃତଦେହ ରଖି ବାଇକ୍ ଚାଳକକୁ ଗିରଫ କରିବା ଦାବିରେ ରାସ୍ତାରୋକ କରିଥିଲେ। ପ୍ରାୟ ଅଧଘଣ୍ଟା ଧରି ସେହି ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ଅଟକି ରହିଥିଲା। ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ପୁଲିସ ଫୋର୍ସ ସହ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଅଭିଯୁକ୍ତକୁ ୩ ଦିନ ମଧ୍ୟରେ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକ ହଟିଥିଲା।

## ତୁଳସୀ କ୍ଷେତ୍ରରେ ରାମ ନବମୀ ଉତ୍ସବ ଆରମ୍ଭ

**କେନ୍ଦ୍ରାପଡ଼ା,୨୭।୩(ସମିସ):** ତୁଳସୀ କ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉଙ୍କ ମନ୍ଦିରରେ ଆଜି ଭକ୍ତିଭାବପୂର୍ଣ୍ଣ ପରିବେଶରେ ରାମ ନବମୀ ଉତ୍ସବ ଆରମ୍ଭ ହୋଇଛି। ସକାଳୁ ମନ୍ଦିରରେ ବିଧିବତ୍ ପୂଜାର୍ଚ୍ଚନା ସହ ଧୂପ ସମ୍ପନ୍ନ ପରେ ଶ୍ରୀଜୀଉଙ୍କୁ ରୌପ୍ୟ ସଜ୍ଜିତ ବେଶରେ ଶୋଭିତ କରାଯାଇଥିଲା। ମଙ୍ଗଳ ଅର୍ପଣ, ଆଳତି ଓ ବିଭିନ୍ନ ପ୍ରକାର ଭୋଗ ଲାଗି କାର୍ଯ୍ୟକ୍ରମ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ମାହୋଲ ସୃଷ୍ଟି କରିଥିଲା। ଭୋଗ ସମ୍ପନ୍ନ ପରେ ମନ୍ଦିର ବେଢ଼ାରେ ବିରାଜମାନ ରାମଜୀଉଙ୍କୁ ପବିତ୍ର ସ୍ନାନ କରାଯାଇ ନୂତନ ବସ୍ତ୍ର ଓ ପୁଷ୍ପରେ ଅଲଙ୍କୃତ କରାଯାଇଥିଲା। ଏ ଅବସରରେ ଭକ୍ତ ନିଜ ଶ୍ରଦ୍ଧାନୁସାରେ ବିଭିନ୍ନ ପ୍ରକାର ଭୋଗ ଅର୍ପଣ କରିଥିଲେ। ମନ୍ଦିର ପରିସରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଆଜିଠାରୁ ନବଦିନ ବ୍ୟାପୀ ଉତ୍ସବ ଅବସରରେ ପ୍ରତିଦିନ ରାତ୍ରି ଧୂପ ସମ୍ପନ୍ନ ପରେ ବିଜେ ପ୍ରତୀମା ଗୋବିନ୍ଦଜୀଉ ମନ୍ଦିର ବାହାରେ ଥିବା ରାମ ଟୁଙ୍ଗିକୁ ଯାତ୍ରା



କରିବେ। ଏଥିସହିତ ମନ୍ଦିର ପ୍ରଶାସନଙ୍କ ସହଯୋଗରେ ସମ୍ପୂର୍ଣ୍ଣ ରାମାୟଣ ଆଧାରିତ ରାମଲୀଳା କାର୍ଯ୍ୟକ୍ରମ ପ୍ରତିରାତି ଅନୁଷ୍ଠିତ ହେବାକୁ ଥିବା ଜଣାପଡ଼ିଛି। କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ କହିଛନ୍ତି, ଉତ୍ସବକୁ ସୁଚାରୁରୂପେ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ସମ୍ପନ୍ନ ହୋଇଛି। ଭକ୍ତଙ୍କ ସୁବିଧା ପାଇଁ ପ୍ରୟୋଜନୀୟ ବ୍ୟବସ୍ଥା କରାଯାଇଛି।

## ରାଜନଗରରେ ଶ୍ରୀରାମ ନବମୀ ଉତ୍ସବ

**ରାଜନଗର,୨୭।୩(ସମିସ):** ଶ୍ରୀରାମଙ୍କ ପବିତ୍ର ଜୟନ୍ତୀ ଉତ୍ସବ ଆଜିଠାରୁ ରାଜନଗରରେ ଆରମ୍ଭ ହୋଇଛି। ରାଜନଗର ଦେବୀ ମଣ୍ଡପରେ ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ



ଲକ୍ଷ୍ମଣଙ୍କ ସମେତ ଭରତ, ଶତ୍ରୁଘ୍ନ, ମହାବୀର ହନୁମାନ, ଜାମ୍ବବାନ, ଅଙ୍ଗଦ, ସୁଗ୍ରୀବଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ନବଦିନ ବ୍ୟାପି ରାମଚରିତ ମାନସ ପାରାୟଣ ସହ ଶ୍ରୀରାମଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ରାଜନଗର ବଣିକ ସଂଘ ପକ୍ଷରୁ ଏହି ମହୋତ୍ସବକୁ ଚଳିତବର୍ଷ ଧୂମଧାମରେ ପାଳନ କରାଯାଉଛି। ପଣ୍ଡିତ ବିଜୟ ନନ୍ଦ, ହରକୁମାର ମିଶ୍ର, ପ୍ରମୋଦ ପାଣି ରାମଚରିତ ମାନସ ପଠନ ସହ ପୂଜାର୍ଚ୍ଚନା କରୁଛନ୍ତି। ଆଜିଠାରୁ ଆରମ୍ଭ ହୋଇଥିବା ରାମାୟଣ ପାଠ ଓ ରାମ ନବାୟତନ ପୂଜା ଆସନ୍ତା ମାସ ୪ ତାରିଖ ଯାଏଁ ଚାଲିବ। ଆସନ୍ତାକାଲିଠାରୁ ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ବଣିକ ସଂଘ ସଭାପତି ବାଇଧର ସେଠୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ପଣ୍ଡିତ ଶଙ୍କର୍ଷଣ ମିଶ୍ର, ମୃତ୍ୟୁଞ୍ଜୟ ମିଶ୍ର, ଅନିରୁଦ୍ଧ ପରିଡ଼ା, ଶୂନ୍ୟବାସୀ ରାଉଳ, ସୁବାସ ସାହୁ, ସତ୍ୟବାନ ସେଠୀ, ଦେବାନନ୍ଦ ରାଉତ, ସୁରେନ୍ଦ୍ର ସାହୁ, ପ୍ରେମାନନ୍ଦ ଲେଙ୍କା, ହରେକୃଷ୍ଣ ଲେଙ୍କା, ବଟକୃଷ୍ଣ ଷଡଙ୍ଗୀ, ବିଜୟ ସାହୁ, ଦୋଳଗୋବିନ୍ଦ ଜେନା, ହୃଷିକେଶ ସାହୁ, ସୋମନାଥ ବାରିକଙ୍କ ସମେତ ସମସ୍ତ ବ୍ୟବସାୟୀ ଭାଇ ପରିଚାଳନା କରୁଛନ୍ତି।

## ଦିନଦ୍ୱିପ୍ରହରରେ ଭାଟିରୁ ହେଉଛି ମଦ ଚାଲାଣ

**ରାଜକନିକା,୨୭।୩(ସମିସ):** ରାଜକନିକା ଥାନାଞ୍ଚଳରେ ବେପରୁଆ ଭାବେ ଚୋରାମଦ ଚାଲାଣ ବଢ଼ି ଚାଲିଥିବାବେଳେ ଅବକାରୀ ବିଭାଗ ଓ ପୁଲିସ ନିରବ ରହିବା ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି। ଓଳାଭର ବଜାରରେ ଥିବା ସରକାରୀ ମଦଭାଟିରେ ପ୍ରତିଦିନ କାଉଣ୍ଟରରେ ମଦ ବିକିବାକୁ ଗୁରୁତ୍ୱ ନ ଦେଇ ପଶ୍ଚିମକନିକାର ଗାଁ ଗାଁରେ ଚୋରାମଦ କାଉଣ୍ଟର ଖୋଲି ବୋଲେରୋ ଯୋଗେ ମଦ ପହଞ୍ଚାଇବା ଜାରି ରଖିଛନ୍ତି। ସ୍ଥିତି ଏମିତି ହୋଇଛି ଯେ ଏହି ମଦଭାଟି ପାଇଁ ସ୍ୱୀକୃତି ପାଇଥିବା ବ୍ୟକ୍ତି ତାଙ୍କର ଏକ ଅନୁଗତ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଆଇନକୁ ଫାଙ୍କି ନିଜ ବ୍ୟବସାୟ ବଢ଼ାଇବା ଅବକାରୀ ନୀତିର ଖୋଲା ଉଲ୍ଲଙ୍ଘନ କରିଛି। ଓଳାଭର ମଦ କାଉଣ୍ଟରରେ ଜାରି ରହିଥିବା ଏଭଳି ବେଆଇନ କାରବାର ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଚୋରାମଦ ମାଫିଆ ଉତ୍ପାତ ଆରମ୍ଭ କରି ରାତିରେ ହେଉଥିବା ବୋଲେରୋରେ ମଦ ଚାଲାଣକୁ ଦିନରେ ଆରମ୍ଭ କରିବା ଓ ସାଧାରଣରେ ତାଙ୍କର କିଏ କ'ଣ କରିବ ବୋଲି ଧମକ ଦେଉଛନ୍ତି। ଅବକାରୀ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା

**କେନ୍ଦ୍ରାପଡ଼ା,୨୭।୩(ସମିସ):** କେନ୍ଦ୍ରାପଡ଼ାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ସନ୍ଧ୍ୟା ସଙ୍ଗୀତ ଓ ହାସ୍ୟ ରଙ୍ଗରେ ରଙ୍ଗୀନ ହୋଇଥିଲା। ପ୍ରସିଦ୍ଧ ଗାୟକ ସତ୍ୟଜିତ ଜେନାଙ୍କ ସୁମଧୁର ସଙ୍ଗୀତ ପ୍ରଦର୍ଶନ ସହ କମେଡି ସର୍କସ ଟିମର ଦମଦାର ହାସ୍ୟ ଉପସ୍ଥାପନା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନ ସଦସ୍ୟା ଡ. କଳ୍ପନା ମଲ୍ଲିକ ଯୋଗଦେଇଥିଲେ। ସେ ମହିଳା ସଶକ୍ତିକରଣର ଆବଶ୍ୟକତା ଉପରେ ଜୋର ଦେଇ ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାଙ୍କ ଆତ୍ମନିର୍ଭରତାକୁ ପ୍ରଶଂସା କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକୀରମୋହନ ମାଝୀ ଉପସ୍ଥିତ ଥିଲେ। ଏଥିସହିତ ଲକ୍ଷପତି ଦିଦି ପ୍ରୟାସ ଅଧୀନରେ ମାର୍ଶାଘାଇ ବ୍ଲକର ମହାବୀର ଉତ୍ପାଦକ ଗୋଷ୍ଠୀର ସୁଜାତା ଦାସ (ଆଚାର ପ୍ରସ୍ତୁତି) ଓ ମହାକାଳପଡ଼ା ବ୍ଲକର ମହିମା ଅଲେଖ ସ୍ୱୟଂସହାୟକ ଗୋଷ୍ଠୀର ଶ୍ରେୟା ପାଣି (ସିଲାଇ ୟୁନିଟ) ତାଙ୍କ ସଫଳତା କାହାଣୀ ଉପସ୍ଥାପନ କରିଥିଲେ। ଯାହା ଅନ୍ୟାନ୍ୟ ମହିଳାଙ୍କୁ ପ୍ରେରିତ କରିଥିଲା।

## ଫ୍ରେଣ୍ଡସ୍ କ୍ଲବ୍ ସେବା ସଂଗଠନ ପକ୍ଷରୁ ଜଳଛତ୍ର

**ଡେରାବିଶ, ୨୭।୩(ସମିସ):** ପବିତ୍ର ରାମଜନ୍ମ ଅବସରରେ ଆଜି ଫ୍ରେଣ୍ଡସ୍ କ୍ଲବ ସେବା ସଂଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ଆଜି ଶ୍ରଦ୍ଧାଳୁଙ୍କ ନିମନ୍ତେ ଜଳଛତ୍ରର ବ୍ୟବସ୍ଥା କରାଯାଇଥିଲା। କ୍ଲବ୍‌ର ସଦସ୍ୟ କଟକ-ଚାନ୍ଦବାଲି ରାଜରାସ୍ତାର ଦାନପୁର ପଞ୍ଚାୟତ



ଅନ୍ତର୍ଗତ କେଶରପୁରସ୍ଥ ପଥପ୍ରାନ୍ତ ସୁବିଧା କେନ୍ଦ୍ର ସମ୍ମୁଖରେ ସ୍ୱାଦିଷ୍ଟ ମିଠା ଦହିପାଣି ପ୍ରସ୍ତୁତ କରି ପ୍ରଭୁ ଶ୍ରୀରାମଙ୍କ ମନ୍ଦିରକୁ ଯାଉଥିବା ଶହଶହ ଶ୍ରଦ୍ଧାଳୁଙ୍କ ସମେତ ବାଟୋଇଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କ୍ଲବର ସଦସ୍ୟ ରଜତ ଦାଶ, ରାକେଶ ପରିଡ଼ା, ସାଇ ସ୍ମାରକୀ ପରିଡ଼ା, ଧନଞ୍ଜୟ ପରିଡ଼ା, ଦିବ୍ୟଜିତ ପଣ୍ଡା, ସଞ୍ଜିତ ଜେନା, ସନ୍ତୋଷ ଜେନା, ଦିନେଶ ପରିଡ଼ା, ପ୍ରମୋଦ ସେଠୀ, ଦିଲ୍ଲୀପ ପୃଷ୍ଟି, ସଞ୍ଜୀବ ମହାନ୍ତି, ଆନନ୍ଦ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ।

## ବରିଷ୍ଠ ନାଗରିକ ପାଠାଗାରର ନୂତନ ଗୃହ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା,୨୭।୩(ସମିସ):** ଆୟବା ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ଆମ ପାଠାଗାର ଗୃହ ଉଦଘାଟନ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲାପାଳଙ୍କ ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ବିଡିଓ ଶୀତଲ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଗଣ୍ଡାଖିଆ ଛକରେ ଫିତାକାଟି ଉଦଘାଟନ କରି କହିଥିଲେ, ଏହି ପାଠାଗାରରେ ବରିଷ୍ଠ ନାଗରିକ ବହି ପଢି ସେମାନଙ୍କର ସମୟ ଅତିବାହିତ କରିବା ସହିତ ଆଗାମୀ ପିଢିଙ୍କୁ ଉଚିତ ମାର୍ଗରେ ଯିବା ପାଇଁ ପରାମର୍ଶ ଦେଇପାରିବେ। ପ୍ରଥମେ ଗ୍ରାମବାସୀ ଅତିଥିଙ୍କୁ ଗ୍ରାମ ମୁଣ୍ଡରୁ ଶୋଭାଯାତ୍ରାରେ ପାଠାଗାରକୁ ପାଛୋଟି ନେଇଥିଲେ। ଉକ୍ତ ଉତ୍ସବରେ ଗୋବରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ର, +୨ ସରକାରୀ ବିଦ୍ୟାଳୟର ଅଧ୍ୟକ୍ଷା ପ୍ରଜ୍ଞା ମିଶ୍ର, ବରିଷ୍ଠ ନାଗରିକ ସଂଯୋଜକ ଅବସରପ୍ରାପ୍ତ



ପ୍ରଧାନଶିକ୍ଷକ ଶିକ୍ଷାବିତ୍ କୈଳାସ ସ୍ୱାଇଁ, ଓଡ଼ିଶା ହାଇକୋର୍ଟର ସରକାରୀ ଆଇନଜୀବୀ ଅବିନାଶ ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅମୂଲ୍ୟ ସ୍ୱାଇଁ, ସମ୍ପାଦକ ସ୍ୱାଧୀନ ସ୍ୱାଇଁ, ଉପଦେଷ୍ଟା ଆଦିକନ୍ଦ ସ୍ୱାଇଁ, ଉପସଭାପତି ଅଜୟ ସ୍ୱାଇଁ, ସହସମ୍ପାଦକ ଅଭୟ ନାୟକ, କୋଷାଧ୍ୟକ୍ଷ ହୃଷିକେଶ ସାହୁ, ଯୁଗ୍ମସମ୍ପାଦକ ଅଲେଖ ସେଠୀ ଓ ବିଦ୍ୟାଳୟର ଶିକ୍ଷକ ଚିତ୍ତରଞ୍ଜନ ମିଶ୍ର, ଶିକ୍ଷକ ଅକ୍ଷୟ ନାଥ, ଶିକ୍ଷକ ଯଶୋବନ୍ତ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଆୟବା ପଞ୍ଚାୟତର ବହୁ ସଦସ୍ୟ ଉପସ୍ଥିତ ଥିଲେ। ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ସଂଯୋଜକ ଶିକ୍ଷାବିତ କୈଳାସ ସ୍ୱାଇଁଙ୍କୁ ବରିଷ୍ଠ ନାଗରିକ ସଂଯୋଜକ ସମ୍ମାନ-୨୦୨୬ରେ ମୁଖ୍ୟଅତିଥି ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅମ୍ବିକା ମିଶ୍ରଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସେଠୀଙ୍କୁ ୨୦୨୫ ମାଟ୍ରିକ୍ ପରୀକ୍ଷାରେ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିଥିବାରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସର୍ବଜିତ୍ ଦାସ +୨ ବିଜ୍ଞାନରେ ୯୦ ଶତକଡା ନମ୍ବର ରଖିଥିବାରୁ ତାଙ୍କୁ ବିରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ପୁରସ୍କୃତ କରାଯାଇଥିଲା।

## ବସନ୍ତପୁର ଶିରିଡ଼ି ସାଇ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ

**ଗରଦପୁର,୨୭।୩(ସମିସ):** ଆଜି ଥିଲା ପବିତ୍ର ରାମ ନବମୀ। ଏ ଅବସରରେ ଆଜି ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ମର୍ଯ୍ୟାଦା ପୁରୁଷ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ କରାଯାଇ ସମଗ୍ର ଦେଶ ଉତ୍ସବ ମୁଖର ହୋଇପଡ଼ିଛି। ଏହି ପବିତ୍ର ଦିବସ ଅବସରରେ ଗରଦପୁର ବ୍ଲକ୍ ଅଧୀନ ତେଣ୍ଡାକୁଡ଼ା ପଞ୍ଚାୟତ ଅନ୍ତର୍ଗତ ବସନ୍ତପୁରଠାରେ ପ୍ରତିଷ୍ଠିତ ଶ୍ରୀଶ୍ରୀ ଶିରିଡ଼ି ସାଇ ମନ୍ଦିରରେ ରାମ ନବମୀ ସମାରୋହରେ ପାଳିତ ହୋଇଯାଇଛି। ସକାଳ ସାଢ଼େ ୫ଟାରେ କାକଡ଼ ଆରତି, ସାଢ଼େ ୬ ଟାରେ ସ୍ନାନ ଆରତି, ୯ଟାରେ ମହାଭିଷେକ ପୂଜା, ହୋମ ଓ ୧୨ଟାରେ ମଧ୍ୟାହ୍ନ ଆରତି ସମ୍ପନ୍ନ ହୋଇଥିଲା। ଏହି ପବିତ୍ର ଦିବସ ଅବସରରେ



ମନ୍ଦିର ପରିସରରେ ଏକ ହାଇମାଷ୍ଟ ଲାଇଟ୍ ଉଦଘାଟିତ ହୋଇଥିଲା। ଶିରିଡ଼ି ସାଇ ଚାରିଟେବୁଲ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ଡକ୍ଟର ରୁଦ୍ର ମହାନ୍ତି, ସମ୍ପାଦକ ସୁନୀଲ ମହାନ୍ତି, ଟ୍ରଷ୍ଟ ସଦସ୍ୟ ସ୍ୱରୂପ ମହାନ୍ତି, କମଳ ମହାନ୍ତି, ଆଶିଷ ମହାନ୍ତି, ଦେବୀପ୍ରସାଦ ମହାନ୍ତି, ଅମୀୟ କୁମାର ଦାସ, ସଂଯୁକ୍ତା ବିଶ୍ୱାଳ, ଜିତେନ୍ଦ୍ର ନାଥ ମହାନ୍ତି ପ୍ରମୁଖଙ୍କ ଉପସ୍ଥିତିରେ ବ୍ରାହ୍ମଣ ପଣ୍ଡିତ ସନ୍ତୋଷ ଦାଶ ପୂଜାର୍ଚ୍ଚନା କରିବା ପରେ ସାମ୍ବାଦିକ ଡକ୍ଟର ଦୀପ୍ତିରଞ୍ଜନ କାନୁନଗୋ ନଡ଼ିଆ ବାଡ଼ାଇ ହାଇମାଷ୍ଟ ଲାଇଟ୍‌ର ସୁଇଚ୍ ଅନ୍ କରି ଉଦଘାଟନ କରିଥିଲେ। ସନ୍ଧ୍ୟା ୫ଟାରେ ଚଭାଡ଼ି ଯାତ୍ରା ଓ ୬ଟାରେ ସନ୍ଧ୍ୟା ଆରତି ଅନୁଷ୍ଠିତ ହୋଇଥିଲା । ଗ୍ରାମ ଓ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ପୁରୁଷ ଓ ମହିଳା ରାମ ନବମୀ ଉତ୍ସବ ପାଳନରେ ସାମିଲ ହୋଇଥିଲେ।

## ପିଏମ୍‌ଶ୍ରୀ ନାଗା ନାରାୟଣ ଛାତ୍ରଛାତ୍ରୀଙ୍କ ଶିକ୍ଷା ପରିଭ୍ରମଣ

**ରାଜନଗର,୨୭।୩(ସମିସ):** ଡାଙ୍ଗମାଳସ୍ଥ ପିଏମ୍‌ଶ୍ରୀ ନାଗା ନାରାୟଣ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ଯାଏଁ ଶତାଧିକ ଛାତ୍ରଛାତ୍ରୀ ୯ଟି ବସ୍‌ରେ ଭୁବନେଶ୍ୱର, ନନ୍ଦନକାନନ ଓ ରିଜିଓନାଲ ସାଇନ୍ସ ସେଣ୍ଟର ପରିଭ୍ରମଣ କରିଛନ୍ତି। ଏହି ପରିଭ୍ରମଣରେ ପ୍ରତ୍ୟକ୍ଷ ଭାବେ ବିଜ୍ଞାନଭିତ୍ତିକ ଗବେଷଣାତ୍ମକ ଜ୍ଞାନ ହାସଲ କରିବା ସହିତ ନନ୍ଦନକାନନ ଚିଡ଼ିଆଖାନାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଜୀବଜନ୍ତୁ, ସରୀସୃପ ଦେଖି ଆମୋଦିତ ହୋଇଥିଲେ। ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ନିମନ୍ତେ ଯାତାୟାତ ସୁବିଧା ସହିତ ଖାଦ୍ୟ ପାନୀୟର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ର, ପରିଚାଳନା




କମିଟି ଅଧ୍ୟକ୍ଷ କାର୍ତ୍ତିକ ବେହେରା, ପରିଚାଳନା କମିଟି ସଭ୍ୟସଭ୍ୟା, ଶିକ୍ଷକ ବିପ୍ଳବ ନାୟକ, ଅନୁରାଧା ସେଠୀ, ନିର୍ମଳ ମହନ୍ତ, ସୂର୍ଯ୍ୟାଂସୁ ବାରିକ, ବିକାଶ ମହନ୍ତ, ସଞ୍ଜୀ ସମୀର ବେହେରା, ଅଭିମନ୍ୟୁ ସବର, ଅନ୍ନପୂର୍ଣ୍ଣା ଟୁଲି, ଓମପ୍ରକାଶ ବାରିକ, ସବ୍ୟସାଚୀ ବେହେରା, ପୂର୍ଣ୍ଣିମା ରାଉତ, କଳୀପଦ ଜନା, ଅଧ୍ୟାପକ ପ୍ରତାପ ଧଳ, ନିତେଶ ସ୍ୱାଇଁ ପ୍ରମୁଖ ସାମିଲ ହୋଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳାର ସହ ପରିଦର୍ଶନରେ ସହଯୋଗ କରିଥିଲେ।

## ଲଣ୍ଡା ପଡ଼ିଆ ଆଶ୍ରମରେ ରାମଲୀଳା ଉତ୍ସବ

**ପଞ୍ଚୁପାଣ୍ଡବ,୨୭।୩(ସମିସ):** ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ଘଣ୍ଟପଦା ଗ୍ରାମ ଲଣ୍ଡା ପଡ଼ିଆ ଆଶ୍ରମରେ ରାମଲୀଳା ଅନୁଷ୍ଠିତ ହେଉଛି। ଏହି ରାମଲୀଳା ଅପ୍ରେଲ ୨ ତାରିଖ ଗୁରୁବାର ପର୍ଯ୍ୟନ୍ତ ଚାଲିବ।



ଏହି ଉତ୍ସବ ବାବା ସନାତନ ରାମଦାସଙ୍କ ମାନସିକ ପୂରଣ କରିବା ପାଇଁ ବାବା ଦୟାନିଧି ରାମଦାସଙ୍କ ତତ୍ତ୍ୱାବଧାନରେ ଜାରି ରହିଛି। ଏହି ନାଟକରେ ରଘୁନାଥଜୀଉ ରାମନାଟ୍ୟ ପରିଷଦର ସମସ୍ତ କଳାକାର ଅଭିନୟ କରୁଛନ୍ତି। ମହାରାମାୟଣର ମହାନ କଥା ଦେଖିବା ପାଇଁ ମଙ୍ଗଳପୁର, ବେଣୀପୁର, କୁରୁଜଙ୍ଗା, ରଘୁଦେଇପୁର ଓ ଛୋଟି ପଞ୍ଚାୟତରୁ ହଜାର ହଜାର ସଂଖ୍ୟାରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଥିବାବେଳେ ଆଶ୍ରମ ପରିସରରେ ବିଭିନ୍ନ ପ୍ରକାରର ଦୋକାନ ବଜାର ଲାଗିଥିବା ଦେଖିବାକୁ ମିଳୁଛି। ଶେଷ ଦିବସରେ ରାବଣ ପୋଡ଼ି ହେବ। ଉତ୍ସବକୁ ଗ୍ରାମବାସୀ ପରିଚାଳନା କରୁଛନ୍ତି।

## ଶିକ୍ଷକ ସନାତନ ବେହୁରାଙ୍କ ପରଲୋକରେ ଶୋକ

**ପଟ୍ଟାମୁଣ୍ଡାଇ,୨୭।୩(ସମିସ):** ଓଡ଼ିଶାର ବିଶିଷ୍ଟ କବି ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଆଦର୍ଶ ଶିକ୍ଷକ ସନାତନ ବେହୁରାଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଏମଏନ ହାଇସ୍କୁଲରେ ଶିକ୍ଷକତା କରିବା ସମୟରେ ସେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ରାଜନଗର ଥାନା ଫିରିକିଦାଣ୍ଡି ତାଙ୍କର ଜନ୍ମସ୍ଥାନ ହୋଇଥିବାବେଳେ ପଟ୍ଟାମୁଣ୍ଡାଇ ପ୍ରହରାଜପୁର ତାଙ୍କର କର୍ମଭୂମି ଥିଲା। ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ସେ ଗାଁରେ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା, ପୁଷ୍କରିଣୀ ପୁନରୁଦ୍ଧାର, ରାସ୍ତା ନିର୍ମାଣ ଆଦି ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ସାରସ୍ୱତ ସାଧକ ଭାବେ ବହୁ ସାମାଜିକ ଚେତନାଧର୍ମୀ ପୁସ୍ତକ ରଚନା କରି ଲୋକପ୍ରିୟତା ହାସଲ କରିଥିଲେ। ତାଙ୍କ ମରଶରୀର କଟକରୁ ଆସି ପଟ୍ଟାମୁଣ୍ଡାଇ ବାଇପାସରେ ପହଞ୍ଚିବା ପରେ ବହୁ ମାନ୍ୟଗଣ୍ୟ, ପୁରାତନ ଛାତ୍ର ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପରେ ଶୋଭାଯାତ୍ରାରେ ପ୍ରହରାଜପୁର ନିଆଯିବା ବାଟରେ କର୍ମସ୍ଥଳୀ ଏମଏନ ହାଇସ୍କୁଲ ନିଆଯାଇଥିଲା। ସେଠାରେ ପ୍ରଧାନଶିକ୍ଷକ ଓ ଶିକ୍ଷକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଅଂଶୁମାନ ମହାନ୍ତି ଓ ଅଲେଖ ଜେନା, ପଟ୍ଟାମୁଣ୍ଡାଇ ସଂଗ୍ରାମ ସମିତି ସଭାପତି ନୃସିଂହ ଆଚାର୍ଯ୍ୟ, ବରିଷ୍ଠ ନେତା ଡା ବାସୁଦେବ ପାତ୍ର, ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପ୍ରତିଷ୍ଠାତା ବିଜୟ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଶିକ୍ଷକ ନେତା ମାନଗୋବିନ୍ଦ ଚୌଧୁରୀଙ୍କୁ ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା,୨୭।୩(ସମିସ):** ମହାକାଳପଡ଼ା ଗ୍ରାମର ଦକ୍ଷ ସଂଗଠକ, ଆଦର୍ଶ ଶିକ୍ଷକ ମାନଗୋବିନ୍ଦ ଚୌଧୁରୀଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ନିରାକାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ପ୍ରାରମ୍ଭରେ ବୈକଣ୍ଠ ସ୍ୱାଇଁ ବେଦ ପାଠ କରିଥିବାବେଳେ ୨ ମିନିଟ୍ ନିରବ ପ୍ରାର୍ଥନା



କରାଯାଇଥିଲା। ପ୍ରାକ୍ତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ୍ କେଶବ ପରମାଣିକ, ବିଜୟ ଜେନା, ବିଦ୍ୟୁତ୍ ଖୁଣ୍ଟିଆ, ଭଞ୍ଜକିଶୋର ସ୍ୱାଇଁ, ପ୍ରଫୁଲ୍ଲ ମହାପାତ୍ର, ମହାକଳପଡା ବିକାଶ ମଞ୍ଚର ସଭାପତି କାଶୀନାଥ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା ଭ୍ରମରବର ରାଉତ, ଅଶୋକ ମହାପାତ୍ର, ଦିବାକର ରାଉତ, ପ୍ରଫୁଲ୍ଲ ପ୍ରଧାନ, ମାଧବା ବାରିକ, ଅନନ୍ତ ପରିଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଅଜୟ ପରିଡା, ବିଜୟ ନାଥ, ଡ. ସରୋଜକାନ୍ତ କାନୁନ୍‌ଗୋ, ଅବସରପ୍ରାପ୍ତ ଶିକ୍ଷକ ରମେଶ ସାହାଣୀ, ନାରାୟଣ ପ୍ରସାଦ ପଣ୍ଡା, ପୀତାମ୍ବର ମଲ୍ଲ, ରତ୍ନାକର ରାଉତରାୟ, ବରିଷ୍ଠ ସାମ୍ବାଦିକ ଅଶୋକ ସ୍ୱାଇଁ, କଳ୍ପତରୁ ସାମଲ, ରଞ୍ଜନ ରାଉତ, ଜନ୍ମେଜୟ ମଲ୍ଲିକ, ସମାଜସେବୀ ସରପଞ୍ଚ ରତିକାନ୍ତ ପଣ୍ଡା, ସୁରଭି ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅମୀୟ ଚୌଧୁରୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ବିଭିନ୍ନ ରାମ ମନ୍ଦିରରେ ରାମ ଜନ୍ମୋତ୍ସବ

**ଡେରାବିଶ, ୨୭।୩(ସମିସ):** ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ରାମ ମନ୍ଦିରରେ ଆଜି ପ୍ରଭୁ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ପବିତ୍ରପଡ଼ା, ଦାନପୁର ପଞ୍ଚାୟତର କେଶରପୁର, ନରସିଂହପୁର, ହରିଅଙ୍କ ପଞ୍ଚାୟତର ପାଣିଓଳା, ଯଅଁରାବାରିମୂଳ ପଞ୍ଚାୟତର ଅର୍ତାମୂଳ ସମେତ ବହୁ ମଠ ଓ ମନ୍ଦିରରେ ଏହି ଉତ୍ସବ ପାଳନ କରାଯାଇଛି। ପ୍ରତ୍ୟୁଷରୁ ମଠ ଓ ମନ୍ଦିରରେ ଯଥାରୀତି ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇଛି। ଶ୍ରଦ୍ଧାଳୁ ଆଜି ଦିନ ତମାମ ଉପବାସ ରହି ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ବିଶେଷକରି ମୁକୁନ୍ଦପୁର, ପବିତ୍ରପଡ଼ା, କେଶରପୁର, ନରସିଂହପୁର, ଅର୍ତାମୂଳ ଆଦି ଗ୍ରାମରେ ଆଜିଠାରୁ ୯ ଦିନ ବ୍ୟାପୀ ସମ୍ପୂର୍ଣ୍ଣ ରାମାୟଣ ଗାଥା ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହେବ। ଏଥିସହିତ ଚୈତ୍ର ପୂର୍ଣ୍ଣିମାରେ ପ୍ରଭୁ ଶ୍ରୀରାମଙ୍କ ଦାଣ୍ଡ ଶୋଭାଯାତ୍ରା ଅନୁଷ୍ଠିତ ହେବ।

## ରାମ ମନ୍ଦିର ପରିସରରେ ଶ୍ରୀରାମ ନବମୀ

**କେନ୍ଦ୍ରାପଡ଼ା,୨୭।୩(ସମିସ):** ଆଜି କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ତିନିମୁହାଣିସ୍ଥ ରାମ ମନ୍ଦିର ପରିସରରେ ମନ୍ଦିର କମିଟି ସଭାପତି ବିବେକାନନ୍ଦ ମହାରଣାଙ୍କ ସଭାପତିତ୍ୱରେ



ଶ୍ରୀରାମ ନବମୀ ପାଳନ କରାଯାଇଛି। ରାମ ମନ୍ଦିର ପରିସରରୁ ଏକ ବିରାଟ କଳସ ଶୋଭାଯାତ୍ରା ବାହାରି ଗୁଲନଗର ପଞ୍ଚାୟତ ସୁଜାନଗର ଗ୍ରାମସ୍ଥ ଗୋବରୀ ନଦୀ ମହାବୀର ତୁଠ ପର୍ଯ୍ୟନ୍ତ ଯାଇଥିଲା। ସେଠାରୁ ଭକ୍ତ କଳସରେ ପାଣି ଆଣିବା ପରେ ଶୋଭାଯାତ୍ରାରେ ରାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେଠାରେ କଳସ ସ୍ଥାପନ ହେବା ପରେ ବିଧି ଅନୁସାରେ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଶୋଭାଯାତ୍ରାରେ କୁନିକୁନି ପିଲା ରାମ, ଲକ୍ଷଣ, ହନୁମାନ, ସୀତା ବେଶରେ ସାମିଲ ହୋଇଥିଲା। କେନ୍ଦ୍ରାପଡା ସହର ଓ ଆଖପାଖ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍ ଆୟାର, ବିଜେପି ନେତା ଭୁବନ ଜେନା, ବିକ୍ରମ ରାଉତ, ବିଜେଡି ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି, ପୂର୍ବତନ ବିଜେପି ବିଧାୟକ କିଶୋର ତରାଇ, ସାମାଜସେବୀ ରଞ୍ଜିତ ସାହୁ, ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା, ସୁନାକାର ବେହେରା, କନ୍ତିଆ ମଠ ବାବା ସିଦ୍ଧାର୍ଥ ଶଙ୍କର ଦାସ, ଛେଦରା ମଠର ମଠାଧୀଶ ଯଶୋବନ୍ତ ଦାସମହାରାଜ, ବାବାଜୀ ଅଦ୍ୱିତ୍ୟ ଦାସ ମହନ୍ତ ମହାରାଜ, ଗୁଲନଗର ସରପଞ୍ଚଙ୍କ ପ୍ରତିନିଧି କରୁଣାକର ଦାସ, ସମାଜସେବୀ ଉମେଶ ଦାସ, ସରକାରୀ ଆଇନଜୀବୀ ଶାନ୍ତିସ୍ୱରୂପ ଭୂୟାଁ, ତୁଷାର ଘୋଷ, ସମାଜସେବୀ ପଦ୍ମନାଭ ଦାସ, ପୁଲିସ କର୍ମଚାରୀ ଗଣେଶ୍ୱର ବେହେରା ଓ ପ୍ରଶାନ୍ତ ସାମଲ, ରାଜନେତା ସରୋଜ ପରିଡା, ଦେବୀପ୍ରସାଦ ତ୍ରିପାଠୀ, ନାରୀନେତ୍ରୀ ପାର୍ବତୀ ନାୟକ ପ୍ରମୁଖ ସାମିଲ ଥିଲେ।

## ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

# ଅସହାୟ କାଞ୍ଚନଙ୍କୁ କେବେ ମିଳିବ ଆବାସ

ମହାକାଳପଡ଼ା,୨୭।୩(ସମିସ)

ଜଣେ ୭୦ ବର୍ଷୀୟ ଅସହାୟ ବୃଦ୍ଧାଙ୍କ ନିକଟରେ ପହଞ୍ଚିନି ସରକାରୀ ଆବାସ ଯୋଜନା। ଫଳରେ ସେ ଭଙ୍ଗା କୁଡ଼ିଆରେ ଜୀବନ କାଟିବାକୁ ବାଧ ହେଉଛନ୍ତି। ସରପଞ୍ଚ କି ପ୍ରଶାସନ ତାଙ୍କ ଉପରେ ନଜର ପକାଇ ନ ଥିବା ସେ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ ଅଧୀନ ତିଖିରି ପଞ୍ଚାୟତ ଅର୍ନ୍ତଗତ ବାଲିସୁଆଁ ଗ୍ରାମର ଆକୁଳି ପରିଡାଙ୍କ ୭୦ ବର୍ଷୀୟା ପତ୍ନୀ ହେଉଛନ୍ତି କାଞ୍ଚନ ପରିଡା। ସ୍ୱାମୀ ଆରପାରିକୁ ଚାଲିଯିବା ପରେ କାଞ୍ଚନ ଭଙ୍ଗା ଚାଳଛପର ଘରେ ଏକାକୀ ଜୀବନ ବିତାଉଛନ୍ତି। କାନ୍ଥ ଭାଙ୍ଗି ଯାଇଥିଲାବେଳେ ଛପର ଉପରେ ପଡିଥିବା ଜରିପାଲ ତାଙ୍କ ମନରେ ଅଜଣା ଭୟ ସୃଷ୍ଟି କରୁଛି। ବିଧବା ଭତ୍ତା ଏକ ହଜାରକୁ ବାଦ୍ ଦେଲେ ରୋଜଗାରର ପନ୍ଥା କାଞ୍ଚନଙ୍କ ପାଇଁ ଆଉ କିଛି ନାହିଁ। ଏମିତି ପରିସ୍ଥିତିରେ ସେ ଆବାସ ଘର ଖଣ୍ଡିଏ ପାଇଁ ବ୍ଲକ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ନିକଟକୁ ଦୌଡି ଦୌଡି ନିରାଶ ହେବା ପରେ ଏବେ ଭାଗ୍ୟକୁ ଆଦରି ସେଇ ଭଙ୍ଗା କୁଡ଼ିଆରେ ଜୀବନ କାଟିବାକୁ ବାଧ



ହେଉଛନ୍ତି। ଏଠି ପ୍ରଶ୍ନ ସରକାର ସମସ୍ତଙ୍କ ମୁଣ୍ଡ ଉପରେ ଛାତ ଦେବାକୁ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଉଥିବାବେଳେ କାଞ୍ଚନଙ୍କ ଉପରେ ସେମାନଙ୍କ ଦୃଷ୍ଟି ନ ପଡିବାର କାରଣ କ'ଣ? ଥିଲା ବାଲା ଅସାଧୁ ଉପାୟରେ ସରକାରୀ ଆବାସ ହାତେଇ ନେଉଥିବା ଅଭିଯୋଗ ହେଉଥିଲାବେଳେ କାଞ୍ଚନଙ୍କ ଭଳି ଜଣେ ଯୋଗ୍ୟ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ରହିବା ସରକାରଙ୍କ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଥାଶୀଘ୍ର କାଞ୍ଚନଙ୍କୁ ଖଣ୍ଡିଏ ଆବାସ ଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ଦାବି କରିଛି।

THE SAKALA

# ସମ୍ପାଦକୀୟ



ଜଣେ ଗାୟକ ଗୀତ ଭିତରେ ତା'ର ଆତ୍ମାକୁ ଆବିଷ୍କାର କରେ।

-ଲତା ମଙ୍ଗେସକର

## ଦିଶା ବଦଳାଉଛି ବାଂଲା

ପଶ୍ଚିମ-ପାକିସ୍ତାନରୁ ସ୍ୱାଧୀନ ବାଂଲାଦେଶ ରୂପାନ୍ତରିତ ହେବା ଘଟଣାକ୍ରମରେ ମୁକ୍ତି ସଂଗ୍ରାମୀଙ୍କ ବଳିଦାନ ଓ ଭାରତୀୟ ସେନାବାହିନୀର କଠୋର ଆଭିମୁଖ୍ୟଙ୍କୁ ନୂଆ ପିଢ଼ିର ଯୁବବର୍ଗ ଗୁରୁତ୍ୱ ନଦେବା ସ୍ୱାଭାବିକ। ଏବର ପ୍ରଧାନମନ୍ତ୍ରୀ ତାରିକ ରହେମାନଙ୍କୁ ମଧ୍ୟ ୧୯୭୧ର ସଂଗ୍ରାମ ବେଳେ ବୟସ ମାତ୍ର ୩ ବର୍ଷ ହୋଇଥିଲା। ହେଲେ ସେ ରାଜନୈତିକ ପରିବାରର ସଦସ୍ୟ ହୋଇଥିବାରୁ ବାଂଲାଦେଶ ଇତିହାସର ଏହି ଗରିମାମୟ ଅଧ୍ୟାୟ ସଂପର୍କରେ ସଚେତନ ଅଛନ୍ତି। ୧୯୭୧ ଓ ୨୦୨୪ ଆନ୍ଦୋଳନର ଦିଗ ଭିନ୍ନ ହୋଇଥିଲେ ମଧ୍ୟ କ୍ଷମତାର ଅହଂକାର ତଥା ଗଣତାନ୍ତ୍ରିକ ସାଂବିଧାନିକ ବ୍ୟବସ୍ଥାଦିକୁ ଜଳାଞ୍ଜଳି ଦେଇ ଚାଲିଥିବା ସ୍ୱେଚ୍ଛାଚାର ବିରୋଧରେ ମୁଣ୍ଡ ଟେକିଥିବା ଜନ ଅସନ୍ତୋଷ ଘଟଣାକ୍ରମକୁ ଇନ୍ଧନ ଯୋଗାଇ ଥିଲା। କେବଳ ଏତିକି ପାର୍ଥକ୍ୟ ଥିଲା ଯେ ପାକିସ୍ତାନ ଠାରୁ ମୁକ୍ତ ହୋଇ ସ୍ୱାଧୀନ ରାଷ୍ଟ୍ର ଗଠନ ଏବଂ ବାଂଲା ଜନସମୁଦାୟ ସକାଶେ ଶାସନତନ୍ତ୍ରରେ ପରିବର୍ତ୍ତନ। ଉଭୟ କ୍ଷେତ୍ରରେ ଜାମାତ-ଇ-ଇସଲାମୀର ଭୂମିକା କିନ୍ତୁ ଥିଲା ନକାରାତ୍ମକ। ମୁକ୍ତି ସଂଗ୍ରାମରେ ଏମାନେ ସକ୍ରିୟ ନଥିଲେ। ବରଂ ପାକିସ୍ତାନ ପ୍ରତି ଥିଲା ନିରବ ସମର୍ଥନ। ହାସିନାଙ୍କ ସଂରକ୍ଷଣ ନୀତି ବିରୋଧରେ ମୁଣ୍ଡ ଟେକିଥିବା ଛାତ୍ର ଆନ୍ଦୋଳନକୁ ମଧ୍ୟ ଏହି ସଂଗଠନ ସାଂପ୍ରଦାୟିକ ରଙ୍ଗ ଦେଇ ନିଜ ନିୟନ୍ତ୍ରଣକୁ ନେବା ସକାଶେ ସମସ୍ତ ପ୍ରକାର ଉଦ୍ୟମ ଆରମ୍ଭ କରିଥିଲା। ପରିସ୍ଥିତି ଅଣାୟତ୍ତ ହୋଇଯିବାରୁ ହାସିନାଙ୍କ ଭାରତରେ ରାଜନନୈତିକ ଆଶ୍ରୟ ଘଟଣା ହିନ୍ଦୁ ବିରୋଧୀ ଆଭିମୁଖ୍ୟକୁ ଉଜ୍ଜୀବିତ କରିଥିଲା। ଦେଢ଼ବର୍ଷର ଅସ୍ଥାୟୀ ଶାସକ ମୁଖ୍ୟପଦରେ ରହି ମହମ୍ମଦ ୟୁନୁସ ସେମାନଙ୍କ ହାତ ବାରସୀ ପାଲଟି ଗଲେ। ତେଣୁ ପାକିସ୍ତାନ ସାମରିକ କର୍ତ୍ତୃପକ୍ଷଙ୍କ ବାରମ୍ବାର ଗସ୍ତ ଓ ସେମାନଙ୍କ ସହ ଚାଲିଥିବା ମନ୍ତ୍ରଣା ଭାରତ ପାଇଁ ଚିନ୍ତା ଓ ଉଦ୍‌ବେଗର କାରଣ ହୋଇପଡ଼ିଥିଲା। ଉତ୍ତର-ପୂର୍ବାଞ୍ଚଳର ନିରାପତ୍ତା ଓ ସୁରକ୍ଷା ପାଇଁ ସରକାରଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ପଡ଼ିଲା।

ଆମର ଏସବୁ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ନିର୍ବାଚନ ପରେ ବାଂଲାଦେଶ ଜାତୀୟବାଦୀ ଦଳ (ବିଏନପି) ର ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ ଓ ତାରିକ ରହମନଙ୍କ ନେତୃତ୍ୱ ଯେ ପାକିସ୍ତାନ ଆନୁଗାମୀ ନୁହେଁ ତାହା ସ୍ପଷ୍ଟ ହୋଇଛି। ସେ ପ୍ରଧାନମନ୍ତ୍ରୀ ରୂପେ ଶପଥ ନେବା ସମୟରେ ଜାମାତ ଓ ୟୁନୁସଙ୍କ ସ୍ପଷ୍ଟ ଇଙ୍ଗିତ ଦେଇଥିଲେ ଯେ ସେ ସେମାନଙ୍କ ନିୟନ୍ତ୍ରଣରୁ ଉର୍ଦ୍ଧ୍ୱରେ। କ୍ଷମତା ରାଜନୀତିରେ ବାଂଲାଦେଶବାସୀ ଜାମାତକୁ ପ୍ରତ୍ୟାଖ୍ୟାନ କରିବା ଘଟଣାରୁ ତାରିକ ବୁଝିଯାଇଥିଲେ ଯେ ଆଗାମୀ ଦିନରେ ତାଙ୍କ ସରକାର ଆଭିମୁଖ୍ୟ କ'ଣ ହେବା ଉଚିତ। ଗଣସଂହାର ଦିବସ ଅବସରରେ ତାରିକଙ୍କ କଠୋର ମନ୍ତବ୍ୟରୁ ରାଜନୀତିରେ ଘଟିବାକୁ ଯାଉଥିବା ପରିବର୍ତ୍ତନର ସୂଚନା ମିଳିଛି। ଅନ୍ତରୀଣ ସରକାରର ନେତୃତ୍ୱ ନେଇ ୟୁନୁସ ପାକିସ୍ତାନ ଓ ଚୀନ ସହଯୋଗରେ ଭାରତର ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରିବାର ଯେଉଁ ପ୍ରୟାସ କରିଥିଲେ ସେଥିରୁ ତାରିକ ଦୂରେଇ ଯାଇଥିବା ସୂଚନା ମିଳିଛି। ସେ କହିଛନ୍ତି ଯେ ପାକିସ୍ତାନର ୧୯୭୧ ରେ ଯେଉଁ ସର୍ଚ୍ଚଲାଇଟ୍ ଅପରେସନ ହୋଇଥିଲା ତାହା ଥିଲା ଏକ ଯୋଜନାବଦ୍ଧ ଗଣହତ୍ୟା। ମାର୍ଚ୍ଚ ୨୫ ଏହି ଘଟଣା ଜାତି ଓ ଦେଶର ଇତିହାସରେ ଏକ କଳଙ୍କିତ ଅଧ୍ୟାୟ। ଛାତ୍ର, ଶିକ୍ଷକ, ବୁଦ୍ଧିଜୀବୀ ଓ ନିରୀହ ଜନତାଙ୍କୁ ହଜାର ହଜାର ସଂଖ୍ୟାରେ ନିର୍ମମ ହତ୍ୟାକରାଯାଇଥିଲା। ଚଟ୍ଟଗ୍ରାମର ୮ମ ଇଷ୍ଟବେଙ୍ଗଲ ରେଜିମେଣ୍ଟ ଏହି ନରସଂହାର ବିରୋଧରେ ପ୍ରଥମ ସଶସ୍ତ୍ର ବିଦ୍ରୋହ ଘୋଷଣା କରିଥିଲା। ଦୀର୍ଘ ୯ ମାସ ଧରି ଚାଲିଥିବା ମୁକ୍ତି ସଂଗ୍ରାମର ଅଭ୍ୟୁଦୟ ଘଟିଥିଲା ଏହି ବିଦ୍ରୋହରୁ। ପାକିସ୍ତାନ ପ୍ରତି ଆଗାମୀ ଦିନର ଆଭିମୁଖ୍ୟ କ'ଣ ହେବ ତାହା ଏହି ବକ୍ତବ୍ୟରୁ ସ୍ପଷ୍ଟ ହୋଇଛି। ମୁକ୍ତି ସଂଗ୍ରାମର ବଳିଦାନ, ମାନବିକତାର ମର୍ଯ୍ୟାଦା ଓ ସାମାଜିକ ନ୍ୟାୟର ଗୁରୁତ୍ୱ ଓ ମହତ୍ତ୍ୱ ବୁଝିବା ପାଇଁ ସେ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି।

ଆମେ କିନ୍ତୁ ତାଙ୍କର ଏହି ବକ୍ତବ୍ୟରେ ଭାରତୀୟ ସେନାବାହିନୀର ସଂଗ୍ରାମ ଓ ସହଯୋଗ ସଂପର୍କରେ ଉଲ୍ଲେଖ ଆଶା କରିବା ସ୍ୱାଭାବିକ। ବଙ୍ଗବନ୍ଧୁ ଶେଖ ମୁଜିବୁର ରହମନଙ୍କ ବଳିଦାନ ମଧ୍ୟ ଆଲୋଚନା ପରିସରକୁ ଆସିବାର ଥିଲା। ତେବେ ଯେଉଁ ଆନ୍ଦୋଳନରୁ ଶାସନତନ୍ତ୍ରରେ ପରିବର୍ତ୍ତନ ଓ ନିର୍ବାଚନ ତାଙ୍କୁ କ୍ଷମତାର ଲଗାମ ଦେଇଛି ସେଥିରେ ଏନେଇ ଯେ ମୁହଁ ଖୋଲିବା ଅସମ୍ଭବ ତାହା ସ୍ପଷ୍ଟ ବାରି ହୋଇ ପଡୁଛି। କାରଣ ହାସିନାଙ୍କ ପିତା ଓ ଭାରତର ଭୂମିକା ଏବେ ମଧ୍ୟ ଜନମତ ବିରୋଧାଭାସର ପରିସରରେ ରହିଛି। ତେବେ ଜାମାତର ଧର୍ମୀୟ ଅନୁଚିନ୍ତା ଓ ପାକିସ୍ତାନ ପ୍ରତି ଥିବା ସମ୍ବେଦନକୁ ସେ ଏହି ବକ୍ତବ୍ୟ ମାଧ୍ୟମରେ ରୋକଠୋକ ପ୍ରତ୍ୟାଖ୍ୟାନ କରିଥିବା ସ୍ପଷ୍ଟ ହୋଇଛି। ବାଂଲାଦେଶରେ ଅବସ୍ଥାନ କରୁଥିବା ହିନ୍ଦୁମାନେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ନିରାପଦ ଓ ସୁରକ୍ଷିତ ମଣୁଛନ୍ତି। ଅଥଚ ଅନ୍ତରୀଣ ସରକାରଙ୍କ ପ୍ରାକ୍ ନିର୍ବାଚନ ପରିବେଶରେ ଭାରତର ତୀବ୍ର ପ୍ରତିବାଦ ସତ୍ତ୍ୱେ ଅତ୍ୟାଚର ଓ ନିପୀଡ଼ନ ଜାରି ରହିଥିଲା। ଏପରିକି ସ୍ଥଳବିଶେଷରେ ସେମାନଙ୍କୁ ଅତିନିର୍ମମ ଭାବେ ହତ୍ୟା କରାଯାଉଥିଲା। ଜାମାତ ଓ ଅନ୍ୟ ମୌଳବାଦୀଙ୍କ ନିୟନ୍ତ୍ରଣରେ ରହିଥିବା ୟୁନୁସଙ୍କ ଶାସନତନ୍ତ୍ର ଏକ୍ଷେତ୍ରରେ କ୍ରମାଗତ ନିରବ ଥିଲା। ସେ ଆଶା କରୁଥିଲେ ଯେ ପରିବର୍ତ୍ତୀ ସରକାରରେ ଜାମାତର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ଓ କ୍ଷମତା ରାଜନୀତିରେ ପ୍ରମୁଖ ନିୟନ୍ତ୍ରଣ ଅଧିକାରୀ ହୋଇ ରହିବେ।

ବାଂଲାଦେଶ ରାଜନୀତି ସହିତ ଜଡ଼ିତ ଆୱାମୀ ଲିଗ ଓ ବିଏନପି କୁ ଦୁଇ ପରିବାର ନେତୃତ୍ୱ ଦେଉଥିବାରୁ ସେମାନଙ୍କ ମଧ୍ୟରେ ବିରୋଧାଭାସ ଓ ବିଦ୍ୱେଷ ରହିବା ସ୍ୱାଭାବିକ। ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କ ହତ୍ୟା ଷଡ଼ଯନ୍ତ୍ରରେ କିଛି ସାମରିକ ଅଧିକାରୀ ସଂପୃକ୍ତ ଥିବା ସ୍ପଷ୍ଟ ହୋଇଥିଲେ ମଧ୍ୟ ତାରିକଙ୍କ ପିତା ଜିଆ ଉର ରହମନଙ୍କ ଭୂମିକା ଯେ ସନ୍ଦେହରୁ ଉର୍ଦ୍ଧ୍ୱରେ ଏକଥା ନୁହେଁ। ୧୯୭୫ର ଏହି ଘଟଣା ପରେ ସେ ସାମରିକ ମୁଖ୍ୟ ଥିବାରୁ ରାଷ୍ଟ୍ରପତି ଦାୟିତ୍ୱ ସମ୍ଭାଳି ଥିଲେ। ଜିଆ ଉର ମଧ୍ୟ ବାଂଲାଦେଶ ରାଷ୍ଟ୍ରବାଦୀ ପାର୍ଟି ଗଠନ କରିଥିଲେ। ତାଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ରରେ ସଂପୃକ୍ତି ନେଇ କୌଣସି ଠୋସ ପ୍ରମାଣ ନଥିଲେ ମଧ୍ୟ ସେ ଘଟଣା ସହ ସଂଶ୍ଳିଷ୍ଟଙ୍କୁ ସୁରକ୍ଷା ଦେଇ ସନ୍ଦେହ ବଳୟକୁ ଆସିଯାଇଥିଲେ। ୧୯୮୧ମେ ୩୦ ରେ ତାଙ୍କୁ ମଧ୍ୟ ଚଟ୍ଟଗାଞ୍ଜି ବନ୍ଦର ଗସ୍ତରେ ଥିବାବେଳ କିଛି ସାମରିକ କର୍ମକର୍ତ୍ତା ହତ୍ୟା କରିଥିଲେ। ତାଙ୍କ ପତ୍ନୀ ବେଗମ ଜିଆ ନିର୍ବାଚନ ଲଢ଼ି ୩ ଥର ପ୍ରଧାନମନ୍ତ୍ରୀ ହୋଇଥିଲେ। ଦୀର୍ଘ ୧୬ ବର୍ଷ ପରେ ବିଏନପି ପୁଣି କ୍ଷମତାକୁ ଆସିଛି। ଘଟଣାକ୍ରମର ଆବଶ୍ୟକ ଦୃଷ୍ଟିରୁ ଆୱାମୀ ଲିଗକୁ ନିର୍ବାଚନ ରାଜନୀତିରୁ ଦୂରେଇ ରଖାଯାଇଛି। ହାସିନାଙ୍କ ବିରୋଧୀଙ୍କ ପ୍ରତି ଥିବା କଠୋର ଆଭିମୁଖ୍ୟ ତାରିକଙ୍କ ଶାସନରେ କେବେ ପରିବର୍ତ୍ତନ ଆସିବ ତାହା ସମୟ କହିବ।

ସମୟ ବଦଳିବା ସହ ପଡ଼ୋଶୀ ହିସାବରେ ଭାରତ ସହ ସଂପର୍କରେ ମଧ୍ୟ ଉନ୍ନତି ଘଟିବ ବୋଲି ଆମେ ଆଶା କରୁ। ତେବେ ଏକ୍ଷେତ୍ରରେ ହାସିନାଙ୍କ ରାଜନୈତିକ ଆଶ୍ରୟ ହି ମୁଖ୍ୟ ପ୍ରତିବନ୍ଧକ। ତାରିକଙ୍କ ଯୁବ ନେତୃତ୍ୱ ପ୍ରଦର୍ଶନ କରିଥିବା ଅନୁକୂଳ ଆଭିମୁଖ୍ୟ ପାରିସ୍ପରିକ ଆବଶ୍ୟକତା ଦୃଷ୍ଟିରୁ ଆଗକୁ ନିବିଡ଼. ହେବାର ସୂଚନା ମିଳିଛି।

## ଆମର ଲୋଡ଼ା ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା

ଡକ୍ଟର ନୀଳମଣି ସୂତାର

ଭାରତର ସାମାଜିକ ନୀତି ନେଇ ନୂଆ କରି ଭାବିବାକୁ ସମୟ ଉପସ୍ଥିତ। ବହୁ ବର୍ଷ ଧରି ସରକାର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପରିବାର ପାଇଁ ମାଗଣା ଚାଉଳ/ଗହମ ଦେଇ ଚାଲିଛନ୍ତି। କରୋନା ସଂକ୍ରମଣ କାଳରେ ଏହା ଅତ୍ୟନ୍ତ ଆବଶ୍ୟକ ଥିଲା। ପୁନଶ୍ଚ ସରକାରଙ୍କ ଏହି ଉଦ୍ଦେଶ୍ୟ ଯଦି କେବଳ କ୍ଷୁଧା ବିରୁଦ୍ଧରେ ଲଢ଼େଇ ହୋଇଥାଏ ତେବେ ମହତ୍ ନିଷ୍ପତ୍ତି। କିନ୍ତୁ ବାସ୍ତବରେ ଏହି ନୀତି ସାଧାରଣ ଜନତାଙ୍କୁ କର୍ମବିମୁଖ କରୁଛି। ମୁଠାଏ ଭାତର ନିଶ୍ଚୟତା ରହିବା ଫଳରେ ସର୍ବାଧିକ ନାଗରିକ କର୍ମସଂସ୍ଥାନ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ସମାଜରେ ଅଳସ ସ୍ୱଭାବ ବଢ଼ୁଛି, ଉତ୍ପାଦନଶୀଳତା କମୁଛି। ଏମିତି କ'ଣ ଦେଶରୁ ଦାରିଦ୍ର୍ୟତା ଦୂର କରିହେବ? ମାଗଣା ଖାଦ୍ୟଶସ୍ୟ ବିତରଣ ଦାରିଦ୍ର୍ୟକ୍ଲିଷ୍ଟ ଜନତା ପାଇଁ ଏକ ତାତ୍‌କ୍ଷଣିକ ସମାଧାନ; କିନ୍ତୁ ଏହା କଦାପି ଦୀର୍ଘମିଆଦୀ ସମସ୍ୟା ସମାଧାନର ମୂଳକୁ ସ୍ପର୍ଶ କରିପାରିବ ନାହିଁ।

ଅଶୀ କୋଟିରୁ ଉର୍ଦ୍ଧ୍ୱ ଭାରତୀୟଙ୍କ କ୍ଷୁଧା ଦୂର କରିବା ପାଇଁ କର୍ମସଂସ୍ଥାନ ବଢ଼ାଇବାକୁ ହେବ। ଆଉ କର୍ମସଂସ୍ଥାନର ଏକମାତ୍ର ମାର୍ଗ ହେଉଛି ଶିକ୍ଷା। ଶିକ୍ଷା ହିଁ ମନୁଷ୍ୟକୁ ଦକ୍ଷ କରେ ଓ ଆତ୍ମନିର୍ଭର କରି ଗଢ଼ିତୋଳେ। ଆଜି ଭାରତର ଶିକ୍ଷା ବ୍ୟବସ୍ଥା ବ୍ୟବସାୟୀକରଣରେ କବଳିତ। ସ୍କୁଲ କଲେଜରେ ଭର୍ତ୍ତି ଫି', ଟିଉସନ ଫି', ନାନାଦି ଧରଣର ଅତିରିକ୍ତ ଖର୍ଚ୍ଚ ସବୁ ମିଶି ଏତେ ବ୍ୟୟବହୁଳ ହେଇଯାଏ ଯେ ସାଧାରଣ ମନୁଷ୍ୟ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହୁଏ। ଧନୀ ପରିବାରର ପିଲାମାନେ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ଅଧିକ ଅର୍ଥ ବ୍ୟୟ କରି ଉତ୍ତମ ଶିକ୍ଷା ଲାଭ କରିବେ, ଗରିବ ପରିବାରର ପିଲାମାନେ ପଛରେ ପଡ଼ିଯିବେ। ଫଳସ୍ୱରୂପ, ସାମାଜିକ ବିଭାଜନ ଆହୁରି ଉତ୍କଟ ହେବ।

ବର୍ତ୍ତମାନର ଭାରତୀୟ ଶିକ୍ଷା ବ୍ୟବସ୍ଥା ବୈଚିତ୍ର୍ୟମୟ ହେଲେ ବି ଏହା ଭିତରେ ଏକ ବଡ଼ଧରଣର ବୈଷମ୍ୟ ସ୍ପଷ୍ଟ। ବିଭିନ୍ନ ରାଜ୍ୟରେ ଅଲଗା ଅଲଗା ବୋର୍ଡ, ଭିନ୍ନ ଭିନ୍ନ ପାଠ୍ୟକ୍ରମ ଏବଂ ଭିନ୍ନ ମୂଲ୍ୟାୟନ ପଦ୍ଧତି କାରଣରୁ ଅନେକ ସମୟରେ ଶିକ୍ଷାର୍ଥୀମାନେ ଜାତୀୟସ୍ତରରେ ହେଉଥିବା ପ୍ରତିଯୋଗିତା କ୍ଷେତ୍ରରେ ଅସାମ୍ୟ ଲଢ଼େଇର ସମ୍ମୁଖୀନ ହୋଇଥା'ନ୍ତି। ଏହି ପରିପ୍ରେକ୍ଷୀରେ 'ଏକ ଦେଶ, ଏକ ଶିକ୍ଷା' ନୀତି ପ୍ରଚଳନ ଏକ ବୈପ୍ଳବିକ ପରିବର୍ତ୍ତନକୁ ଇଙ୍ଗିତ କରୁଛି। ଏହି ନୀତି କାର୍ଯ୍ୟକାରୀ ହେଲେ କାଶ୍ମୀରଠାରୁ ଆରମ୍ଭ କରି କନ୍ୟାକୁମାରୀ ପର୍ଯ୍ୟନ୍ତ ସର୍ବତ୍ର ଶିକ୍ଷାର୍ଥୀମାନେ ଏକ ମାନର ଶିକ୍ଷାଲାଭର ସୁଯୋଗ ପାଇବେ। ଏହା ଫଳରେ ଗ୍ରାମାଞ୍ଚଳରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନେ ସହରର ଉନ୍ନତ ମାନର ଶିକ୍ଷା ସହିତ ତାଳ ଦେଇପାରିବେ। ଯଦି ସାରା ଦେଶରେ ଏକାପ୍ରକାରର ପାଠ୍ୟକ୍ରମ ପ୍ରଚଳିତ ହୁଏ, ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ବଦଳି ହୋଇ ଯାଉଥିବା ଚାକିରିଜୀବୀମାନଙ୍କର ପିଲାମାନେ ପଢ଼ାଶୁଣାରେ ଅସୁବିଧାର ସମ୍ମୁଖୀନ ହେବେନାହିଁ। ଏହାଛଡ଼ା କେନ୍ଦ୍ରୀୟସ୍ତରରେ ହେଉଥିବା ପରୀକ୍ଷାଗୁଡ଼ିକରେ ସବୁ ରାଜ୍ୟର ଶିକ୍ଷାର୍ଥୀମାନଙ୍କର ସାଫଲ୍ୟର ସମ୍ଭାବନା ସମାନ ରହିବ। ଏହା କେବଳ ଶିକ୍ଷାର ମାନ ବୃଦ୍ଧି କରିବ ତାହା ନୁହେଁ, ବରଂ ତରୁଣ ପ୍ରଜନ୍ମ ମଧ୍ୟରେ ଏକ ଅଭିନ୍ନ ଜାତୀୟ ଚେତନା ଉନ୍ମେଷ କରିବ। ପୁନଶ୍ଚ ରାଷ୍ଟ୍ରର କର୍ତ୍ତବ୍ୟ ହେଉଛି ବିନାମୂଲ୍ୟରେ ସ୍ନାତକୋତ୍ତର ପର୍ଯ୍ୟନ୍ତ ଶିକ୍ଷାଦାନ ନିଶ୍ଚିତ କରିବା। ଏହାଫଳରେ ଅବହେଳିତ ଅବସ୍ଥାରେ ରହିଯାଉଥିବା ଅଥବା ଅର୍ଥର ଅଭାବରେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେଉଥିବା ମେଧାବୀ ଛାତ୍ରଛାତ୍ରୀମାନେ ଅନାୟାସରେ ଶିକ୍ଷା ଲାଭ କରିପାରିବେ; ଦେଶର ଭବିଷ୍ୟତ ସୁଦୃଢ଼ ହେବ।

ଭାରତୀୟ ସମ୍ବିଧାନର ଅନ୍ୟ ଏକ ମୌଳିକ ଅଧିକାର ହେଉଛି ସ୍ୱାସ୍ଥ୍ୟ। ଆଜିକାର ଭାରତୀୟ ସମାଜକୁ ଏକଚାଟିଆ ଭାବରେ ମାଡ଼ିବସିଛି ବେସରକାରୀ ହସ୍ପିଟାଲ ଓ ନର୍ସିଂହୋମ। ସରକାରୀ ଚିକିତ୍ସା ମହାବିଦ୍ୟାଳୟରେ ଚାକିରି କରିଥିବା ଅଧିକାଂଶ ଡାକ୍ତରଙ୍କ ନିଜର ବେସରକାରୀ ନର୍ସିଂହୋମ ଅଛି। ନଚେତ ସେମାନେ କୌଣସି ନା କୌଣସି ବେସରକାରୀ ହସ୍ପିଟାଲ ସହ ଜଡ଼ିତ। ଚିକିତ୍ସାର ବ୍ୟୟବହୁଳତା ସାଧାରଣ ନାଗରିକର ମୁଣ୍ଡବ୍ୟଥାର କାରଣ ହୋଇଛି। ଚିକିତ୍ସା ଖର୍ଚ୍ଚ ଏତେ ବେଶୀ ଯେ ସାଧାରଣ ମନୁଷ୍ୟ ଯେକୌଣସି ଏକ ଜଟିଳ ବ୍ୟାଧିର ଚିକିତ୍ସା କରି କରି ସର୍ବସ୍ୱାନ୍ତ ହୋଇଯାଏ। ଅଧିକାଂଶ କ୍ଷେତ୍ରରେ ରୋଗୀ ଚିକିତ୍ସା ଅଭାବରୁ ମରେ ଅଥବା ରୋଗୀର ଚିକିତ୍ସା ଭାର ବହନ କରିବାକୁ ଯାଇ ଆତ୍ମୀୟସ୍ୱଜନ ଜମିବାଡ଼ି ବିକି ସର୍ବସ୍ୱାନ୍ତ ହୋଇଯା'ନ୍ତି। ସ୍ୱାସ୍ଥ୍ୟସେବା କୌଣସି ବ୍ୟବସାୟ ନୁହେଁ, ଏହା ଭାରତୀୟ ନାଗରିକର ମୌଳିକ ଅଧିକାର। ଦେଶରେ ଥିବା ସମସ୍ତ ସରକାରୀ ଚିକିତ୍ସାଳୟକୁ ଶକ୍ତିଶାଳୀ କରି ଗଢ଼ିତୋଳିବା ରାଷ୍ଟ୍ରର କର୍ତ୍ତବ୍ୟ। ସରକାରଙ୍କୁ ନିଶ୍ଚିତ କରିବାକୁ ହେବ ଯେ, ପ୍ରତ୍ୟେକ ସାଧାରଣ ରୋଗୀ ଯେପରି ବିନାମୂଲ୍ୟରେ ଚିକିତ୍ସିତ ହୋଇପାରିବ ଏବଂ ଔଷଧ ବି ମାଗଣାରେ ପାଇପାରିବ।

ମାଗଣା ଚାଉଳ ବିତରଣ ମନୁଷ୍ୟକୁ ବଞ୍ଚାଇ ରଖିପାରେ, କିନ୍ତୁ କାର୍ଯ୍ୟକ୍ଷମ କରେ ନାହିଁ। ସମାଜରେ କର୍ମସଂସ୍ଥାନର ସୁଯୋଗ ବଢ଼ାଇବାକୁ ହେବ। କୃଷିକ୍ଷେତ୍ରକୁ ଅତ୍ୟାଧୁନିକରଣ କରିବାକୁ ହେବ, ଆଧୁନିକ ପ୍ରଯୁକ୍ତି ପ୍ରୟୋଗ କରି କୃଷିକୁ ଲାଭଜନକ କରିବାକୁ ହେବ। ନୂଆ ଶିଳ୍ପ ସ୍ଥାପନ, କ୍ଷୁଦ୍ର ଓ ମାଧ୍ୟମ ଉଦ୍ୟୋଗକୁ ଉତ୍ସାହିତ କରିବାକୁ ହେବ। ତଥ୍ୟ ପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତ୍ତା, ନବୀକରଣଯୋଗ୍ୟ ଶକ୍ତି ଭଳି କ୍ଷେତ୍ରରେ କର୍ମସଂସ୍ଥାନ ତିଆରି କରିବାକୁ ହେବ। ଭାରତୀୟ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ବାଣିଜ୍ୟକରଣ ହୋଇଯାଇଛି। ବେସରକାରୀ ହସ୍ପିଟାଲଗୁଡ଼ିକର ଦୌରାତ୍ମ୍ୟ ଚିକିତ୍ସାକୁ ବ୍ୟବସାୟରେ ପରିଣତ କରିପକାଇଛି। ଚିକିତ୍ସା ଖର୍ଚ୍ଚ ଏତେ ବେଶୀ ଯେ ସାଧାରଣ ମନୁଷ୍ୟ ଚିକିତ୍ସା କରିବାକୁ ଅସମର୍ଥ। କେନ୍ଦ୍ର ସରକାରଙ୍କର କର୍ତ୍ତବ୍ୟ ହେଉଛି ସ୍ୱାସ୍ଥ୍ୟସେବାକୁ ସମ୍ପୂର୍ଣ୍ଣ ମାଗଣା କରିବା। ସରକାରୀ ଚିକିତ୍ସାଳୟଗୁଡ଼ିକରେ ଅତ୍ୟାଧୁନିକ ଯନ୍ତ୍ରପାତି ଓ ଉନ୍ନତମାନର ଶଯ୍ୟାବ୍ୟବସ୍ଥା କରିବାକୁ ହେବ। ନାଗରିକର ମୌଳିକ ଅଧିକାର ନିଶ୍ଚିତ କରିବା ସରକାରଙ୍କର ମୁଖ୍ୟ ଦାୟିତ୍ୱ।

ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ତିନୋଟି ଅଧିକାର ମନୁଷ୍ୟ ଜୀବନର ଭିତ୍ତିଭୂମି। ଖାଦ୍ୟ ସାମୟିକଭାବେ ମନୁଷ୍ୟ ଜୀବନ ରକ୍ଷାକରେ। ଶିକ୍ଷା ମନୁଷ୍ୟକୁ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ କୁଶଳୀ ଓ ଦକ୍ଷ କରେ। ସ୍ୱାସ୍ଥ୍ୟ ମନୁଷ୍ୟକୁ ସୁସ୍ଥ ଓ ସମର୍ଥ ରଖିବା ସହିତ କର୍ମ କ୍ଷମତା ବଜାୟ ରଖିବାରେ ସହାୟ ହୋଇଥାଏ। ତାତ୍ତ୍ୱିକ ଭାବେ କୁହାଯାଇପାରେ, ରାଷ୍ଟ୍ର ଯଦି କେବଳ ଖାଦ୍ୟ ସରବରାହ କରେ, ତେବେ ନାଗରିକମାନେ ରାଷ୍ଟ୍ର ଉପରେ ନିର୍ଭରଶୀଳ ହୋଇପଡ଼ିବେ। କିନ୍ତୁ ରାଷ୍ଟ୍ର ଯଦି ଶିକ୍ଷା ଓ ସ୍ୱାସ୍ଥ୍ୟ ନିଶ୍ଚିତ କରେ, ତେବେ ନାଗରିକମାନେ ଆତ୍ମନିର୍ଭର ହେବେ। ଆତ୍ମନିର୍ଭର ନାଗରିକ ହିଁ ରାଷ୍ଟ୍ରକୁ ଶକ୍ତିଶାଳୀ କରେ। ବିଶ୍ୱର ଉନ୍ନତ ଦେଶମାନଙ୍କରେ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରାୟତଃ ମାଗଣାରେ ଉପଲବ୍ଧ ହୋଇଥାଏ। ୟୁରୋପୀୟ ଦେଶମାନଙ୍କରେ ସରକାରୀ ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟଗୁଡ଼ିକରେ ସମ୍ପୂର୍ଣ୍ଣ ମାଗଣାରେ ଶିକ୍ଷା ଦାନ କରାଯାଉଛି। ସ୍କାଣ୍ଡିନେଭିଆ ଦେଶମାନଙ୍କରେ ସ୍ୱାସ୍ଥ୍ୟସେବାକୁ ନାଗରିକମାନଙ୍କର ମୌଳିକ ଅଧିକାର ହିସାବରେ ନିଶ୍ଚିତ କରାଯାଇଛି। ପ୍ରଗତିଶୀଳ ରାଷ୍ଟ୍ରର ସ୍ୱପ୍ନ ଦେଖୁଥିବା ଭାରତକୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ୟୁରୋପୀୟ ମଡେଲକୁ ଅନୁସରଣ କରିବାକୁ ହେବ।

୨୦୪୭ ମସିହାରେ ଏକ ପୂର୍ଣ୍ଣାଙ୍ଗ ବିକଶିତ ରାଷ୍ଟ୍ରର ସ୍ୱପ୍ନ ଦେଖୁଥିବା ଭାରତକୁ ମନେ ରଖିବାକୁ ହେବ ଯେ, ୨୦୨୬ ମସିହାର ଭାରତବର୍ଷ ଜନସଂଖ୍ୟା ଦୃଷ୍ଟିରୁ ପୃଥିବୀରେ ପ୍ରଥମ। ଦାରିଦ୍ର୍ୟ, ବେକାରୀ, ଅଶିକ୍ଷା - ସବୁ ମିଶି ଗୋଟିଏ ଜଟିଳ ଚିତ୍ର ତିଆରି କରୁଛି। ଇଣ୍ଟରନେଟ ଯୁଗରେ ବି ଗ୍ରାମୀଣ ଭାରତରେ ଶିକ୍ଷାର ସୁଯୋଗ ସୀମିତ, ସ୍ୱାସ୍ଥ୍ୟସେବା ଉତ୍କଟ। ସହରରେ ଶିକ୍ଷାର ବିପୁଳ ସୁଯୋଗ ଥିଲେ ବି ଏହା ବ୍ୟୟବହୁଳ, ସ୍ୱାସ୍ଥ୍ୟସେବା ମାଫିଆ ବେପାରୀଙ୍କ ହାତମୁଠାରେ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କୁ ସର୍ବପ୍ରଥମେ ନାରୀ ଓ ଶିଶୁମାନଙ୍କର ଶିକ୍ଷା ଓ ସ୍ୱାସ୍ଥ୍ୟକୁ ନିଶ୍ଚିତ କରିବାକୁ ହେବ। ଅଧୁନା ଭାରତ ସରକାରଙ୍କୁ ନୀତିରେ ପରିବର୍ତ୍ତନ ଆଣିବାକୁ ହେବ। ଏଥିପାଇଁ ପ୍ରକୃଷ୍ଟ ସମୟ ଉପସ୍ଥିତ। ମାଗଣା ଚାଉଳ ବଣ୍ଟନ ବନ୍ଦ କରି ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସମ୍ପୂର୍ଣ୍ଣ ମାଗଣା କରିବାକୁ ହେବ। ବେସରକାରୀ ଶିକ୍ଷା ପ୍ରତିଷ୍ଠାନ ଓ ହସ୍ପିଟାଲଗୁଡ଼ିକୁ ବ୍ୟବସାୟୀକରଣରୁ କିପରି ବାଦ ପଡ଼ିବେ ସେନେଇ କାର୍ଯ୍ୟାନୁଷ୍ଠାନ ନେବାକୁ ପଡ଼ିବ। ଏଥିସହିତ ସରକାରୀ ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲଗୁଡ଼ିକୁ ଶକ୍ତିଶାଳୀ ଓ ଉନ୍ନତ କରିବାକୁ ହେବ। ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଭାରତର ଭବିଷ୍ୟତ ନିର୍ଭର କରୁଛି। ଆମର ମାଗଣା ଭାତ ଲୋଡ଼ା ନାହିଁ, ଆମର ମାଗଣା ଶିକ୍ଷା ଓ ସ୍ୱାସ୍ଥ୍ୟସେବା ଲୋଡ଼ା - ଏହି ସ୍ଲୋଗାନ ହିଁ ସାମ୍ପ୍ରତିକ ସମୟରେ ପ୍ରତ୍ୟେକ ଭାରତୀୟ ନାଗରିକର ଦାବି ହେବା ଉଚିତ।

କଟକ, ମୋ: ୮୫୯୯୮୯୪୯୧୫

## ଆମେରିକା ସୁପର ପାୱାର ନା କାଗଜ ବାଘ!

ଡ. ପ୍ରଦୀପ କୁମାର ନାୟକ

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଓ ସୋଭିଏତ ସଂଘ ବିଶ୍ୱର ଦୁଇ ମହାଶକ୍ତି ରୂପେ ପରିଗଣିତ ଥିଲେ। କିନ୍ତୁ ୧୯୯୦ ରେ ମିଖାଏଲ ଗୋର୍ବାଚୋଭଙ୍କ ରାଷ୍ଟ୍ରପତି କାର୍ଯ୍ୟକାଳ ମଧ୍ୟରେ ସୋଭିଏତ ରୁଷ ଯେତେବେଳେ ଖଣ୍ଡବିଖଣ୍ଡ ହୋଇ ଅନେକ ସ୍ୱାଧୀନ ରାଷ୍ଟ୍ରରେ ପରିଣତ ହେଲା ସେତେବେଳେ ଆମେରିକା ହିଁ ଏକମାତ୍ର ବିଶ୍ୱ ମହାଶକ୍ତି ବୋଲି ଦାବି କଲା। ରୁଷ ତା' ସହ ତୁଳନୀୟ ନୁହଁ ବୋଲି ଆମେରିକାର ଏକ ଧାରଣା ହେଲା। ସେ ଯା'ହେଉ ଆମେରିକା ନିଃସନ୍ଦେହ ଭାବେ ଏକ ବିଶ୍ୱ ମହାଶକ୍ତି ବା ସୁପର ପାୱାର।

ଆମେରିକାର ଜଣେ ଖ୍ୟାତନାମା ଆନ୍ତର୍ଜାତିକ ରାଜନୀତି ଓ ବିଦେଶ ନୀତି ବିଶେଷଜ୍ଞ ପ୍ରଫେସର ଉଇଲିୟମ ଥରଟନ ରିକେଟ ଫକ୍ସ ୧୯୪୪ ସାଲରେ ଏହି 'ସୁପର ପାୱାର' ଶବ୍ଦଟି ବ୍ୟବହାର କରିଥିଲେ ତାଙ୍କର ୧୯୪୪ ରେ ଲିଖିତ ପୁସ୍ତକ 'ଦ ସୁପର ପାୱାରସ - ଦ ୟୁନାଇଟେଡ୍ ଷ୍ଟେଟସ, ବ୍ରିଟେନ ଆଣ୍ଡ ଦ ସୋଭିଏତ ୟୁନିଅନ - ଦେୟାର ରେସପନସିବିଲିଟି ଫର ପିସ' ରେ। ଆମେରିକାର ସାମରିକ ଶକ୍ତି, ଏହାର ପରମାଣୁ ଶକ୍ତି, ୮୦ ଟି ରାଷ୍ଟ୍ରରେ ଏହାର ସ୍ଥାପିତ ୭୫୦ ସାମରିକ ଘାଟି, ଉଗ୍ରବାଦ ଦମନ କରିବା କ୍ଷମତା, ଏହାର ଐଶ୍ୱର୍ଯ୍ୟଶାଳୀ ସମାଜ, ଧନ ବଳ, ଉଚ୍ଚ ମୁଣ୍ଡପିଛା ଆୟ, ବିଭିନ୍ନ ଦେଶର ଆଭ୍ୟନ୍ତରୀଣ ରାଜନୈତିକ ସମସ୍ୟାରେ ହସ୍ତକ୍ଷେପ କରି ସରକାର ପରିବର୍ତ୍ତନ କରିବା ଦକ୍ଷତାକୁ ନେଇ ବିଚାର କଲେ ଆମେରିକା ଯେ ନିଶ୍ଚୟ ଗୋଟିଏ ସୁପର ପାୱାର ତାହା ହୃଦୟଙ୍ଗମ କରି ହୁଏ।

ନିଜର ବିଶ୍ୱ ମହାଶକ୍ତି କ୍ଷମତାର ନମୁନା ପ୍ରଦର୍ଶନ କରିବା ପାଇଁ ଆମେରିକା ଦ୍ୱିତୀୟ ବିଶ୍ୱଯୁଦ୍ଧ (୧୯୪୫ ଅଗଷ୍ଟ ୬ ଓ ୯ ତାରିଖରେ) ଜାପାନର ହିରୋସିମା ଓ ନାଗାସାକି ସହର ଉପରେ ପରମାଣୁ ବୋମା ନିକ୍ଷେପ କରିଥିଲା। ହଜାର ହଜାର ନିରୀହ ଜନସାଧାରଣଙ୍କର ମୃତ୍ୟୁର କାରଣ ହୋଇଥିଲା। ଯେତେବେଳେ ଓସାମା ବିନ ଲାଡେନ ନେତୃତ୍ୱାଧୀନ ଅଲ କାଏଦା ଆତଙ୍କବାଦୀମାନେ ୨୦୦୧, ସେପ୍ଟେମ୍ବର ୧୧ ତାରିଖରେ ନ୍ୟୁୟର୍କର ବିଶ୍ୱ ବାଣିଜ୍ୟ କେନ୍ଦ୍ରର ୧୧୦ ମହଲା ବିଶିଷ୍ଟ ନଭଶ୍ଚୁମ୍ବୀ ଅଟ୍ଟାଳିକାକୁ ଆତ୍ମଘାତୀ ବିମାନ ଦ୍ୱାରା ଆକ୍ରମଣ କରି ମାଟିରେ ମିଶେଇ ଦେଇଥିଲେ ସେତେବେଳେ ଆମେରିକାର ଗର୍ବ ଓ ଅହମିକା ଭାଙ୍ଗି ଯାଇଥିଲା। କିନ୍ତୁ ଏହାର ପ୍ରତିଶୋଧ ନେଇ ଆମେରିକା ୨୦୧୧ ମେ' ମାସ ୨ ତାରିଖରେ ପାକିସ୍ତାନର ଆବୋଟ୍ଟାବାଦରେ ଏକ ଗୁପ୍ତ ଲୁକାୟିତ ସ୍ଥାନରେ ଓସାମାକୁ ହତ୍ୟା କରିଥିଲା। ବିଭିନ୍ନ ଦେଶକୁ ଅସ୍ତ୍ରଶସ୍ତ୍ର ଯୋଗେଇବା, ପୃଥିବୀର ଭୂରାଜନୀତି ଓ ବାଣିଜ୍ୟକୁ ନିୟନ୍ତ୍ରଣ କରିବା ଆମେରିକା ନିଜର ଏକ ବାହାଦୂରୀ ଭାବିବା ସଙ୍ଗେ ସଙ୍ଗେ ନିଜକୁ ଜଗତର ପୁଲିସ ରୂପେ ଉପସ୍ଥାପିତ କରି ଆସୁଛି।

ଏକଦା ଚୀନର ବିପ୍ଳବୀ ନେତା ଓ ପ୍ରତିଷ୍ଠାତା ମାଓ ଜେଡଙ୍ଗ 'ଗ୍ରେଟ ଲିପ ଫରୱାର୍ଡ ମୁଭମେଣ୍ଟ'(୧୯୫୮-୧୯୬୨) ସମୟରେ ଆମେରିକାକୁ ତାଚ୍ଛଲ୍ୟ କରି 'ଏକ କାଗଜ ବାଘ' ସହ ତୁଳନା କରିଥିଲେ। ଭାରତର ତତ୍କାଳୀନ ସାମରିକ ମୁଖ୍ୟ ଜେନେରାଲ ମାନେକସା ମଧ୍ୟ ବିଦ୍ରୂପ କରି ମନ୍ତବ୍ୟ ଦେଇଥିଲେ (୧୯୭୧ ଭାରତ ପାକିସ୍ତାନ ଯୁଦ୍ଧ ସମୟରେ) ଯେ ଆମେରିକା ଏକ 'କାଗଜ ବାଘ'। କାରଣ ଆମେରିକା ପାକିସ୍ତାନକୁ ସମର୍ଥନ କରି ଏବଂ ଭାରତକୁ ଭୟଭୀତ କରାଇବା ପାଇଁ ବଙ୍ଗୋପସାଗରକୁ ତା'ର ସପ୍ତମ ନୌସେନା ପଠେଇଥିଲା। କିନ୍ତୁ ଭାରତ ଭୟଭୀତ ହୋଇ ନଥିଲା। ଏହି ତଥାକଥିତ ସୁପର ପାୱାର ଭିଏତନାମ ସହ ୨୦ ବର୍ଷ ଧରି (୧୯୫୪-୧୯୭୪) ଯୁଦ୍ଧ କରିଥିଲା ସେଠାରୁ ସାମ୍ୟବାଦ ଲୋପ କରିବାକୁ। ଯୁଦ୍ଧର କ୍ଷୟକ୍ଷତି ଓ ସୈନ୍ୟମାନଙ୍କର ବେହିସାବ ମୃତ୍ୟୁ ଆମେରିକାର ମେରୁଦଣ୍ଡ ଭାଙ୍ଗି ଦେଇଥିଲା। ଶେଷରେ ଆମେରିକା ଭିଏତନାମରୁ ଓହରି ଯାଇଥିଲା।

ଇତିହାସର ପୁନରାବୃତ୍ତି ପ୍ରାୟତଃ ହୋଇଥାଏ। ସମ୍ପ୍ରତି ଫେବୃଆରୀ ୨୮ ତାରିଖରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଇରାନର ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲା ଅଲି ଖେମିନି ନିହତ ହେବା ପରେ ଇରାନର ଭୟାବହ ପାଲଟା ଆକ୍ରମଣ ଇସ୍ରାଏଲ ଓ ଆମେରିକାର ସାମରିକ ମେରୁଦଣ୍ଡ ଭାଙ୍ଗି ଦେଇଛି। ଆମେରିକାକୁ ପଛଘୁଞ୍ଚା ଦେବାକୁ ବାଧ୍ୟ କରିଛି। ଡୋନାଲଡ ଟ୍ରମ୍ପ 'ନାଟୋ' ସାମରିକ ମେଣ୍ଟର ସଦସ୍ୟମାନଙ୍କୁ ଇରାନ ବିରୋଧରେ ସାମରିକ ସାହାଯ୍ୟ ପାଇଁ ଯେଉଁ ଅନୁରୋଧ କରିଥିଲେ ତାହାକୁ ସେହି ମେଣ୍ଟର ସମସ୍ତ ସଦସ୍ୟ ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି। ଟ୍ରମ୍ପ ଏକ ପାଞ୍ଚଦିନିଆ ଯୁଦ୍ଧବିରତି ଏକପାଖିଆ ଭାବେ ଘୋଷଣା କରି 'ନାଟୋ'ର ସଦସ୍ୟମାନଙ୍କୁ ଭୀରୁ 'କାଗଜ ବାଘ' ବୋଲି ତାଚ୍ଛଲ୍ୟ କରିଛନ୍ତି। କିନ୍ତୁ ସମୟ ଆଗାମୀ ଦିନମାନଙ୍କରେ କହିବ ଆମେରିକା ଏକ 'ସୁପର ପାୱାର' ନା 'କାଗଜ ବାଘ'।

(ଅବସରପ୍ରାପ୍ତ ଅଧ୍ୟକ୍ଷ)

ଭୁବନେଶ୍ୱର, ମୋ: ୯୪୩୭୬୪୪୩୪୧

## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

କଳିଙ୍ଗ ଯୁଦ୍ଧ ପରବର୍ତ୍ତୀ ପରିସ୍ଥିତିରେ ଏଠାରେ ଶାନ୍ତିସ୍ଥାପନ ତଥା ପ୍ରଶାସନକୁ ଲୋକାଭିମୁଖୀ କରିବା ନିମନ୍ତେ ସମ୍ରାଟ ଅଶୋକ ପ୍ରଶାସନିକ ବ୍ୟବସ୍ଥାରେ ବଡ଼ ଧରଣର ପରିବର୍ତ୍ତନ କରିଥିଲେ। ଶାସନର ମୁଖ୍ୟ ନିୟନ୍ତ୍ରଣ ସେ ନିଜ ହାତରେ ରଖିଥିଲେ। ଉଜ୍ଜୟିନୀ ଓ ତକ୍ଷଶିଳାରେ ନିଯୁକ୍ତ ଥିବା ରାଜପ୍ରତିନିଧି ଅଥବା ଭାଇସ୍‌ରୟମାନଙ୍କ ପରି ତୋଷାଳୀର 'କୁମାର-ପ୍ରତିନିଧି'ଙ୍କ ନିକଟରେ ନିରଙ୍କୁଶ ଅଥବା ସଂପୂର୍ଣ୍ଣ କ୍ଷମତା ନଥିଲା। ଉଜ୍ଜୟିନୀ ଓ ତକ୍ଷଶିଳାର ରାଜ-ପ୍ରତିନିଧି ନିଜ ନିଜର ଧର୍ମ-ମହାମାତ୍ରମାନଙ୍କୁ ପ୍ରତି ତିନିବର୍ଷରେ ଥରେ ଗସ୍ତରେ ପଠାଇବାର କ୍ଷମତା ସେମାନଙ୍କର ନିଜସ୍ୱ ଥିଲା। ମାତ୍ର କଳିଙ୍ଗରେ ଏହି ମହାମାତ୍ରମାନଙ୍କୁ ତୋଷାଳୀର କୁମାର ନୁହନ୍ତି, ବରଂ ଅଶୋକ ନିଜେ ନିଯୁକ୍ତି କରି ନିଜ ଇଚ୍ଛା ମୁତାବକ ପଠାଉଥିଲେ। କଳିଙ୍ଗର ସ୍ୱତନ୍ତ୍ର ଶିଳାଲେଖ ଅନୁଯାୟୀ ଉଜ୍ଜୟିନୀ ଓ ତକ୍ଷଶିଳାର କୁମାରମାନଙ୍କୁ ଅଶୋକ ସ୍ୱତନ୍ତ୍ର ଭାବେ ଉଲ୍ଲେଖ କରିଥିଲେ। କିନ୍ତୁ ତୋଷାଳୀର କୁମାରଙ୍କୁ ସେ ସ୍ୱତନ୍ତ୍ର ଭାବେ ନୁହେଁ, ବରଂ ତାଙ୍କ ମହାମାତ୍ର ଅଥବା ମନ୍ତ୍ରୀମାନଙ୍କ ସହ ମିଶାଇ ଉଲ୍ଲେଖ କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣାଯାଉଛି ଯେ କଳିଙ୍ଗର ରାଜପ୍ରତିନିଧିଙ୍କର କ୍ଷମତା ସୀମିତ ଥିଲା ଏବଂ ମନ୍ତ୍ରୀ ପରିଷଦ ତାଙ୍କ କ୍ଷମତା ତଥା ଅଧିକାରକୁ ନିୟନ୍ତ୍ରିତ ତଥା ସନ୍ତୁଳିତ କରୁଥିଲେ। ଅଧିକନ୍ତୁ, ଉଜ୍ଜୟିନୀ ଓ ତକ୍ଷଶିଳାର ରାଜପ୍ରତିନିଧିମାନଙ୍କଠାରୁ ଭିନ୍ନ କଳିଙ୍ଗର 'ପରିଷଦ ସହିତ ରାଜପ୍ରତିନିଧି' ଙ୍କୁ ସର୍ବୋଚ୍ଚ କ୍ଷମତା ଦିଆଯାଇ ନଥିଲା। ଏହି ପ୍ରବେଶର ଆଭ୍ୟନ୍ତରୀଣ ଶାସନ

ଓଡ଼ିଶାର ବୌଦ୍ଧ ପରମ୍ପରା



ବ୍ୟାପାରରେ ଅଶୋକଙ୍କର ପ୍ରତ୍ୟକ୍ଷ ହସ୍ତକ୍ଷେପ ଦେଖିବାକୁ ମିଳିଥିଲା।

ଏହିପରି ଭାବେ ସ୍ୱତନ୍ତ୍ର ଶିଳାଲେଖ-୧ ରେ ଅଶୋକ ସିଧାସଳଖ ନାଗଳବିୟୋହାଲକ (ନଗର ବିଚାରପତି / ଅଧିକାରୀ) ଏବଂ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନଙ୍କୁ ପରାମର୍ଶ ଓ ନିର୍ଦ୍ଦେଶ ଦେଉଥିଲେ, କଳିଙ୍ଗର କୁମାର ପରିଷଦ ମାଧ୍ୟମରେ ନୁହେଁ। ନୂତନ ବିଜିତ ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷା କରିବା ଏକ ପରମ କର୍ତ୍ତବ୍ୟ ଭାବେ ବିବେଚନା କରାଯାଉଥିଲା। ପ୍ରାଦେଶିକ ଅଧିକାରୀ ତଥା ନଗରୀ ନ୍ୟାୟପାଳିକାଗୁଡ଼ିକୁ ସେମାନଙ୍କର ବିନା କାରଣରେ ମନଇଚ୍ଛା ଗିରଫଦାରୀ, ବଳପ୍ରୟୋଗ ଓ କାରାଦଣ୍ଡ ଦେବା ଏବଂ ଜନସାଧାରଣଙ୍କ ସହ ଦୁଃବ୍ୟବହାର ତଥା ଏକଛତ୍ରବାଦୀ କାର୍ଯ୍ୟକଳାପ ପାଇଁ ତାଚ୍ଛଲ୍ୟ, ଭର୍ତ୍ସନା, ତିରସ୍କାର ଓ ତାଗିଦ କରାଯାଉଥିଲା। ଜଣେ ଜ୍ଞାନଦୀପ୍ତ ତଥା ଉଦାର ରାଜନୈତିକ ଚିନ୍ତକ ଭାବରେ ଅଶୋକ ନିଜର ଅଭିଲେଖଗୁଡ଼ିକରେ 'ଦଣ୍ଡନୀତି'ର ମୁଖ୍ୟ ବିଧିବିଧାନଗୁଡ଼ିକୁ ବର୍ଣ୍ଣନା କରିଥିଲେ। ଅଧିକାରୀମାନଙ୍କୁ ଶିକ୍ଷା ଦେବା ନିମନ୍ତେ ଜଣେ ସଫଳ ପ୍ରଶାସକ ହେବା ପାଇଁ ଆବଶ୍ୟକୀୟ ତଥା କ୍ଷତିକାରକ ଅଭ୍ୟାସଗୁଡ଼ିକର ତାଲିକା ପ୍ରସ୍ତୁତ କରିଥିଲେ, ଯାହା ଜଣେ ସଫଳ ପ୍ରଶାସକ ଗଢ଼ିବାରେ ସହାୟକ ହୋଇଥିଲା।

ତାଙ୍କ ମତରେ ସେମାନଙ୍କ ପାଇଁ ଅପରିହାର୍ଯ୍ୟ ସକାରାତ୍ମକ ଗୁଣଗୁଡ଼ିକ ହେଲା କମ୍ ଅଧର୍ମ (ବା ପାପ), ଅନେକ ସତ୍କର୍ମ, ଦୟା, ଉଦାରତା, ସତ୍ୟବାଦିତା, ନୈତିକ ପବିତ୍ରତା, ସୌମ୍ୟତା ଓ ମହାନତା। ଅନ୍ୟପକ୍ଷରେ ସେମାନଙ୍କ ଦ୍ୱାରା ପରିହାର୍ଯ୍ୟ ବା କ୍ଷତିକାରକ ଗୁଣଗୁଡ଼ିକ ହେଲା କ୍ରୋଧ, ଅହଂକାର, ଦ୍ୱେଷ, ଚଣ୍ଡପଣ ଅଥବା ରାଗୀ ସ୍ୱଭାବ, ହିଂସ୍ରତା, ନିର୍ଦ୍ଦୟତା, ଅତ୍ୟାଚାର ଓ ଶୋଷଣ ସ୍ୱଭାବ।(କ୍ରମଶଃ..)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରେ ଭାଟ୍ ହ୍ରାସ ହେଉ: ବିଜେଡି

ଭୁବନେଶ୍ୱର, ୨୭।୩ (ସମିସ): ପେଟ୍ରୋଲ ଓ ଡିଜେଲ ଉପରେ ରାଜ୍ୟ ଲାଗୁ କରିଥିବା ଭାଟ୍ ହ୍ରାସ କରିବାକୁ ବିଜେଡି ଦାବି କରିଛି। ଦଳ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ସମ୍ପ୍ରତି ଇସ୍ରାଏଲ-ଆମେରିକା ଏବଂ ଇରାନ୍ ମଧ୍ୟରେ ଯୁଦ୍ଧ ସ୍ଥିତି ଜାରି ରହିଛି। ତେଣୁ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ଦେଖାଦେଇଛି। ଏହାକୁ ନେଇ ଜନସାଧାରଣ ମନରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ୍ ମିଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଯଦିଓ ସରକାରଙ୍କ ତରଫରୁ ବାରମ୍ବାର ସଙ୍କଟ ସ୍ଥିତି ଆସିନାହିଁ ବୋଲି ସୂଚନା ଦିଆଯାଉଛି, ତଥାପି ଏହା ଜନସାଧାରଣଙ୍କ ମନରୁ ସନ୍ଦେହ ଦୂର କରିପାରି ନାହିଁ। ଏହି ପରିସ୍ଥିତିରେ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲର ଏକ୍ସସାଇଜ ଦର ଉପରେ ପ୍ରତି ଲିଟର ୧୦ ଟଙ୍କା କମାଇଛନ୍ତି। କିନ୍ତୁ, କେଉଁ ପରିପ୍ରେକ୍ଷୀରେ ଏକ୍ସସାଇଜ୍ ଦର କମାଇଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ପେଟ୍ରୋଲ ଓ ଡିଜେଲ ମିଳିବାରେ ସମସ୍ୟା ଦେଖାଦେଇଥିବାରୁ ଏହାର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଦରବୃଦ୍ଧି ହେଲେ ଜନଆକ୍ରୋଶରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ସମ୍ଭବତଃ ସରକାର ପୂର୍ବରୁ ଏକ୍ସସାଇଜ ଦର ହ୍ରାସ କରିଛନ୍ତି ବୋଲି କୁହାଯାଉଛି। ବର୍ତ୍ତମାନ ଇନ୍ଧନ ଯୋଗାଣରେ ବ୍ୟାହତ ନ ହେବା ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହୋଇଛି।

■ ବିରୋଧୀରେ ଥିବା ବେଳେ ଭାଟ୍ ହ୍ରାସ ପାଇଁ ଦାବି କରୁଥିଲା ବିଜେପି
■ ଓଡ଼ିଶାରେ ଲାଗୁ ହେଉଥିବା ଭାଟ୍ ଦର ଦେଶରେ ସବୁଠାରୁ ଅଧିକ
■ କେବଳ ଏକ୍ସସାଇଜ୍ ଦର ହ୍ରାସ ପର୍ଯ୍ୟାପ୍ତ ନୁହେଁ କହିଲା ବିଜେଡି

ଡଃ ମହାନ୍ତି କହିଛନ୍ତି, କେନ୍ଦ୍ର ସରକାରଙ୍କ ଏକ୍ସସାଇଜ୍ ଦର ହ୍ରାସ ନିଷ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିବା, କେବଳ ଏକ ଚିରାଚରିତ ପଦକ୍ଷେପ। ମୁଖ୍ୟମନ୍ତ୍ରୀ ଯଦି ରାଜ୍ୟବାସୀଙ୍କୁ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ସୁରୁଖୁରୁରେ ଯୋଗାଇ ଦେବା ପାଇଁ ତତ୍ପର ଅଛନ୍ତି, ତାହେଲେ ସେ ରାଜ୍ୟ ସରକାର ଲାଗୁ କରୁଥିବା ଭାଟ୍‌କୁ କମ୍ କରନ୍ତୁ ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟରେ ବିଜେପି ବିରୋଧୀ ଦଳରେ ଥିବା ସମୟରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଉପରୁ ଭାଟ୍ ହ୍ରାସ ପାଇଁ ବାରମ୍ବାର ଦାବି କରୁଥିଲା। ଏବେ ପେଟ୍ରୋଲ, ଡିଜେଲ ଉପରେ ସମସ୍ତ ରାଜ୍ୟ ସରକାରମାନଙ୍କ ଦ୍ୱାରା ଲାଗୁ କରାଯାଉଥିବା ଭାଟ୍ ଭିତରେ ଓଡ଼ିଶାର ଦର ସର୍ବାଗ୍ରେ ରହିଛି। ଏହା ଉପରେ ଓଡ଼ିଶା ସରକାରଙ୍କ ଦ୍ୱାରା ୨୮ ପ୍ରତିଶତ ଭାଟ ଲାଗୁ ହେଉଥିବା ବେଳେ, ମହାରାଷ୍ଟ୍ର ଦ୍ୱାରା ୨୫ ପ୍ରତିଶତ, ମଧ୍ୟପ୍ରଦେଶ ଦ୍ୱାରା ୨୫ ପ୍ରତିଶତ, ରାଜସ୍ଥାନ ଦ୍ୱାରା ୧୯ ପ୍ରତିଶତ ରହିଛି। ତେଣୁ, କେବଳ ଚିରାଚରିତ ଭାବେ କେନ୍ଦ୍ର ଦ୍ୱାରା କରାଯାଇଥିବା ଏକ୍ସସାଇଜ ଦର ହ୍ରାସକୁ ସ୍ୱାଗତ ନକରି, ରାଜ୍ୟବାସୀଙ୍କ ହିତ ଦୃଷ୍ଟିରୁ ଭାଟ୍ ହ୍ରାସ କରନ୍ତୁ ବୋଲି ଡଃ ମହାନ୍ତି ଦାବି କରିଛନ୍ତି।

## ଡହ ଜଳଭଣ୍ଡାରର ଏସ୍‌ଡିଓ କୋର୍ଟଚାଲାଣ

# ୧୪ ହଜାର ଦରମାରେ ୩୩୪% ଆୟ ବହିର୍ଭୂତ ସଂପତ୍ତି ଠୁଳ

ବ୍ରହ୍ମପୁର, ୨୭ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଡହ ଜଳଭଣ୍ଡାରର ଏସଡିଓ ପଞ୍ଚୁ ବେହେରାଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଛି ବ୍ରହ୍ମପୁର ଭିଜିଲାନ୍ସ। ଗତ ଗୁରୁବାର ଦିନ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପଞ୍ଚୁଙ୍କ ବ୍ରହ୍ମପୁରସ୍ଥିତ ବସନ୍ତ ବିହାରସ୍ଥିତ ବାସଭବନ ସମେତ ଭଞ୍ଜନଗରସ୍ଥିତ ସରକାରୀ ବାସଭବନ, ସରକାରୀ କାର୍ଯ୍ୟାଳୟ, ବୀମା ନଗରରେ ଥିବା ସମ୍ପର୍କୀୟ ଘର ଓ ପୋଲସରାରେ ଥିବା ପୈତୃକଘର, ମୋଟ ୫ଟି ସ୍ଥାନରେ ଏକକାଳୀନ ଭାବେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ ହୋଇଥିଲା।



ଏହି ଚଢ଼ଉରେ ପଞ୍ଚୁଙ୍କଠାରୁ ବସନ୍ତ ବିହାରସ୍ଥିତ ଘରୁ ନଗଦ ୧୫ଲକ୍ଷ ୧୩ହଜାର ଓ ଭଞ୍ଜନଗରସ୍ଥିତ ସରକାରୀ କାର୍ଯ୍ୟାଳୟରୁ ୩ଲକ୍ଷ ୭୨ହଜାର ୮୦୦ଟଙ୍କା ଠାବ ହୋଇଥିଲା। ମୋଟ ୧୮ଲକ୍ଷ ୯୦ହଜାର ୮୦୦ଟଙ୍କା ଠାବ ହୋଇଛି। ଏହା ସହ ବ୍ରହ୍ମପୁରର ବିଭିନ୍ନ ସ୍ଥାନରେ ରହିଥିବା ୫ଟି ବହୁମୂଲ୍ୟ ପ୍ଲଟ, ୫୬୮ଗ୍ରାମ ସୁନା ଓ ୧୭୮ଗ୍ରାମ ସୁନା କଏନ୍, ୯୦ଲକ୍ଷ ଟଙ୍କାର ବ୍ୟାଙ୍କ ପୋଷ୍ଟାଲ ଓ ଇନସ୍ୟୁରାନ୍ସ ଜମା, ୫୭ଲକ୍ଷ ଟଙ୍କାର ମିକ୍ସଚର ମେସିନ୍, ୩୭ଲକ୍ଷ ଟଙ୍କାର ଜେସିବି ମେସିନ, ଗୋଟିଏ କାର ଓ ତିନୋଟି ବାଇକ ସହ ୮ଲକ୍ଷ ୫୭ହଜାର ଟଙ୍କାର ଘରକରଣା ସାମଗ୍ରୀ ମଧ୍ୟ ଠାବ ହୋଇଛି। ପଞ୍ଚୁ ଜଣେ ଅସ୍ଥାୟୀ କର୍ମଚାରୀ ଭାବେ କାମ କରୁଥିବା ବେଳେ ତାଙ୍କ ମାସିକ ଦରମା ମାତ୍ର ୧୪ ହଜାର ଟଙ୍କା। ଦୁଇ ଦିନର ତଦନ୍ତରେ ପଞ୍ଚୁ ନିଜର ଆୟର ୩୩୪ପ୍ରତିଶତ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ରଖିଥିବା ଜଣାପଡ଼ିଛି। ତେଣୁ ଆଜି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ନେଇ ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଭିଜିଲାନ୍ସ ଏସପି ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ପୂର୍ବତନ ସାଂସଦ ନାରାୟଣ ସାହୁଙ୍କ ପରଲୋକ

ପରଜଙ୍ଗ, ୨୭।୩ (ସମିସ): ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ମୁଣ୍ଡେଇଲୋ ପଞ୍ଚାୟତ ଗେହ୍ଲେଇକାଟେଣୀ ଗ୍ରାମର ପୂର୍ବତନ ସାଂସଦ ତଥା ୨ଥରର ବିଧାୟକ ନାରାୟଣ ସାହୁ (୮୮)ଙ୍କ ଆଜି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ସେ ୧୯୭୧ରୁ ୧୯୭୭ ମସିହା ପର୍ଯ୍ୟନ୍ତ ପାଲଲହଡ଼ା ଆସନରୁ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟିରୁ ୨ଥର ବିଧାୟକ ଥିଲେ। ୧୯୮୦-୧୯୮୪ ମସିହା ପର୍ଯ୍ୟନ୍ତ ସେ ସଂସଦରେ ଦେବଗଡ଼ ଲୋକସଭା ଆସନରୁ ପ୍ରତିନିଧିତ୍ୱ କରିଥିଲେ। ୧୯୮୪ ମସିହାରେ ରାଜନୀତିରୁ ସନ୍ନ୍ୟାସ ନେବା ପରେ ପୁଣିଥରେ ଅଧ୍ୟୟନ କରିଥିଲେ। ୨୦୦୯ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ପିଜି ଏବଂ ୮୧ ବର୍ଷ ବୟସରେ ଦର୍ଶନ ଶାସ୍ତ୍ରରେ ଡକ୍ଟରେଟ୍ ଲାଭ କରିଥିଲେ। ସେ ଅନେକ ବହି ଓ ଉପନ୍ୟାସ ମଧ୍ୟ ଲେଖିଛନ୍ତି। ନାରାୟଣଙ୍କ ଘର ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ଗେହ୍ଲେଇକାଟେଣୀ ଗାଁରେ। ତାଙ୍କର ୪ ଝିଅ ଓ ୨ ପୁଅ ଅଛନ୍ତି। ୪ଦିନ ତଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଜି ମଧ୍ୟାହ୍ନ ୧୨ଟା ୨୩ରେ ତାଙ୍କର ଦେହାନ୍ତ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ।



### ଶୋକବ୍ୟକ୍ତ କଲେ ନବୀନ

ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ବରିଷ୍ଠ ରାଜନେତା, ପୂର୍ବତନ ବିଧାୟକ ତଥା ସାଂସଦ ଡ. ନାରାୟଣ ସାହୁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଲୋକଙ୍କ ସେବାରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।

# ରାସ୍ତା ନିର୍ମାଣରେ ବାଧା ସୃଷ୍ଟି କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ

କଟକ, ୨୭।୩ (ସମିସ): ସରକାରୀ ଜମିରେ ଜନହିତକର ପ୍ରକଳ୍ପ ବିଶେଷ କରି ରାସ୍ତା ନିର୍ମାଣ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଓଡ଼ିଶା ହାଇକୋର୍ଟ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଧରାଧରପୁର ପଞ୍ଚାୟତରେ ଏକ ରାସ୍ତା ନିର୍ମାଣ ପାଇଁ ହୋଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ୍. ଏସ୍. ରମଣଙ୍କ ଖଣ୍ଡପୀଠ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ରାସ୍ତା ନିର୍ମାଣ କାର୍ଯ୍ୟ ଯେପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ, ସେଥିପାଇଁ ଆବଶ୍ୟକ ସୁରକ୍ଷା ଓ ସହାୟତା ଯୋଗାଇଦେବାକୁ କୋର୍ଟ ଜଗତସିଂହପୁର ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିପିନ ବିହାରୀ ସ୍ୱାଇଁଙ୍କ ପକ୍ଷରୁ ଦାୟର ଏହି ଜନସ୍ୱାର୍ଥ ମାମଲାଟି ଏକ ସରକାରୀ ରାସ୍ତା ନିର୍ମାଣ ଏବଂ ସେଥିରୁ ଜବରଦଖଲ ଉଚ୍ଛେଦ ସମ୍ପର୍କିତ ଥିଲା। ସରକାରଙ୍କ 'ଜିରୋ ଟଲରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଅନୁଯାୟୀ, ସମ୍ପୃକ୍ତ ସରକାରୀ ଜମିରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପୂର୍ବରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ କିଛି ଜବରଦଖଲକାରୀ ଏହାକୁ ବିରୋଧ କରି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାକୁ ବିଚାରକୁ ନେଇ ସ୍ପଷ୍ଟ କରିଛନ୍ତି ଯେ ସମାଜର ବୃହତ୍ତର ସ୍ୱାର୍ଥ ପାଇଁ ରାସ୍ତା ନିର୍ମାଣ ଏକ ସାର୍ବଜନୀନ ଉଦ୍ଦେଶ୍ୟ ଏବଂ ଏଥିରେ କୌଣସି ପ୍ରକାରର ବାଧାବିଘ୍ନକୁ ପ୍ରୋତ୍ସାହନ ଦିଆଯାଇପାରିବ ନାହିଁ। ଖଣ୍ଡପୀଠ ଆହୁରି ମଧ୍ୟ କହିଛନ୍ତି ଯେ ଏହି ରାସ୍ତାଟି କୌଣସି ବ୍ୟକ୍ତିଗତ ଜମିରେ ନୁହେଁ, ବରଂ ସରକାରୀ ଜମିରେ ନିର୍ମିତ ହେଉଛି। ତେଣୁ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ସରକାରଙ୍କ ଦାୟିତ୍ୱ। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ଜବରଦଖଲକାରୀଙ୍କ ପକ୍ଷରୁ ବାଧା ସୃଷ୍ଟି କରାଯାଉଥିବା କୋର୍ଟଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଏହାକୁ ଗୁରୁତ୍ୱର ସହ ନେଇ କୋର୍ଟ କହିଛନ୍ତି ଯେ ମୁଷ୍ଟିମେୟ କିଛି ଲୋକଙ୍କ ବିରୋଧ ପାଇଁ ଜନହିତକର କାର୍ଯ୍ୟ ଅଟକି ରହିବା ଅନୁଚିତ। ସମ୍ବିଧାନର ସପ୍ତମ ଅନୁସୂଚୀ ଅନୁଯାୟୀ ଆଇନଶୃଙ୍ଖଳା ରକ୍ଷା କରିବା ରାଜ୍ୟ ସରକାରଙ୍କ ଅଧୀନରେ ଆସୁଥିବାରୁ, କୋର୍ଟ ଜଗତସିଂହପୁର ଏସପିଙ୍କୁ ଏହି ନିର୍ମାଣ କାର୍ଯ୍ୟ ସମୟରେ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି କେହି ଏଥିରେ ବାଧା ସୃଷ୍ଟି କରନ୍ତି, ତେବେ ସେମାନଙ୍କ ବିରୋଧରେ ତୁରନ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏହି ନିର୍ଦ୍ଦେଶ ସହ ହାଇକୋର୍ଟ ଏହି ରିଟ୍ ପିଟିସନର ସମାପ୍ତି ଘଟାଇଛନ୍ତି।

■ ଜଗତସିଂହପୁର ଏସପିଙ୍କୁ ହାଇକୋର୍ଟଙ୍କ କଡ଼ା ନିର୍ଦ୍ଦେଶ
■ ଜନହିତ ପାଇଁ ସରକାରୀ ଜମିରୁ ହଟିବେ ଜବରଦଖଲକାରୀ
■ ସୁରକ୍ଷା ଯୋଗାଇଦେବାକୁ ପୁଲିସକୁ ନିର୍ଦ୍ଦେଶ

ସୂଚନାଯୋଗ୍ୟ ଯେ, ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାଟିକୁ ଯୁବ ଆଇନଜୀବୀ ସୁଶ୍ରୀ ଅରୋଲିନା ପାଲ ପରିଚାଳନା କରୁଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବାଲେନ ଶାହା ନେପାଳର...

ଯୁବଗୋଷ୍ଠୀଙ୍କ ଉଲ୍ଲେଖ ରହିଛି। ଏକତା ହିଁ ସବୁଠାରୁ ବଡ଼ ଶକ୍ତି ବୋଲି ବାଲେନ କହିଛନ୍ତି। ଏହା ଚଳିତ ଥର ଇତିହାସ ରଚିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାଲେନଙ୍କୁ ଶୁଭେଚ୍ଛା ଜଣାଇବା ସହ ଭାରତ- ନେପାଳ ବନ୍ଧୁତାକୁ ଏକ ନୂଆ ସ୍ତରକୁ ନେବା ପାଇଁ ଆଶା ପ୍ରକଟ କରିଛନ୍ତି। ବାଲେନ ଶାହାଙ୍କ ନେତୃତ୍ୱରେ ନୂଆ ରାଜନୈତିକ ଦଳ 'ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି' (ଆରଏସ୍‌ପି) ନେପାଳ ସଂସଦର ୨୫୭ଟି ଆସନରୁ ୧୮୨ଟି ଆସନ ଜିତି ଏକ ବଡ଼ ସଫଳତା ହାସଲ କରିଛି। ନେପାଳୀ କଂଗ୍ରେସକୁ ମାତ୍ର ୩୮ ଓ ସିପିଏନ-ୟୁଏମ୍‌ଏଲ୍‌କୁ ୨୫ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ବାଲେନ ନିଜ ନିର୍ବାଚନ ମଣ୍ଡଳୀ 'ଝାପା-୫'ରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବାମପନ୍ଥୀ ନେତା କେପି ଶର୍ମା ଓଲିଙ୍କୁ ଏକ ବଡ଼ ବ୍ୟବଧାନରେ ପରାସ୍ତ କରି ସମସ୍ତଙ୍କୁ ଚକିତ କରିଛନ୍ତି। ବାଲେନ ୧୫ରୁ ୧୮ ଜଣ ସଦସ୍ୟଙ୍କୁ ନେଇ ନୂଆ କ୍ୟାବିନେଟ୍ ଗଠନ କରିପାରନ୍ତି।

## ଅପରାଧ ନୁହେଁ...

ତାହା ଅପରାଧ ନୁହେଁ। କୋର୍ଟ ନେତ୍ରପାଳଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୁଲିସକୁ ବାରଣ କରିଛନ୍ତି ଏବଂ ତାଙ୍କୁ ଗିରଫ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନର କିଲିଂ ବା ସମ୍ମାନ ପାଇଁ ହତ୍ୟା ଆଶଙ୍କା କରି ପ୍ରେମୀ ଯୁଗଳ ସୁରକ୍ଷା ମାଗିଥିଲେ। କୋର୍ଟ ସ୍ଥାନୀୟ ଏସ୍‌ପିଙ୍କୁ ଏହି ପ୍ରେମୀ ଯୁଗଳଙ୍କ ସୁରକ୍ଷା ପାଇଁ ଦାୟିତ୍ୱ ଦେଇଛନ୍ତି। ଅନାମିକାଙ୍କ ପରିବାର ଲୋକଙ୍କୁ ସେମାନଙ୍କ ସହ ଯୋଗାଯୋଗ ନ କରିବାକୁ କିମ୍ବା ସେମାନଙ୍କ ଘରକୁ ଯିବାକୁ କୋର୍ଟ କଡ଼ା ଭାବେ ବାରଣ କରିଛନ୍ତି।

## ଲକ୍‌ଡାଉନ୍‌ର ପଦଧ୍ୱନି !...

ଏହା ସହିତ ଛାତ୍ରଛାତ୍ରୀମାନେ ନିୟମିତ ଅନ୍‌ଲାଇନ୍ କ୍ଲାସରେ ଉପସ୍ଥିତ ରହିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ପରୀକ୍ଷା ଋତୁରେ କଲେଜ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତି ସ୍ୱାଭାବିକ ମନେ ହେଉନାହିଁ। ରାଜ୍ୟରେ ସୃଷ୍ଟି ହୋଇଥିବା ଇନ୍ଧନ ସଙ୍କଟ ସହ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିର ସିଧା ସମ୍ପର୍କ ଥିବା ମନେ କରାଯାଉଛି। ଶୈକ୍ଷିକ ଋତୁର ଶେଷ ଭାଗରେ ଶ୍ରେଣୀଗୃହ ଶିକ୍ଷାକୁ ବନ୍ଦ କରାଯାଇ ଅନ୍‌ଲାଇନ୍ ପଢ଼ା, ହଷ୍ଟେଲ ଖାଲି କରିବାକୁ ଅଭିଭାବକମାନେ ଅସ୍ୱାଭାବିକ ମନେ କରୁଛନ୍ତି।

ସେହିପରି ରାଜଧାନୀର ଅନେକ ଘରୋଇ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ମଧ୍ୟ ଅନୁରୂପ ପଦକ୍ଷେପ ଗ୍ରହଣ କରିଛନ୍ତି। ଏକ ପ୍ରସିଦ୍ଧ ମିଠା ପ୍ରସ୍ତୁତ କରୁଥିବା କମ୍ପାନୀ ତାହାର ଉତ୍ପାଦନ ହ୍ରାସ ପାଇଁ ଘୋଷଣା କରିଛି । ସାରା ରାଜ୍ୟରେ ବାଣିଜ୍ୟିକ ଗ୍ୟାସର ଅଭାବ ଯୋଗୁଁ ଫାଷ୍ଟଫୁଡ୍ ଓ ଷ୍ଟ୍ରୀଟଫୁଡ୍‌ର ମୂଲ୍ୟ ୨୦ରୁ ୨୫% ପର୍ଯ୍ୟନ୍ତ ବୃଦ୍ଧି ପାଇଛି। ଏପରିକି ୫ ଟଙ୍କାରେ ମିଳୁଥିବା ଚା ୧୦ ଟଙ୍କା, ୪୦ ଟଙ୍କାରେ ବିକ୍ରି ହେଉଥିବା ଦହିବରା ଆଳୁଦମ୍ ଏବେ ୫୦ ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ଗ୍ୟାସର ଅଭାବ ସାଙ୍ଗକୁ ଘରୋଇ ବ୍ୟବହାର ସିଲିଣ୍ଡର ଅଭାବ ସାଧାରଣ ଉପଭୋକ୍ତାଙ୍କୁ ନୟାନ୍ତ କରିଛି। ବିକଳ୍ପ ଇନ୍ଧନ ସ୍ୱରୂପ ଲୋକେ ଇଣ୍ଡକ୍ସନ ବ୍ୟବହାର କରିବାକୁ ଆଗ୍ରହ ପ୍ରକାଶ କରୁଥିଲେ ବି ବଜାରରେ ଏହା ଉପଲବ୍ଧ ହେଉନାହିଁ। ଏପରି ସ୍ଥିତିରେ ରାଜ୍ୟ ସରକାର ଓଡ଼ିଶାରେ ପେଟ୍ରୋଲିୟମ ସାମଗ୍ରୀ ସମ୍ପର୍କରେ ଉପଯୁକ୍ତ ଆଶ୍ୱାସନା ଦେଇ ନ ପାରିବା, ଲୋକମାନଙ୍କୁ ବିବ୍ରତ କରିଛି। ଇନ୍ଧନ ସଙ୍କଟ ଯେପରି ତୀବ୍ର ହେବାରେ ଲାଗିଛି, ଆଗକୁ ଏହା ଭୟାବହ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି।

## ସରକାରୀ ଶିକ୍ଷାନୁଷ୍ଠାନରେ...

ଯୋଗୁଁ ଦିଲ୍ଲୀ ସ୍ଥିତ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ (ଆଇଏଆର୍‌ଆଇ)ରେ ଏହି ବ୍ୟବସ୍ଥା ଆସନ୍ତା ମାସ ୬ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏଠାରେ ୨୨୦୦ ଛାତ୍ରଛାତ୍ରୀଙ୍କୁ ତୁରନ୍ତ କ୍ୟାମ୍ପସ ଛାଡ଼ିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ୬ ତାରିଖରୁ ସେମାନଙ୍କ ପାଇଁ ଅନଲାଇନ୍ କ୍ଲାସ୍ ଆରମ୍ଭ ହେବ ବୋଲି କୁହାଯାଇଛି। କିନ୍ତୁ ଏହି ବ୍ୟବସ୍ଥା କେତେଦିନ ପର୍ଯ୍ୟନ୍ତ ତାହା ସ୍ପଷ୍ଟ କରାଯାଇ ନାହିଁ।

## ଆମେରିକାର ୧୩...

ଏପର୍ଯ୍ୟନ୍ତ ଆମେରିକାର ୧୩ଟି ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ଫଳରେ ଆମେରିକା ସାମରିକ ରଣନୀତିରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ରିପୋର୍ଟ ଅନୁଯାୟୀ, ଆମେରିକାର ଅନେକ ପ୍ରମୁଖ ଘାଟି ଏବେ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ପ୍ରାୟ ସମ୍ପୂର୍ଣ୍ଣ ଅଯୋଗ୍ୟ ହୋଇପଡ଼ିଛି। ଇରାନର କ୍ରମାଗତ ଆକ୍ରମଣ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଏହାକୁ ନେଇ ଆମରିକା ସୈନିକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇଛି। ହଜାର ହଜାର ଆମେରିକୀୟ ସୈନ୍ୟ ଏବେ ସୁରକ୍ଷିତ ବଙ୍କର ଛାଡ଼ି ସ୍ଥାନୀୟ ହୋଟେଲ ଏବଂ ଅଫିସରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି।

ନିଜର ମୂଳ ଘାଟି ହରାଇବା ପରେ ଆମେରିକୀୟ ସେନା ଏବେ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇ ରହିଛନ୍ତି। ସେମାନେ ଦୂରରେ ରହି ଯୁଦ୍ଧ ପରିଚାଳନା କରୁଥିବାରୁ ଏହାକୁ ଏକ 'ରିମୋଟ ୱାର' ବୋଲି କୁହାଯାଉଛି। ପୁଣି କିଛି ସୈନ୍ୟଙ୍କୁ ୟୁରୋପ ପଠାଇ ଦିଆଯାଇଛି। କୁଏତର ପୋର୍ଟ ସୁଏବାରେ ଆକ୍ରମଣ ଯୋଗୁଁ ୬ଜଣ ଆମେରିକୀୟ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ସେହିପରି କାତାରରେ ଅଲ ଉଦୈଦ ଏୟାର ବେସ୍‌ର ଗୁରୁତ୍ୱପୂର୍ଣ୍ଣ ରାଡାର ସିଷ୍ଟମ ନଷ୍ଟ ହୋଇଛି। ସେହିପରି ସାଉଦି ଆରବ ଓ ବାହାରିନରେ ଥିବା ଆମେରିକାର ଯୋଗାଯୋଗ କେନ୍ଦ୍ର ଓ ଇନ୍ଧନ ଟ୍ୟାଙ୍କର ଉପରେ ଡ୍ରୋନ ମାଡ଼ ହୋଇଛି। ଆମେରିକା ମଧ୍ୟ ଏହାର ପାଲଟା ଜବାବ୍ ମଧ୍ୟ ଦେଉଛି। ଆମେରିକାର ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ କହିଛନ୍ତି ଯେ ଆମେରକା ଏପର୍ଯ୍ୟନ୍ତ ଇରାନର ୭, ୦୦୦ରୁ ଅଧିକ ସାମରିକ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିସାରିଛି। ଆମେରିକା ଇତିମଧ୍ୟରେ ସାଟେଲାଇଟ୍ ଚିତ୍ର ଉପରେ ରୋକ ଲଗାଇଛି। ଯୁଦ୍ଧକ୍ଷେତ୍ରରେ ଗୁପ୍ତ ତଥ୍ୟ ଯେପରି ଶତ୍ରୁ ପକ୍ଷ ପାଖକୁ ନ ଯାଏ, ସେଥିପାଇଁ ଆମେରିକାର ପ୍ରମୁଖ ସାଟେଲାଇଟ୍ କମ୍ପାନୀ (ପ୍ଲାନେଟ ଲାବ୍ସ) ମଧ୍ୟପ୍ରାଚ୍ୟର ନୂଆ ଚିତ୍ର ଜାରି କରିବା ଉପରେ ଦୁଇ ସପ୍ତାହ ପାଇଁ କଟକଣା ଲଗାଇଛି।

ଇରାନର ସାମରିକ ସଂଗଠନ ଆଇଆରଜିସି ସାଧାରଣ ନାଗରିକଙ୍କୁ କହିଛି ଯେ, ସେମାନଙ୍କ ଅଞ୍ଚଳରେ ଲୁଚି ରହିଥିବା ଆମେରିକୀୟ ସୈନ୍ୟଙ୍କ ସୂଚନା ପ୍ରଦାନ କରନ୍ତୁ। ଏହା ସୈନ୍ୟମାନଙ୍କ ସୁରକ୍ଷା ପ୍ରତି ବଡ଼ ବିପଦ ସୃଷ୍ଟି କରିଛି। ଦଶନ୍ଧି ଦଶନ୍ଧି ଧରି ମଧ୍ୟପ୍ରାଚ୍ୟରେ ଆମେରିକା ଗଢ଼ିଥିବା ସାମରିକ ସାମ୍ରାଜ୍ୟ ଏବେ ଇରାନର କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଦୁର୍ବଳ ମନେହେଉଛି। ଅନ୍ୟପଟେ ଆମେରିକା ଏ ପର୍ଯ୍ୟନ୍ତ ଯୁଦ୍ଧରେ ୮୫୦ରୁ ଅଧିକ ଟମ୍‌ହକ କ୍ରୁଜ କ୍ଷେପଣାସ୍ତ୍ର ମାଡ଼ କଲାଣି ବୋଲି ଦେଶର ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏହି କ୍ଷେପଣାସ୍ତ୍ରର ଦ୍ରୁତ ବ୍ୟବହାର ଆମେରିକା ଅଧିକାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟି ଯାଇଛି। ଏବେ କ୍ଷମତା ବଢ଼ାଇବାକୁ ଚର୍ଚ୍ଚା ହେଉଛି। ସେହିପରି ଇସ୍ରାଏଲ ଆଜି ଇରାନରେ ତୁହାକୁ ତୁହା ଆକ୍ରମଣ କରିଛି। ଇରାନର କୋମ ଏବଂ ଉର୍ମିଆ ନିକଟସ୍ଥ ଆବାସିକ କ୍ଷେତ୍ର ଉପରେ ମଧ୍ୟ ବୋମା ମାଡ଼ କରିଛି। ସାରା ରାତି ଇରାନର ବାଲିଷ୍ଟିକ କ୍ଷେପଣାସ୍ତ୍ର, ମାଇନ୍ସ ଠିକଣା ଏବଂ ଏୟାର ଡିଫେନ୍ସ ସିଷ୍ଟମକୁ ନିଶାଣ କରାଯାଇଥିଲା ବୋଲି ଆଇଡିଏଫ ପକ୍ଷରୁ କୁହାଯାଇଛି। ଆଗାମୀ ଦିନରେ ଆହୁରି ଜୋରଦାର ଆକ୍ରମଣ ହେବ ବୋଲି ଇସ୍ରାଏଲ ଚେତାବନୀ ଦେବାର କିଛି ଘଣ୍ଟା ପରେ ଇରାନର ପରମାଣୁ କେନ୍ଦ୍ର ଜଳ ବିଦ୍ୟୁତ୍ କେନ୍ଦ୍ର ଏବଂ ୟେଲୋକେକ୍ ଉତ୍ପାଦନ କେନ୍ଦ୍ର ଉପରେ ଜୋର୍‌ଦାର୍ ଆକ୍ରମଣ କରିଛି । ଏହି ଦୁଇ କେନ୍ଦ୍ରକୁ ନ୍ୟୁଟ୍ରନ୍ ଗତିକୁ କମ୍ କରିବା ପାଇଁ ବ୍ୟବହାର କରାଯାଇଥିଲା। ତେବେ ଆକ୍ରମଣରେ କୌଣସି ଆଣବିକ ବିକିରଣ ହୋଇନାହିଁ ବୋଲି ଜଣାପଡ଼ିଛି। ଅନ୍ୟପଟେ ଏହାକୁ ନେଇ ଆମେରିକା ରାଷ୍ଟ୍ରପତି ଦେଇଥିବା ପ୍ରତିଶ୍ରୁତି ଉପରେ ପୁଣି ପ୍ରଶ୍ନ ଉଠିଛି। ସେ ୧୦ଦିନ ପର୍ଯ୍ୟନ୍ତ ପ୍ରମୁଖ କେନ୍ଦ୍ର ଉପରେ ଆକ୍ରମଣ କରିବେ ନାହିଁ ବୋଲି କହିଥିଲେ। ମାତ୍ର ଇସ୍ରାଏଲ୍ ଏହି ଆକ୍ରମଣ କରି ଟ୍ରମ୍ପ୍‌ଙ୍କ ପ୍ରତିଶ୍ରୁତିକୁ ଭାଙ୍ଗି ଦେଇଛି। ଏହାରି ମଧ୍ୟରେ ଇସ୍ରାଏଲ୍ ଏବଂ ଆମେରିକାକୁ ଧମକ ଦେଇଛି ମଧ୍ୟପ୍ରାଚ୍ୟରେ ଥିବା ଏହି ଦୁଇଦେଶର ଠିକଣାରେ ଏବଂ କମ୍ପାନୀ ଉପରେ ଜୋର୍‌ଦାର ପ୍ରତି ଆକ୍ରମଣ କରାଯିବ ବୋଲି କହିଛନ୍ତି। ତୁରନ୍ତ କମ୍ପାନୀ ଛାଡ଼ି ପଳାଇବାକୁ ଉକ୍ତ ଦେଶର କର୍ମଚାରୀଙ୍କୁ ଇରାନ ଚେତାବନୀ ଦେଇଛି।

## କମିଲା ଉତ୍ପାଦ...

ତୈଳ ଦର ସହ ଯୁଝୁଥିବା ଖାଉଟିଙ୍କୁ କୌଣସି ଆଶ୍ୱସ୍ତି ମିଳିନାହିଁ। ଅପରପକ୍ଷେ ଏଣିକି ପ୍ରତି ୧୫ ଦିନରେ ତେଲ ଦରର ସମୀକ୍ଷା କରାଯିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ଉତ୍ପାଦ ଶୁଳ୍କରେ ହ୍ରାସ ପରେ ପେଟ୍ରୋଲ ଏବଂ ଡିଜେଲ୍ ମୂଲ୍ୟ ହ୍ରାସ ହୋଇପାରେ ବୋଲି ସର୍ବସାଧାରଣରେ ଚର୍ଚ୍ଚା ବଢ଼ିଯାଇଛି। ସିବିଆଇସି ଅଧ୍ୟକ୍ଷ ବିବେକ ଚତୁର୍ବେଦୀ କହିଛନ୍ତି ଯେ, ତୈଳ କମ୍ପାନୀଗୁଡ଼ିକର କ୍ଷତି କମାଇବାକୁ ଏବଂ ଗ୍ରାହକଙ୍କ ପାଇଁ ମୂଲ୍ୟ ବୃଦ୍ଧି ଏଡାଇବା ପାଇଁ ଉତ୍ପାଦ ଶୁଳ୍କ ହ୍ରାସ କରାଯାଇଛି। କିନ୍ତୁ ପୂର୍ବଭଳି ତେଲ ଉପରେ ରାଜ୍ୟ ସରକାରଙ୍କ ଭାଟ୍ ଜାରି ରହିବ। ପୂର୍ବରୁ ପେଟ୍ରୋଲ ଉପରେ ଉତ୍ପାଦ ଶୁଳ୍କ ୧୩ ଟଙ୍କା ଏବଂ ଡିଜେଲ ଉପରେ ୧୦ ଟଙ୍କା ପ୍ରତି ଲିଟର ଥିଲା କିନ୍ତୁ ଉଭୟରେ ଏବେ ୧୦ ଟଙ୍କା ହ୍ରାସ ହୋଇଛି। ସରକାର କହିବାନୁଯାୟୀ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକୁ ଉତ୍ପାଦ ଶୁଳ୍କ ହ୍ରାସରେ ବଡ଼ ଆଶ୍ୱସ୍ତି ପ୍ରଦାନ କରାଯାଇଛି, କାରଣ ମଧ୍ୟ ପ୍ରାଚ୍ୟ ସଙ୍କଟ ସମୟରେ ସେମାନେ ଅଧିକ ମୂଲ୍ୟରେ ଅଶୋଧିତ ତୈଳ କିଣିବାକୁ ବାଧ୍ୟ ହୋଇଛନ୍ତି। ଇରାନ୍ ଯୁଦ୍ଧ ବଢ଼ୁଥିବା ଯୋଗୁ ହରମୁଜ୍ ମାର୍ଗ ଦେଇ ତୈଳ ପରିବହନ ବାଧାପ୍ରାପ୍ତ ହୋଇଛି। ଏଥିଯୋଗୁ ଗତ କିଛି ଦିନ ଧରି ଦେଶର ଅନେକ ସହରରେ ପେଟ୍ରୋଲ ପମ୍ପରେ ଅଭାବୀ ସ୍ଥିତି ଦେଖାଦେଇଛି। ଲୋକମାନେ ଆତଙ୍କିତ ହୋଇ ପେଟ୍ରୋଲ ଏବଂ ଡିଜେଲ କିଣୁଛନ୍ତି। ହେଲେ ସରକାର କହୁଛନ୍ତି ଯେ, ଦେଶରେ ତେଲର କୌଣସି ଅଭାବ ନାହିଁ। ତୈଳ କମ୍ପାନୀଗୁଡ଼ିକ ବିଦେଶରୁ ତେଲ କିଣୁଛନ୍ତି ଏବଂ ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ତୈଳ ମହଜୁଦ ରହିଛି। ବଜାର ବିଶେଷଜ୍ଞଙ୍କ ମତରେ ନିକଟରେ ସରକାର ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୬୦ ଟଙ୍କା ବୃଦ୍ଧି କରିଥଲେ। ବର୍ତ୍ତମାନର ତୈଳ ସଙ୍କଟରେ କେନ୍ଦ୍ର ସରକାର ଦର ବୃଦ୍ଧି କ୍ଷେତ୍ରରେ ହାତ ବାନ୍ଧି ବସିଛନ୍ତି। ନିକଟରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ନଜରରେ ରଖି ସରକାର ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ବୃଦ୍ଧି କରି କୌଣସି ପ୍ରକାର ରିସ୍କ ନେବାକୁ ଚାହୁଁନାହାଁନ୍ତି। ଯେବେ ନିର୍ବାଚନ ସରିବ ତା ପରେ ହଠାତ୍ ତେଲ ଦର ବଢ଼ିବ।

## 'ସ୍ୱାୟତ୍ତ ଶାସନ'କୁ...

ସରକାର ଏନଏସି ଓ ମ୍ୟୁନିସପାଲଟି ଗୁଡ଼ିକର ଅଧ୍ୟକ୍ଷଙ୍କ ଆର୍ଥିକ କ୍ଷମତା ସଙ୍କୋଚନ ସହ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଆର୍ଥିକ କ୍ଷମତାକୁ ବୃଦ୍ଧି କରିଛନ୍ତି।

ନୂତନ ନିୟମ ଅନୁଯାୟୀ ଏଣିକି ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପର ପ୍ରଶାସନିକ ମଞ୍ଜୁରୀ ଓ ବିଲ୍ ପୈଠ କ୍ଷମତା ପୌର ନିର୍ବାହୀ ଅଧିକାରୀଙ୍କୁ ମିଳିଛି। ଯଦି ବିଲ୍ ପରିମାଣ ୧୦ ଲକ୍ଷ ଟଙ୍କାରୁ ଅଧିକ ହୁଏ, ତେବେ ନିର୍ବାହୀ ଅଧିକାରୀ ଓ ପୌରାଧ୍ୟକ୍ଷ ଉଭୟଙ୍କ ମିଳିତ ସ୍ୱାକ୍ଷର ଆବଶ୍ୟକ ହେବ। ସେହିପରି ଦରମା ବିଲ୍ ଓ ଦେୟ ଆଦେଶ କ୍ଷେତ୍ରରେ ନିର୍ବାହୀ ଅଧିକାରୀଙ୍କ କ୍ଷମତା ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରଖାଯାଇଥିବା ବେଳେ ଏହାଠୁ ଅଧିକ ହେଲେ ପୌରାଧ୍ୟକ୍ଷଙ୍କ ଅନୁମୋଦନ ଜରୁରୀ। ତେବେ ଯଦି କୌଣସି କାରଣବଶତଃ ପୌରାଧ୍ୟକ୍ଷ ୭ ଦିନ ମଧ୍ୟରେ ଏହି ବିଲ୍‌ରେ ସ୍ୱାକ୍ଷର ନକରନ୍ତି କିମ୍ବା କୌଣସି କାରଣ ନ ଦର୍ଶାଇ ବିଲ୍ ଫେରାଇ ଦିଅନ୍ତି, ତା'ହେଲେ ନିର୍ବାହୀ ଅଧିକାରୀ ଏହାକୁ ଜିଲ୍ଲାପାଳଙ୍କ ଦ୍ୱାରା ଅନୁମୋଦନ କରାଇ ପାରିବାର କ୍ଷମତା ପ୍ରଦାନ କରାଯାଇଛି। ଯାହା ସିଧାସଳଖ ନିର୍ବାଚିତ ଲୋକପ୍ରତିନିଧିଙ୍କ କ୍ଷମତାକୁ ଖର୍ବ କରାଯିବାକୁ ପ୍ରମାଣିତ କରିଛି।

ରାଜ୍ୟର ୯୦ ପ୍ରତିଶତରୁ ଅଧିକ ପୌରସଂସ୍ଥା ବିଜେଡିର ଦଖଲରେ ରହିଛି। ପଞ୍ଚାୟତ ସ୍ତରରେ ମଧ୍ୟ ଦଳର ବେଶ ମଜଭୁତ ସ୍ଥିତି ରହିଛି। ହେଲେ ସରକାରୀ ଅଧିକାରୀଙ୍କ ପାଖରେ ବର୍ତ୍ତମାନ ବିଜେପି କର୍ମୀ ଆଡ୍ଡା ଜମାଉଥିବା ନେଇ ଶାସକ ବିଜେଡି ଅନେକ ଦିନ ହେବ ଅଭିଯୋଗ କରି ଆସୁଛି। ବ୍ଲକ୍ ଓ ମ୍ୟୁନସିପାଲଟି କାର୍ଯ୍ୟାଳୟକୁ ଗେରୁଆ ଗାମୁଛା ପକାଇ ଯାଉଥିବା ଲୋକଙ୍କର ପ୍ରାଦୁର୍ଭାବ ବଢୁଛି ବୋଲି ବିଜେଡି ବାରମ୍ବାର ଅଭିଯୋଗ କରିଛି। ଏହି ସମୟରେ ନିର୍ବାଚିତ ଲୋକପ୍ରତିନିଧିଙ୍କ କ୍ଷମତା ହ୍ରାସ କରି ବିଜେପି ନିଜର ସ୍ଥିତି ଦୃଢ଼ କରିବାକୁ ଯୋଜନା କରିଛି। ଆସନ୍ତା ବର୍ଷ ଉଭୟ ପୌର ପ୍ରତିନିଧିଙ୍କ କାର୍ଯ୍ୟକାଳ ଶେଷ ହେବ। ଏବେ ବି ତୃଣମୂଳ ସ୍ତରରେ ବିଜେଡିର ସ୍ଥିତି ଯଥେଷ୍ଟ ମଜଭୁତ ରହିଛି। ତେଣୁ ପ୍ରଶାସନିକ ଅଧିକାରୀଙ୍କୁ ଅଧିକ ଆର୍ଥିକ କ୍ଷମତା ପ୍ରଦାନ କରି ଶାସକ ବିଜେପି ତୃଣମୂଳସ୍ତରରେ କ୍ଷମତାକୁ ନିଜ ନିୟନ୍ତ୍ରଣରେ ରଖିବାକୁ ଯୋଜନା କରୁଥିବା ଅଭିଯୋଗ ହୋଇଛି ।

## 'ଟିମ୍ ଇଣ୍ଡିଆ' ସଫଳ...

ଉଦ୍ୟୋଗ ଓ ଯୋଗାଣ ଶୃଙ୍ଖଳକୁ ମଝବୁତ କରିବାକୁ ଏବଂ ନାଗରିକଙ୍କ ସ୍ୱାର୍ଥକୁ ରକ୍ଷା ପାଇଁ ସରକାର ପ୍ରାଧାନ୍ୟ ଦେଉଛନ୍ତି।

ପ୍ରଧାନମନ୍ତ୍ରୀ ରାଜ୍ୟଗୁଡ଼ିକୁ ଯୋଗାଣ ଶୃଙ୍ଖଳ ସ୍ୱାଭାବିକ ରଖିବାକୁ ଏବଂ ମହଜୁଦକାରୀ, କଳାବଜାରୀ କରୁଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି। ଏଥିସହ କୃଷି କ୍ଷେତ୍ର ପାଇଁ ଆଗୁଆ ଯୋଜନା ପ୍ରସ୍ତୁତ, ବିଶେଷ କରି ସାରର ମହଜୁଦ ଏବଂ ବଣ୍ଟନ ଉପରେ ନଜର ରଖିବାକୁ ମୋଦୀ ଗୁରୁତ୍ୱ ଦେଇଛନ୍ତି। ଅପପ୍ରଚାର ଏବଂ ଭୁଲ ସୂଚନାରୁ ଦୂରେଇ ରହି ଲୋକଙ୍କୁ ସଠିକ ସୂଚନା ଦେବା ପାଇଁ ମୋଦୀ କହିଛନ୍ତି। ସବୁସ୍ତରରେ ଭଲ ଭାବେ ତାଳମେଳ ରହିବା ଜରୁରୀ। ବିଶେଷ କରି ସୀମା ଏବଂ ଉପକୂଳ ରାଜ୍ୟଗୁଡ଼ିକ ସିଫିଂ ଏବଂ ଜରୁରୀ ଯୋଗାଣ ପ୍ରତି ସତର୍କ ରହିବା ଉଚିତ।

ଅନ୍ୟପଟେ ମୁଖ୍ୟମନ୍ତ୍ରୀମାନେ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ସେମାନେ ତେଲ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିବା ଏବଂ ଏଲପିଜି ଆବଣ୍ଟନ ବୃଦ୍ଧି ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏଥିସହ ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ପର୍ଯ୍ୟାପ୍ତ ଉପଲବ୍ଧ ରହିଛି ଏବଂ ସ୍ଥିତି ନିୟନ୍ତ୍ରଣରେ ଅଛି। ମଧ୍ୟପ୍ରାଚ୍ୟ ସଙ୍କଟକୁ ନେଇ ପ୍ରଧାନମନ୍ତ୍ରୀ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀମାନଙ୍କ ସହ ବୈଠକ କରିଛନ୍ତି। ଏଥିରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମଧ୍ୟ ଉପସ୍ଥିତ ଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା କାରଣରୁ ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଏହି ବୈଠକରେ ସାମିଲ ହୋଇନାହାନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 598, dated 26.03.2026, I, GORIMANI GOUDA, W/o- Bhuban Gouda, permanent resident of Village - Sindhiguda, PO - Nuakote, PS - Maidalpur, Dist - Nabarangpur, Odisha, Pin - 764071, declare that I have changed my name from BIDYADHAR GOUD to GORIMANI GOUDA. Henceforth, I shall be known as **GORIMANI GOUDA** for all purposes.
Sd/- Gorimani Gouda

**AFFIDAVIT**

I, Arati Agrawal, W/o Prahallad Ray Agrawal Resident of Ward No 12 Sohela, Po/Ps- Sohela Dist: Bargarh Pin:768033 Odisha declares by this Affidavit No 04, Dated 23 March 2026 that now onwards I shall be known as **Arti Agrawal** for all future purposes.

**AFFIDAVIT**

I, Prahallad Ray Agrawala, S/o Late Om Prakash Agrawala Resident of Ward No 12, Sohela Po/Ps- Sohela, Dist: Bargarh, Pin:768003, Odisha declare by this Affidavit No 05, Dated 23 March 2026 that now onwards I shall be known as **Prahallad Ray Agrawal** for all future purposes.

**AFFIDAVIT**

I, Mamata Dash, W/o- Lalit Kumar Dash resident of At-Plot No.- 100 A Ananta Vihar, Phase-II, Pokhariput, Bhubaneswar, Dist.- Khordha, Odisha, Pin- 751020 state vide no.40 dtd.25.3.2026 that, before marriage I was known as Mamata Rani Satpathy. After marriage with Lalit Kumar Dash my surname has been changed from **Satpathy** to **Dash**. That **Mamata Dash** and **Mamata Rani Satpathy** is one and same belongs to myself.

## ଜଗତସିଂହପୁର-ଆଳିପିଙ୍ଗଳ ରାସ୍ତା

# ଯନ୍ତ୍ରୀ ଠିକାଦାରଙ୍କ ନେଉଟିଆ କିଆରି

ଜଗତସିଂହପୁର,୨୭।୩(ସମିସ)



ଜଗତସିଂହପୁର ରାସ୍ତା ଓ ଗୃହନିର୍ମାଣ ବିଭାଗ ଅଧୀନରେ ଥିବା ଜଗତସିଂହପୁର ପୋଷ୍ଟ ଅଫିସଠାରୁ ଆଳିପିଙ୍ଗଳ ପର୍ଯ୍ୟନ୍ତ ପ୍ରାୟ ୫ କିଲୋମିଟର ରାସ୍ତା ନିୟମିତ ବ୍ୟବଧାନରେ ମରାମତି ଓ ନବୀକରଣ କରାଯାଇ ଆସୁଛି। ହେଲେ କାମ ସରିବାର ଦିନ କେଇଟା ମଧ୍ୟରେ କେଉଁଠି ରାସ୍ତାରୁ ପିଚୁ ଉଠିଯାଉଛି ତ ଆଉ କେଉଁଠି ଗର୍ତ୍ତ ସୃଷ୍ଟି ହୋଇ ଗମନାଗମନ ବାଧାପ୍ରାପ୍ତ ହେଉଛି। ଗତ ୨୦୨୪ ମସିହାରେ ଏହି ରାସ୍ତାର ପୋଷ୍ଟ ଅଫିସ ଛକଠାରୁ ଅତାମଳା ପର୍ଯ୍ୟନ୍ତ ପିଚୁ କରାଯାଇଥିଲା। ଏବେ କିନ୍ତୁ ପୋଷ୍ଟଅଫିସ ଛକ, ପବ୍ଲିକ୍ ସ୍କୁଲ, ଜୟବଡ଼ ଛକ ସମେତ ଅନେକ ସ୍ଥାନରେ ଉକ୍ତ ରାସ୍ତାରେ ପିଚୁ ଉଠିଯାଇ ବଡବଡ ଗର୍ତ୍ତ ସୃଷ୍ଟି ହୋଇଗଲାଣି। ଯାହାଦ୍ୱାରା ଗମନାଗମନରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ବରୁ ଗତ ୨୦୨୫ ମାର୍ଚ୍ଚ ମାସରେ ଅତାମଳା ଠାରୁ କାଠପୋଲ ପର୍ଯ୍ୟନ୍ତ ୨ କିମି ରାସ୍ତା ପିଚୁ କରାଯାଇଥିଲା। ହେଲେ ୨୪ ଘଣ୍ଟା ନ ପୂରୁଣୁ ଅତାମଳା ନିକଟରେ ଗୋଡ଼ ମାରିଦେଲେ ଫଡ଼ା ଫଡ଼ା ହୋଇ ପିଚୁ ଛାଡିବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ଅବଶ୍ୟ ଏହାକୁ ମରାମତି କରାଯାଇ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଥିଲା।

### ବାରମ୍ବାର ମରାମତି ସତ୍ତ୍ୱେ ସୁଧୁରୁନି ଅବସ୍ଥା

ଏଠାରେ ସୂଚନାଯୋଗ୍ୟ ବର୍ଷକୁ ପ୍ରାୟତଃ ୩/୪ ଥର ଏହି ରାସ୍ତାର ମରାମତି କରା ଯାଇଥାଏ। ମରାମତି ଆଳରେ ରାସ୍ତାରେ ହୋଇଥିବା ଖାଲଖମାକୁ କେବଳ ଧର୍ମକୁ ଆଖିଠାର ମାରିବା ଭଳି ପ୍ୟାଚ୍ କରାଯାଏ ଯାହାକି ଅସରାଏ ବର୍ଷାରେ ପୂର୍ବ ଅବସ୍ଥାକୁ ଫେରିଆସେ। କିଛିବର୍ଷ ପୂର୍ବେ ଏହି ରାସ୍ତାର ଏକ ବଡ ଅଂଶକୁ କଂକ୍ରିଟ ଢଳେଇ କରାଯାଇଥିଲା। ହେଲେ ଅତ୍ୟନ୍ତ ନିମ୍ନମାନର କାମ ହୋଇଥିବାରୁ ଦିନ କେଇଟା ପରେ ସିମେଣ୍ଟ ଅଂଶ ଧୋଇଯାଇ ମେଣ୍ଟାଲ ସବୁ ବାହାରି ପଡିଥିଲା। ବିଭିନ୍ନ ଗଣମାଧ୍ୟମରେ ଏ ସଂପର୍କିତ ଖବର ପ୍ରକାଶ ପାଇବା ପରେ ପୁଣିଥରେ ରାସ୍ତା ମରାମତି ହୋଇଥିଲା। କିଛି ମାସ ତଳେ ଏହି ରାସ୍ତାର କେତେକ ସ୍ଥାନରେ ପିଚୁ ଏବଂ ବଜୁରୀ ପକାଇ ମରାମତି କରାଯାଇଥିଲା। ହେଲେ ଏହା ଏବେ ସଂପୂର୍ଣ୍ଣ ଉଠିଯାଇ ପୁଣି ଗର୍ତ୍ତ ସୃଷ୍ଟି ହୋଇଛି। ଜଗତସିଂହପୁରରୁ ଭୁବନେଶ୍ୱର ଓ ପୁରୀ ପ୍ରଭୃତି ସ୍ଥାନକୁ ପ୍ରତିଦିନ ଏହି ରାସ୍ତା ଦେଇ ଶହ ଶହ ସଂଖ୍ୟାରେ ଯାନବାହାନ ଚଳାଚଳ କରିଥାଏ। ସେହିପରି ସୋମନାଥ ହାଟ, ଜଗତସିଂହପୁର ବ୍ଲକ୍,ତହସିଲ, ଜଗତସିଂହପୁର କାରାଗାର, ଆଳିପିଙ୍ଗଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଏବଂ ଗ୍ରାମ୍ୟ ନିର୍ମାଣ ବିଭାଗ କାର୍ଯ୍ୟାଳୟ ପ୍ରଭୃତିକୁ ଏହି ରାସ୍ତା ଦେଇ ଯିବାକୁ ପଡିଥାଏ। ଏହାଛଡା ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ଏହି ରାସ୍ତାରେ ସ୍କୁଲ ଏବଂ କଲେଜକୁ ଯିବାଆସିବା କରିଥାନ୍ତି। ଏସବୁ ଦୃଷ୍ଟିରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତା ଭାବେ ଗଣାଯାଇଥାଏ। ତେଣୁ ଏହି ରାସ୍ତାର ନବୀକରଣ କିମ୍ବା ମରାମତି ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଅଧିକ ଯତ୍ନବାନ ହେବାକୁ ସାଧାରଣରେ ଦାବୀ କରାଯାଇଛି। ଆଉ ଦିନ କେଇଟା ପରେ ବର୍ଷାଦିନ ଆସୁଥିବାରୁ ଯଥାଶୀଘ୍ର ଏହି ବ୍ୟସ୍ତବହୁଳ ରାସ୍ତାର ନବୀକରଣ କରିବା ଜରୁରି ହୋଇପଡିଛି।

## ପକ୍ଷୀଙ୍କ ପାଇଁ ଗଛରେ ରହିଲା ଜଳ ପାତ୍ର



ପାରାଦୀପ,୨୭।୩(ସମିସ): ଆଜି ପାରାଦୀପ କଲେଜ୍ ଏନସିସି ଆଲୁମୁନି ସଂଘ ପକ୍ଷରୁ ତୀବ୍ର ଗ୍ରୀଷ୍ମ ତାପରୁ ପକ୍ଷୀମାନଙ୍କୁ ରକ୍ଷା କରିବା ପାଇଁ ଗଛମାନଙ୍କରେ ମାଟିର ଜଳପାତ୍ର ଟାଙ୍ଗାଯାଇଛି ଏବଂ କଲେଜ ଘର ଛାତ ଉପରେ ମଧ୍ୟ ପାଣି ରଖାଯାଇଛି। ଏହା ଫଳରେ ତିବ୍ର ଉଷ୍ମତା ସମୟରେ ପକ୍ଷୀମାନେ ସହଜରେ ପାଣି ପାଇ ପାରିବେ ଏବଂ ତାଙ୍କର ଜୀବନ ରକ୍ଷା ହୋଇପାରିବ। ଏହି ସମାଜସେବୀ ପଦକ୍ଷେପ ମାଧ୍ୟମରେ ସଂଘ ପକ୍ଷରୁ ପରିବେଶ ସୁରକ୍ଷା ଓ ପକ୍ଷୀ ସୁରକ୍ଷା ପ୍ରତି ସାଧାରଣ ଲୋକମାନଙ୍କ ମଧ୍ୟରେ ସଚେତନତା ବଢ଼ାଇବାକୁ ଉଦ୍ୟମ କରାଯାଇଛି। ସଂଘର ସଦସ୍ୟମାନେ କହିଛନ୍ତି ଯେ, ପ୍ରତ୍ୟେକ ନାଗରିକ ଯଦି ଏପରି ଛୋଟ ଛୋଟ ପଦକ୍ଷେପ ନିଅନ୍ତି , ତେବେ ଆମେ ପ୍ରକୃତିକୁ ସୁରକ୍ଷିତ ରଖିପାରିବା ସହିତ ସମସ୍ତ ପ୍ରାଣୀଙ୍କ ପାଇଁ ଏକ ସୁସ୍ଥ ପରିବେଶ ଗଢ଼ିପାରିବା। ସଂଘ ପକ୍ଷରୁ ଆଗାମୀ ଦିନରେ ମଧ୍ୟ ଏପରି ପରିବେଶମୁଖୀ ଓ ସମାଜସେବୀ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର କହିଛନ୍ତି।

## ପିଆଇସିଟି କମ୍ପାନୀ ସମ୍ମୁଖରେ ୧୬୩ ଧାରା

ପାରାଦୀପ,୨୭।୩(ସମିସ): ପିଆଇସିଟି କମ୍ପାନୀ ସମ୍ମୁଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ୧୬୩ ବିଏନଏସ୍ ଧାରା ଜାରି କରାଯାଇଛି। ଜଗତସିଂହପୁର ସବଡିଭିଜନାଲ ମାଜିଷ୍ଟ୍ରେଟ ଅଦାଲତର ମିସ କେଶ ନମ୍ବର ୦୭/୨୦୨୬ ନିର୍ଦ୍ଦେଶ ଅନୁଯାଇ ଗତ ମାର୍ଚ୍ଚ ୧୮ ତାରିଖରୁ ଆସନ୍ତା ମେ' ୧୮ ତାରିଖ ପର୍ଯ୍ୟନ୍ତ ପିଆଇସିଟି କମ୍ପାନୀ ଓ ଏହାର ଆଖପାଖ ଅଞ୍ଚଳ ସମେତ ହନୁମାନ ମନ୍ଦିର ଠାରୁ ବଡ଼ପଡିଆ ସୁଭାଷ ବୋଷ ଛକ ପର୍ଯ୍ୟନ୍ତ ରାସ୍ତାରେ ଏହି ଧାରା ବଳବତ୍ତର କରାଯାଇଥିବା ଜଣାପଡିଛି। ବିନା ଶ୍ରମିକ ଲାଇସେନ୍ସରେ ଠିକାଦାର କାମ କରୁଥିବା ଅଭିଯୋଗ କରି ପିଆଇସିଟି କମ୍ପାନୀ ଫାଟକ ଆଗରେ ଆସନ୍ତା ତିନି ତାରିଖ ଦିନ ଶ୍ରମିକ ସଂଘ ଆନ୍ଦୋଳନ କରିବାକୁ ଯାଉଥିବା ବେଳେ ଏହାର ଦୃଢ଼ ଜବାବ ରଖିଛନ୍ତି ସମ୍ପୃକ୍ତ ଠିକାଦାର ସମୂହ। ଏନେଇ କମ୍ପାନୀ ଫାଟକ ସମ୍ମୁଖରେ ପ୍ରଶାସନ ଜାରି କରି ରଖିଛି ୧୬୩ ବିଏନେସ ଧାରା। ପିଆଇସିଟି ବା ପାରାଦୀପ ଇଣ୍ଟରନେସନାଲ କାର୍ଗୋ ଟର୍ମିନାଲରେ କିଛି ଠିକାଦାର ବିନା ଶ୍ରମିକ ଲାଇସେନ୍ସରେ ୨୫୫ ଜଣ ଶ୍ରମିକଙ୍କୁ କାର୍ଯ୍ୟ କରାଉଥିବା ଅଭିଯୋଗ ଆଣିଛି ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ। କିନ୍ତୁ ଏହାକୁ ଅଗଣତାନ୍ତ୍ରିକ କହି ଆଜି କମ୍ପାନୀର କାର୍ଯ୍ୟରତ ୬ ଜଣ ଠିକାଦାର ସେମାନଙ୍କର ଲେବର ଲାଇସେନ୍ସ ଗଣମାଧ୍ୟମ ଆଗରେ ପ୍ରଦର୍ଶନ କରିଥିବା ବେଳେ ଉଦ୍ଦେଶ୍ୟ ମୂଳକ ଭବେ ମିଥ୍ୟା ଅଭିଯୋଗ ସଂଘ କରି କମ୍ପାନୀକୁ ବଦନାମ କରିବାକୁ ଚେଷ୍ଟା କରୁଥିବା କହିଛନ୍ତି ଠିକାଦାର। ତେବେ କମ୍ପାନୀ ଫାଟକ ପାଖରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା କରି ୧୬୩ ବିଏନଏସ୍ ଧାରା ଲଗାଇ ଦେଇଛି ଜିଲ୍ଲା ପ୍ରଶାସନ। ପାରାଦୀପ ପୋର୍ଟ ଶ୍ରମିକ କର୍ମଚାରୀ ୟୁନିୟନ ସହ ଯୋଗାଯୋଗ କରିବା ପରେ ସେମାନଙ୍କ ମଧ୍ୟରେ ସମସ୍ତଙ୍କର ଲାଇସେନ୍ସ ରେନୁଆଲ ହୋଇ ନଥିବା କହିଛନ୍ତି। ତେବେ ଏଭଳି ମିଥ୍ୟା ଅଭିଯୋଗକୁ ବିଶ୍ୱାସକୁ ନ ନେବାକୁ ଶ୍ରମିକ ମାନଙ୍କୁ ନିବେଦନ କରିଛନ୍ତି ଠିକାଦାର କୁମରକାନ୍ତ ମହାନ୍ତି, ପବିତ୍ର କୁମାର ଖଟୁଆ ଓ ଅନ୍ୟ ଠିକାଦାର ମାନେ।

## ସାମ୍ବାଦିକଙ୍କୁ ଆକ୍ରମଣ ଘଟଣାରେ ଏସ୍‌ପିଙ୍କୁ ଦାବିପତ୍ର



ଜଗତସିଂହପୁର,୨୭।୩(ସମିସ): ଜଗତସିଂହପୁର ସରକାର ବାଲି ଓ ମାଟିକୁ ଲଘୁ ଖଣିଜ ଦ୍ରବ୍ୟର ମାନ୍ୟତା ଦେଇଛନ୍ତି। ମାତ୍ର ମାନୁ ନାହାଁନ୍ତି କେତେକ ଚୋରା ମାଟି ମାଫିଆ। ଯାହାର ବାସ୍ତବ ଚିତ୍ର ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲାରେ। ପ୍ରାପ୍ତ ଭ୍ରମଣ ସମୟରେ କୁଜଙ୍ଗ ବ୍ଲକର କାର୍ଯ୍ୟରତ ସାମ୍ବାଦିକ ଦୁଷ୍ମନ୍ତ ମାଝୀଙ୍କୁ ଗତ ୨୩ ତାରିଖରେ ଦୁଇ ଜଣ ଅସାଧୁ ଚୋରା ମାଟିମାଫିଆ ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଆକ୍ରମଣର ଶିକାର ହୋଇଥିବା ସାମ୍ବାଦିକ ଶ୍ରୀ ମାଝୀ ସ୍ଥାନୀୟ କୁଜଙ୍ଗ ଥାନାର ଦ୍ୱାରସ୍ଥ ହୋଇ ମଳୟ ସାହୁ ଓ ରମେଶ ପ୍ରଧାନ ନାମରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ କୁଜଙ୍ଗ ପୁଲିସ ଏତଲାକୁ କେସ ନଂ ୮୭/୨୬ରେ ପଞ୍ଜିକୃତ କରିବା ସହ ଆକ୍ରମଣକାରୀ ଗୋପିଆକୁଦ ପଞ୍ଚାୟତ ବରୁଣେଇ କନ୍ଧା ଗ୍ରାମର ମଳୟ ସାହୁ ଓ ରମେଶ ପ୍ରଧାନଙ୍କ ବିରୋଧରେ ବିଭିନ୍ନ ଦଫା ରୁଜୁ କରିବା ସହ ଚୋରା ମାଟି ମାଫିଆଙ୍କର ୨ଟି ନଂ. ବିହୀନ ସ୍ୱରାଜ ଟ୍ରାକ୍ଟର ଜବତ କରିଥିବା ବେଳେ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ ଗିରଫ କରିନାହିଁ। ଯାହାକୁ ନେଇ ଆଜି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଏକ ଦାବିପତ୍ର ଦେବା ସହ ସାମ୍ବାଦିକଙ୍କ ସୁରକ୍ଷା ଦାବି କରିଛି ଜଗତସିଂହପୁର ଜିଲ୍ଲା ଓଡ଼ିଶା ସାମ୍ବାଦିକ ସଙ୍ଘ। ଆକ୍ରମଣକାରୀଙ୍କୁ ୨୪ଘଣ୍ଟା ମଧ୍ୟରେ ଗିରଫ କରାଯିବ ବୋଲି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା ପ୍ରତିଶ୍ରୁତି ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା ସଭାପତି ଅକ୍ଷୟ କୁମାର ମହାନ୍ତି, ରାଜ୍ୟ ସାଧାରଣ ସମ୍ପାଦକ ଦୁର୍ଯ୍ୟୋଧନ ମହାରଣା, ଜିଲ୍ଲା ଉପସଭାପତି ରଞ୍ଜନ କୁମାର ଖୁଣ୍ଟିଆ, ଜିଲ୍ଲା ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ଗୟାଧର ମହାରଣା, ସହ ସମ୍ପାଦକ ବିଚିତ୍ରାନନ୍ଦ ପ୍ରଧାନ, ସଂଗଠନ ସମ୍ପାଦକ ବିପିନ କୁମାର ସେଠୀ, କୁଜଙ୍ଗ ବ୍ଲକ ସଭାପତି ସୁବ୍ରତ ମଲ୍ଲିକ ଓ ମିଳନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଜଣାଅଜଣା ପ୍ରତିଯୋଗିତାରେ ସ୍ୱାତି ସ୍ୱାଗତିକା ପ୍ରଥମ



ଜଗତସିଂହପୁର,୨୭।୩(ସମିସ): ବାଣୀକ୍ଷେତ୍ର ଶ୍ରୀରାମ ମହୋତ୍ସବ ସମିତି ଆନୁକୂଲ୍ୟରେ ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ପବିତ୍ର ରାମନବମୀ ଉପଲକ୍ଷେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଚତୁର୍ଥ, ପଞ୍ଚମରୁ ସପ୍ତମ ଏବଂ ଅଷ୍ଟମରୁ ଦଶମ ୩ଟି ବର୍ଗରେ ପ୍ରତିଯୋଗିତା କରାଯାଇଥିଲା। ପଞ୍ଚମ ଠାରୁ ସପ୍ତମ ବର୍ଗର ଜଣା ଅଜଣା ପ୍ରତିଯୋଗିତାରେ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ସ୍ୱାତି ସ୍ୱାଗତିକା ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ୱାତି ହେଉଛନ୍ତି ଜଗତସିଂହପୁର ଜୀଲ୍ଲା ସଦର ମହକୁମାରେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡାଙ୍କ କନ୍ୟା। ଏହି ସଫଳତା ପାଇଁ ବିଦ୍ୟାଳୟର ଗୁରୁଜୀ ଏବଂ ଗୁରୁମା ମାନେ ସ୍ୱାତି ସ୍ୱାଗତିକାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ମାଳପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜଗତସିଂହପୁର,୨୭।୩(ସମିସ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ ଅରିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବନୀତା ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରଶାନ୍ତ କୁମାର ବାରିକ ମୁଖ୍ୟଅତିଥି, ସେବାନିବୃତ୍ତ ବିଜ୍ଞାନ ଶିକ୍ଷକ ତଥା ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରକାଶ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଧିରେନ୍ଦ୍ର ଦାସ, ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥ ôଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସଫଳତା ଅର୍ଜନକୁ ପାଥେୟକରି ପୁରସ୍କାର ବିତରଣ କରାଯାଇଥିଲା। ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ତିନୋଟି ବିଭାଗରେ ବିଭକ୍ତ କରାଯାଇ ଓପନ୍ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରାଯାଇ ସଠିକ୍ ଉତର ଦେଇଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଦେଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବଳେ ଶେଷରେ କାମିନୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସଂଘମିତ୍ରା ଚୌଧୁରୀ ଓ ପୁଷ୍ପିତା ଭୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଭୟ କମିଟିର ସଦସ୍ୟ ସଦସ୍ୟା, ଜନସାଧାରଣ, ଅଭିଭାବକ ଓ ପୁରାତନ ବିଦ୍ୟାର୍ଥୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମ ଆକର୍ଷଣୀୟ ଓ ଆନନ୍ଦମୁଖର କରିବାରେ ସହଯୋଗ କରିଥିଲେ।

## ବିକେସିଏମ୍ ସ୍କୁଲ ବିଦ୍ୟଭାରତୀର ପ୍ରତିଷ୍ଠା ଉତ୍ସବ

କୁଜଙ୍ଗ,୨୭।୩(ସମିସ): କୁଗଙ୍ଗ ବ୍ଲକ ପଙ୍କପାଳ ସ୍ଥିତ ସରକାରୀ ସ୍ୱୀକୃତପ୍ରାପ୍ତ ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ବିକେସିଏମ୍ ସ୍କୁଲ ବିଦ୍ୟଭାରତୀର ଏକବିଂଶତମ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସୁନାକର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ରୂପେ ବିଦ୍ୟାଳୟ ପ୍ରତିଷ୍ଠାତା ତଥା ମ୍ୟାନେଜିଂ ଟ୍ରଷ୍ଟି ଚୌଧୁରୀ ପଦ୍ମନାଭ ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପଙ୍କପାଳ ଶାଖାର ସଭାପତି କ୍ୟାପଟେନ୍ ଅଜୟ କୁମାର ଖୁଣ୍ଟିଆ ଯୋଗଦେଇଥିଲେ। ଶିକ୍ଷା କମିଟିର ସଭାପତି ତଥା ସେବା ନିବୃତ୍ତ ସେନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ, ବାୟୁସେନାର ପ୍ରାକ୍ତନ ଅଧିକାରୀ ଅକ୍ଷୟ କୁମାର ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇ ଅଷ୍ଟମ ଶ୍ରେଣୀରେ ପାସ୍ କରିଥିବା ବିଦ୍ୟାର୍ଥୀମାନଙ୍କୁ ପ୍ରମାଣ ପତ୍ର ସହ ଅନ୍ୟାନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ପ୍ରଦର୍ଶନ କରାଯାଇଥିଲା।

## ତିର୍ତ୍ତୋଲରେ ଶ୍ରୀରାମ ନବମୀ ଉତ୍ସବ



ତିର୍ତ୍ତୋଲ,୨୭।୩(ସମିସ): ତିର୍ତ୍ତୋଲ ଗ୍ରାମର ପୁରାତନ ବେଲବଣ ମହାପୁରୁଷଙ୍କ ପୀଠ ସ୍ଥିତ ଶ୍ରୀରାମ ମନ୍ଦିରରେ ମହାଆଡ଼ମ୍ବର ସହକାରେ ରାମନବମୀ ଉତ୍ସବ ପୀଠାଧିଶ ବାବା ଶ୍ୟାମସୁନ୍ଦର ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ ସମୟରୁ ଶ୍ରୀରାମଙ୍କ ମହାସ୍ନାନ ଷୋଡ଼ଶୋପଚାର ପୂଜା, ମାର୍ଜନା ଆଳତୀ ପରେ ଗୋସ୍ୱାମୀ ତୁଳସୀ ଦାସଙ୍କ ରାମାବତାର ସ୍ତୁତି ଓ ହନୁମାନ ଚାଳିଶା ଓ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଦିକ ପଣ୍ଡିତ ବଟଚରଣ ଦାଶ (ଦିଲୁ ନନା)ଙ୍କ ପରିଚାଳନାରେ ପୂଜକ ବିଷ୍ଣୁ ଚରଣ ଦାଶ ଓ ଅନ୍ୟ ମାନେ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ରାମାୟଣୀ ପଣ୍ଡିତ ଅଭୟ କୁମାର ଦାଶ (ବୁଲୁ ନନା)ଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବରେ ମନ୍ଦିରର ବରିଷ୍ଠ ସଦସ୍ୟ ଶୁଖେନ୍ଦୁ ଦାଶ, ଜଟାଧାରୀ ଦାସ, ଧର୍ମାନନ୍ଦ ସାହୁ, ଉତ୍ତମ ସାହୁ, ବାବାଜୀ ସାହୁ, ବାସୁଦେବ ଦାଶ, ନୀଳମଣି ଦାସଙ୍କ ସମେତ ଗ୍ରାମବାସି ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାମ ନାମରେ କମ୍ପିଲା ମହାନଦୀ ପଠା



ପାରାଦୀପ,୨୭।୩(ସମିସ): ରାମନବମୀ ଅବସରରେ ପାରାଦୀପ ଅନ୍ତର୍ଗତ କୋଲଡିଆ ଗ୍ରାମରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଛି। ରାମ ନବମୀ ଅବସରରେ ୧୦୮ କଳସ ନେଇ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଆବାଳବୃଦ୍ଧବନିତା ଭକ୍ତିଭାବରେ ସାମିଲ ହୋଇ କୋଲଡିଆରୁ ପଦଯାତ୍ରା କରି ଭୁତମୁଣ୍ଡାଇ ମହାନଦୀ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହି ସମୟରେ ମହାନଦୀ ପାଶ୍ୱର୍ 'ରାମ ରାମ' ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା। ସେହିପରି କୋଠି ପଞ୍ଚାୟତ ଅନ୍ତର୍ଗତ ନୁଣୁକୁଆ ଗ୍ରାମରୁ ମଧ୍ୟ ୧୦୮ କଳସ ଶୋଭାଯାତ୍ରା ବାହାରିଥିଲା। ନୁଣୁକୁଆର ଭକ୍ତମାନେ କଳସ ନେଇ ମହାନଦୀ ପଠାରେ ପହଞ୍ଚି ପୂଜା କରିଥିଲେ। ପରେ ଉଭୟ ଗ୍ରାମର ଭକ୍ତମାନେ ନିଜ ନିଜ ମନ୍ଦିରକୁ ଶୋଭାଯାତ୍ରାରେ ଫେରିଥିଲେ। ଢୋଲ, ନିଶାନ, ବାଜା ବାଣ ଓ ସଂକୀର୍ତ୍ତନ ସହ 'ଜୟ ଶ୍ରୀରାମ' ଧ୍ୱନିରେ ରାସ୍ତା କମ୍ପିଉଠିଥିଲା। ଏହି ଅବସରରେ କୋଲଡିଆ ହନୁମାନ ମନ୍ଦିରରେ ସାତ ଦିନ ଧରି ରାମ ନବମୀ ପୂଜାର୍ଚ୍ଚନା ଆୟୋଜନ କରାଯାଇଥିବା ବେଳେ ପ୍ରତିଦିନ ସନ୍ଧ୍ୟାରେ ସଂସ୍କୃତିକ କାର୍ଯ୍ୟକ୍ରମ, ରାମାୟଣ ବୈଠକି ଓ ଭକ୍ତିମୟ ଅନୁଷ୍ଠାନ ଚାଲିଛି।

## ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ଧ୍ୱଂସ ଘଟଣାକୁ ନିନ୍ଦା

ଜଗତସିଂହପୁର,୨୭।୩(ସମିସ): ଉତ୍ତର ପ୍ରଦେଶର ସାଜାହାନପୁରରେ ୧୯୭୨ ମସିହାରେ ସ୍ଥାପିତ ସହିଦ ରାମ ପ୍ରସାଦ ବିସମିଲ, ଆସଫାକ ଉଲ୍ଲା ଖାଁ ଓ ରୋଶନ ସିଂଙ୍କ ପ୍ରତିମୂର୍ତ୍ତିକୁ ଗତ ମାର୍ଚ୍ଚ ୨୩ ତାରିଖରେ ଭାଙ୍ଗି ଦେବା ଘଟଣାକୁ ଏସୟୁସିଆଇ (କମୁନ୍ୟିଷ୍ଟ)ର ସର୍ବଭାରତୀୟ ସାଧାରଣ ସମ୍ପାଦକ ପ୍ରଭାସ ଘୋଷ ଦୃଢ଼ ନିନ୍ଦା କରିଛନ୍ତି। ଆଜି ସରକାର ସେହି ଅଧ୍ୟାୟ ଗୁଡିକ ଜନ ମାନସରୁ ପୋଛି ପକେଇବା ପାଇଁ ଚେଷ୍ଟା କରୁଛି। ଏହ ପ୍ରତିମୂର୍ତ୍ତି ଧ୍ୱଂସ ଯୋଜନାକୁ ବନ୍ଦ କରିବା ପାଇଁ ଜନଗଣ ଆଗେଇ ଆସିବା ଏକାନ୍ତ ଆବଶ୍ୟକ। ଉପଯୁକ୍ତ ମର୍ଯ୍ୟାଦା ସହିତ ପ୍ରତିମୂର୍ତ୍ତି ଗୁଡ଼ିକର ସ୍ଥାପନ ଓ ଏହି କାମରେ ସଂପୃକ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ପ୍ରଦାନ କରାଯାଉ ବୋଲି ଏସୟୁସିଆଇ(କମ୍ୟୁନିଷ୍ଟ) ଜଗତସିଂହପୁର ଜିଲ୍ଲା ସମ୍ପାଦକ ସୁବାସ ସ୍ୱାଇଁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଦାବି ଉଠାଇଛନ୍ତି।

● ପାରାଦୀପ ବନ୍ଦରର ନୂତନ କୀର୍ତ୍ତିମାନ ସ୍ଥାପନ

## ଗୋଟିଏ ଦିନରେ ଖଲାସ ହେଲା ୫୦ଟି ତାପଜ କୋଇଲା ବଗି



ପାରାଦୀପ,୨୭।୩(ସମିସ): ପାରାଦୀପ ବନ୍ଦର ଗୋଟିଏ ଦିନରେ ସର୍ବାଧିକ ୫୦ଟି ତାପଜ କୋଇଲା ରେଳ ରେକ ବା ବଗି ଖଲାସ କରି ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିବା ସହ ନିଜର କାର୍ଯ୍ୟଦକ୍ଷତାରେ ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି। ୨୫ ମାର୍ଚ୍ଚ, ୨୦୨୬ରେ, ପାରାଦୀପ ବନ୍ଦର ସଫଳତାର ସହ ୫୦ଟି ରେକ୍ ଅନଲୋଡ୍ କରିଥିଲା। ଯେଉଁଥିରେ ୪୩ଟି ବିଓବିଆରଏନ (ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ) ଏବଂ ୭ଟି ବିଓଏକ୍ସଏନ (ବଗି ଓପନ୍ ହାଇ ସାଇଡେଡ୍) ରେକ୍ ଅନ୍ତର୍ଭୁକ୍ତ ଥିଲା। ଏହି ସଫଳତା ବନ୍ଦରର ଦକ୍ଷତା, ସୁଗମ ସମନ୍ୱୟ ଏବଂ ଦୃଢ଼ ଭିତ୍ତିଭୂମି ଉପରେ ଲକ୍ଷ୍ୟକୁ ପ୍ରତିଫଳିତ କରିଛି ଯାହା କଠିନ ସମୟସୀମା ମଧ୍ୟରେ ଉଚ୍ଚ-ମାର୍ଗର ପଣ୍ୟ ପରିଚାଳନାକୁ ସକ୍ଷମ କରିଥାଏ। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ବନ୍ଦର ଟିମର ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ସଫଳତା ତାପଜ କୋଇଲାର ଦ୍ରୁତ ଏବଂ ନିର୍ଭରଯୋଗ୍ୟ ପରିବହନ ସୁନିଶ୍ଚିତ କରି ଭାରତର ଶକ୍ତି ଯୋଗାଣ ଶୃଙ୍ଖଳକୁ ସମର୍ଥନ କରିବାରେ ପାରାଦୀପ ବନ୍ଦରର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଆହୁରି ସୁଦୃଢ଼ କରିଛି ବୋଲି ବନ୍ଦରାଧ୍ୟକ୍ଷ ଶ୍ରୀ ହରନାଦ କହିଥିଲେ।

### ପାନୀୟ ଜଳ ସମସ୍ୟା ଦୂର ପାଇଁ ପ୍ରୟାସ

## ୭ ଏକର ପୋଖରୀ ପୁନଃ ଉଦ୍ଧାର

ପାରାଦୀପ,୨୭।୩(ସମିସ)



୨୩ ବୋରୱେଲ ଖନନ

ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ପ୍ରକଳ୍ପ ପକ୍ଷରୁ ସ୍ଥାନୀୟ ଗ୍ରାମ ଗୁଡ଼ିକରେ ବିଶ୍ୱ ଜଳ ଦିବସ ପାଳନ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ, ପାରାଦୀପ ପକ୍ଷରୁ ଚାରୋଟି ସ୍କୁଲ ଡିଙ୍କିଆ ପ୍ରାଥମିକ ବିଦ୍ୟାଳୟ, ଡିଙ୍କିଆ, ଗୋବିନ୍ଦପୁର ୟୁପି ସ୍କୁଲ, ଗୋବିନ୍ଦପୁର, ମଠସାହି ୟୁପି ସ୍କୁଲ, ନୂଆଗାଁ ଏବଂ ଗଡ କୁଜଙ୍ଗ ଅପଗ୍ରେଡେଡ୍ ହାଇସ୍କୁଲ, ଗଡ କୁଜାଙ୍ଗରେ ବିଶ୍ୱ ଜଳ ଦିବସ ସଚେତନତା କାର୍ଯ୍ୟକ୍ରମ ୩ଟି ପଞ୍ଚାୟତରେ ଆୟୋଜନ କରାଯାଇଥିଲା। କମ୍ପାନୀ ପକ୍ଷରୁ ପୂର୍ବରୁ ଅଞ୍ଚଳର ବିଭିନ୍ନ ସରକାରୀ ସ୍କୁଲ ଏବଂ ସାର୍ବଜନୀନ ପ୍ରତିଷ୍ଠାନରେ ୩୦ରୁ ଅଧିକ ବିଶୁଦ୍ଧ ପାନୀୟ ଜଳ ଜଳ ବିଶୋଧନ ଯନ୍ତ୍ର ସ୍ଥାପନ କରିସାରିଛି। ସ୍ଥାୟୀ ଜଳ ସମ୍ପଦ ପରିଚାଳନାକୁ ସମର୍ଥନ କରିବା ପାଇଁ ଗଡ କୁଜଙ୍ଗ ଗ୍ରାମରେ ୬.୦୬ ଏକର ଚନ୍ଦନ ପୋଖରୀର ପୁନରୁଦ୍ଧାର। ପାରାଦୀପର ଇସ୍ପାତ କାରଖାନା କ୍ଷେତ୍ର, ସରକାରୀ ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ରଣ ନୈତିକ ସ୍ଥାନରେ ଥିବା ସ୍କୁଲଗୁଡ଼ିକରେ ସ୍ଥାପିତ ଶୀତଳୀକରଣ ସୁବିଧା ସହିତ ୮୦ ଲିଟରର ୮୧ଟି ବିଶୁଦ୍ଧ ପାନୀୟ ଜଳ ବିଶୋଧକ ଯନ୍ତ୍ର ସ୍ଥାପନ କରାଯାଇଛି। ଜଳ ଉପଲବ୍ଧତା ବୃଦ୍ଧି କରିବା ପାଇଁ ମାହଲ ଗ୍ରାମରେ ଏକ ୪୦୦ ମିଟର ବୋରୱେଲ୍ ଖନନ କରାଯାଇଛି। ଅଙ୍ଗନବାଡି ପିଲା ଏବଂ କର୍ମୀଙ୍କ ପାଇଁ ଅତ୍ୟାବଶ୍ୟକୀୟ ସେବାକୁ ସୁଦୃଢ଼ କରିବା ପାଇଁ ଅଙ୍ଗନବାଡି କେନ୍ଦ୍ରଗୁଡ଼ିକରେ ୧୧ଟି ବୋରୱେଲ ସ୍ଥାପନ କରାଯାଇଛି ନୂଆଗାଁ, ଗଡକୁଜଙ୍ଗ, ଡିଙ୍କିଆ ଏବଂ ମାହଲରେ ଅବସ୍ଥିତ ସମ୍ପ୍ରଦାୟ ଏବଂ ସଭା ହଲରେ ୪ଟି ବୋରୱେଲ ସ୍ଥାପନ କରାଯାଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ନିର୍ମିତ ସଭା ହଲରେ ୪ଟି ବୋରୱେଲ ସ୍ଥାପନ, ଯେଉଁଥିରେ ନୂଆଗାଁରେ ୨ଟି, ଗୋବିନ୍ଦପୁରରେ ୧ଟି ଏବଂ ପାଟଣାରେ ୧ଟି ଅନ୍ତର୍ଭୁକ୍ତ। ସାମୁଦାୟିକ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଗୋବିନ୍ଦପୁର, ନୂଆଗାଁ, ଡିଙ୍କିଆ ଏବଂ ମାହଲରେ ଶ୍ମଶାନ ଭୂମିରେ କ୍ଷୁଦ୍ର ପୋଖରୀ ସହିତ ୪ଟି ବୋରୱେଲର ବିକାଶ କରାଯାଇଛି। ସ୍ଥାନୀୟ ଜଳ ସଂରକ୍ଷଣ ଏବଂ ଇକୋସିଷ୍ଟମ ସ୍ଥାୟୀତ୍ୱକୁ ଉନ୍ନତ କରିବା ପାଇଁ ମାହଲ ଗ୍ରାମରେ ଠାକୁର ଗଡିଆ ପୋଖରୀର ପୁନରୁଦ୍ଧାର କରାଯାଇଛି।

## ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ




**ଓଡ଼ାପଡ଼ା,୨୭ ।୩(ସମିସ):** ବିଶ୍ୱ ଯୁବକେନ୍ଦ୍ର, ଅନୁଗୋଳ ଦ୍ୱାରା ପରିଚାଳିତ ଆକ୍ସେସ ଟୁ ଜଷ୍ଟିସ ପ୍ରକଳ୍ପ ତରଫରୁ ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସଦର ବ୍ଲକ ଘଟିପିରିଠାରୁ ଶଙ୍କରପୁର ମଧ୍ୟରେ ଥିବା ହୋଟେଲ, ଢାବା, ଗ୍ୟାରେଜଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା । ୧୪ ବର୍ଷରୁ କମ ବୟସ୍କ ଶିଶୁଙ୍କୁ କୌଣସି କାର୍ଯ୍ୟରେ ନିୟୋଜିତ କରିବା ଦଣ୍ଡନୀୟ ଅପରାଧ । ୧୫ରୁ ୧୮ ବର୍ଷ ମଧ୍ୟରେ କିଶୋରଙ୍କୁ ବିପଦ ସଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବା ଧର୍ତ୍ତବ୍ୟ ଅପରାଧ । ଏପରି କାର୍ଯ୍ୟ କରାଉଥିବା ବ୍ୟକ୍ତିଙ୍କୁ ୫୦ ହଜାର ଟଙ୍କା ଜରିମାନା ସହ ୨ ବର୍ଷ ଯାଏଁ ଜେଲ ଦଣ୍ଡ ବ୍ୟବସ୍ଥା ରହିଛି । ଏହିରି ଭୁଲ ଦ୍ୱିତୀୟ ଥର ହେଲେ ୩ ବର୍ଷ ଯାଏଁ କାରାଦଣ୍ଡ ମଧ୍ୟ ହୋଇପାରେ ବୋଲି ସଚେତନ କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ରର ମନସ୍ମିତା ନାୟକ, କୁମୁଦିନୀ ସ୍ୱାଇଁ, ଜୁଲି ସ୍ୱାଇଁ, ବିଦୁଲତା ଭଞ୍ଜ, ତପନ ପାତ୍ରଙ୍କ ସମେତ ଭାପୁର ଥାନା କର୍ମଚାରୀ ପ୍ରଭାସ ଭୋଇ ସହଯୋଗ କରିଥିଲେ ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା



**ଗଁଦିଆ,୨୭ ।୩(ସମିସ):** ଗଁଦିଆ ବ୍ଲକ ଅନ୍ତର୍ଗତ ଷଡ଼ଙ୍ଗୀ ଗ୍ରାମର ପ୍ରାକ୍ତନ ସଭାପତି, ଉପଦେଷ୍ଟା, ଷଡ଼ଙ୍ଗୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ଓ ଷଡ଼ଙ୍ଗୀ ଉଚ୍ଚ ବିଦ୍ୟାଳୟ ପରିଚାଳନା ପରିଷଦର ପ୍ରାକ୍ତନ ସମ୍ପାଦକ ତଥା ଷଡ଼ଙ୍ଗୀ ସେବା ସମବାୟ ସମିତିର ପ୍ରାକ୍ତନ ସଭାପତି ସମାଜସେବୀ ନବକିଶୋର ବେହେରାଙ୍କ ଏକାଦଶାହରେ ଗଁଦିଆ ସ୍ମୃତି ସଂସଦ ତରଫରୁ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ସ୍ମୃତି ସଂସଦ ସଭାପତି ପ୍ରକୃତିବନ୍ଧୁ ହରିହର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେହେରାଙ୍କୁ ସ୍ମୃତି ଅର୍ଘ୍ୟ ଅର୍ପଣ କରିଥିଲେ । ଏଥିସହ ସ୍ୱର୍ଗତ ବେହେରାଙ୍କ ନାମରେ ପ୍ରକାଶିତ ସ୍ମରଣିକା ଉନ୍ମୋଚିତ କରିଥିଲେ । ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରଥମ ଅଧ୍ୟକ୍ଷ ଓ ଗଁଦିଆ ସ୍ମୃତି ସଂସଦର ମୁଖ୍ୟ ଉପଦେଷ୍ଟା ଡ. ସମୀର କୁମାର ସାହୁ ଯୋଗଦେଇ ନବକିଶୋରଙ୍କ ଜୀବନ ଆଦର୍ଶରେ ଅନୁପ୍ରେରିତ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ଗଁଦିଆ ବ୍ଲକ ବରିଷ୍ଠ ନାଗରିକ ମଞ୍ଚ ପ୍ରତିଷ୍ଠାତା ବିଜୟ କୁମାର ମିଶ୍ର, ଗଁଦିଆ ସ୍ମୃତି ସଂସଦ ଉପ ସଭାପତି ଡମ୍ବରୁଧର ସେଠୀ ଯୋଗଦେଇଥିଲେ । ନବକିଶୋରଙ୍କ ପୁଅ ମନୋଜ କୁମାର ବେହେରା, ସନ୍ତୋଷ କୁମାର ପରିଡ଼ା, ପ୍ରଦୀପ କୁମାର ବେହେରା, ପୁତୁରା ମଧୁସୂଦନ ମଲ୍ଲିକ, ଜାମାତା ରବୀନ୍ଦ୍ର ରାଉତ ଉପସ୍ଥିତ ଥିଲେ । ପରିବାର ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକୃତିବନ୍ଧୁ ସାହୁ ଓ କାମାକ୍ଷାପ୍ରସାଦ କର ଗୀତା ପାଠ କରିଥିଲେ । ପ୍ରହଲ୍ଲାଦ ମିଶ୍ର ଦ୍ୱାରା କର୍ମ ସମ୍ପନ୍ନ କରିଥିଲେ ।

## ତାରିଣୀଙ୍କ ବାର୍ଷିକ ଉତ୍ସବ ପାଇଁ କଳସ ଯାତ୍ରା



**ଗଁଦିଆ,୨୭ ।୩(ସମିସ):** ଗଁଦିଆରେ ପ୍ରତିଷ୍ଠିତ ମା' ତାରିଣୀଙ୍କ ୧୯ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହେବ । ଏଥିପାଇଁ ଶୁକ୍ରବାର ଶତାଧିକ ମହିଳା, ପୁରୁଷ ଜଳପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ମନ୍ଦିରରେ ସ୍ଥାପନ କରିଥିଲେ । ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ, ସୂର୍ଯ୍ୟପୂଜା, ଗୋ ପୂଜା, ମା'ଙ୍କ ଷୋଡ଼ଶ ଉପଚାର ପୂଜା, ନାମଯଜ୍ଞ ପ୍ରଭୃତି ଅନୁଷ୍ଠିତ ହୋଇଥିଲା । ପ୍ରତି ସନ୍ଧ୍ୟାରେ ସ୍ଥାନୀୟ କଳାକାରମାନେ ଭଜନ ପରିବେଷଣ କରିବେ । ରବିବାର ଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ।

## ୭୮ତମ ସତ୍ୟନାରାୟଣ ବାଦିପାଲା ମହୋତ୍ସବ

**ଢେଙ୍କାନାଳ,୨୭ ।୩(ସମିସ):** ଓଡ଼ାପଡ଼ା ବ୍ଲକ ଅଙ୍କରାନ୍ତିପୁର ଗ୍ରାମରେ ୭୮ତମ ଶ୍ରୀ ଶ୍ରୀ ସତ୍ୟନାରାୟଣଙ୍କ ବାଦିପାଲା ପବିତ୍ର ଶ୍ରୀରାମ ନବମୀ ଅବସରରେ ଉଦଘାଟିତ ହୋଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରଥମ ଦିବସରେ ଶ୍ରୀ ଶ୍ରୀ ସତ୍ୟନାରାୟଣଙ୍କୁ ବିମାନରେ ଅବସ୍ଥାନ କରି ଘଣ୍ଟି, ଖୋଳ, ଲଉଡ଼ି ଖେଳ, ସଂକୀର୍ତ୍ତନର ତାଳରେ ଗ୍ରାମ ପରିକ୍ରମା କରାଯାଇଥିଲା । ଗାୟକ ବାଣୀରତ୍ନ ନିରଞ୍ଜନ ସ୍ୱାଇଁ ପାଲା ପରବେଷଣ କରିଥିଲେ ।

### ଅଲଟରନେଟିଭ ରିଦମ ଥିଏଟର ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

# ସାମିଲ ହେଲେ ବିଭିନ୍ନ ଅନୁଷ୍ଠାନର କଳାକାର





**ଢେଙ୍କାନାଳ,୨୭ ।୩(ସମିସ)**

ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଜିଲ୍ଲା ଓ ରାଜ୍ୟ ପାଇଁ ବହୁବାର ସୁନାମ ଆଣିଥିବା ନାଟ୍ୟାନୁଷ୍ଠାନ ଅଲଟରନେଟିଭ୍ ରିଦମ ଥିଏଟର୍ ପକ୍ଷରୁ ଶୁକ୍ରବାର ବିଶ୍ୱ ନାଟ୍ୟଦିବସ ପାଳିତ ହୋଇଛି । ଏହି ଅବସରରେ ସ୍ଥାନୀୟ ବାଜିଚୌକଠାରେ ଆର୍ଟର ଆହ୍ୱାନ କ୍ରମେ ବିଭିନ୍ନ ଅନୁଷ୍ଠାନର କଳାକାର, ଶିକ୍ଷାର୍ଥୀ, ସମାଜସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଏକତ୍ରିତ ହୋଇଥିଲେ । ଅଲଟରନେଟିଭ ରିଦମ ଥିଏଟର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାର ପ୍ରାରମ୍ଭରେ ଉପସଭାପତି ମନୋହର ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିଥି ଭାବେ ନାଟ୍ୟକାର ତଥା କଳାପରିଷଦ ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଦିଲ୍ଲୀଶ୍ୱର ମହାରଣା, ସେଣ୍ଟ ଜାଭିୟର ହାଇସ୍କୁଲ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ, ଆଇନଜୀବୀ ଦୀପ୍ତାଂଶ ପ୍ରସାଦ ପଟ୍ଟନାୟକ, ଅନୁଷ୍ଠାନର ମୁଖ୍ୟ ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କବି ବାହାଦୁର ପାଟସାହାଣି, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ସଙ୍ଗୀତଜ୍ଞ ଯାମିନୀ ରଞ୍ଜନ ଦାଶ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ ବିଭୂତି ଭୂଷଣ ବେହେରା, ପ୍ରମୋଦ ପରିଡ଼ା, ପ୍ରମୋଦ ନାୟକ, ନୃତ୍ୟଗୁରୁ ସବିତା ଧୀର, ସାମ୍ବାଦିକ ଆଦିତ୍ୟ ପଣ୍ଡା, ସୁଶାନ୍ତ କୁମାର ପାଣି ପ୍ରମୁଖ ଯୋଗଦେଇ ନାଟକର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଆମେରିକାର ବିଶିଷ୍ଟ ଅଭିନେତା ୱିଲିୟମ ଡାଫୋଙ୍କ ଦ୍ୱାରା ଲିଖିତ ଚଳିତ ବର୍ଷର ବିଶ୍ୱ ନାଟ୍ୟ ବାର୍ତ୍ତାକୁ ଡ. ପୁଷ୍ପଲତା ରଥ ପାଠ କରିଥିଲେ । ନାଟ୍ୟକାର ଦିଲ୍ଲୀଶ୍ୱର ମହାରଣା ଓ ଶିକ୍ଷାବିତ ପ୍ରତାପ ଚନ୍ଦ୍ର ପାଣିଗ୍ରାହୀ ସବୁଜ ପତାକା ଦେଖାଇ ନାଟ୍ୟ ପଦଯାତ୍ରାର ଶୁଭାରମ୍ଭ କରିଥିଲେ । ପଦଯାତ୍ରାରେ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ସେଣ୍ଟ ଜାଭିୟର ହାଇସ୍କୁଲ, ଦିଲ୍ଲୀ ପବ୍ଲିକ ସ୍କୁଲ, ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଆଦୃତା ଶିଶୁଗୃହ ଓ ଅଲଟରନେଟିଭ ରିଦମ ଥିଏଟରର ଶିକ୍ଷାର୍ଥୀ, କଳାକାର, ସମାଜସେବୀ, ବୁଦ୍ଧିଜୀବୀ ଓ ଜନସାଧାରଣ ସାମିଲ ହୋଇଥିଲେ । ନାଟକ କେବଳ ମନୋରଞ୍ଜନ ପାଇଁ ନୁହେଁ, ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ସଫଳ ଚିକିତ୍ସା ପଦ୍ଧତି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ଏହି ଅବସରରେ ମତବ୍ୟକ୍ତ କରିଥିଲେ । ପଦଯାତ୍ରା ସହର ପରିକ୍ରମା କରି ମିନି ଷ୍ଟାଡିୟମ ନିକଟରେ ପହଞ୍ଚିଥିଲା । ସେଠାରେ ପଥପ୍ରାନ୍ତ ନାଟ୍ୟ ଆଲୋଚନା କରାଯାଇଥିଲା । ଅନୁଷ୍ଠାନର ଅଧ୍ୟକ୍ଷା ଡ. ପୁଷ୍ପଲତା ରଥ ଧନ୍ୟବାଦ ଅର୍ପଣ କରିଥିଲେ । ଜୟଚନ୍ଦ୍ର ମହାପାତ୍ର, ନିରଞ୍ଜନ ମହାନ୍ତି, କାମାକ୍ଷାପ୍ରସାଦ ରଣା, କାର୍ତ୍ତିକ ମହାପାତ୍ର, ତୁଷାରବାଳା ମହାନ୍ତି, ଦେବଜାନୀ ଦାସ, ଶୁଭାଷିନୀ ସେଠୀ, ସୁଶାନ୍ତ କର, ପ୍ରମୋଦ କୁମାର ଦାସ, ଆଶୁତୋଷ ପାଢ଼ୀ, ସତ୍ୟଜିତ ରାଉତ, ବିଶ୍ୱଜିତ ସାହୁ, ମାନସ କୁମାର ସାହୁ, ବିବେକାନନ୍ଦ ବେହେରା, ପରୁଷୋତ୍ତମ ବେହେରା, ସୂରଜ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଯୁବଗୋଷ୍ଠୀ କଲେ ବୁଲା ଗୋରୁଙ୍କ ଚିକିତ୍ସା

**ପଣ୍ଡୁଆ,୨୭ ।୩(ସମିସ):** କାମାକ୍ଷାନଗର ଉପଖଣ୍ଡର ଅଁଳାବେରେଣି ପ୍ରାଣୀ ଚିକିତ୍ସା କେନ୍ଦ୍ରର ବଡ଼ ଅବହେଳା ଦେଖିବାକୁ ମିଳିଛି । ପ୍ରଶାସନକୁ ବାରମ୍ବାର ଯୋଗାଯୋଗ କଲା ପରେ ବି କୌଣସି ସୁଫଳ ନ ମିଳିବାରୁ ମହୁଲି ମା' ମହାବୀର ଯୁବ ସଂଘ ସହଯୋଗରେ ବୁଲା ଗୋରୁଙ୍କ ଚିକିତ୍ସା କରାଯାଇଛି । ଅବସରପ୍ରାପ୍ତ ଡାକ୍ତର ନିରାକାର



ବେହେରାଙ୍କ ଗ୍ରାମ ଚାନ୍ଦପୁରରେ ଯୁବକ ସଂଘ ସଦସ୍ୟ ସତ୍ୟରଞ୍ଜନ ସାହୁ, ଶରତ ଚନ୍ଦ୍ର ପ୍ରଧାନ, ଶୁଭ୍ରଜିତ ସାହୁ, ସନ୍ତୋଷ ବିଶ୍ୱାଳ, ଅଜିତ ସାହୁ, ସବ୍ୟସାଚୀ ଦେହୁରୀ, ରଜତ ରାଉତ, ସତ୍ୟବ୍ରତ ସାହୁ, ସୌମ୍ୟକାନ୍ତ ସାହୁ, ଗୁଡୁ ସାହୁ, କର୍ଣ୍ଣ ଦେହୁରୀ ପ୍ରମୁଖ ନିଜ ପକେଟରୁ ଟଙ୍କା ଖର୍ଚ୍ଚ କରି ଗୋରୁଙ୍କ ଚିକିତ୍ସା କରୁଛନ୍ତି । ସାମ୍ବାଦିକ ଓ ସମାଜସେବୀ ପର୍ଶୁରାମ ମହାଭୋଇ ଯୁବକଙ୍କୁ ସମାଜସେବା ସହ ବୁଲାଗୋରୁଙ୍କ ସେବାରେ ସହଯୋଗ କରିଆସୁଛନ୍ତି ।

## ପୌର ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ; ନଗରପାଳଙ୍କ ଆପତ୍ତି

**ଭୁବନ,୨୭ ।୩(ସମିସ):** ଓଡ଼ିଶା ସରକାର ଓଡ଼ିଶା ପୌର ନିୟମାବଳୀ ୧୯୫୩କୁ ସଂଶୋଧନ କରି ନୂତନ ଓଡ଼ିଶା ପୌର ନିୟମାବଳୀ-୨୦୨୫ ଲାଗୁ କରିଛନ୍ତି । ଏବେ କାଉନସିଲ ବା ପୌର ପରିଷଦର ବିନା ଅନୁମତିରେ ପୌର ପ୍ରଶାସନ ପାଇଁ ଆନୁଷଙ୍ଗିକ ଖର୍ଚ୍ଚ ବାବଦରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରତିଥର ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ । ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦରମା ବିଲ୍ ଦେୟ ଆଦେଶ କେବଳ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇପାରିବ । ଏହି ମୂଲ୍ୟ ୨୫ ଲକ୍ଷ ଟଙ୍କାରୁ ଅଧିକ ହେଲେ ନିର୍ବାହୀ ଅଧିକାରୀ ଓ ପୌର ଅଧ୍ୟକ୍ଷ ମିଳିତ ଭାବେ ଏହାକୁ ଅନୁମୋଦନ କରିବେ । ନିର୍ବାହୀ ଅଧିକାରୀ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରଶାସନିକ ଅନୁମୋଦନ ଦେଇପାରିବେ । ୧୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପ ପାଇଁ ଅଧ୍ୟକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ । ମାତ୍ର ଯଦି କୌଣସି ବିଲ୍ ସପ୍ତାହେରୁ ଅଧିକ ଦିନ ଅଧ୍ୟକ୍ଷଙ୍କ ନିକଟରେ



ପଡ଼ିରହେ କିମ୍ବା ଉପଯୁକ୍ତ କାରଣ ସହ ଫେରସ୍ତ ନ ହୁଏ ତେବେ ନିର୍ବାହୀ ଅଧିକାରୀ ଜିଲ୍ଲାପାଳଙ୍କ ଦ୍ୱାରା ସେହି ବିଲ୍ ଅନୁମୋଦନ କରାଇପାରିବେ । ଏହା ଦ୍ୱାରା ପୌର ସଂସ୍ଥାଗୁଡ଼ିକରେ ଦୈନନ୍ଦିନ କାର୍ଯ୍ୟ ଓ ବିକାଶ ମୂଳକ କାର୍ଯ୍ୟରେ ପ୍ରଶାସନିକ ବାଧା ଦୂର ହୋଇ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଯାହା କୁହାଯାଉଛି ସେଥିରେ ଆଦୌ ସତ୍ୟତା ନାହିଁ । ଏହା କେବଳ ପୌର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କ ଆର୍ଥିକ କ୍ଷମତାକୁ ସଙ୍କୁଚିତ କରିବାକୁ ଉଦ୍ଦିଷ୍ଟ । ଏହି ନୂତନ ଆଇନ ବଳରେ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ଅଧ୍ୟକ୍ଷ/ଅଧ୍ୟକ୍ଷାମାନେ ଏକପ୍ରକାର ଦାରୁଭୂତ ମୁରାରୀ ସାଜିବେ ଓ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡ଼ିବେ । ସରକାର ଅଫିସରଙ୍କ ଦ୍ୱାରା ମୋଟା ଅଙ୍କର ପିସି ଗୋଟାଇବେ ଓ ରାଜ୍ୟରେ ଅଫିସରରାଜ ବୃଦ୍ଧି ପାଇବ ବୋଲି ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଏହି ନୂତନ ଆଇନ ତୁରନ୍ତ ପ୍ରତ୍ୟାହାର ନ ହେଲେ ସାରା ରାଜ୍ୟର ପୌର ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ସେ କହିଛନ୍ତି ।

## ଅଗ୍ନି ବିପନ୍ନ ପରିବାରକୁ ଭେଟିଲେ ବିଧାୟିକା
## ତୁରନ୍ତ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ

**ହିନ୍ଦୋଳ,୨୭ ।୩(ସମିସ):** ହିନ୍ଦୋଳ ଉପଖଣ୍ଡ ନୂଆବଗ ଗ୍ରାମରେ ସୋମବାର ଭୟବହ ଅଗ୍ନିକାଣ୍ଡ ଘଟି ୮ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି । ତେବେ ଏ ପର୍ଯ୍ୟନ୍ତ ବିପନ୍ନ ପରିବାରକୁ କୌଣସି ସରକାରୀ ସହାୟତା ମିଳିନାହିଁ । ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି, ଜିଲ୍ଲାପରିଷଦ ସଭ୍ୟ ସୁମନ୍ତ ଦେହୁରୀ, ବ୍ଲକ ଉପାଧ୍ୟକ୍ଷ ବରୁଣ କୁମାର ସର ପ୍ରମୁଖ ଶୁକ୍ରବାର ବିପନ୍ନ ପରିବାର ପାଖରେ ପହଞ୍ଚିଥିଲେ । ୫ ଦିନ ବିତିଯାଇଥିଲେ ମଧ୍ୟ କୌଣସି ସରକାରୀ ସହାୟତା ମିଳି ନ ଥିବାରୁ ବିଧାୟିକା କ୍ଷୋଭ ପ୍ରକାଶ କରିଥିଲେ । ଗ୍ରାମବାସୀଙ୍କ ସହ ଆଲୋଚନା କରି ହିନ୍ଦୋଳ ତହସିଲଦାର ଓ ଉପଜିଲ୍ଲାପାଳଙ୍କ ସହିତ କଥା ହୋଇଥିଲେ । ବିପନ୍ନ ପରିବାରକୁ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ପ୍ରଦାନ ସହ ସମସ୍ତଙ୍କ ଆବାସ ଯୋଜନାରେ ଘର ଯୋଗାଇ ଦେବାକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ବିଧାୟିକା ନିଜ ପକ୍ଷରୁ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏହି ଅବସରରେ



ଗ୍ରାମବାସୀ ଏକ ଖୋଲା ଅଷ୍ଟପ୍ରହର ମଣ୍ଡପ ନିର୍ମାଣ ନିମନ୍ତେ ବିଧାୟିକାଙ୍କୁ ଅନୁରୋଧ କରିଥିଲେ । ଗ୍ରାମବାସୀଙ୍କ ଦାବିକୁ ଦୃଷ୍ଟିରେ ରଖି ବିଧାୟିକା ବିକଶିତ ଓଡ଼ିଶା ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବାକୁ କହିବା ସହ । ଗ୍ରାମ କମିଟି ତଦାରଖରେ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ପରେ ବିଧାୟିକା ହିନ୍ଦୋଳ ସହର, ବେଡ଼ାପଡ଼ା ସମେତ ଉପଖଣ୍ଡର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିବା ସହ ବିଭିନ୍ନ ରମାନବମୀ ମଣ୍ଡପ ବୁଲି ଦେଖିଥିଲେ । ପ୍ରେମାନନ୍ଦ ପଟ୍ଟନାୟକ, ଜିତୁ ପଟ୍ଟନାୟକ, ଅଶୋକ ରାଉତ ପ୍ରମୁଖ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ ।

## ପୂର୍ବତନ ସାଂସଦଙ୍କ ବିୟୋଗରେ ଶୋକ

**ହିନ୍ଦୋଳ,୨୭ ।୩(ସମିସ):** ପୂର୍ବତନ ସାଂସଦ ନାରାୟଣ ସାହୁଙ୍କ ବିୟୋଗରେ ଢେଙ୍କାନାଳ ବିଜେପି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି । ସ୍ୱର୍ଗତ ସାହୁ ପାଲଲହଡ଼ାର ବିଧାୟକ ଓ ଦେବଗଡ଼ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ୯୦ ଦଶକରୁ ସେ ବିଜେପିରେ ଯୋଗଦେଇଥିଲେ । ତାଙ୍କ ବିୟୋଗରେ ରାଜ୍ୟ ଖାଦ୍ୟଯୋଗାଣ ଖାଉଟିକଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଢେଙ୍କାନାଳ ଜିଲ୍ଲା ସଭାପତି ରାସବିହାରୀ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଲେଙ୍କା, ସୁଶାନ୍ତ ପତି, ମାତୃପ୍ରସାଦ ନନ୍ଦଙ୍କ ସମେତ ଜିଲ୍ଲାର ସମସ୍ତ ପଦାଧିକାରୀ ଶୋକ ପ୍ରକାଶ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

## ଗୁଣିଗାରେଡ଼ି ସନ୍ଦେହରେ ଭାଇକୁ ହତ୍ୟା

**ଭୁବନ,୨୭ ।୩(ସମିସ):** ଗୁଣିଗାରେଡ଼ି ସନ୍ଦେହରେ ଯୁବକଙ୍କୁ ଲଙ୍ଗଳ ଲୁହାରେ ଆକ୍ରମଣ କରି ହତ୍ୟା କରିଛି ସମ୍ପର୍କୀୟ ଭାଇ । ଘଟଣା ଘଟିଛି ଭୁବନ ଥାନା ବାରୁଆଁ ପଞ୍ଚାୟତ କୃଷ୍ଣପୁର ଗ୍ରାମରେ । ଗ୍ରାମର ତ୍ରିଲୋଚନ ମହାନ୍ତ ସମ୍ପର୍କୀୟ ଭାଇ ମଣ୍ଟୁ ମହାନ୍ତଙ୍କୁ ଲଙ୍ଗଳ ଲୁହାରେ ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଭୁବନ ଥାନା



ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ଅଭିଯୁକ୍ତକୁ କାବୁ କରି ତଦନ୍ତ ଚଳାଇଛି । କାମାକ୍ଷାନଗର ଏସଡିପିଓ ପହଞ୍ଚି ତଦାରଖ କରୁଛନ୍ତି ।

## ପାଟରପଦା ପଞ୍ଚାୟତରେ ରାମନବମୀ ଉତ୍ସବ



**ପରଜଙ୍ଗ,୨୭ ।୩(ସମିସ):** ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତ ପାଟରପଦା ଗ୍ରାମରେ ରାମନବମୀ ପୂଜା ଆରମ୍ଭ ହୋଇଛି । ଭଗବାନ ଶ୍ରୀରାମଙ୍କ ପ୍ରତିମୂର୍ତ୍ତିକୁ ବିଭିନ୍ନ ଫୁଲରେ ସଜାଇ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, ସମିତି ସଭ୍ୟ ପ୍ରଦୀପ ସାହୁ, ପାଟରପଦା ସରପଞ୍ଚ ଜ୍ୟୋତ୍ସ୍ନାମୟୀ ବିଶ୍ୱାଳ, କୁଆଲୋ ସରପଞ୍ଚ ଅଜିତ ସାହୁ, ରେଣ୍ଟାପେଟ ସରପଞ୍ଚ ପ୍ରଶାନ୍ତ ନାୟକଙ୍କ ସମେତ ଶତାଧିକ ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ କରିଥିଲେ । ଗ୍ରାମର ଭଜନ ମଣ୍ଡଳୀ ଏବଂ ଗ୍ରାମ ପରିଚାଳନା କମିଟି ପକ୍ଷରୁ ସଙ୍କୀର୍ତ୍ତନ ଆୟୋଜନ କରାଯାଇଥିଲା । ବିଶାଳ ପଟୁଆର ଗ୍ରାମ ପରିକ୍ରମା କରିଥିଲା । ସେହିପରି ଆମ୍ବପଳସ ଗ୍ରାମରେ ରାମନବମୀ ପାଳନ ହେଉଥିବାବେଳେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି ।

## କୈବଲ୍ୟ ବଜାରରେ ଶ୍ରୀରାମ ନବମୀ

**ଢେଙ୍କାନାଳ,୨୭ ।୩(ସମିସ):** ସ୍ଥାନୀୟ କୈବଲ୍ୟ ବଜାରସ୍ଥିତ ସିଦ୍ଧ ବଳରାମଜୀଉଙ୍କ ମନ୍ଦିର ପାର୍ଶ୍ୱରେ ଥିବା ଶ୍ରୀରାମ ମନ୍ଦିରରେ ଶୁକ୍ରବାର ଶ୍ରୀରାମନବମୀ ପାଳନ କରାଯାଇଛି । ପ୍ରାତଃ ସମୟରୁ ମଙ୍ଗଳ ଆଳତି, ମହାସ୍ନାନ, ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ସୁନାରୁପା ଅଳଙ୍କାରରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ସୁସଜ୍ଜିତ କରାଯାଇଥିଲା । ପରେ ବଲ୍ଲଭ ଭୋଗ ଲାଗି କରାଯାଇଥିଲା । ସକାଳ ୧୦ଟାରେ ଖେଚୁଡ଼ି ଭୋଗ ଓ ମଧ୍ୟାହ୍ନରେ ଅନ୍ନଧୂପ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନ କରାଯାଇ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ସନ୍ଧ୍ୟାରେ ଆଳତି, ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା । ପୂଜକ ଶ୍ରୀବତ୍ସ ମିଶ୍ର, ମଳୟ କର, ପାଳିଆ ସେବକ ଶମ୍ଭୁନାଥ ମହାପାତ୍ର, ବ୍ରଜମୋହନ ମହାପାତ୍ର, କାହାଳିଆ ଟିକନ ବେହେରା ଓ ମନ୍ଦିରର ଜିମାଦାର ଶ୍ୟାମସୁନ୍ଦର ପାଣିଗ୍ରାହୀଙ୍କ ଉପସ୍ଥିତରେ ସମସ୍ତ ନୀତି ଅନୁଷ୍ଠିତ ହୋଇଥିଲା ।



## ମହାବୀର ବଜାରରେ ଶ୍ରୀରାମ ନବମୀ

**ଢେଙ୍କାନାଳ,୨୭ ।୩(ସମିସ):** ସ୍ଥାନୀୟ ମହାବୀର ବଜାରସ୍ଥିତ ମହାବୀର ପୂଜା କମିଟି ପକ୍ଷରୁ ରାମନବମୀ ପାଳନ କରାଯାଇଛି । ସକାଳୁ ମଙ୍ଗଳ ଆଳତି, ନୂତନ ବସ୍ତ୍ର, ତୁଳସୀ ହାର ଓ ଫୁଲହାର, ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ମଧ୍ୟାହ୍ନରେ ସୂର୍ଯ୍ୟପୂଜା, କଳସ ପୂଜା, ଷୋଡ଼ଷ ଉପଚାର ପୂଜା, ରାମଙ୍କ ଜନ୍ମ ପୂଜା, ଅନ୍ନଧୂପ, ସନ୍ଧ୍ୟାରେ ଆଳତି ଓ ରାତ୍ରଧୂପ ପରେ ପହଡ଼ ପଡ଼ିଥିଲା ।

## ରାମନବମୀ ଅବସରରେ ବିଶାଳ ଶୋଭାଯାତ୍ରା

**ଗଁଦିଆ,୨୭ ।୩(ସମିସ):** ଗଁଦିଆ ଶ୍ରୀରାମ ନବମୀ ମହୋତ୍ସବ ସମିତି ତରଫରୁ ଶ୍ରୀରାମ ନବମୀ ଅବସରରେ ଏକ ବାଇକ ଶୋଭଯାତ୍ରା ହୋଇଥିଲା । ଅପରାହ୍ନ ୫ଟାରେ ଶୋଭାଯାତ୍ରା ଗଁଦିଆ ଛକରୁ ବାହାରି ଷଡ଼ଙ୍ଗୀ ହନୁମାନ ମନ୍ଦିର ଦେଇ ପୋରୁହଖୋଜ ରାମ ମନ୍ଦରରେ ପହଞ୍ଚିଥିଲା । ଏଥିରେ ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ପୂର୍ବତନ ଗଁଦିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଳୟ କୁମାର ସିଂ, ଛାୟାକନ୍ତ ସାହୁ, କେଶବ ସାହୁ, ଦିଲୀପ ରାଉତ, ସୁଶାନ୍ତ ସାହୁ, ଗୋପାଳ ସାହୁ, ରମାକାନ୍ତ ରାଉତ, ଜୟନ୍ତ ସାହୁ, ଦୋଳଗୋବିନ୍ଦ, ଛାୟାକନ୍ତ ସାହୁ, ଅଭୟ ନାୟକ, ନିରଞ୍ଜନ ଜେନା, ରମାକାନ୍ତ ଦାସ, ବସନ୍ତ ସାହୁ, ଉମାକାନ୍ତ ଧୀର ପ୍ରମୁଖ ସାମିଲ ହୋଇଥିଲେ ।

# ୧୩୭ତମ ଅହମଦିୟା ମୁସଲିମ ପ୍ରତିଷ୍ଠା ଦିବସ

**ଢେଙ୍କାନାଳ,୨୭ ।୩(ସମିସ)**

ସହର ଉପକଣ୍ଠ ଗୁଣ୍ଡିଚାପଡ଼ା ଜାମା ମସଜିଦରେ ୧୩୭ତମ ଅହମଦିୟା ମୁସଲିମ ପ୍ରତିଷ୍ଠା ଦିବସ ଉଦଯାପିତ ହୋଇଛି । ଏହି ଅବସରରେ ଏକ ଧାର୍ମିକ ସଭା ଆୟୋଜନ କରାଯାଇଥିଲା । ଗୁଣ୍ଡିଚାପଡ଼ା ଅହମଦିୟା ମୁସଲିମ ଜମାଅତର ସଭାପତି ସୁଲେମାନ ଅଲୀ ଖାଁ ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ସୁପ୍ରସିଦ୍ଧ ପାଲା ଗାୟକ ପୀୟୂଷ ବିଶ୍ୱନାଥ ସ୍ୱାଇଁ ଓ ଗାୟକ ଜ୍ଞାନ ଭୂଷଣ ଡ. ଶିଶିର କୁମାର ପାଢ଼ୀ ଯୋଗଦେଇଥିଲେ । ମୌଲବୀ ଜଲାଲ ଉଦ୍ଦିନ ଖାଁଙ୍କ ଦ୍ୱାରା




ପବିତ୍ର କୋରାନ ପାଠ କରାଯିବା ସହ ଅସକର ଉଦ୍ଦିନ ନଜମ୍ କବିତା ପରିବେଷଣ କରାଯାଇଥିଲା । ମୌଲବୀ ମୁଜାଫର ଖାଁ ଓ ଜଲାଲ ଉଦ୍ଦିନ ଖାଁ ଅହମଦିୟା ମୁସଲିମ ପ୍ରତିଷ୍ଠା ଦିବସର ଐତିହ୍ୟ ଓ ଲକ୍ଷ୍ୟ ସମ୍ବନ୍ଧରେ ସବିସ୍ତାର ଆଲୋଚନା କରିଥିଲେ । ଅହମଦିୟା ମୁସଲିମ ସମ୍ପ୍ରଦାୟର ଗଠନ ୨୩ ମାର୍ଚ୍ଚ ୧୮୮୯ରେ ଶ୍ରୀ ମିର୍ଜା ଗୁଲାମ ଅହମଦ ପ୍ରତିଶ୍ରୁତ ମସିହାଙ୍କ ଦ୍ୱାରା ହୋଇଥିଲା । ସେଠାରୁ ଆରମ୍ଭ କରି ଏହି ସମୁଦାୟ ସମାଜରେ ପ୍ରେମ, ଶାନ୍ତି ଓ ମାନବତାର ସନ୍ଦେଶ ପ୍ରସାର କରିବା ସହିତ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୃଢ଼ ସମ୍ପର୍କ ସ୍ଥାପନାରେ ନିରନ୍ତର ପ୍ରୟାସରତ ଅଛି । ସଭାର ମୁଖ୍ୟ ଆକର୍ଷଣ ଥିଲା ମୁଖ୍ୟଅତିଥି ପିୟୁଷ ବିଶ୍ୱନାଥ ସ୍ୱାଇଁଙ୍କ ଉଦ୍‌ବୋଧନ । ସେ ତାଙ୍କର ଭାଷଣରେ ମାନବ ସେବା ହିଁ ମାଧବ ସେବା ବୋଲି ଉଚ୍ଚାରଣ କରି ସମସ୍ତଙ୍କୁ ମାନବତାର ପଥରେ ଆଗେଇବାକୁ ଆହ୍ୱାନ କରିଥିଲେ । ଆଜିର ସମାଜରେଏ ଯେଉଁଠାରେ ଧର୍ମକୁ ନେଇ ବିଭିନ୍ନ ଅବାନ୍ତର ଓ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି ସେଠାରେ ଏକ ପାଲା ଗାୟକଙ୍କ ମସଜିଦରେ ଆସି ଧର୍ମସଭାରେ ଯୋଗଦେବା ଏକ ସ୍ପଷ୍ଟ ସନ୍ଦେଶ ଦେଉଛି । ସମସ୍ତ ଧର୍ମର ମୂଳ ଶିକ୍ଷା ହେଉଛି ପ୍ରେମ, ସହିଷ୍ଣୁତା ଓ ଏକତା । ପରିଶେଷରେ ସଭାପତି ସୁଲେମାନ ଅଲୀ ଖାଁ ଧନ୍ୟବାଦ ଅର୍ପଣ କରି ସାମୁହିକ ପ୍ରାର୍ଥନା (ଦୁଆ) ସହିତ ସଭା ସାଙ୍ଗ କରିଥିଲେ । ଏହି ସମାରୋହରେ ଗ୍ରାମ ଉପ ସଚିବ ସ୍ୱଦେଶ ରଞ୍ଜନ ସାହୁ, କୋଷାଧ୍ୟକ୍ଷ ଅୟୁବ ଖାଁ, ଉପସଭାପତି ଇଦରିସ ଖାଁ, ଯୁବ ସଂଗଠନ ଅଧ୍ୟକ୍ଷ ସୋଲେମାନ ଖାଁ, ପୂର୍ବ ସଭାପତି ମହମୁଦ ଖାଁ, ସଲିମ ଉଦ୍ଦିନ ଖାଁ, ଅବସରପ୍ରାପ୍ତ ବରିଷ୍ଠ ପୋଲିସ ଅଧିକାରୀ ଫଜ୍ଜୁଲ୍ଲା ଖାଁ ଓ ଭାରତୀୟ ସେନାର ଜବାନ ତୋରାବ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୭୦ ● ପାଉଣ୍ଡ ୧୨୫.୫୮
- ୟୁରୋ ୧୦୮.୬୩ ● ୟେନ୍ ୦.୫୯

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୨,୮୦୦ (ନୂଆଦିଲ୍ଲୀ)
- ରୁପା : ୨,୪୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୩,୫୮୩.୦୦
- ନିଫ୍ଟି ୨୨,୮୧୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଭାଙ୍ଗିଲା ୧୪ ବର୍ଷର ଅବମୂଲ୍ୟାୟନ ରେକର୍ଡ



# ୧ ଡଲାର = ୯୪.୭୦ ଟଙ୍କା

## ରେକର୍ଡ ନିମ୍ନ ସ୍ତରକୁ ଖସିଲା ଭାରତୀୟ ମୁଦ୍ରା
## ଡଲାର ତୁଳନାରେ ରେକର୍ଡ ସର୍ବନିମ୍ନ ସ୍ତରକୁ ହ୍ରାସ
## ଚଳିତ ଆର୍ଥିକବର୍ଷରେ ଡଲାର ତୁଳନାରେ ୧୦% ହ୍ରାସ
## ମହଙ୍ଗା ହେବ ବିଦେଶୀ ସାମଗ୍ରୀ

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ଭାରତୀୟ ମୁଦ୍ରା ଟଙ୍କାର ବିନିମୟ ମୂଲ୍ୟରେ ଅବମୂଲ୍ୟାୟନ ଜାରି ରହିଛି । ଶୁକ୍ରବାର ଭାରତୀୟ ଟଙ୍କା ଆମେରିକୀୟ ଡଲାର ତୁଳନାରେ ୯୪.୭୦ ଟଙ୍କାର ରେକର୍ଡ ସର୍ବନିମ୍ନ ସ୍ତରକୁ ଖସିଆସିଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଶକ୍ତି ଯୋଗାଣରେ ବାଧା ଯୋଗୁଁ ମୁଦ୍ରା ମୂଲ୍ୟରେ ଏହି ହ୍ରାସ ଘଟିଛି । ଗୋଟିଏ ମାସରେ ଟଙ୍କା ମୂଲ୍ୟ ପ୍ରାୟ ୪% ହ୍ରାସ ପାଇଛି ଏବଂ ୨୦୨୫-୨୬ ଆର୍ଥିକବର୍ଷରେ ଏହା ୧୦% ରୁ ଅଧିକ ହ୍ରାସ ଘଟିଛି । ଭାରତୀୟ ମୁଦ୍ରା ମୂଲ୍ୟରେ ବିଗତ ୧୪ ବର୍ଷ ମଧ୍ୟରେ ସବୁଠାରୁ ବଡ଼ ହ୍ରାସ । ବିଦେଶୀ ବ୍ରୋକ୍‌ରେଜ୍ ସଂସ୍ଥା ବର୍ନଷ୍ଟାଇନ୍ ଅନୁଯାୟୀ, ଯଦି ଇରାନ ଯୁଦ୍ଧ ଜାରି ରହେ, ତେବେ ଟଙ୍କା ୯୮ ସ୍ତରରେ ପହଞ୍ଚିପାରେ । ଭାରତର ଆର୍ଥିକ ବର୍ଷ ଏପ୍ରିଲରୁ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିଥାଏ । ତଥ୍ୟ ଅନୁସାରେ, ୧୪ ବର୍ଷ ମଧ୍ୟରେ ଏହା ପ୍ରଥମ ଥର, ଯେବେ କି ଗୋଟିଏ ବର୍ଷରେ ଟଙ୍କା ମୂଲ୍ୟରେ ଏତେ ହ୍ରାସ ପାଇଛି । ପୂର୍ବରୁ, ୨୦୧୧-୧୨ ରେ ୟୁରୋଜୋନ୍ ସଙ୍କଟ ସମୟରେ ଏହାର ମୂଲ୍ୟରେ ପ୍ରାୟ ୧୪% ହ୍ରାସ ଘଟିଥିଲା । ଏହି ସମୟରେ,୨୦୨୫ ମାର୍ଚ୍ଚ ୩୧ ପରଠାରୁ ଟଙ୍କା ମୂଲ୍ୟରେ ୧୦% ହ୍ରାସ ଘଟିଛି ।

ଆମେରିକୀୟ ଡଲାର ମୂଲ୍ୟ ବୃଦ୍ଧି ଏବଂ ଟଙ୍କା ମୂଲ୍ୟରେ ହ୍ରାସ ଭାରତରେ ମୁଦ୍ରାସ୍ଫୀତି ବୃଦ୍ଧିର ଆଶଙ୍କା ବଢ଼ାଇଛି । ମଧ୍ୟପ୍ରାଚ୍ୟ ସଂଘର୍ଷକୁ ଦଶନ୍ଧି ମଧ୍ୟରେ ସବୁଠାରୁ ଗମ୍ଭୀର ଶକ୍ତି ସଙ୍କଟ ବୋଲି ବିବେଚନା କରାଯାଉଛି, ଯାହା ସିଧାସଳଖ ଭାରତକୁ ପ୍ରଭାବିତ କରୁଛି । ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ଭାରତର ଆମଦାନୀ ବିଲ୍ ବୃଦ୍ଧି ପାଇଛି । ଏଥିଯୋଗୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇପାରେ । ଏଲପିଜି, ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ପେଟ୍ରୋକେମିକାଲ୍ ଉତ୍ପାଦର ଯୋଗାଣ ପ୍ରଭାବିତ ହୋଇଛି । ଭାରତକୁ ଏବେ ମୁଦ୍ରାସ୍ଫୀତିର ଭୟ ଘାରଇବାରେ ଲାଗିଛି । ଟଙ୍କା ତୁଳନାରେ ଡଲାର ମୂଲ୍ୟ ସୁଦୃଢ଼ ହେବା ବୃଦ୍ଧି ପେଟ୍ରୋଲ, ଡିଜେଲ ଏବଂ ଆମଦାନୀ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବ, ଯାହା ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି କରିପାରେ । ଏଥିଯୋଗୁ ବଜାର ମହଙ୍ଗା ହେବା ସହ ବିଦେଶ ଯାତ୍ରା କିମ୍ବା ଅଧ୍ୟୟନ ପାଇଁ ଡଲାର କିଣିବା ପାଇଁ ଏବେ ଅଧିକ ଟଙ୍କାର ଆବଶ୍ୟକତା ପଡ଼ିବ । ଆହୁରିମଧ୍ୟ ମୋବାଇଲ୍ ଫୋନ୍, ଲାପଟପ୍ ଏବଂ ଦେଶକୁ ଆମଦାନୀ ହେଉଥିବା ଅଂଶ ଅଧିକ ମହଙ୍ଗା ହୋଇପାରେ କାରଣ ଦେୟ ଡଲାରରେ କରାଯାଏ ।

ବିଶେଷଜ୍ଞଙ୍କ ମତରେ ଜିଡିପି ଅଭିବୃଦ୍ଧି ଆକଳନକୁ କମ୍ କରିବା ଆରମ୍ଭ କରିଛନ୍ତି । ବର୍ନଷ୍ଟାଇନଙ୍କ ଅନୁସାରେ, ଯଦି ଯୁଦ୍ଧ ଦୀର୍ଘ ସମୟ ଧରି ଜାରି ରହେ, ତେବେ ଚଳନ୍ତି ଖାତା ବାଲାନ୍ସ ଉପରେ ଚାପ ବୃଦ୍ଧି ପାଇବ ଏବଂ ଚଳିତ ବର୍ଷ ଟଙ୍କା ୯୮ ଅଙ୍କ ସ୍ତର ଅତିକ୍ରମ କରିପାରେ । କିଛି ବିଶେଷଜ୍ଞ ପୂର୍ବାନୁମାନ କରିଛନ୍ତି ଯେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବା ପାଇଁ ଆରବିଆଇ ଆଗାମୀ ୧୨ ମାସରେ ସୁଧ ହାର ବୃଦ୍ଧି କରିପାରେ ।

**ସଂସଦରେ ଅର୍ଥ ବିଲ୍-୨୦୨୬ ଗୃହୀତ**

# ବଜେଟ୍ ପ୍ରସ୍ତାବଗୁଡ଼ିକୁ ମିଳିଲା ଆଇନଗତ ମଞ୍ଜୁରୀ

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ଅର୍ଥ ବିଲ୍ ୨୦୨୬କୁ ଶୁକ୍ରବାର ସଂସଦର ମଞ୍ଜୁରୀ ମିଳିଛି । ରାଜ୍ୟସଭାରେ ବିଲ୍ ବାଚନିକ ଭୋଟ୍‌ରେ ଗୃହୀତ ହେବା ପରେ ଲୋକସଭାକୁ ଫେରାଇ ଦିଆଯାଇଛି । ଏଣୁ କେନ୍ଦ୍ରୀୟ ବଜେଟ ୨୦୨୬-୨୭ର ପ୍ରସ୍ତାବଗୁଡ଼ିକୁ ଆଇନଗତ ସମର୍ଥନ ଲାଗି ବିଧାୟୀ ପ୍ରକ୍ରିୟା ପୂରଣ ହୋଇଛି, ଯାହା ଏପ୍ରିଲ ପହିଲାରୁ ଆରମ୍ଭ ହେବାକୁ ଥିବା ନୂଆ ଆର୍ଥିକବର୍ଷରୁ ଲାଗୁ ହେବ । ମାର୍ଚ୍ଚ ୨୫ ଲୋକସଭାରେ ବିଲ୍‌କୁ ୩୨ ସଂଶୋଧନ ସହିତ ଗୃହୀତ କରାଯାଇଥିଲା । ଏହାପରେ ବିଲ୍‌କୁ ନେଇ ରାଜ୍ୟସଭାରେ ସଂକ୍ଷିପ୍ତ ଚର୍ଚ୍ଚା ହେବା ପରେ ସାଂସଦଙ୍କ ପ୍ରଶ୍ନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉତ୍ତର ଦେଇଥିଲେ । ଏହାପରେ ବିଲ୍ କୁ ମଞ୍ଜୁରୀ ମିଳିଯାଇଛି ।





୨୦୨୬-୨୭ କେନ୍ଦ୍ରୀୟ ବଜେଟରେ ମୋଟ ଖର୍ଚ୍ଚ ୫୩.୪୭ ଲକ୍ଷ କୋଟି ଟଙ୍କା ରଖାଯାଇଛି । ଯାହା ଜାରି ଆର୍ଥିକ ବର୍ଷ (୩୧ ମାର୍ଚ୍ଚ ୨୦୨୫-୨୬) ତୁଳନାରେ ୭.୭% ଅଧିକ । ଏହି ବଜେଟରେ ବଡ଼ ଭିତ୍ତିଭୂମି ପ୍ରକଳ୍ପ ଲାଗି ୧୨.୨ ଲକ୍ଷ କୋଟି ଟଙ୍କାର ପୁଞ୍ଜିଗତ ଖର୍ଚ୍ଚ ଲାଗି ପ୍ରସ୍ତାବ ଦିଆଯାଇଛି । ଏହା ଦ୍ୱାରା ଅର୍ଥ ବ୍ୟବସ୍ଥାକୁ ବିକାଶ ଓ ରୋଜଗାରକୁ ପ୍ରୋତ୍ସାହନ ମିଳିବ । ଏହା ଗତବର୍ଷ ତୁଳନାରେ ୨.୨ଲକ୍ଷ କୋଟି ଟଙ୍କା ଅଧିକ । ଏହି ଅବସରରେ ଅର୍ଥମନ୍ତ୍ରୀ କହିଛନ୍ତି ଯେ ବଡ଼ ବଡ଼ ପ୍ରକଳ୍ପ ଶୀଘ୍ର ଶେଷ କରିବା ଲାଗି ଏକ 'ଇନଫ୍ରାଷ୍ଟ୍ରକ୍ଚର ରିସ୍କ ଡେଭଲପମେଣ୍ଟ ଫଣ୍ଡ ଗଢାଯିବ । ଅର୍ଥମନ୍ତ୍ରୀ ୨୦୨୬-୨୭ ବର୍ଷ ନିମନ୍ତେ ରାଜକୋଷ ନିଅଣ୍ଟକୁ ହ୍ରାସ କରି ଜିଡିପିର ୪.୩%କୁ ଆଣିବା ପାଇଁ ଲକ୍ଷ୍ୟ ମଧ୍ୟ ରଖିଛନ୍ତି । କହିଛନ୍ତି ଯେ ସରକାର ଆର୍ଥିକ ବିକାଶ ସହିତ ବିତ୍ତୀୟ ସ୍ଥିରତା ମଧ୍ୟ ଚାହାନ୍ତି । ଏଣୁ ଏ ଦିଗରେ କାମ କରାଯାଉଛି । ରାଜକୋଷ ନିଅଣ୍ଟ ପୂରା କରିବା ପାଇଁ ୨୦୨୭ ମସିହାରେ ସରକାର ୧୧.୭ ଲକ୍ଷ କୋଟି ଟଙ୍କା ନେଟ୍ ଋଣ କରିବେ । ଏହି ସମୟରେ ମୋଟ ବଜାର ଋଣ ୧୭.୨ଲକ୍ଷ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି ।

# ୧୪ ହଜାର କର୍ମଚାରୀ ଛଟେଇ କରିବ ନୋକିଆ

## ସର୍ବାଧିକ ପ୍ରଭାବିତ ହେବ ଭାରତୀୟ ଟିମ୍

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ଦିନେ ମୋବାଇଲ ଫୋନ୍ ବଜାରରେ ରାଜ୍ କରୁଥିବା ଫିନଲାଣ୍ଡ କମ୍ପାନୀ ନୋକିଆ ଏବେ ବଡ଼ ଧରଣର କର୍ମଚାରୀ ଛଟେଇ କରିବାକୁ ଯାଉଛି । ଏକ ବ୍ୟାପକ ପୁନର୍ଗଠନ ଯୋଜନାରେ କମ୍ପାନୀ ପ୍ରାୟ ୧୪ ହଜାର ପର୍ଯ୍ୟନ୍ତ କର୍ମଚାରୀ ଛଟେଇ କରିପାରେ । ଭାରତୀୟ ବ୍ୟବସାୟରେ ବଡ଼ ଧରଣର ଶ୍ରମବଳ ହଟାଇବାକୁ ପ୍ରସ୍ତୁତି କରୁଛି କମ୍ପାନୀ । ଏକ ରିପୋର୍ଟ ଅନୁଯାୟୀ, ନୋକିଆ ଏହାର ବିଶ୍ୱସ୍ତରୀୟ କର୍ମଚାରୀ ସଂଖ୍ୟା ୨୦ ପ୍ରତିଶତ ହ୍ରାସ କରିବ ବୋଲି ଆଶା କରାଯାଉଛି । ବର୍ତ୍ତମାନ ନୋକିଆର ୭୪,୦୦୦ ରୁ ଅଧିକ କର୍ମଚାରୀ ଅଛନ୍ତି । ଭାରତରେ ନୋକିଆର ପ୍ରାୟ ୧୭,୦୦୦ ରୁ ଅଧିକ କର୍ମଚାରୀ କାମ କରୁଛନ୍ତି । ବର୍ତ୍ତମାନ ସମୟରେ ଏଆଇର ବହୁଳ ବ୍ୟବହାର ଓ ନିବେଶ ବଢୁଥିବାରୁ ଆମାଜନ୍, ମାଇକ୍ରୋସଫ୍ଟ ଏବଂ ଗୁଗୁଲ୍ ଭଳି ବଡ଼ ବଡ଼ ଟେକ୍ ଜାଏଣ୍ଟମାନେ ହଜାର ହଜାର କର୍ମଚାରୀଙ୍କୁ ଛଟେଇ କରିଛନ୍ତି । ଅପରପକ୍ଷେ ମେଟା ମଧ୍ୟ ୧୫ ହଜାରରୁ ଅଧିକ କର୍ମଚାରୀଙ୍କୁ ଛଟେଇ କରିବାକୁ ଯୋଜନା କରୁଥିବା ଚର୍ଚ୍ଚା ହେଉଛି । ଭାରତରେ ନୋକିଆର ପ୍ରଦର୍ଶନ ହ୍ରାସ ପାଉଛି । ୨୦୨୫ ମସିହାର ଚତୁର୍ଥ ତ୍ରୈମାସିକରେ କମ୍ପାନୀର ନେଟ୍ ବିକ୍ରି ବାର୍ଷିକ ତୁଳନାରେ ୧୫ ପ୍ରତିଶତ ହ୍ରାସ ପାଇ ୩୯୩ ମିଲିଅନ ୟୁରୋ (ପ୍ରାୟ ୪,୨୯୦ କୋଟି ଟଙ୍କା) ହୋଇଛି । ସେହି ତୁଳନାରେ ଏହା ପୂର୍ବ ବର୍ଷ ଅର୍ଥାତ୍ ୨୦୨୪ ସମାନ ତ୍ରୈମାସିକରେ ଭାରତରେ ନେଟ୍ ବିକ୍ରି ୪୬୩ ମିଲିଅନ ୟୁରୋ (ପ୍ରାୟ ୫,୦୦୦ କୋଟି ଟଙ୍କା) ହୋଇଥିଲା ।

**ରାଜ୍ୟ ସଭାରେ ରେଳମନ୍ତ୍ରୀଙ୍କ ସୂଚନା**

# ୧୩ ଗୁଣ ବଢ଼ିଛି ଓଡ଼ିଶାକୁ ରେଳ ବ୍ୟୟବରାଦ

**ଭୁବନେଶ୍ୱର,୨୭।୩(ସମିସ):** ବିଗତ କିଛି ବର୍ଷ ହେବ ରେଳ ବଜେଟରେ ଓଡ଼ିଶାକୁ ଦିଆଯାଇଥିବା ବ୍ୟୟବରାଦ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି । ୨୦୦୯ରୁ ୨୦୧୪ ମଧ୍ୟରେ ଏହା ବାର୍ଷିକ ହାରାହାରି ୮୩୮ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରାୟ ୧୩ ଗୁଣ ବୃଦ୍ଧି ପାଇ ୧୦,୫୯୯ କୋଟି ଟଙ୍କାରେ ପହଞ୍ଚିଛି । ରାଜ୍ୟସଭାରେ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ କେତେକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ଯାତ୍ରୀଭଡ଼ା ଓ ମାଲଭଡ଼ା ବାବଦରେ ରେଳବାଇ ଓଡ଼ିଶାରୁ ପାଉଥିବା ରାଜସ୍ୱ ସଂପର୍କିତ ଏକ ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ପୂର୍ବତଟ ରେଳବାଇ, ଦକ୍ଷିଣ-ପୂର୍ବ ରେଳବାଇ ଓ ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇ ଜୋନ ଅଧୀନରେ ଆସୁଛି । ୨୦୨୪-୨୫ ଆର୍ଥିକ ବର୍ଷରେ



ପୂର୍ବତଟ ରେଳବାଇର ରାଜସ୍ୱ ୨୩୭୯୬ କୋଟି ଟଙ୍କା ଥିବାବେଳେ ମୋଟ ଖର୍ଚ୍ଚ ୨୬,୨୫୪ କୋଟି ଟଙ୍କା ଥିଲା । ସେହିପରି ଦକ୍ଷିଣ-ପୂର୍ବ ରେଳବାଇର ରାଜସ୍ୱ ୧୯,୪୪୮ କୋଟି ଓ ବ୍ୟୟ ୨୬୦୭୬ କୋଟି ଥିଲା । ସେହିପରି ଦକ୍ଷିଣ-ପୂର୍ବ କେନ୍ଦ୍ରୀୟ ରେଳବାଇର ମୋଟ ଆୟ ୨୦,୯୩୧ କୋଟି ଓ ବ୍ୟୟ ୨୦,୯୪୧ କୋଟି ଟଙ୍କା ଥିଲା ।

୨୦୦୯ରୁ ୨୦୧୪ ମଧ୍ୟରେ ଓଡ଼ିଶାରେ ହାରାହାରି ବାର୍ଷିକ ୫୪ କିଲୋମିଟର ହିସାବରେ ମୋଟ ୨୬୭ କିଲୋମିଟର ନୂଆ ରେଳଟ୍ରାକ୍ ବିଛାଯାଇଥିବାବେଳେ ୨୦୧୪-୨୫ ମଧ୍ୟରେ ହାରାହାରି ବାର୍ଷିକ ୧୯୫ କିଲୋମିଟର ସହ ମୋଟ ୨୧୫୦ କିଲୋମିଟର ରେଳଟ୍ରାକ୍ ବିଛାଯାଇଛି । ୧ ଏପ୍ରିଲ୍, ୨୦୨୫ ସୁଦ୍ଧା, ମୋଟ ୪୦୧୦ କିଲୋମିଟର ଲମ୍ବ ଏବଂ ୬୭,୪୯୬ କୋଟି ଟଙ୍କା ମୂଲ୍ୟର ୪୯ଟି ପ୍ରକଳ୍ପ (୧୯ଟି ନୂତନ ଲାଇନ ଏବଂ ୩୦ଟି ଦୋହରୀକରଣ କାର୍ଯ୍ୟ ସହିତ) ମଞ୍ଜୁର କରାଯାଇଛି । ଏଗୁଡ଼ିକ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବରେ ଓଡ଼ିଶା ରାଜ୍ୟ ମଧ୍ୟରେ ଆସୁଅଛି । ଏଥିମଧ୍ୟରୁ ୧,୪୨୯ କିଲୋମିଟର କାର୍ଯ୍ୟକ୍ଷମ ହୋଇଛି ଏବଂ ମାର୍ଚ୍ଚ ୨୦୨୫ ସୁଦ୍ଧା ୨୮,୦୪୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

# ବାଣିଜ୍ୟିକ ଏଲ୍‌ପିଜି କୋଟା ୭୦%କୁ ବୃଦ୍ଧି

**ନୂଆଦିଲ୍ଲୀ,୨୭।୩(ଏଜେନ୍ସି):** ଦେଶରେ ଚାଲିଥିବା ଗ୍ୟାସ ସଙ୍କଟ ମଧ୍ୟରେ କେନ୍ଦ୍ର ସରକାର ପୁଣି ଥରେ ରାଜ୍ୟଗୁଡ଼ିକୁ ଏଲପିଜି ଯୋଗାଣ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଶୁକ୍ରବାର ସରକାର ବାଣିଜ୍ୟିକ ଏଲପିଜି ସିଲିଣ୍ଡର ଆବଣ୍ଟନକୁ ୫୦% ରୁ ୭୦%କୁ ବୃଦ୍ଧି କରିଛନ୍ତି । ଏହି ନିଷ୍ପତ୍ତି ଏଲପିଜି ଉପରେ ଅଧିକ ନିର୍ଭର କରୁଥିବା ଶିଳ୍ପଗୁଡ଼ିକୁ ସର୍ବାଧିକ ଲାଭ ଦେବ । ସରକାର ସ୍ପଷ୍ଟ କରିଛନ୍ତି ଯେ ଇସ୍ପାତ, ଅଟୋମୋବାଇଲ୍, ବୟନ ଏବଂ ରାସାୟନିକ ପଦାର୍ଥ ଭଳି ଶ୍ରମ-କେନ୍ଦ୍ରିକ କ୍ଷେତ୍ରକୁ ପ୍ରାଥମିକତା ଦିଆଯିବ । ମଧ୍ୟପ୍ରାଚ୍ୟରେ ଚାଲିଥିବା ସଂଘର୍ଷ ଭାରତରେ ଏଲପିଜି ଯୋଗାଣ ଶୃଙ୍ଖଳାକୁ ବିପର୍ଯ୍ୟସ୍ତ କରିଛି । ଏହାର ସମାଧାନ ପାଇଁ, ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ସଚିବ ଡକ୍ଟର ନୀରଜ ମିତ୍ତଲ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନଙ୍କୁ ଏକ ଚିଠି ଲେଖି ଏ ବିଷୟରେ ସୂଚନା ଦେଇଛନ୍ତି । ବାଣିଜ୍ୟିକ ଏବଂ ଶିଳ୍ପ ବ୍ୟବହାର ପାଇଁ ଯୋଗାଣ ବୃଦ୍ଧି କରିବା ପାଇଁ ମନ୍ତ୍ରଣାଳୟ ଏହି ନିର୍ଦ୍ଦେଶ ଜାରି କରିଛି । ପୂର୍ବରୁ ଏହି କୋଟା କେବଳ ୫୦% ଥିଲା, କିନ୍ତୁ ଏବେ ଏହାକୁ ପୂର୍ବ ସଙ୍କଟ ସ୍ତରର ୭୦% ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ।

**ଇସ୍ପାତ, ଅଟୋ, ବୟନ କ୍ଷେତ୍ରକୁ ପ୍ରାଥମିକତା**

ସରକାର ବର୍ତ୍ତମାନ ୬ଟି କ୍ଷେତ୍ରକୁ ପ୍ରାଥମିକତା ଦେଉଛନ୍ତି । ସରକାରୀ ନିର୍ଦ୍ଦେଶ ଅନୁଯାୟୀ, ଉଚ୍ଚ ଶ୍ରମଶକ୍ତି ଥିବା ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକୀୟ ଶିଳ୍ପକୁ ସମର୍ଥନ କରୁଥିବା ଶିଳ୍ପଗୁଡ଼ିକୁ ପ୍ରଥମେ ଏଲ୍‌ପିଜି ଯୋଗାଇ ଦିଆଯିବ । ଏଥିରେ ଇସ୍ପାତ, ଅଟୋମୋବାଇଲ୍, ବୟନଶିଳ୍ପ, ରଙ୍ଗ, ରାସାୟନିକ ସାମଗ୍ରୀ ଏବଂ ପ୍ଲାଷ୍ଟିକ୍ କ୍ଷେତ୍ର ସମ୍ପୃକ୍ତ । ସରକାର ଏହି ବର୍ଦ୍ଧିତ କୋଟା ସହିତ ଏକ ସର୍ତ୍ତ ମଧ୍ୟ ଲାଗୁ କରିଛନ୍ତି । ଅତିରିକ୍ତ ୨୦% ଏଲ୍‌ପିଜି ପାଇବା ପାଇଁ, ବାଣିଜ୍ୟିକ ଏବଂ ଶିଳ୍ପ ଗ୍ରାହକମାନଙ୍କୁ ତୈଳ କମ୍ପାନୀ (ଓଏମ୍‌ସି) ସହିତ ପଞ୍ଜୀକରଣ କରିବାକୁ ପଡିବ । ସେମାନଙ୍କୁ ସେମାନଙ୍କ ସହରର ନଗର ଗ୍ୟାସ ବଣ୍ଟନ କମ୍ପାନୀ ସହିତ ପିଏନ୍‌ଜି (ପାଇପ୍ ପ୍ରାକୃତିକ ଗ୍ୟାସ) ସଂଯୋଗ ପାଇଁ ଆବେଦନ କରିବାକୁ ପଡିବ । ସରକାର ଚାହାଁନ୍ତି ଯେ ଶିଳ୍ପଗୁଡ଼ିକ ଧୀରେ ଧୀରେ ଏଲ୍‌ପିଜି ରୁ ପିଏନ୍‌ଜିକୁ ସ୍ଥାନାନ୍ତରିତ ହେଉ । ଏହି ନିର୍ଦ୍ଦେଶ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରୁଛି । ଯଦି କୌଣସି ପ୍ରକ୍ରିୟା ଶିଳ୍ପର ବିଶେଷ ଗରମ ଆବଶ୍ୟକତା ଥାଏ ଯାହା ପ୍ରାକୃତିକ ଗ୍ୟାସ (ପିଏନ୍‌ଜି) ସହିତ ପୂରଣ କରାଯାଇପାରିବ ନାହିଁ, ତେବେ ପିଏନ୍‌ଜି ଆବେଦନ ଆବଶ୍ୟକତା ଛାଡ଼ କରାଯାଇଛି ।

# ତାଳଚେର ଷ୍ଟେସନରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା



**ଭୁବନେଶ୍ୱର, ୨୭।୩ (ସମିସ):** ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ମଞ୍ଜେଶ୍ୱର ରେଳ ଷ୍ଟେସନରୁ ତାଳଚେର ଏବଂ ତାଳଚେରରୁ ବଳରାମ ଏବଂ ଅନୁଗୁଳ ପର୍ଯ୍ୟନ୍ତ ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ କରି ରେଳପଥ ପରିଚାଳନା, ଭିତ୍ତିଭୂମି ବିକାଶ, ଟ୍ରାକର ଅବସ୍ଥା, ସିଗନାଲିଂ ସିଷ୍ଟମ, ସୁରକ୍ଷା ମାନଦଣ୍ଡ, ଷ୍ଟେସନ ଭିତ୍ତିଭୂମି, ଯାତ୍ରୀ ସୁବିଧା, ପଣ୍ୟ ପରିବହନ ବ୍ୟବସ୍ଥା ଏବଂ ଏହି ସେକ୍ସନରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହା ସହିତ ସେ ସୁରକ୍ଷା, ପରିଚାଳନାଗତ ଦକ୍ଷତା ଏବଂ ଯାତ୍ରୀ ସୁବିଧା ଗୁଡିକର ଉଚ୍ଚ ମାନଦଣ୍ଡ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ତାଳଚେର ରେଳ ଷ୍ଟେସନରେ ଶ୍ରୀ ଫଙ୍କୱାଲ ଷ୍ଟେସନ ପରିସର ଯାଞ୍ଚ କରିଥିଲେ ଏବଂ ବିଭିନ୍ନ ଯାତ୍ରୀ କୈନ୍ଦ୍ରିକ ସୁବିଧା, ପରିଷ୍କାର ପରିଚ୍ଛନ୍ନତା, ପ୍ଲାଟଫର୍ମ ଅବସ୍ଥା, ପ୍ରତୀକ୍ଷାଳୟ ଭଳି ସୁବିଧା ଏବଂ ସୁରକ୍ଷା ବ୍ୟବସ୍ଥା ଗୁଡିକର ସମୀକ୍ଷା କରିଥିଲେ । ନିରୀକ୍ଷଣ ସମୟରେ ସେ ଯାତ୍ରୀଙ୍କ ସହ ଆଲୋଚନା କରିଥିଲେ ଏବଂ ଷ୍ଟେସନ ମିଳୁଥିବା ବିଭିନ୍ନ ସୁବିଧା ଏବଂ ସେବା ସମ୍ପର୍କରେ ସେମାନଙ୍କର ମତାମତ ମଧ୍ୟ ନେଇଥିଲେ । ସମସ୍ତ ଯାତ୍ରୀ ସୁବିଧା ଏବଂ ରେଳ ସମ୍ପତ୍ତିକୁ ସୁରକ୍ଷିତ, ଦକ୍ଷ ଏବଂ ଯାତ୍ରୀ-ଅନୁକୂଳ ବ୍ୟବହାର ବଜାୟ ରଖିବାକୁ ମହାପ୍ରବନ୍ଧକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଓଡିଫେଡ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ ଫେୟାର ଓ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ଆରମ୍ଭ






**ଭୁବନେଶ୍ୱର, ୨୭।୩ (ସମିସ):** ଜିଏସ୍ ମାର୍କେଟିଂ ଆସୋସିଏଟ୍ସ ଏବଂ ଓଡ଼ିଶା ଡେଭଲପର୍ସ ଫେଡେରେସନ୍ (ଓଡିଫେଡ୍) ଦ୍ୱାରା ଆୟୋଜିତ 'ଇଣ୍ଡିଆ ଇଣ୍ଟରନ୍ୟାସନାଲ ମେଗା ଟ୍ରେଡ ଫେୟାର (ଆଇଆଇଏମଟିଏଫ୍) ଏବଂ ହୋମ୍ ଆଣ୍ଡ ଡେକୋର ଏକ୍ସପୋ ଗୃହ ଓ ନଗର ଉନ୍ନୟନ ବିଭାଗର ମାନ୍ୟବର ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଭାବେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଭୁବନେଶ୍ୱର ବିଜେପିର ବରିଷ୍ଠ ନେତା ଜଗନ୍ନାଥ ପ୍ରଧାନ, ଜିଏସ୍. ମାର୍କେଟିଂ ଆସୋସିଏଟ୍ସର ଆସୋସିଏଟ୍ ଡାଇରେକ୍ଟର ଅନୁପମ ଘୋଷ ଏବଂ ଶିଳ୍ପ ଜଗତର ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏଥିରେ ଓଡିଫେଡ୍ର ସଭାପତି ପ୍ରଦୀପ୍ତ କୁମାର ବିଶ୍ୱାସରାୟ କହିଛନ୍ତି ସ୍ଥାୟୀ ସହରୀ ଅଭିବୃଦ୍ଧି ଏବଂ ଏକ ମଜବୁତ ରିଅଲ୍ ଇଷ୍ଟେଟ୍ ପରିବେଶ ନିଶ୍ଚିତ କରିବା ପାଇଁ ଓଡିଫେଡ୍ ସମସ୍ତ ଅଂଶୀଦାରଙ୍କ ସହ ମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧ । ଏଥିରେ ୫ଟିରୁ ଅଧିକ ଦେଶ ଏବଂ ଭାରତର ୧୨ଟି ରାଜ୍ୟର ପ୍ରତିନିଧିତ୍ୱ ସହିତ, ଆଇଆଇଏମଟିଏଫ୍ ଏଠାରେ ୩୫,୦୦୦ରୁ ଅଧିକ ପ୍ରକାରର ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରୁଛି । ଏହି ବାଣିଜ୍ୟ ମେଳା ଗୃହ କ୍ରେତାଙ୍କୁ ସଚେତନ କରିବା ଏବଂ ଡେଭଲପର୍ସ, ବ୍ୟାଙ୍କର୍ସ ଏବଂ ସମ୍ପୃକ୍ତ ଶିଳ୍ପଗୁଡ଼ିକୁ ଗୋଟିଏ ଛାତ ତଳକୁ ଆଣିଥିବା ଓଡିଫେଡ୍ ସମ୍ପାଦକ ଇଞ୍ଜିନିୟର ଉମେଶ ପଟ୍ଟନାୟକ କହିଛନ୍ତି ।

**ଏପ୍ରିଲ ପହିଲାରୁ ବଦଳିବ ଅନେକ ନିୟମ**

# ଟିକଟଠାରୁ ଟିକସ ଯାଏଁ ୮ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ

**ନୂଆଦିଲ୍ଲୀ, ୨୭।୩ (ଏଜେନ୍ସି):** ନୂତନ ଆର୍ଥିକବର୍ଷ ଏପ୍ରିଲ ପହିଲାରୁ ଆରମ୍ଭ ହେଉଛି, ଯାହା ସାଧାରଣ ଲୋକଙ୍କ ପକେଟ୍ ଉପରେ ବଡ଼ ପ୍ରଭାବ ପକାଇବ । ଏଥର, ସରକାର ଟିକଟଠାରୁ ଟିକସ ପର୍ଯ୍ୟନ୍ତ ୧୦ଟି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିବାକୁ ଯାଉଛନ୍ତି । ଏହି ସମୟରେ, ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବାକୁ ଥିବା ବ୍ୟାଙ୍କିଙ୍ଗ ଏବଂ ରେଳବାଇର ନିୟମ ସାଧାରଣ ଲୋକଙ୍କ ଚିନ୍ତାକୁ ବଢ଼ାଇଦେଇଛି । କରିଛି । ଟ୍ରେନ୍ ଟିକଟ୍ ବାତିଲ୍ ପାଇଁ ରିଫଣ୍ଡ ନିୟମ ଆହୁରି କଠୋର ହେବ ଏବଂ ଏଟିଏମ୍‌ରୁ ଟଙ୍କା ଉଠାଇବା ମଧ୍ୟ ମହଙ୍ଗା ହୋଇପାରେ । ପାନ୍ କାର୍ଡ ପାଇଁ କଠୋର ଡକ୍ୟୁମେଣ୍ଟେସନ୍ ଆବଶ୍ୟକତା ଏବଂ ରନ୍ଧନ ଗ୍ୟାସ୍ ମୂଲ୍ୟରେ ସମ୍ଭାବ୍ୟ ପରିବର୍ତ୍ତନ ସିଧାସଳଖ ଆପଣଙ୍କ ପରିବାରର ବଜେଟ ଉପରେ ପ୍ରଭାବ ପକାଇବ ।





### ନୂଆ ଆୟକର ଆଇନ କାର୍ଯ୍ୟକାରୀ

ପୁରୁଣା ଆୟକର ଆଇନ ୧୯୬୧ ଏବେ ଇତିହାସ ହୋଇଯିବ । ନୂତନ ଆୟକର ଆଇନ ଏପ୍ରିଲ ପହିଲାରୁ କାର୍ଯ୍ୟକାରୀ ହେବ । ପୂର୍ବରୁ ବ୍ୟବହୃତ ମୂଲ୍ୟାୟନ ବର୍ଷ ଏବଂ ପୂର୍ବ ବର୍ଷ ଶବ୍ଦଗୁଡ଼ିକ ବର୍ତ୍ତମାନ ଗୋଟିଏ ଟିକସ ବର୍ଷ ଦ୍ୱାରା ବଦଳାଯିବ । ଏହା ଟିକସ ଦାଖଲ ଏବଂ ବୁଝାମଣାକୁ ସରଳ କରିବ । ଆଇନରେ ଆହୁରି ଅନେକ ପରିବର୍ତ୍ତନ ମଧ୍ୟ କରାଯାଇଛି ଯାହା କରଦାତାଙ୍କ ପାଇଁ ସହଜ ହେବ ।

### ଅଧିକ ଟିକସ ରିଆତିର ଲାଭ

ନୂତନ ଟିକସ ବ୍ୟବସ୍ଥା ଅଧୀନରେ ବାର୍ଷିକ ୧୨ ଲକ୍ଷ ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିମାନେ ଏବେ ଶୂନ୍ ଟିକସ ଦେବେ । ଧାରା ୮୭ଏ ଅଧୀନରେ ରିଆତିରେ ବୃଦ୍ଧି କରାଯାଇଛି, ଯାହା ମଧ୍ୟବିତ୍ତ ବର୍ଗକୁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ପ୍ରଦାନ କରିବ । ପୂର୍ବରୁ, ଏହି ସୀମା କମ୍ ଥିଲା, କିନ୍ତୁ ବର୍ତ୍ତମାନ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରମୁକ୍ତ ହେବ ।

### ଟିଡିଏସ୍ ଫର୍ମରେ ପରିବର୍ତ୍ତନ

ଏପ୍ରିଲରୁ ଫର୍ମ ୧୬ ଏବଂ ଫର୍ମ ୧୬ଏ ବନ୍ଦ ହୋଇଯିବ । ଫର୍ମ ୧୩୦ ଏବଂ ଫର୍ମ ୧୩୧ ସେଗୁଡ଼ିକ ସ୍ଥାନ ନେବ । ଫର୍ମ ୧୩୦ ବେତନଭୋଗୀଙ୍କ ଟିଡିଏସ୍ ପ୍ରମାଣପତ୍ର ପାଇଁ ହେବ, ଯେତେବେଳେ କି ଫର୍ମ ୧୩୧ ଅଣ-ବେତନପ୍ରାପ୍ତ ପେମେଣ୍ଟ ପାଇଁ ହେବ । ଅନୁପାଳନକୁ ସରଳ କରିବା ଏବଂ ଟିକସ ଦାଖଲରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଜାରି ସମୟସୀମାରେ ମଧ୍ୟ ପରିବର୍ତ୍ତନ କରାଯିବ ।

### ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ସଂଶୋଧନ

ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟ ଏପ୍ରିଲ ପହିଲାରେ ସଂଶୋଧନ କରାଯାଇପାରେ । ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ବିଶ୍ୱସ୍ତରୀୟ ଆହ୍ୱାନକୁ ବୃଦ୍ଧି କରିଛି, ଯାହା ଯୋଗାଣକୁ ପ୍ରଭାବିତ କରୁଛି । ଏହି ମୂଲ୍ୟ ପରିବର୍ତ୍ତନ ସାଧାରଣ ପରିବାରର ରୋଷେଇ ଘର ଖର୍ଚ୍ଚକୁ ପ୍ରଭାବିତ କରିବ ।

### ସିଏନ୍‌ଜି, ପିଏନ୍‌ଜି, ଏଟିଏଫ୍ ମୂଲ୍ୟରେ ପରିବର୍ତ୍ତନ

ସିଏନ୍‌ଜି, ପିଏନ୍‌ଜି ଏବଂ ବିମାନ ଟର୍ବାଇନ୍ ଇନ୍ଧନ (ଏଟିଏଫ୍) ମୂଲ୍ୟ ମଧ୍ୟ ସଂଶୋଧନ ହେବ । ଏହା ବିମାନ ଭଡ଼ା ବୃଦ୍ଧି କରିପାରେ ଏବଂ ଦୈନନ୍ଦିନ ପରିବହନକୁ ପ୍ରଭାବିତ କରିପାରେ ।

### ଏଟିଏମ୍ ଉଠାଣ ଶୁଳ୍କ ବଢ଼ିବ

ନୂଆ ମାସରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରୁ ୟୁପିଆଇ ଏଟିଏମ୍ ଉଠାଣ ମାଗଣା ସୀମାରେ ଅନ୍ତର୍ଭୁକ୍ତ ହେବ । ଯଦି ଆପଣ ପ୍ରତି ମାସରେ ୫ଟି କାରବାର ଅତିକ୍ରମ କରନ୍ତି, ତେବେ ପ୍ରତ୍ୟେକ ପରବର୍ତ୍ତୀ କାରବାର ପାଇଁ ୨୩ ଟଙ୍କା ଶୁଳ୍କ ଲାଗୁ ହେବ ।

### ପାନ୍ କାର୍ଡ ନିୟମ କଡ଼ାକଡ଼ି

ପ୍ୟାନ୍ କାର୍ଡ ତିଆରି କିମ୍ବା ଅପଡେଟ୍ କରିବା ପାଇଁ ନିୟମ ଏବେ କଡ଼ାକଡ଼ି ହେବ । ଆୟକର ବିଭାଗ ଆଉ ଜନ୍ମ ତାରିଖର ଏକମାତ୍ର ପ୍ରମାଣ ଭାବରେ ଆଧାରକୁ ଗ୍ରହଣ କରିବ ନାହିଁ । ପାନ୍ କାର୍ଡ କ୍ଷେତ୍ରରେ ଏଣିକି ୧୦ମ ଶ୍ରେଣୀ ପ୍ରମାଣପତ୍ର, ପାସପୋର୍ଟ, ଜନ୍ମ ପ୍ରମାଣପତ୍ର ଏବଂ ଭୋଟର ପରିଚୟପତ୍ର ଭଳି ଡକ୍ୟୁମେଣ୍ଟ ଆବଶ୍ୟକ ହେବ ।

### ଟ୍ରେନ ଟିକଟ ବାତିଲ ନିୟମ କଡ଼ାକଡ଼ି

ରେଳବାଇ ଏବେ ଟ୍ରେନ ଛାଡିବାର ୮ ଘଣ୍ଟା ମଧ୍ୟରେ ଟିକଟ ବାତିଲ ପାଇଁ ଶୂନ୍ୟ ରିଫଣ୍ଡ ପ୍ରଦାନ କରିବ । ପୂର୍ବରୁ, ଏହି ସମୟ ସୀମା ୪ ଘଣ୍ଟା ଥିଲା । ଶେଷ ମୁହୂର୍ତ୍ତରେ ବାତିଲ କରିବା ଦ୍ୱାରା ଆଉ କୌଣସି ରିଫଣ୍ଡ ମିଳିବ ନାହିଁ, ଯାହା ଫଳରେ ଯାତ୍ରୀମାନଙ୍କୁ ପୂର୍ବରୁ ଯୋଜନା କରିବାକୁ ପଡିବ ।

## ଆଜିର ରାଶିଫଳ

**ମେଷ:** ପାରିବାରିକ ସମସ୍ୟା ଦେଖାଦେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହେବ।

**ବୃଷ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ।

**ସିଂହ:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜବୁତ୍ ହେବ। ବିଦ୍ୟାର୍ଥୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜକୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ବିଛା:** କର୍ମଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଘର ପାଇଁ ନୂଆ ଜିନିଷ କିଣିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ।

**ଧନୁ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ, ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ।

**କୁମ୍ଭ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୭୯୫- ପୋଲାଣ୍ଡର ବିଭାଜନ ହୋଇଥିଲା।
- ୧୯୩୯- ସ୍ପେନ୍‌ରେ ଗୃହଯୁଦ୍ଧ ଶେଷ ହେଲା।
- ୧୯୭୨-ସୋଭିଏତ୍ ରୁଷ୍ ପରମାଣୁ ପରୀକ୍ଷା କରିଥିଲା।
- ୨୦୦୬-ଆମେରିକା ପାକିସ୍ତାନର ପେଶୱାରରେ ଥିବା ତା'ର ବାଣିଜ୍ୟିକ ଦୂତାବାସକୁ ବନ୍ଦ କଲା।
- ୨୦୧୫- ସାଇନା ନେହୱାଲ ବିଶ୍ୱର ଏକ ନମ୍ବର ମହିଳା ବ୍ୟାଡମିଣ୍ଟନ ଖେଳାଳି ହେଲେ।

# ୮ ବର୍ଷ ଧରି ଗଳାରେ ଫସି ରହିଥିଲା ମେଟାଲ ଚପଷ୍ଟିକ୍



ଚୀନରୁ ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏଠାକାର ଜଣେ ବ୍ୟକ୍ତିଙ୍କ ଗଳାରେ ଦୀର୍ଘ ଆଠ ବର୍ଷ ଧରି ଧାତୁର ଏକ ଚପଷ୍ଟିକ୍ ଫସି ରହିଥିଲା। ୱାଙ୍ଗ ନାମ ଏହି ବ୍ୟକ୍ତି ଜଣକ ଆଠ ବର୍ଷ ତଳେ ମଦ ପିଉଥିବା ସମୟରେ ଭୁଲ୍‌ରେ ଚପ୍‌ଷ୍ଟିକ୍‌ଟିକୁ ଗିଳି ଦେଇଥିଲେ। ଏହି ସମୟରେ ତାଙ୍କୁ ହାଲ୍‌କା ଯନ୍ତ୍ରଣା ଅନୁଭୂତ ହୋଇଥିଲା। ହେଲେ ନିଃଶ୍ୱାସପ୍ରଶ୍ୱାସ ନେବାରେ କୌଣସି ଅସୁବିଧା ହୋଇ ନ ଥିଲା। ସେତେବେଳେ ୱାଙ୍ଗଙ୍କୁ ଡାକ୍ତର ଅସ୍ତ୍ରୋପଚାର କରି ଚପଷ୍ଟିକ୍ ବାହାର କରିବାକୁ କହିଥିଲେ ସୁଦ୍ଧା ସେ ଶୁଣି ନ ଥିଲେ। ସମୟ ସମୟରେ ୱାଙ୍ଗ୍‌କୁ ଏଥିପାଇଁ ଅସହଜ ମନେ ହେଉଥିଲେ ବି ସେ ଏହାକୁ ଅଣଦେଖା କରି ଚାଲୁଥିଲେ। କିଛି ଦିନ ପୂର୍ବରୁ ଯେତେବେଳେ ଗଳାରେ ତାଙ୍କୁ ଅଧିକ ଯନ୍ତ୍ରଣା ଅନୁଭବ ହେବା ସହ ଖାଦ୍ୟ ଜିନିଷ ଢୋକି ପାରି ନ ଥିଲେ ସେ ହସ୍‌ପିଟାଲ ଯିବାକୁ ମନ ବଳାଇଥିଲେ। ଯାଞ୍ଚବେଳେ ଡାକ୍ତର ତାଙ୍କ ଗଳାରେ ୧୨ ସେଣ୍ଟିମିଟରର ଏକ ଧାତୁର ଚପଷ୍ଟିକ୍ ଫସି ରହିଥିବା ଜାଣି ଆଶ୍ଚର୍ଯ୍ୟ ହୋଇଥିଲେ। ତେବେ ଏହା ଆଖପାଖରେ ଥିବା ଅଙ୍ଗଗୁଡ଼ିକର କୌଣସି କ୍ଷତି ନ କରିବା ସହ ତାଙ୍କ ସ୍ୱରରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇ ନଥିଲା। ୱାଙ୍ଗ ଯେତେବେଳେ ଡାକ୍ତରଙ୍କୁ ତାଙ୍କ ଗଳାକାଟି ଅପରେସନ୍ କରିବାକୁ ମନା କଲେ ଏହାପରେ ତାଙ୍କ ପାଟିବାଟେ ଏହାକୁ ଟାଣି ବାହାର କରିବା ପାଇଁ ଯୋଜନା କରାଗଲା। ଏହି ଅପରେସନ୍ ସଫଳ ହେଲା। ମେଟାଲ୍ ଚପଷ୍ଟିକ୍ ତାଙ୍କ ଗଳାରୁ ବାହାରି ଆସିଥିଲା। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଲୋକେ ଏହାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

# ବିମାନରେ ନଡ଼ିଆ ମନା



ବିମାନ ଯାତ୍ରା ସମୟରେ ଯାତ୍ରୀଙ୍କ ପାଇଁ କିଛି ସ୍ୱତନ୍ତ୍ର ନିୟମ ରହିଥାଏ। ସୁରକ୍ଷିତ ଯାତ୍ରା ପାଇଁ ଯାତ୍ରୀମାନେ ମଧ୍ୟ ଏହି ନିୟମଗୁଡ଼ିକୁ ପାଳନ କରିଥାନ୍ତି। ଏହି କ୍ରମରେ ବିମାନରେ ଯାତ୍ରା କରିବା ସମୟରେ ତୀକ୍ଷ୍ଣ ବସ୍ତୁ ଏବଂ ଜ୍ୱଳନଶୀଳ ପଦାର୍ଥ ନେଇ ଯିବାକୁ ଅନୁମତି ନ ଥାଏ। ବିମାନରେ ଯାତ୍ରା କରିବା ସମୟରେ ଯାତ୍ରୀଙ୍କୁ ନଡ଼ିଆ ନେଇ ଯିବାକୁ ମଧ୍ୟ ମନା। ସାଧାରଣତଃ ଅଧିକାଂଶ ଯାତ୍ରୀ ନଡ଼ିଆକୁ ସାମାନ୍ୟ ଫଳ ଭାବି ବ୍ୟାଗ୍‌ରେ ରଖିଥାନ୍ତି। ଏହାବାଦ୍ ଅନେକ ଲୋକ ଭୋଗ ହୋଇଥିବା ନଡ଼ିଆକୁ ମଧ୍ୟ ସାଙ୍ଗରେ ନେଇଯାନ୍ତି। ହେଲେ ଏୟାରଲାଇନ୍ ଏବଂ ସୁରକ୍ଷା ଏଜେନ୍ସିର ନିୟମ ଅନୁସାରେ ବିମାନରେ ଯାତ୍ରା କରିବା ସମୟରେ ନଡ଼ିଆ ନେବା ମନା। ଏହାର କାରଣ ହେଉଛି, ନଡ଼ିଆ ବାହାରୁ ଟାଣ ଦେଖାଯାଉଥିଲେ ବି ଏହା ଭିତରେ ତରଳ ପଦାର୍ଥ ବା ପାଣି ରହିଛି। ଏଭଳି ଜିନିଷ ଯାଞ୍ଚ କରିବା ସମୟରେ ସନ୍ଦେହ ସୃଷ୍ଟି କରିପାରେ। ଏହାବାଦ୍ ଶୁଖିଲା ନଡ଼ିଆରେ ତେଲ ରହୁଥିବାରୁ ଏଥିରେ ଶୀଘ୍ର ନିଆଁ ଧରିଥାଏ। ବିଶେଷକରି ବିମାନର କାର୍ଗୋ ହୋଲ୍‌ଡରେ ଯେଉଁଠାରେ ବାୟୁ ଚଳାଚଳ କମ୍ ହୋଇଥାଏ ସେଠାରେ ତାପମାତ୍ରା ଅଧିକ ଥାଏ। ଏଠାରେ ଶୁଖିଲା ନଡ଼ିଆରେ ନିଆଁ ଲାଗିବା ଆଶଙ୍କା ଥାଏ। ଥରେ ବିମାନରେ ନିଆଁ ଲାଗିଲେ ଏହା ବହୁତ ଉଚ୍ଚତାରେ ଥିବାରୁ ଓ ସୀମିତ ସାଧନ ଯୋଗୁଁ ଏହାକୁ ଆୟତ୍ତ କରିବା କଷ୍ଟକର ବ୍ୟାପାର। ସେଥିପାଇଁ ଯାତ୍ରୀମାନେ ବିମାନରେ ଯାତ୍ରା କରିବା ସମୟରେ ସାଙ୍ଗରେ ନଡ଼ିଆ ନେବାକୁ ଅନୁମତି ଦିଆଯାଏ ନାହିଁ।

# କରନ୍‌ଙ୍କ ଶୋ'କୁ ବିପାଶାଙ୍କ ନାଁ





କରନ୍ ଜୋହର୍‌ଙ୍କ ଦ୍ୱାରା ପରିଚାଳିତ ଶୋ' 'ଦ ଟ୍ରେଟର୍ସ ଇଣ୍ଡିଆ'ର ପ୍ରଥମ ସିଜିନ୍ ହିଟ୍ ସାବ୍ୟସ୍ତ ହୋଇଛି। ଆମାଜନ୍ ପ୍ରାଇମ୍ ଭିଡିଓ ପକ୍ଷରୁ ନିକଟରେ ଏହାର ଦ୍ୱିତୀୟ ସିଜିନ୍ କଥା ଘୋଷଣା କରାଯାଇଥିଲା। ଇତିମଧ୍ୟରେ ଏହି ସିଜିନ୍‌ରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀଙ୍କ ନାମ ସାମ୍ନାକୁ ଆସିଛି। ଏଥିରେ ସର୍ବାଗ୍ରେ ବିପାଶା ବସୁଙ୍କ ନାମ ରହିଥିଲା। ଏବେ ବିପାଶା ଏହି ଅଫର୍‌କୁ ପ୍ରତ୍ୟାଖାନ କରିଥିବା ଜଣାପଡ଼ିଛି। ଝିଅ ଦେବୀର ଜନ୍ମ ପରେ ବିପାଶା ଏବେ ତାଙ୍କ ବ୍ୟକ୍ତିଗତ ଜୀବନ ଓ ପରିବାର ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଏଥିପାଇଁ ସେ ଏହି ଶୋ' ଛାଡ଼ି ଦେଇଥିବା କୁହାଯାଉଛି। ସେହିଭଳି ଏହି ସିଜିନ୍‌ରେ ନେହା ଧୂପିଆ, କ୍ରୀଷ୍ଟାଲ୍ ଡିସୁଜା, ସଞ୍ଜୟ କପୁରଙ୍କୁ ଦେଖିବାକୁ ମିଳିବ। ଏହାବାଦ୍ ଶ୍ୱେତା ତିୱାରି, ମୁନବ୍ବର ଫାରୁକି, ଏଲ୍‌ଭିଶ ଯାଦବ, ରୁବିନା ଦିଲୈକ୍, ମଲ୍ଲିକା ଶେରାୱତ ମଧ୍ୟ ଏଥିରେ ନଜର ଆସିପାରନ୍ତି। ଅବଶ୍ୟ ଏହାର ନିର୍ମାତାଙ୍କ ପକ୍ଷରୁ ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀଙ୍କ ଫାଇନାଲ ତାଲିକା ଆସିନାହିଁ। ଉର୍ଫି ଜାଭେଦ୍ ଓ ନିକିତା ଲୁଥର ଏହାର ପ୍ରଥମ ସିଜିନ୍‌ର ବିଜେତା ହୋଇଥିଲେ।

## ପ୍ରହେଳିକା

- ଏପ୍ରିଲ୍ ଏକ ତାରିଖ ଦିନ
  ହସି ଉଠଇ ସର୍ବ ପରାଣ
  ବନ୍ଦେ ଉତ୍କଳ ଜନନୀ ଗୀତ
  ଗାଆନ୍ତି ସର୍ବେ ହୋଇ ଏକତ୍ର
  ମହାନ ପରବଟିଏ
  ଆମ ରାଇଜରେ ହୁଅଇ ପାଳନ
  କୁହ ତା'ର ନାମ କିଏ।

  ଉତ୍ତର-ଉତ୍କଳ ଦିବସ


- ଭାଷାଭିତ୍ତିକ ରାଜ୍ୟ ନାମରେ
  ପରିଚିତ ସେ ଆମ ଦେଶରେ
  ଏପ୍ରିଲ୍ ମାସ ପହିଲା ଦିନ
  ତା' ଜନ୍ମଦିନ ହୁଏ ପାଳନ
  ସୁନ୍ଦର ରାଇଜଟିଏ
  ପୂରୁବ ତଟେ ସେ ଶୋଭା ପାଏ
  କୁହ ତା' ନାମ କିଏ।

  ଉତ୍ତର-ଓଡ଼ିଶା ପ୍ରଦେଶ

- ସହରଟିଏ ସେ ଭାରି ସୁନ୍ଦର
  ତା' ଚଉଦିଗେ ଶୋହେ ମନ୍ଦିର
  ଲିଙ୍ଗରାଜଙ୍କୁ ବୁକୁରେ ଧରି
  ପରାଣେ ଦିଏ ଭକତି ଭରି
  ସ୍ୱଚ୍ଛ ସହର ସିଏ
  ରାଜଧାନୀରେ ତା' ନାମ ଖ୍ୟାତ
  କୁହ ତା'ନାମ କିଏ।

  ଉତ୍ତର-ଭୁବନେଶ୍ୱର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର



## ନବ ଉତ୍କଳର ଛବି



ତପନ କୁମାର ସ୍ୱାଇଁ

ଯାଇଛି ସେଦିନ ଇଂରେଜ ଶାସନ
ସ୍ୱାଧୀନ ହୋଇଛୁ ଆମେ,
ସ୍ୱାଧୀନ ହୋଇଛି ଆମରି ରାଇଜ
ଉତ୍କଳ ପ୍ରଦେଶ ନାମେ।
ଆଜି ନାହୁଁ ଆମେ ବିହାର, ବଙ୍ଗ
ଶାସକ ଅଧୀନ ତଳେ,
ଆମେ ତ ଗଢ଼ିଛୁ ସ୍ୱତନ୍ତ୍ର ଉତ୍କଳ
ଆମରି ବାହୁର ବଳେ।
ଉଣେଇଶ ଛତିଶ ଅପ୍ରେଲ ପହିଲା
ନବ ଉତ୍କଳର ଛବି,
ହସି ଉଠିଥିଲା ଭୂଗୋଳ ପୋଥିରେ
ସକାଳର ନୂଆ ରବି।
କୃଷ୍ଣଚନ୍ଦ୍ର, ମଧୁ, ଫକୀରମୋହନ
ନୀଳକଣ୍ଠ , ଗଙ୍ଗାଧର,
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନେ
ଉଠି ଥିଲା ତାଙ୍କ ସ୍ୱର।
କଳିଙ୍ଗ ସମ୍ରାଟ ଐର ଖାରବେଳ
ବିର୍ସା, ଜଗବନ୍ଧୁ, ବାଜି
ଉତ୍କଳ ପ୍ରଦେଶ ପାଇଁ ଲଢ଼ିଛନ୍ତି
ବୀର ସୈନିକ ସାଜି।
ଆମ ଜନ୍ମ ମାଟି ଆମରି ଗରବ
ଇତିହାସ ତା'ର ସାକ୍ଷୀ,
ଏଇ ମାଟି ପାଇଁ ଦେଇଛନ୍ତି ପ୍ରାଣ
ଲକ୍ଷ୍ମଣ, ମାଧୋ ଓ ଚାଖି।
ନିଜ ରକତକୁ ପାଣି କରିଛନ୍ତି
ଏଇ ମାଟି ମାଆ ପାଇଁ,
ଆସରେ ସଭିଏଁ ଉତ୍କଳ ସନ୍ତାନ
ପୂଜିବା ଉତ୍କଳ ଭୂଇଁ। ■

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର

## ଗଛ ଆମ ସାଙ୍ଗସାଥୀ



ପ୍ରଶାନ୍ତ କୁମାର ଦାଶ

ଗଛ ଯୋଗାଇବ ଝଡ଼ ଝଞ୍ଜା ସହି
ଆମପାଇଁ ଲୋଡ଼ା ଯାହା
ଗଛଦେହେ ପୂଜା ପାଉଛନ୍ତି ନିତି
ଚକାଆଖି ଚଉବାହା ॥
ତାର ଫୁଲ ଫଳ ପତର ଓ ଡାଳ
ଦରକାର ଆମପାଇଁ
ଗଛ ଠୁ ଅସଲ ଉପକାରୀ ମିତ
ଦୁନିଆରେ କେହି ନାହିଁ ॥
ତା' ପାଇଁ ଖସଇ ଆକାଶୁ ବରଷା
ମିଳଇ ପବନ ଛାଇ
ଖରାବେଳଟାରେ ଥକା ମାରେ ବସି
ମୂଳରେ ବାଟୋଇ ଭାଇ ॥
ତା' ଡାଳରେ ଦୋଳି ଖେଳି ଛୋଟପିଲା
କରନ୍ତି ମଉଜ ମଜା
ଗଛ କାଟନାହିଁ ଥାଉ ସେତ ରହି
କହନ୍ତି ସଭିଙ୍କୁ ଅଜା ॥
ତା' ଡାଳରେ ଥିବା ମିଠା କୋଳିକୁ ସେ
ଆମକୁ ଦିଅଇ ହସି
ରାତି ଆକାଶରୁ ଗଛଫାଙ୍କୁ ଜହ୍ନ
ଜୋଛନା ପଡ଼ଇ ଖସି ॥
ହସି କିରି କିରି ମାଟି ଛାତିଚିରି
ଲଗାଇବା ଆସ ଗଛ
ଗଛର ଯତନ କରି ନିଜ ସୁଖ
କରିଦେବା ଆମେ ପଛ ॥ ■

କୁଞ୍ଜର –ସଙ୍ଗଲାଇ, ପୁରୀ

## ସୁମନ

# ସେବା ସମାନ ଗୁଣ ନାହିଁ



ଶିବ ପ୍ରସାଦ ରାଉତ

କାଳବୈଶାଖୀ ଧୂମାଳଟା ପ୍ରଳୟ ରଚନା କରି ଛାଡ଼ି ଯାଇଛି। ଚାରିଆଡ଼େ ଗଦା ଗଦା ଭଙ୍ଗା ଗଛଡାଳ, ଛପରଘର କୁଟାକାଠି, କଣ୍ଟାବାଡ଼। କିଏ କିଏ ନିଜର ଉଜୁଡ଼ି ଯାଇଥିବା ଜିନିଷକୁ ସଜାଡୁଥାଏ ତ ଆଉ କେହି ଗଛରୁ ଝଡ଼ିଥିବା ଆମ୍ବ, କରଞ୍ଜ, ତେନ୍ତୁଳି ଇତ୍ୟାଦି ଗୋଟେଇବାରେ ବ୍ୟସ୍ତ। ବିଟୁ ଓ ଛନ୍ଦା ଝଡ଼ ପରର ଦୃଶ୍ୟ ବୁଲିବୁଲି ଦେଖୁଥାନ୍ତି। "ଆରେ ହେ..କିଏ ଗୋଟେ କ୍ଷୀଣ ସ୍ୱରରେ କୁଁ.. କୁଁ..ହେଉଛି" ଛନ୍ଦା କହିଲା। ବିଟୁ କହିଲା, "ଦେଖ ଛନ୍ଦା ସେ ବଞ୍ଚିଛି ନା' କ'ଣ"! ଛନ୍ଦା କହିଲା, ହଁ ଭାଇ, ଗଛର ଡାଳଟା କୁକୁରଟାକୁ ଚାପି ଦେଇଛି, କେମିତି କାଢ଼ିବା ?" ଆ' ଛନ୍ଦା ଡାଳଟାକୁ ଟେକିବା ସେ ବାହାରି ଆସିବ। ଡାଳ ଟେକିଲେ ବି କୁକୁରଟି ଉଠିଲା ନାହିଁ। ତହୁଁ ବିଟୁ କହିଲା –" ମୁଁ ଡାଳକୁ ଟେକି ଧରୁଛି, ତୁ କୁକୁରଟାକୁ ଟାଣି ଆଣିବାକୁ ଚେଷ୍ଟା କର।" ଝଡ଼ରେ ଗଛ ପଡ଼ି କୁକୁରର ଅଣ୍ଟା ଭାଙ୍ଗିଯାଇଛି। ଭାଇଭଉଣୀ ଟେକା ଟେକି କରି କୁକୁରକୁ ଘରକୁ ନେଇ ଆସିଲେ। ବାପା, ମା', ଜେଜେମା' ବିଟୁ ଓ ଛନ୍ଦାକୁ କିଛି ନ କହି ସମସ୍ତେ ଲାଗିଗଲେ କୁକୁରର ସେବା ଯତ୍ନରେ। ବାପା ଦେଖିଲେ, ଅବସ୍ଥା ସାଂଘାତିକ ସେ ସାନଭାଇ ରଞ୍ଜନକୁ ପଠାଇଲେ ପଶୁ ଡାକ୍ତରଙ୍କ ପାଖକୁ। ବାପାଙ୍କ ନାମ ଶୁଣି ପଶୁଡାକ୍ତର ଔଷଧ ଦେବେ କ'ଣ, ନିଜେ ଚାଲିଆସି ବତାପଟି ବାନ୍ଧି କୁକୁରର ଅଣ୍ଟାକୁ ବ୍ୟାଣ୍ଡେଜ କରିଦେଲେ। ଔଷଧ ଦେଇଯିବା ପୂର୍ବରୁ ଡାକ୍ତର ସବୁ ଶୁଣିଲେ। ବିଟୁ ଓ ଛନ୍ଦାଙ୍କ ମଥା ଆଉଁସି ଦେଇ ବାପାଙ୍କୁ ଚାହିଁଲେ। ତହୁଁ ବାପା କହିଲେ, "ପିଲା ଦୁଇଜଣ କୁକୁରକୁ ସେବା ଯୋଗାଇ ଦେଇଛନ୍ତି, ଆଉ କ'ଣ କରିପାରିବେ।"



ଡାକ୍ତରବାବୁ ସନ୍ତୋଷରେ କହିଲେ, "ହଁ ଆଜ୍ଞା ବିଟୁ ଓ ଛନ୍ଦାଙ୍କୁ ଏଇ ଦିଗରେ, ଏହିଭଳି ମନରେ ବଢିବାକୁ ଦିଅନ୍ତୁ।" ପିଲା ଦୁଇଟି କୁକୁରର ସେବା କରିବା ଗାଆଁବାଲା ଦେଖୁଥାନ୍ତି। ଲୋକେ ବି କୁହାକୁହି ହେଉଥାନ୍ତି, "ବୁଲା କୁକୁରର ଅବସ୍ଥା ବି ଏ ପରିବାରର ଲୋକ ଦେଖିପାରନ୍ତି ନାହିଁ।" ମଝିରେ ମଝିରେ ପଶୁ ଡାକ୍ତର ଆସୁଥାନ୍ତି। ନୂଆ ପଟି ଦିଆଯାଉଥାଏ। ଆଉ ନ ଉଠିବା କୁକୁର ଏବେ ସୁସ୍ଥ ହେଇ ଆସୁଛି। ସେବା, ଖାଦ୍ୟ ଓ ଔଷଧ ପାଇ କୁକୁରଟା ଚିକ୍କଣିଆ ଦେଖାଗଲାଣି। ଡାକ୍ତରଙ୍କ ପରାମର୍ଶରେ କୁକୁରକୁ ଚାଲିବାକୁ ଦିଆଯାଉନଥାଏ। କୁକୁରଟି ସୁସ୍ଥ ହୋଇ ଆସିଲା, ପଟି ସଂପୂର୍ଣ୍ଣ ଖୋଲି ଦିଆଗଲା। ସେଦିନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗାଁ ମୁଖିଆଙ୍କୁ ସାଙ୍ଗରେ ଧରି ଘରକୁ ଆସିଥାନ୍ତି। ବାପାଙ୍କୁ ସେମାନେ କହିଲେ, " ଆମକୁ ଦେଖି ଆଶ୍ଚର୍ଯ୍ୟ ହେଉଛନ୍ତି କ'ଣ?" ସ୍କୁଲ ପିଲାମାନଙ୍କ ମୁହଁରୁ ତମମାନଙ୍କର କୁକୁର ସେବା ବିଷୟରେ ଶୁଣି, ଆଉ ରହି ହେଲାନି। ଏଣୁ ମୁଖିଆଙ୍କୁ ଧରି କୁକୁର ଦେଖିବା ସଙ୍ଗେ ସଙ୍ଗେ ବିଟୁ ଓ ଛନ୍ଦାକୁ ଦେଖିବାକୁ ଇଚ୍ଛା ହେଲା। ଏଣୁ ଚାଲି ଆସିଲୁ ନା।" ମୁଖିଆ କହିଲେ, "ହଁ, ନିରଞ୍ଜନ ବାବୁ। ଆପଣ ଏହାକୁ ଛୋଟ କଥା ଭାବୁଛନ୍ତି ?" ଆପଣଙ୍କର ଏହି ପିଲା ଦୁହିଁଙ୍କର ସେବା ମନୋବୃତ୍ତି ଅନେକଙ୍କୁ ଉତ୍ସାହିତ କରିଛି। ସେ ଶ୍ରେଷ୍ଠଜୀବ ମଣିଷ ହେଉ କି, କୁକୁର ଭଳି ଇତର ଜୀବହେଉ, ଜୀବେଦୟା ପରମ ଧର୍ମ। ତୁଳସୀ ଦୁଇପତ୍ରରୁ ବାସିଲା ପରି, ବିଟୁ ଓ ଛନ୍ଦାର ଏ କାର୍ଯ୍ୟ ପ୍ରଶଂସନୀୟ।" ସେହି ଦିନ ଠାରୁ ସେ କୁକୁରଟି ତାଙ୍କ ଘରର ସଦସ୍ୟ ହୋଇଗଲା। ■

ବଚ୍ଛଦା, ବାସୁଦେବପୁର, ଭଦ୍ରକ

## ତୁଳି ଆଉ ରଙ୍ଗ







ଶୁଭଶ୍ରୀ ହାଁସଦା
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





ଅଭିଳାଷ ଦାଶ
ଦଶମ ଶ୍ରେଣୀ
ବଲାଙ୍ଗିର ପବ୍ଲିକ୍ ସ୍କୁଲ
ବଲାଙ୍ଗିର





ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





ଆଦିଶ ରାଉତ
ପ୍ରଥମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଜୋବ୍ରା, କଟକ

## ଫର୍ମାଟ୍ ଅପରିବର୍ତ୍ତିତ

ବେଙ୍ଗାଲୁରୁ,୨୭ ।୩(ଏଜେନ୍ସି): ଗତବର୍ଷ ଫର୍ମାଟ ଭଳି ଏବର୍ଷ ମଧ୍ୟ ଆଇପିଏଲ ଖେଳାଯିବ। ୨୦୨୬ ଓ ୨୦୨୭ରେ ଆଇପିଏଲ୍ରେ ୮୪ଟି ମ୍ୟାଚ୍ ଖେଳାଯିବ ବୋଲି ଘୋଷଣା କରାଯାଇଥିଲା। କିନ୍ତୁ ଭିନ୍ନ ଭିନ୍ନ କାରଣରୁ ଏହାକୁ ୭୪ଟି ମ୍ୟାଚ୍ରେ ସୀମିତ ରଖାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ



ଭାଗନେଇଥିବା ୧୦ଟି ଦଳକୁ ୨ଟି ଗ୍ରୁପ୍ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ'ରେ ଚେନ୍ନଇ ସୁପର କିଙ୍ଗ୍ସ, କୋଲକାତା ନାଇଟ୍ ରାଇଡର୍ସ, ରାଜସ୍ଥାନ ରୟାଲ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ସ୍ଥାନ ପାଇଛି। ସେହିପରି ଗ୍ରୁପ୍-ବି'ରେ ମୁମ୍ବାଇ ଇଣ୍ଡିଆନ୍ସ, ସନ୍ରାଇଜର୍ସ ହାଇଦରାବାଦ, ଗୁଜରାଟ ଟାଇଟନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ, ଲକ୍ଷ୍ନୌ ସୁପର ଜାଏଣ୍ଟସଙ୍କୁ ସ୍ଥାନ ମିଳିଛି। ଫର୍ମାଟ ଅନୁଯାୟୀ ଗ୍ରୁପ୍ରେ ସ୍ଥାନ ପାଇଥିବା ଦଳଗୁଡିକ ଅନ୍ୟ ଦଳ ସହ ଗୋଟିଏ ଲେଖାଏଁ ବା ୪ଟି ମ୍ୟାଚ୍ ଖେଳିବେ। ସେହିପରି ଗୋଟିଏ ଗ୍ରୁପ୍ରେ ସ୍ଥାନ ପାଇଥିବା ଦଳ ଅନ୍ୟ ଗ୍ରୁପ୍ ସହ ୨ଟି ଲେଖାଏଁ ମ୍ୟାଚ୍ ଖେଳିବ। ଏଥିରେ ୧୦ଟି ମ୍ୟାଚ୍ ଖେଳାଯିବ। ଫଳରେ ଗୋଟିଏ ଦଳ ମୋଟ ୧୪ଟି ଲିଗ୍ ମ୍ୟାଚ୍ ଖେଳିବ। ଏହି ନିୟମ ଫଳରେ ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ମୁମ୍ବାଇ ଇଣ୍ଡିଆନ୍ସ ଗ୍ରୁପ-ଏ'ରେ ସ୍ଥାନ ପାଇଥିବା ସିଏସ୍କେ, କେକେଆର୍, ଆର୍ସିବି, ରାଜସ୍ଥାନ ରୟାଲ୍ସ ଓ ପଞ୍ଜାବ କିଙ୍ଗ୍ସ ସହ ୨ଟି ଲେଖାଏଁ ମ୍ୟାଚ୍ ଖେଳିବ। ସେହିପରି ଅନ୍ୟ ଦଳଗୁଡିକ ମଧ୍ୟ ଖେଳିବେ। ୧୪ଟି ମ୍ୟାଚ୍ ପରେ ଯେଉଁ ୪ଟି ଦଳ ପଏଣ୍ଟ ଟେବଲରେ ପ୍ରଥମ ସ୍ଥାନରେ ଥିବେ ସେମାନେ ପ୍ଲେ ଅଫ୍କୁ ଯିବେ। ପ୍ଲେ ଅଫ୍ରେ ପ୍ରଥମ ଦୁଇଟି ଦଳ କ୍ୱାଲିଫାୟର-୧ ଓ ପରବର୍ତ୍ତୀ ଦୁଇଟି ଦଳ ଏଲିମିନେଟରେ ଖେଳିବେ। କ୍ୱାଲିଫାୟର-୧ର ପରାଜିତ ଓ ଏଲିମିନେଟରର ବିଜେତା ଦଳ ମଧ୍ୟରେ କ୍ୱାଲିଫାୟର ୨ ଖେଳାଯିବ। ଉଭୟ କ୍ୱାଲିଫାୟରର ବିଜେତା ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ମେ-୩୧'ରେ ଖେଳାଯିବ।

## ଘରୋଇ ଖେଳାଳିଙ୍କ ଉପରେ ଭରସା

ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି): ଇଶାନ କିଶାନଙ୍କୁ ସନ୍ରାଇଜର୍ସ ହାଇଦରାବାଦର ନେତୃତ୍ୱ ଦିଆଯିବା ପରେ ଏଥର ଆଇପିଏଲ୍ରେ କେବଳ ଭାରତୀୟ ଖେଳାଳି ଅଧିନାୟକ ରହିଛନ୍ତି। ଇଶାନ ସାମୟିକ ଭାବେ ଏହି ନେତୃତ୍ୱ ନେଇଥିଲେ ମଧ୍ୟ ଫ୍ରାଞ୍ଚାଇଜ୍ମାନେ ଏବେ ବିଦେଶୀ ତାରକାଙ୍କ ଛାଡି ଘରୋଇ ଖେଳାଳିଙ୍କ ଉପରେ ଗୁରୁତ୍ୱ ଦେଉଛନ୍ତି। ବିରାଟ କୋହଲି, ଯଶପ୍ରୀତ୍ ବୁମ୍ରା, ସୂର୍ଯ୍ୟକୁମାର ଯାଦବ, ଅଭିଷେକ ଶର୍ମାଙ୍କ ପରି ଖେଳାଳିଙ୍କ ଆକର୍ଷଣ ରହିଛି। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟ ଖେଳି ନ ଥିବା କିଛି ଖେଳାଳିଙ୍କ ଉପରେ ଫ୍ରାଞ୍ଚାଇଜ୍ ଗୁଡିକ ଭରସା କରିବା ନିଶ୍ଚିତପକ୍ଷେ ଭାରତୀୟ ଖେଳାଳିଙ୍କ ଲାଗି ଉତ୍ସାହର କଥା।

୨୦୨୫ରେ ବୈଭବ ସୂର୍ଯ୍ୟବଂଶୀଙ୍କ ଉପରେ ଭରସା କରିଥିଲା ରାଜସ୍ଥାନ ରୟାଲ୍ସ। ସୂର୍ଯ୍ୟବଂଶୀ ସେହି ଭରସା ରଖି ଆଇପିଏଲ୍ରେ ବିସ୍ଫୋରଣ କରିଥିଲେ। ଅନ୍କ୍ୟାପ୍ଡ ଖେଳାଳିଙ୍କ ମଧ୍ୟାରେ ପଞ୍ଜାବର ପ୍ରିୟାଂଶ ଆର୍ଯ୍ୟ, ନେହାଲ ୱାଧେରା, ଚେନ୍ନଇର ଆୟୁଷ ମାହତ୍ରେ ଓ ବେଙ୍ଗାଲୁରୁର ସୂୟାଶ ଶର୍ମା ବେଶ ସଫଳ ହୋଇଥିଲେ। ଏଥର ବିପୁଳ ପରିମାଣ ଅର୍ଥରେ ପ୍ରଶାନ୍ତ ବୀର ଓ କାର୍ତ୍ତିକ ଶର୍ମାଙ୍କୁ ସିଏସ୍କେ, ଅଶୋକ ଶର୍ମାଙ୍କୁ ଗୁଜରାଟ ଟାଇଟନ୍ସ, ଶିବାଙ୍ଗ କୁମାରଙ୍କୁ ସନ୍ରାଇଜର୍ସ, ରବି ସିଂଙ୍କୁ ରାଜସ୍ଥାନ, ନମନ ତିୱାରୀଙ୍କୁ ସୁପର ଜାଏଣ୍ଟସଙ୍କୁ ଦଳରେ ସାମିଲ କରିଛି। ଏମାନଙ୍କଠାରୁ କିଛି ବଡ଼ ଆଶା ରଖିଛନ୍ତି ଫ୍ରାଞ୍ଚାଇଜ୍ମାନେ। ଏମାନେ କିପରି ଏହି ଆଶା ପୂରଣ କରିବେ ତାହା ନିଶ୍ଚିତପକ୍ଷେ ନୂଆ ପ୍ରତିଭାମାନଙ୍କୁ ସୁଯୋଗ ଦେବ।

ଏକଦା ଏକାକୀ ମ୍ୟାଚ୍ ବିଜେତା ଭାବେ ଏବି ଡି ଭିଲର୍ସ ଓ କ୍ରିସ୍ ଗେଲ୍ଙ୍କୁ କେନ୍ଦ୍ରକରି ଟିମ୍ ଗଠନ କରାଯାଉଥିଲା। ଏବେ କିନ୍ତୁ ସେହି ଚିନ୍ତାଧାରାରେ ପରିବର୍ତ୍ତନ ହୋଇଛି। ବିଦେଶର ତାରକା ଖେଳାଳିଙ୍କ ଅନୁପସ୍ଥିତି, ଆହତ ସମସ୍ୟାକୁ ନେଇ ଟିମ୍ ଗୁଡିକ ଅଡୁଆରେ ପଡୁଛନ୍ତି। ଏବେ ଯେପରି ବେନ୍ ଡକେଟ ଶେଷ ମୁହୂର୍ତ୍ତରେ ଓହରିଗଲେ, ଆହତ ସମସ୍ୟାରୁ ପ୍ୟାଟ କମିନ୍ସ ଓ ଜୋଶ ହାଜ୍ଲେଉଡ୍ଙ୍କ ପରି ଖେଳାଳି ଖେଳିବାକୁ ସକ୍ଷମ ନ ହେବା ଫଳରେ ଟିମ୍ ଗୁଡିକ ଘରୋଇ ପ୍ରତିଭା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଲାଗିଛନ୍ତି।

### ଆଇପିଏଲ୍ର ୧୯ତମ ସଂସ୍କରଣ ଆଜିଠାରୁ

# ବେଙ୍ଗାଲୁରୁ- ହାଇଦରାବାଦ ଉଦ୍ଘାଟନୀ ମୁକାବିଲା



ବେଙ୍ଗାଲୁରୁ,୨୭ ।୩(ଏଜେନ୍ସି)

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୭.୩୦**
**ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍ଷ୍ଟାର**

ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୯ତମ ସଂସ୍କରଣ ଆସନ୍ତାକାଲି ବା ଶନିବାରଠାରୁ ଆରମ୍ଭ ହେବ। ମଧ୍ୟପ୍ରାଚ୍ୟ ଯୁଦ୍ଧର ବିଭୀଷିକା ମଧ୍ୟରେ ଭାରତ ସମେତ ବିଶ୍ୱର କ୍ରିକେଟ ପ୍ରଶଂସକ ପୁଣି ଥରେ ଫଟାଫଟ୍ କ୍ରିକେଟରେ ମଜା ନେବାର ସୁଯୋଗ ପାଇବେ। ସବୁଥର ଭଳି ଏଥର ମଧ୍ୟ ଆଇପିଏଲ ସଫଳତାର ଶୀର୍ଷକୁ ଛୁଇଁବ ବୋଲି ଆଶା କରାଯାଉଛି। ଏଥର ଆଇପିଏଲ୍କୁ ନେଇ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ବିଦେଶୀ ଖେଳାଳିଙ୍କ ଉପଲବ୍ଧତାକୁ ନେଇ କିଛି ଚ୍ୟାଲେଞ୍ଜ ରହିଥିଲେ ମଧ୍ୟ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ କରିଛି। ସ୍ଥାନୀୟ ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଲିଗ୍ର ଉଦ୍ଘାଟନୀ ମ୍ୟାଚ୍ରେ ସୁପରଷ୍ଟାର ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ସନରାଇଜର୍ସ ହାଇଦରାବାଦ ପରସ୍ପରକୁ ଭେଟିବେ। ବେଙ୍ଗାଲୁରୁ ଗତ ସଂସ୍କରଣରେ ୬ ରନରେ ପଞ୍ଜାବ କିଙ୍ଗସକୁ ପରାସ୍ତ କରି ପ୍ରଥମଥର ପାଇଁ ଟାଇଟଲ ହାସଲ କରିଥିଲା। ଏଥର ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ ବିଜୟରୁ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛି। ସେହିପରି ଇଶାନ କିଶାନଙ୍କ ନେତୃତ୍ୱରେ ହାଇଦରାବାଦ ବିଜୟରୁ ଖାତା ଖୋଲିବ ବୋଲି ଆଶା କରାଯାଉଛି। ଆହତ ହୋଇଥିବାରୁ ପ୍ୟାଟ କମିନ୍ସ ଲିଗ୍ର ପ୍ରଥମାର୍ଦ୍ଧରେ ଖେଳିବେ ନାହିଁ। ତାଙ୍କ ବଦଳରେ ଇଶାନ ହାଇଦରାବାଦର ନେତୃତ୍ୱ ନେଉଛନ୍ତି। ସେହିପରି ବେଙ୍ଗାଲୁରୁର ମାଲିକାନା ସ୍ୱତ୍ୱରେ ପରିବର୍ତ୍ତନ ଏବଂ କିଛି ବିଦେଶୀ ଖେଳାଳିଙ୍କୁ ଏନ୍ଓସି ନ ମିଳିବା ଦଳ ପାଇଁ ଚିନ୍ତାର ବିଷୟ ପାଲିଟିଛି। ରଜତ ପାଟିଦାର ବେଙ୍ଗାଲୁରୁର ନେତୃତ୍ୱ ନେବେ। ଏଥର ମଧ୍ୟ ଟୁର୍ଣ୍ଣାମେଣ୍ଟରେ ୧୦ଟି ଦଳ ଅଂଶଗ୍ରହଣ କରିବେ ଓ ମୋଟ୍ ଉପରେ ୭୦ଟି ଲିଗ ମ୍ୟାଚ୍ ଖେଳିବେ। ଟୁର୍ଣ୍ଣାମେଣ୍ଟରେ ମୋଟ୍ ଉପରେ ୭୪ଟି ମ୍ୟାଚ୍ ଖେଳାଯିବ। ଫାଇନାଲ ମ୍ୟାଚ୍ ମେ ୩୧ରେ ଖେଳାଯିବ। ଏଥର ଉଦ୍ଘାଟନୀ ସମାରୋହ ଆୟୋଜନ ହେବ ନାହିଁ। ତେବେ ମେ ୩୧ରେ ଏକ ଭବ୍ୟ ସମାପନ ସମାରୋହ ଆୟୋଜନ କରିବାକୁ ବିସିଆଇ ଯୋଜନା ରଖିଛି। ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୧୪ଟି ମ୍ୟାଚ୍ ଖେଳିବେ। ସନ୍ଧ୍ୟା ମ୍ୟାଚ୍ ୭.୩୦ରେ ଆରମ୍ଭ ହେବ। ତେବେ ଡବଲ ହେଡର ଦିନ ଅପରାହ୍ଣ ମ୍ୟାଚ୍ ୩.୩୦ରେ ଆରମ୍ଭ ହେବ। ଦେଶର ୧୨ଟି ସହର ଯଥା ମୁମ୍ବାଇ, ବେଙ୍ଗାଲୁରୁ, ଚେନ୍ନଇ, କୋଲକାତା, ଦିଲ୍ଲୀ, ଅହମଦାବାଦ୍, ହାଇଦରାବାଦ, ଲକ୍ଷ୍ନୌ, ଜୟପୁର, ଧର୍ମଶାଳା, ରାୟପୁର ଓ ନୂଆ ଚଣ୍ଡିଗଡ଼ (ମୁଲାନପୁର)ରେ ମ୍ୟାଚ୍ଗୁଡ଼ିକ ଖେଳାଯିବ।

ଏଥର ଅନେକ ଦଳ ନିଜର ଅଧିନାୟକ ଓ ରଣନୀତିରେ ବଡ଼ ପରିବର୍ତ୍ତନ ଆଣିଛନ୍ତି। ଏହି ସଂସ୍କରଣ ପାଇଁ ହୋଇଥିବା ନିଲାମୀରେ ଅନକ୍ୟାପ୍ଡ ଭାରତୀୟ ଖେଳାଳିଙ୍କ ଉପରେ କୋଟି କୋଟି ଟଙ୍କା ବର୍ଷା ହୋଇଛି। ପ୍ରଶାନ୍ତ ବୀର ଓ କାର୍ତ୍ତିକ ବର୍ମାଙ୍କ ଭଳି ଯୁବ ତାରକା ଚେନ୍ନଇ ସୁପରକିଙ୍ଗସ ପାଇଁ ରେକର୍ଡ ୧୪.୨୦ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି। ଯୁଦ୍ଧ ଯୋଗୁଁ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି, ଯାହା ବିଦେଶୀ ଖେଳାଳିଙ୍କ ଯାତାୟତ ଉପରେ ପ୍ରଭାବ ପକାଉଛି। ଭାରତ ସରକାର ଇନ୍ଧନ ଦର ସ୍ଥିର ରଖିବାକୁ ଅବକାରୀ ଶୁଳ୍କ ହ୍ରାସ କରିଛନ୍ତି, ଯାହା ଫଳରେ ଟୁର୍ଣ୍ଣାମେଣ୍ଟ ସମୟରେ ଦର୍ଶକଙ୍କ ଯାତାୟତ ଖର୍ଚ୍ଚ ନିୟନ୍ତ୍ରଣରେ ରହିପାରିବ। ଏଥର ଆଇପିଏଲ୍ରେ ଇମ୍ପାକ୍ଟ ଖେଳାଳି ନିୟମ ଜାରି ରହିବ। ବିରାଟ କୋହଲି, ରୋହିତ ଶର୍ମା, ମହେନ୍ଦ୍ର ସିଂ ଧୋନୀ, ଶୁବମାନ ଗିଲ, ଜୋସ ବଟଲର, ଟ୍ରାଭିସ ହେଡ, ହେନେରିଚ କ୍ଲାସେନ, ଅଭିଷେକ ଶର୍ମା, ଇଶାନ କିଶାନ, ବୈଭବ ସୂର୍ଯ୍ୟବଂଶୀ, ଯଶପ୍ରୀତ୍ ବୁମ୍ରାଙ୍କ ଭଳି ଅଭିଜ୍ଞ ତଥା ତାରକା ଖେଳାଳିଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିବ। ଏଥର ମଧ୍ୟ ଛକା, ଚୌକାର ବର୍ଷା ସହ ବଡ଼ ସ୍କୋର ଦେଖିବାକୁ ମିଳିବ ବୋଲି ଆଶା କରାଯାଉଛି।

**ଆଇପିଏଲ୍ ୨୦୨୬ର କ୍ୟାପ୍ଟେନ ଓ କୋଚ୍**

| ଟିମ୍ | କ୍ୟାପ୍ଟେନ | ହେଡ୍ କୋଚ୍ |
|---|---|---|
| ସୁପର କିଙ୍ଗ୍ସ | ଋତୁରାଜ ଗାଏକ୍ୱାଡ୍ | ଷ୍ଟିଫେନ ଫ୍ଲେମିଂ |
| ଦିଲ୍ଲୀ କ୍ୟାପିଟାଲ୍ସ | ଅକ୍ଷର ପଟେଲ | ହେମାଙ୍ଗ ବଦାନି |
| ଗୁଜରାଟ ଟାଇଟନ୍ସ | ଶୁବମନ ଗିଲ୍ | ଆଶିଷ ନେହେରା |
| ନାଇଟ୍ ରାଇଡର୍ସ | ଆଜିଙ୍କ୍ୟ ରାହାଣେ | ଅଭିଷେକ ନାୟର |
| ସୁପର ଜାଏଣ୍ଟସ | ଋଷଭ ପନ୍ତ୍ | ଜଷ୍ଟିନ ଲାଙ୍ଗର |
| ମୁମ୍ବାଇ ଇଣ୍ଡିଆନ୍ସ | ହାର୍ଦ୍ଦିକ ପାଣ୍ଡ୍ୟା | ମାହେଲା ଜୟବର୍ଦ୍ଧନେ |
| ପଞ୍ଜାବ କିଙ୍ଗ୍ସ | ଶ୍ରେୟସ ଆୟର | ରିକି ପଣ୍ଟିଂ |
| ରାଜସ୍ଥାନ ରୟାଲ୍ସ | ରିୟାନ ପରାଗ | କୁମାର ସାଙ୍ଗାକାରା |
| ରୟାଲ ଚ୍ୟାଲେଞ୍ଜର୍ସ | ରଜତ ପାଟିଦାର | ଆଣ୍ଡି ଫ୍ଲାୱାର |
| ସନ୍ରାଇଜର୍ସ | ଇଶାନ କିଶାନ* | ଡାନିଏଲ ଭେଟୋରୀ |

*କାମଚଳା, ନିୟମିତ- ପ୍ୟାଟ୍ କମିନ୍ସ ଅନୁପସ୍ଥିତ।

### ହକି ଇଣ୍ଡିଆ ବାର୍ଷିକ ପୁରସ୍କାର ପ୍ରଦାନ

# ନବନୀତ, ହାର୍ଦ୍ଦିକ ଏ ବର୍ଷର ଶ୍ରେଷ୍ଠ ଖେଳାଳି




ନୂଆଦିଲ୍ଲୀ,୨୭ ।୩(ଏଜେନ୍ସି): ହକି ଇଣ୍ଡିଆର ବାର୍ଷିକ ପୁରସ୍କାର ପ୍ରଦାନ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷ ଶ୍ରେଷ୍ଠ ପ୍ରଦର୍ଶନ, ରେକର୍ଡ ଓ ଉନ୍ନତ ଖେଳିଥିବା ଖେଳାଳି, କର୍ମକର୍ତ୍ତା, ବିଭିନ୍ନ ବ୍ୟକ୍ତିବିଶେଷ ଓ ସଂଗଠନକୁ ପୁରସ୍କୃତ କରାଯାଇଛି। ମହିଳା ବିଭାଗରେ ନବନୀତ କୌର ଓ ପୁରୁଷ ବିଭାଗରେ ହାର୍ଦ୍ଦିକ ସିଂହଙ୍କୁ ବରିଷ୍ଠ ବିଭାଗରେ ଶ୍ରେଷ୍ଠ ଖେଳାଳି ଓ ଆଜୀବନ ଅବଦାନ ନିମନ୍ତେ ଜାଫର ଇକବାଲଙ୍କୁ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ପୁରସ୍କୃତ କରିଥିଲେ।



ନବନୀତ କୌର



ହାର୍ଦ୍ଦିକ ସିଂହ

ଏଥିଲାଗି ଆଜି ଅନୁଷ୍ଠିତ ଉତ୍ସବରେ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖାଡସେ, ଅଲିମ୍ପିଆନ ହକି ଖେଳାଳି, ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ, ସମ୍ପାଦକ ଭୋଳାନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରେଷ୍ଠ ଖେଳାଳିଦ୍ୱୟଙ୍କୁ ୨୦ ଲକ୍ଷ ଲେଖାଏଁ ଟଙ୍କା ଓ ଆଜୀବନ ଅବଦାନ ନିମନ୍ତେ ଜାଫରଙ୍କୁ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବିଭିନ୍ନ ଟୁର୍ଣ୍ଣାମେଣ୍ଟରେ ସଫଳତା ପାଇଥିବା ଭାରତୀୟ ପୁରୁଷ ହକି ଦଳକୁ ୧କୋଟି ୩୮ ଲକ୍ଷ, ମହିଳା ଦଳକୁ ୬୯ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ବିଚ୍ଛୁଦେବୀ ଖାରିବମ୍ ଶ୍ରେଷ୍ଠ ଗୋଲରକ୍ଷକ, ସଞ୍ଜୟ ଶ୍ରେଷ୍ଠ ଡିଫେଣ୍ଡର, ସୁମିତ ଶ୍ରେଷ୍ଠ ମିଡ୍ଫିଲ୍ଡର, ସୁଖଜିତ ସିଂହ ଶ୍ରେଷ୍ଠ ଫରୱାର୍ଡ ଖେଳାଳିମାନେ ସମ୍ମାନିତ ହୋଇଥିଲେ। ପ୍ରତ୍ୟେକ ଖେଳାଳିଙ୍କୁ ୫ ଲକ୍ଷ ଲେଖାଏଁ ଟଙ୍କା ପ୍ରଦାନ କରାଯାଇଥିଲା। ପ୍ରିନ୍ସଦୀପ ସିଂହ ଓ ସାକ୍ଷୀ ରାଣାଙ୍କୁ ୨୧ ବର୍ଷରୁ କମ୍ ବିଭାଗରେ ଶ୍ରେଷ୍ଠ ଉଦୀୟମାନ ଖେଳାଳି ମନୋନୀତ ହେବା ସହ ୧୦ ଲକ୍ଷ ଲେଖାଏଁ ଟଙ୍କା ଦିଆଯାଇଥିଲା।

### ଓଡ଼ିଶା, ବିଶ୍ୱରଞ୍ଜନ ସମ୍ମାନିତ

୪ଟି ବିଭାଗରେ ଓଡ଼ିଶାର ଖେଳାଳି ଓ କର୍ମକର୍ତ୍ତା ପୁରସ୍କାର ଲାଗି ମନୋନୀତ ହୋଇଥିଲେ। ୧୫ତମ ଜାତୀୟ ବରିଷ୍ଠ ହକି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରିଥିବା ଓଡ଼ିଶା ସମେତ ୭ଟି ସଂଘକୁ ପୁରସ୍କୃତ କରାଯାଇଥିଲା। ପ୍ରତ୍ୟେକ ସଂଘକୁ ୧୦ ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଥିଲା। ଓଡ଼ିଶାର ବିଶ୍ୱରଞ୍ଜନ ଷଡଙ୍ଗୀଙ୍କୁ ବେଷ୍ଟ ଟେକ୍ନିକାଲ ଅଫିସିଆଲ ଭାବେ ହକି ଇଣ୍ଡିଆ ପ୍ରେସିଡେଣ୍ଟ ସମ୍ମାନ ଦିଆଯାଇଥିଲା।

## ଜିମ୍ନାଷ୍ଟିକ୍ ଏଚ୍ପିସିକୁ ୭ ପଦକ




ଭୁବନେଶ୍ୱର,୨୭ ।୩(ସମିସ): ପଞ୍ଜାବ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ମାର୍ଚ୍ଚ ୧୪ରୁ ୨୦ ତାରିଖଯାଏ ଚାଲିଥିବା ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ଜିମ୍ନାଷ୍ଟିକ୍ସରେ ଓଡ଼ିଶା ଆର୍ସେଲର ମିତ୍ତଲ/ନିପନ ଷ୍ଟିଲ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର ୭ଟି ପଦକ ଜିତି ଶ୍ରେଷ୍ଠ ସଫଳତା ପାଇଛି। ଏଥିରେ ସେଣ୍ଟରର ଅଦିତା ମଣ୍ଡଳ (ଅଲରାଉଣ୍ଡ ସ୍ୱର୍ଣ୍ଣ), ଜେଏମ୍ ରିତିକା ଦାସ, ଅର୍ପଣ ଲସ୍କର, ଆଜାଦ୍ ଲସ୍କର (ଅଲରାଉଣ୍ଡ ସ୍ୱର୍ଣ୍ଣ) ଓ ଜଗଦୀଶ ବାରିକ ପଦକ ବିଜୟୀ ହୋଇଛନ୍ତି। ଅଦିତା ଓ ଆଜାଦଙ୍କ ଲାଗି ପଞ୍ଜାବ ବିଶ୍ୱବିଦ୍ୟାଳୟ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲା। ଏଚ୍ପିସିର ବିଦେଶୀ କୋଚ୍ ସାଇମନ ପିଟର ମୁର୍ ଓ ଅଙ୍କିତା ବୈଦ୍ୟ ଏହି ଜିମ୍ନାଷ୍ଟଙ୍କୁ କୋଚିଂ ଦେଇଥିଲେ।

## ସାତ୍ତ୍ୱିକଙ୍କ ସହ ୨୦ ଓଡ଼ିଆ ଆଗୁଆ

**ଅନ୍ତର୍ଜାତୀୟ ଓପନ୍ ରେଟେଡ ଚେସ୍**

ଭୁବନେଶ୍ୱର,୨୭ ।୩(ସମିସ): କଟକର ଜେଏନ ଇଣ୍ଡୋର ଷ୍ଟାଡିୟମ୍ରେ ଚାଲିଥିବା ୫ମ ଆଇଏସ୍ ଅନ୍ତର୍ଜାତୀୟ ଫିଡେ ରେଟେଡ୍ ଚେସ୍ ଚାମ୍ପିଅନସିପ୍ର ଦ୍ୱିତୀୟ ଦିନ ଏବଂ ତୃତୀୟ ରାଉଣ୍ଡ ଖେଳ ଶେଷ ସୁଦ୍ଧା ସାତ୍ତ୍ୱିକ ସ୍ୱାଇଁ, ଆଦିତ୍ୟ ଜେନା, ନବୀନ କେଏସ୍, ରୋହିତ ମଲ୍ଲିକ, ନାରାୟଣ ସ୍ୱାଇଁ, ସ୍ୱର୍ଣ୍ଣ ଖାଣ୍ଡେଲୱାଲ, ଲଳିତ ସାହୁ, ଆର୍ଯ୍ୟ ବ୍ରହ୍ମଚାରୀ ଓ ସାମନ୍ତ ଡିପ୍ରୋଙ୍କ ସମେତ ୩୦ଜଣ ଖେଳାଳି ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ମିଳିତଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଏଥିରେ ଓଡ଼ିଶାର ୨୦ଜଣ ଖେଳାଳି ରହିଛନ୍ତି। ଆଇଏସ୍ ଚେସ୍ ସେଣ୍ଟର ଦ୍ୱାରା ଆୟୋଜିତ ୯ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୩୦ରେ ଶେଷ ହେବ।

**ଏଲ୍ଏଲ୍ସିସି କପ୍ କ୍ରିକେଟ**

# ଫାଇନାଲରେ ଏଲ୍ଏଲ୍ସିସି-ଏ

ଭୁବନେଶ୍ୱର,୨୭ ।୩(ସମିସ)

ଆୟୋଜକ ଏଲ୍ଏଲ୍ସିସି-ଏ' ଚଳିତବର୍ଷର ଏଲ୍ଏଲ୍ସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ ମୁକାବିଲାରେ ଏଲ୍ଏଲ୍ସିସି-ଏ' ୯୪ ରନ୍ରେ ସହିଦ୍ ସ୍ପୋର୍ଟିଂକୁ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ପାରାମାଉଣ୍ଟ ସ୍ପୋର୍ଟିଂ ଓ ୟୁନିଟ୍-୬'ର ରେଡ୍ଷ୍ଟାର ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ। ଏହି ମ୍ୟାଚ୍ର ବିଜେତା ସହ ଏଲ୍ଏଲ୍ସିସି-ଏ'ର ଫାଇନାଲ ମୁକାବିଲା ମାର୍ଚ୍ଚ ୨୯ରେ ଖେଳାଯିବ।

ଆଜିର ମ୍ୟାଚ୍ରେ ପ୍ରଥମେ ବ୍ୟାଟିଂ କରି ଏଲ୍ଏଲ୍ସିସି-ଏ' ପୁନଃନିର୍ଦ୍ଧାରିତ ୩୦ ଓଭରରେ ୭ ୱିକେଟ ହରାଇ ୨୨୦ ରନ୍ କରିଥିଲା। ଦଳ ପକ୍ଷରୁ ରୋହିତ ବିଭାର ୫୭ବଲ୍ରେ ୭୭, ଅଧିନାୟକ ତେଜେଶ୍ୱର ପଣ୍ଡା ୨୮ ଓ ଆର୍ଯ୍ୟ ପାଟଶାଣୀ ୨୪ ରନ୍ କରିଥିଲେ। ପ୍ରତିପକ୍ଷ ଦଳର



ବୋଲର ମାନେ ଅତିରିକ୍ତରୁ ୫୨ ରନ୍ ବ୍ୟୟ କରିଥିଲେ। ବୋଲରମାନଙ୍କ ମଧ୍ୟରେ ଆର୍ଯ୍ୟ ମୋରେ ୩ଟି ଓ ଏବି ଭିଜନ ୨ଟି ୱିକେଟ ନେଇଥିଲେ।

ଜବାବରେ ସହିଦ୍ ସ୍ପୋର୍ଟିଂ ୨୧.୫ ଓଭରରେ ୧୨୬ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟକ ସୁରଜ ଧଳ ସର୍ବାଧିକ ୩୨, ଆର୍ଯ୍ୟ ମୋରେ ୨୦ ଓ ଅତିରିକ୍ତରୁ ୩୪ ରନ୍ ମିଳିଥିଲା। ବିଜୟୀ ଦଳର ଆର୍ଯ୍ୟ ପାଟଶାଣୀ ଓ ମୋହିତ ପଙ୍କଜ ସାହୁ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍ରେ ୫୭ ବଲ୍ ଖେଳି ୧୯ ଚୌକା ସହ ୭୭ ରନ୍ କରିଥିବା ରୋହିତ ବିଧାରଙ୍କୁ ଆଜିର ଅତିଥି ଲିଙ୍ଗରାଜ ମିଶ୍ର ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

## ପୂର୍ବତନ ବିଶ୍ୱ ଚାମ୍ପିଅନଙ୍କୁ ହରାଇଲେ ଆଶୁତୋଷ

ଭୁବନେଶ୍ୱର,୨୭ ।୩(ସମିସ): ନ୍ୟାସନାଲ ୯-ବଲ ପୁଲ ଚାମ୍ପିଅନସିପ୍ରେ ପୂର୍ବତନ ବିଶ୍ୱଚାମ୍ପିଅନ ଶ୍ରୀକ୍ରିଷ୍ଣା ସୂର୍ଯ୍ୟନାରାୟଣଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିବା ସହ ରାଉଣ୍ଡ ଅଫ୍ ୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଓଡ଼ିଶାର ନଂ-୧ କ୍ୟୁ ସ୍ପୋର୍ଟ୍ସ ଖେଳାଳିଭାବେ ପ୍ରତିଷ୍ଠା ଲାଭ କରିଥିବା ଆଶୁତୋଷ ଏହି ଚିତ୍ତାକର୍ଷକ ମ୍ୟାଚ୍କୁ ୬-୫ ଫ୍ରେମ୍ରେ ଜିତିଥିଲେ। ପୂର୍ବରୁ ନିତେଶ ମଦନଙ୍କୁ ସମାନ ବ୍ୟବଧାନରେ ପରାସ୍ତ କରିଥିବା ଆଶୁତୋଷ ବିଜୟ ଧାରା ଅବ୍ୟାହତ ରଖିବେ ବୋଲି ଆଶା କରାଯାଉଛି। ବିଶେଷ କରି ଶ୍ରୀକ୍ରିଷ୍ଣାଙ୍କୁ ଯେ ଯେପରି ଧୈର୍ଯ୍ୟର ସହ ମୁକାବିଲା କରିଥିଲେ ସେଥିରୁ ପରବର୍ତ୍ତୀ ରାଉଣ୍ଡରେ ଲଢୁଆ ଖେଳିବେ ବୋଲି ସୂଚନା ଦେଇଛନ୍ତି। ଆସନ୍ତାକାଲି ତାଙ୍କ ପ୍ରତିଦ୍ୱନ୍ଦ୍ୱୀ କିଏ ହେବେ ତାହା ସ୍ଥିର ହେବ।

### ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା

# ବିଦୁସ୍ମିତାଙ୍କୁ ସ୍ୱର୍ଣ୍ଣ, ଦୁଇ ମୀନାଙ୍କୁ ପଦକ



ବିଦୁସ୍ମିତା ଭୋଇ



ମୀନା ସାନ୍ତା



ମୀନା ସିଂ

ଭୁବନେଶ୍ୱର, ୨୭ ।୩ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶାର ପ୍ରତିଯୋଗୀଙ୍କ ପଦକ ବିଜୟଧାରା ଜାରି ରହିଛି। ପ୍ରତିଯୋଗିତାର ତୃତୀୟ ଦିବସରେ ଓଡ଼ିଆ ଭାରୋତ୍ତୋଳିକା ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ସହ ୩ଟି ପଦକ ବିଜୟୀ ହୋଇଛନ୍ତି। ମହିଳା ୬୩ କିଲୋଗ୍ରାମ୍ ଶ୍ରେଣୀରେ ବିଦୁସ୍ମିତା ଭୋଇ ୧୯୫ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଭାରୋତ୍ତୋଳନରେ ଓଡ଼ିଶାର ଏହା ଦ୍ୱିତୀୟ ସ୍ୱର୍ଣ୍ଣପଦକ। ଗତକାଲି ଦ୍ୱିତୀୟ ଦିନରେ ଝିଲ୍ଲି ଦଳ ବେହେରା ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଆଜିର ଅନ୍ୟ ପଦକ ବିଜେତା ହେଲେ ମୀନା ସାନ୍ତା ଓ ମୀନା ସିଂ। ଉଭୟ ୫୮ କିଲୋଗ୍ରାମ୍ କାଟାଗୋରୀରେ ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଛନ୍ତି। ସାନ୍ତା ୧୬୫ ଓ ସିଂ ୧୬୧ କେଜି ଓଜନ ଉଠାଇଥିଲେ।

ଆଜିର ୩ଟି ପଦକ ସହ ତୃତୀୟ ଦିନ ଶେଷସୁଦ୍ଧା ଓଡ଼ିଶା ୬ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୯ଟି କାଂସ୍ୟ ସହ ମୋଟ୍ ୧୭ ପଦକ ବିଜୟୀ ହୋଇଛି। ଗତକାଲି ସନ୍ତରଣରେ ଅଞ୍ଜଳି ମୁଣ୍ଡା ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ଆଜିର ଇଭେଣ୍ଟରେ କୌଣସି ଓଡ଼ିଆ ଖେଳାଳି ସନ୍ତରଣରେ ପଦକ ଜିତିବାରେ ସମର୍ଥ ହୋଇ ପାରି ନାହାନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS